



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୯ Vol. 22 No-159 8 SEPTEMBER 2025 MONDAY, BHUBANESWAR ସୋମବାର, ୮ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୭।୯(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାରଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ସେ ଦିଲ୍ଲୀରେ ଥିବା ଦଳୀୟ ସାଂସଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ଏହି ସାକ୍ଷାତ କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିଥିଲେ।

### ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

କେନ୍ଦୁଝର,୭।୯(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବରାହପୋଷି ଗାଁରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ବିଲରେ ଫସଲ ଜଗିଥିବାବେଳେ ଦନ୍ତାଟି ତାଙ୍କୁ ପାଦରେ ଦଳି ଦେଇଥିଲା। ଗତ ମାସକ ମଧ୍ୟରେ ଏହି ଦନ୍ତାଟି ୩ଜଣଙ୍କ ଜୀବନ ନେଲାଣି।

### ପୁଅର ଚାପୁଡ଼ା ମାଡ଼ରେ ମା' ମୃତ

ସୁନ୍ଦରଗଡ଼,୭।୯(ଭାସ୍କର ନ୍ୟୁଜ): ସାମାନ୍ୟ ଯୁକ୍ତିତର୍କରୁ ପୁଅର ଚାପୁଡ଼ା ମାଡ଼ରେ ମା'ର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ବନ୍ଧପାଲି ଗାଁରେ ଘଟିଛି। ତେବେ ଅଭିଯୁକ୍ତ ପୁଅକୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି।

### ସାପ କାମୁଡ଼ାରେ ମହିଳା ସରପଞ୍ଚ ମୃତ


ରାୟଗଡ଼ା,୭।୯(ଭାସ୍କର ନ୍ୟୁଜ): ଘରେ ଶୋଇଥିବାବେଳେ ସାପ କାମୁଡ଼ାରେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତ ମହିଳା ସରପଞ୍ଚଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ସେନ୍‌ସେକ୍ସ: ୮୦,୭୧୦.୭୬

ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୭।୯।୨୦୨୫ ର ମତାମତ**

ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଆତ୍ମହତ୍ୟା ରୋକିବାରେ ସଫଳ ହେବ କି?




**ଆଜିର ପ୍ରସଙ୍ଗ**

ସେମିକନ ଇଣ୍ଡିଆ ଭାରତକୁ ଡିଜିଟାଲ କରିବା କ୍ଷେତ୍ରରେ ସହାୟକ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା


# ମହାନଦୀରେ ଛୋଟ ବନ୍ୟା





- ବଡ଼ ଧରଣର ବନ୍ୟା ଆଶଙ୍କା ନାହିଁ
- ଭଟ୍ଟାରିକା ମନ୍ଦିରରେ ପଶିଲା ପାଣି
- ସ୍ଥିତି ଉପରେ ରଖାଯାଇଛି ନଜର
- ୧୩ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା
- ହୀରାକୁଦର ୪ ଗେଟ୍ ଖୋଲା

ଭୁବନେଶ୍ୱର,୭।୯(ଭାସ୍କର ନ୍ୟୁଜ): ରାଜ୍ୟରେ ବର୍ତ୍ତମାନ ଅନେକ ସ୍ଥାନରେ ବର୍ଷା ଲାଗି ରହିଥିବାବେଳେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ସ୍ଥିତି ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଣ୍ଡଳୀରେ ମହାନଦୀ ବନ୍ୟାଜଳ ସର୍ବୋଚ୍ଚ ସ୍ଥାନରେ ପହଞ୍ଚିଛି। ରବିବାର ଦିନ ୧୧ଟା ସୁଦ୍ଧା ମୁଣ୍ଡଳୀରେ ୬ଲକ୍ଷ ୧୬ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହାପରେ ଜଳସ୍ତର ଧିରେ ଧିରେ କମିବ ବୋଲି ଆଶା କରାଯାଉଛି। ତେବେ ତଳି ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ପାଇଁ ଶ୍ରୀ ପାଢୀ ପରାମର୍ଶ ଦେଇଛନ୍ତି। ସେହିପରି ନରାଜ ଓ କୁଶଭଦ୍ରାଠାରେ ମହାନଦୀ ଜଳସ୍ତର ବିପଦସଂକେତ ତଳେ ରହିଛି। ହୀରାକୁଦ ଗେଟ୍ ଖୋଲିଥିବାରୁ ମହାନଦୀର ଜଳସ୍ତର ଫୁଲିବାରେ ଲାଗିଛି। ଏବେ ହୀରାକୁଦର ୨୦ଟି ଗେଟ୍‌କୁ ବନ୍ଦ କରାଯାଇ କେବଳ ୪ଟି ଗେଟ୍ ଯୋଗେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜିଲ୍ଲା ପ୍ରଶାସନ ସହ ଜଳସମ୍ପଦ ବିଭାଗ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଯେକୌଣସି ପ୍ରକାର ପରିସ୍ଥିତି ଉପୁଜିଲେ ଆମେ ପ୍ରସ୍ତୁତ ବୋଲି ଶ୍ରୀ ପାଢୀ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୩ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ନେଇ ଚେତାବନୀ ଦେଇଛି ପାଣିପାଗ ବିଭାଗ। ଏହି ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ଯଥେଷ୍ଟ ସମ୍ଭାବନା ରହିଛି। କିଛି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଆଶଙ୍କା କରାଯାଇଛି। ସୋମବାର ପାଇଁ ୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ • ପୃଷ୍ଠା ୫ ଦେଖନ୍ତୁ




ମହାକାଶରେ ମହାଜାଗତିକ ଦୃଶ୍ୟ: ଚଳିତ ବର୍ଷର ଶେଷ ଚନ୍ଦ୍ରଗ୍ରହଣ

## ଦିଲ୍ଲୀ ଗସ୍ତରେ ନବୀନ, ମନମୋହନ

# ଉପରାଷ୍ଟ୍ରପତି ନିର୍ବାଚନ ନେଇ ଚର୍ଚ୍ଚା ସମ୍ଭାବନା

ଭୁବନେଶ୍ୱର,୭।୯(ଭାସ୍କର ନ୍ୟୁଜ): ବିଜେପି ରାଜ୍ୟସଭାପତି ମନମୋହନ ସାମଲ ପୁଣିଥରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଶ୍ରୀ ସାମଲ ଦିଲ୍ଲୀ ଗସ୍ତରେ ଯାଇଥିବାବେଳେ ରବିବାର ସକାଳେ ବିଜେଡି ପ୍ରମୁଖ ନବୀନ ପଟ୍ଟନାୟକ ଦିଲ୍ଲୀ ଯାତ୍ରା କରିଛନ୍ତି। ତେବେ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ଏହି ଦୁଇଦଳର ମୁଖିଆଙ୍କ ଦିଲ୍ଲୀ ଗସ୍ତକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ



ଭୋଟଗ୍ରହଣ ଅନୁଷ୍ଠିତ ହେବ। ତେବେ ଏହି ନିର୍ବାଚନରେ ବିଜେଡି କାହାକୁ ସମର୍ଥନ ଦେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଏହାରି ଭିତରେ ବିଜେଡି ସୁପ୍ରିମୋ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଚର୍ଚ୍ଚା • ପୃଷ୍ଠା ୫ ଦେଖନ୍ତୁ

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ନୂଆଦିଲ୍ଲୀ,୭।୯: ଜାପାନ ପ୍ରଧାନମନ୍ତ୍ରୀ ସିଗେରୁ ଇସିବା ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଜାପାନରେ ଶାସକଦଳ ଲିବରାଲ ଡେମୋକ୍ରାଟିକ ପାର୍ଟି ମଧ୍ୟରେ ବିଭାଜନକୁ ଏଡ଼ାଇବା ପାଇଁ ସେ ଇସ୍ତଫା ଦେଇଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ ଗତ ଜୁଲାଇରେ ହୋଇଥିବା ନିର୍ବାଚନରେ ଇସିବାଙ୍କ ଏଲଡିପି ନେତୃତ୍ୱାଧୀନ ମେଣ୍ଟ ଉଚ୍ଚ ସଦନରେ ବହୁମତ ହରାଇଥିଲା। ୬୮ବର୍ଷୀୟ ଇସିବା ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇଥିଲେ। ତାଙ୍କ ଇସ୍ତଫା ଫଳରେ ସେ ଗୋଟିଏବର୍ଷ ମଧ୍ୟ ପ୍ରଧାନମନ୍ତ୍ରୀ ଭାବେ ରହିପାରିଲେ ନାହିଁ। ସୂଚନାଯୋଗ୍ୟ ଯେ ମାସକରୁ ଅଧିକ ସମୟ ଧରି ସେ ନିଜ ଦଳ ଭିତରେ ବିରୋଧର ସମ୍ମୁଖୀନ ହେଉଥିଲେ। ଜୁଲାଇରେ ଇସିବାଙ୍କ ଶାସକ ମେଣ୍ଟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହିମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ବହୁମତ ହାସଲ କରିବାରେ ବିଫଳ ହୋଇଥିଲା, ଯାହା ତାଙ୍କ ସରକାରଙ୍କ ସ୍ଥିରତାକୁ ଆଘାତ ପହଞ୍ଚାଇଥିଲା। ଏହି ନିର୍ବାଚନ ପରେ ଦଳର ଖରାପ ପ୍ରଦର୍ଶନ ପାଇଁ ଇସିବାଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ତାଙ୍କ ଇସ୍ତଫା ପରେ ଶୀଘ୍ର ନେତୃତ୍ୱ ପାଇଁ ନିର୍ବାଚନ କରାଯିବ କି ନାହିଁ ସେ ନେଇ ନିଷ୍ପତ୍ତି ନିଆଯାଇ ନାହିଁ। ଯଦି ଦଳର ଏହି ଆଭ୍ୟନ୍ତରୀଣ ନିର୍ବାଚନରେ ନୂତନ ନେତୃତ୍ୱ ପାଇଁ ଦାବି ମଞ୍ଜୁର ହୋଇଥାନ୍ତା, ତେବେ ଏହା ଇସିବାଙ୍କ ବିରୋଧରେ ଏକପ୍ରକାର ଅନାସ୍ଥା ପ୍ରସ୍ତାବ ହୋଇଥାନ୍ତା। ତେଣୁ ଏପରି ପରିସ୍ଥିତିରେ ପହଞ୍ଚିବା ପୂର୍ବରୁ ଇସିବା ନିଜଆଡୁ ଇସ୍ତଫା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଜାପାନର କୃଷିମନ୍ତ୍ରୀ ଓ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଶନିବାର ରାତିରେ ଇସିବାଙ୍କୁ ଭେଟି ଇସ୍ତଫା ଦେବାକୁ ଅନୁରୋଧ କରିଥିଲେ। ସେହିପରି ଗତ ସପ୍ତାହରେ ଦଳର ଦୁଇ ନମ୍ବର ନେତା ହିରୋସୀ ମୋରିୟାମାଙ୍କ ସମେତ ଏଲଡିପିର ୪ଜଣ ବରିଷ୍ଠ ଅଧିକାରୀ ମଧ୍ୟ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ। ଗୋଟିଏ ପକ୍ଷରେ ଅନାସ୍ଥାର ଭୟ ଓ ଅନ୍ୟପଟେ ଦଳୀୟ ନେତାଙ୍କ ଚାପ ଇସିବାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ ସେ ନେଇ ସ୍ପଷ୍ଟ ହୋଇପାରି ନାହିଁ।

## ଗୋଟିଏ ଦିନରେ ୨ଟି ଯାଗାରେ ଫୁଟିଲା ଗୁଳି

ଝାରସୁଗୁଡ଼ା/ବାରିପଦା,୭।୯ (ଭାସ୍କର ନ୍ୟୁଜ): ରବିବାର ରାଜ୍ୟର ଦୁଇଟି ସ୍ଥାନରେ ଗୁଳି ଫୁଟିଥିବା ନେଇ ସୂଚନା ମିଳିଛି। ତେବେ ଏଥିରେ କାହାର କିଛି କ୍ଷତି ହୋଇନାହିଁ। ପ୍ରଥମ ଘଟଣାଟି ଝାରସୁଗୁଡ଼ା ରେଲୱେ କଲୋନୀରେ ଘଟିଛି। ରେଲୱେ କର୍ମଚାରୀଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିବାବେଳେ ଏଥିରେ ତାଙ୍କ ପରିବାରବର୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ମିଳିବାପରେ ଝାରସୁଗୁଡ଼ା ଏସ୍‌ପି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସେହିପରି ବାରିପଦାର ରାସଗୋବିନ୍ଦପୁର ଥାନା ମାଣିକପୁରରେ ୪ଜଣ ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜନୈକ ବ୍ୟକ୍ତିଙ୍କ ଘର ଉପରକୁ ଗୁଳିମାଡ଼ କରିଥିବା ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ଏହି ଗୁଳିମାଡ଼ କରିଥିଲେ। ତେବେ ଏଥିରେ କାହାର କିଛି କ୍ଷତି ହୋଇନଥିବା ସୂଚନା ମିଳିଛି। ଦୁଇଟି ଯାକ ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାରିପଦା ଘଟଣାରେ ପୋଲିସ ଘଟଣାସ୍ଥଳରୁ ଖୋକା ଜବତ କରିଛି। ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ମଧ୍ୟ ଚଢାଉ ଆରମ୍ଭ କରିଛି। ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଧରିବା ପାଇଁ ଦୁଇ ଜିଲ୍ଲାର ଏସ୍‌ପି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

## ସିଏଚ୍‌ଏସ୍‌ଇର ପ୍ରତିଷ୍ଠା ଦିବସରେ ଗଣଶିକ୍ଷାମନ୍ତ୍ରୀ

# ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ




ଭୁବନେଶ୍ୱର,୭।୯(ଭାସ୍କର ନ୍ୟୁଜ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ରବିବାର ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ ଅଟେ। ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବାରୁ ଏହାର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ପ୍ରତିଷ୍ଠା ଦିବସ ଉତ୍ସବରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପ୍ରଜ୍ଞା', ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ପରେ ପରେ ଏସଜିଏଫଆଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ଶେଷରେ ପରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ 'ଗୁରୁଦକ୍ଷିଣା' ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ, ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନରୁ ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ଅଧକ୍ଷ ମୃଣାଳ କାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ସଚିବ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିଷଦର କର୍ମକର୍ତ୍ତା ଆଦି ଯୋଗଦେଇଥିଲେ ।

## ମାଧ୍ୟମିକ ଶିକ୍ଷା ପରିଷଦର ଘୋଷଣା

# ସିବିଏସ୍‌ଇ ଢାଞ୍ଚାରେ ହେବ ଓଟିଇଟି ପରୀକ୍ଷା

କଟକ,୭।୯(ଭାସ୍କର ନ୍ୟୁଜ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ଓଟିଇଟି ପରୀକ୍ଷା। ଏ ନେଇ ଶନିବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ରବିବାର ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ଓଟିଇଟି ପରୀକ୍ଷା ସିବିଏସ୍‌ଇ ଢାଞ୍ଚାରେ କରାଯିବ। ଦେଶର ଦୁଇ ପ୍ରମୁଖ ପରୀକ୍ଷା ପରିଚାଳନା ସଂସ୍ଥା ସିବିଏସ୍‌ଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ପଦ୍ଧତି ଅନୁଯାୟୀ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଓଟିଇଟି ପରୀକ୍ଷାରେ ବିଭ୍ରାଟ ହେବାପରେ ଏହି ଦୁଇ ପରୀକ୍ଷା ସଂସ୍ଥାର ପଦ୍ଧତିକୁ ଅନୁଧ୍ୟାନ କରାଯାଇଥିବା ସେ କହିଥିଲେ। ଡିଜି ଲକର, ବକ୍ସ ଓ ଟ୍ରଙ୍କ୍‌ରେ ପ୍ରଶ୍ନପତ୍ର ପୋଲିସ ସହାୟତାରେ ପଠାଯିବ। ଜିଲ୍ଲାପାଳ, ଏସ୍‌ପି ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହାୟତାରେ ଏହି ପରୀକ୍ଷା ପରିଚାଳନା କରାଯିବ। ପରୀକ୍ଷାପାଇଁ ମୋଟ ୧୯୩ଟି ପରୀକ୍ଷା କେନ୍ଦ୍ର କରାଯିବ। ସେପ୍ଟେମ୍ବର ୨୭ ତାରିଖରୁ ୱେବ୍‌ସାଇଟ୍‌ରୁ ପରୀକ୍ଷାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ପୂର୍ବରୁ ଘଟିଥିବା ଅଘଟଣକୁ ଏଡାଇବା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନାରେ ଯେଉଁମାନେ ରହିବେ ସେମାନଙ୍କ ଉପରେ କଡ଼ା ନଜର ମଧ୍ୟ ରଖାଯିବ। ପ୍ରଶ୍ନପତ୍ର ଯେପରି ଲିକ୍ ନହୁଏ ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ମଧ୍ୟ ଦିଆଯାଇଛି। ଯାହା ପ୍ରଶ୍ନପତ୍ର ପାର୍ଟନ ରହିଥିଲା, ସେହି ଅନୁଯାୟୀ ପୂର୍ବ ଘୋଷିତ ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ପରୀକ୍ଷା କରାଯିବ। ତେବେ ପରୀକ୍ଷା ବ୍ୟବସ୍ଥାରେ କିଛି ନୂଆକଥା ଯୋଡ଼ାଯାଇଛି, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଅବଗତ କରାଯିବ ବୋଲି ଶ୍ରୀ ତରାଇ କହିଛନ୍ତି।

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ପକାଇଲା ଛେପ ଚୋକିଲେଣି ଟ୍ରମ୍ପ
ମୋଦୀଙ୍କୁ କଲେଣି ପ୍ରଶଂସା,
ଏବେ ମୋଦୀ ତାଙ୍କ ପୁତୁରା ଭଳିଆ
ସିଏ ମୋଦୀଙ୍କର ମଉସା !
ଲଗାଇଥିଲେ ସେ ତାମସା,
ଟାରିଫ ବଦଳେ ତାରିଫ ନକଲେ
ବୁଡ଼ି ଯିବ କାଳେ ବେଉସା !

## ଏନ୍‌କାଉଣ୍ଟରରେ ମାଓ କମାଣ୍ଡର ନିହତ

# ମୁଣ୍ଡ ପାଇଁ ଇନାମ୍ ଥିଲା ୧୦ଲକ୍ଷ

ରାଞ୍ଚି,୭।୯: ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ଏବେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ସର୍ଚ୍ଚ ଅପରେସନ ଗତ କିଛିଦିନ ହେବ ଜାରି ରହିଥିବାବେଳେ ରବିବାର ଝାଡ଼ଖଣ୍ଡର ଚାଇଁବସାରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ଜଣେ ଟପ୍ ମାଓ କମାଣ୍ଡରଙ୍କ ମୃତ୍ୟୁ ଘଟିଛି। ପଶ୍ଚିମ ସିଂହଭୂମ ଗୋଏଲଜେରା ଥାନା କୋଲାହାନ ଜଙ୍ଗଲରେ କେତେକ ମାଓବାଦୀ କ୍ୟାମ୍ପ କରିଥିବା ନେଇ ସୂଚନା ମିଳିବା ପରେ ଝାଡ଼ଖଣ୍ଡ ପୋଲିସ ଓ କୋବ୍ରା ବାହିନୀ ମିଳିତଭାବେ ଅପରେସନ ଆରମ୍ଭ କରିଥିଲେ। ତେବେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ଦେଖିବାମାତ୍ରେ ପ୍ରଥମେ ଗୁଳି ଚାଳନା କରିଥିଲେ। ସୁରକ୍ଷାକର୍ମୀ ଏହାର ଜବାବ ମଧ୍ୟ ଦେଇଥିଲେ।



ଏଥିରେ ଝାଡ଼ଖଣ୍ଡର ଟପ୍ ମାଓ କମାଣ୍ଡର ଅମିତ ହାଁସଦା ନିହତ ହୋଇଥିବା ସୂଚନା ମିଳିଛି। ସୁରକ୍ଷାକର୍ମୀ ତା ନିକଟରୁ ରାଇଫଲ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଅମିତକୁ ଧରାଇ ଦେବାପାଇଁ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ଏନକାଉଣ୍ଟରରେ ତା'ର ମୃତ୍ୟୁ ଘଟିଛି। ଏହି ଏନକାଉଣ୍ଟରରେ ଆଉ କେତେକ ମାଓବାଦୀ ଆହତ ହୋଇ ଜଙ୍ଗଲ ଭିତରକୁ ପଳାଇ ଯାଇଥିବା ଜଣାପଡ଼ିବା ପରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦୀପାବଳି ଭେଟି ଦେବେ ସରକାର

# ମହଙ୍ଗା ଭତ୍ତା ୩% ବୃଦ୍ଧି ଘୋଷଣା ସମ୍ଭାବନା

ନୂଆଦିଲ୍ଲୀ,୭।୯: ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଓ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି। ଜିଏସ୍‌ଟି ହାର ହ୍ରାସ ପରେ ଏବେ ସରକାର ମହଙ୍ଗା ଭତ୍ତା 'ଡିଏ' ଏବଂ ମହଙ୍ଗା ରିଲିଫ 'ଡିଆର୍' ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ୧.୨ କୋଟିରୁ ଅଧିକ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ। ତେବେ ମିଳିଥିବା ସୂଚନା ଅନୁଯାୟୀ ଏହି ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯିବାର ସମ୍ଭାବନା ରହିଛି। ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ରଭାବେ ଦୀପାବଳି ସମୟକୁ ବାଛିଛନ୍ତି। ଯାହାଦ୍ୱାରା କର୍ମଚାରୀ ଓ ପେନସନଭୋଗୀମାନେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ। ଡିଏ ବୃଦ୍ଧି ଘୋଷଣା ପରେ କର୍ମଚାରୀଙ୍କ ଡିଏ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇବ। ଏହି ବୃଦ୍ଧି ଜୁଲାଇ ୨୦୨୫ରୁ ପଛୁଆଭାବେ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଅର୍ଥାତ୍ କର୍ମଚାରୀ ଓ ପେନସନ ଭୋଗୀଙ୍କୁ ଜୁଲାଇରୁ



ସେପ୍ଟେମ୍ବର ୩ ମାସର ବକେୟା ମଧ୍ୟ ମିଳିପାରିବ। ଯାହା ଅକ୍ଟୋବର ମାସର ଦରମା ସହିତ ପ୍ରଦାନ କରାଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଡିଏ ବୃଦ୍ଧି କରିଥାନ୍ତି। ପ୍ରଥମ ହୋଲି ପୂର୍ବରୁ ଏବଂ ଦ୍ୱିତୀୟ ଦୀପାବଳି ପୂର୍ବରୁ। ଗତବର୍ଷ ଅକ୍ଟୋବର ୨୦୨୪ରେ ସରକାର ଦୀପାବଳିର ଦୁଇ ସପ୍ତାହ ପୂର୍ବରୁ ଡିଏ ବୃଦ୍ଧି ଘୋଷଣା କରିଥିଲେ। ଚଳିତବର୍ଷ ଦୀପାବଳି ଉତ୍ସବ ଅକ୍ଟୋବର ୨୦-୨୧ରେ ଥିବାରୁ ଏହାକୁ କର୍ମଚାରୀଙ୍କ ପାଇଁ ଏକ ଉପହାର ଭାବରେ ବିବେଚନା କରାଯାଉଛି।

THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT. THIS DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES.
THIS PUBLIC ANNOUNCEMENT IS NOT INTENDED FOR PUBLICATION OR DISTRIBUTION, DIRECTLY OR INDIRECTLY, OUTSIDE INDIA

Galaxy Medicare Limited
EST. 1992

# GALAXY MEDICARE LIMITED

Our Company was originally incorporated on July 23, 1992 at Bhubaneswar, Odisha as a Public Limited Company in the name and style of "Galaxy Medicare Limited" under the provisions of the Companies Act, 1956 vide Certificate of Incorporation bearing CIN: U24232OR1992PLC003113 issued by the Registrar of Companies, Cuttack, Odisha. For detailed information, see ***"History and Certain Corporate Matters"*** on page 301 of the Red Herring Prospectus.

**Registered and Corporate Office:** Plot No.2, Zone D, Mancheswar Industrial Estate, Bhubaneswar, Rasulgarh, Khorda, Odisha-751010. **Contact Person:** Mr. Pralaaju Naik, Company Secretary and Compliance Officer;
**Tel:** +91 7064810000/+91 7381890000 **E-mail:** cs@galaxymed.co.in; **Website:** www.galaxy.in
**Corporate. Identity Number:** U24232OR1992PLC003113

(Please scan this QR Code to view the Offer Document)

**OUR PROMOTERS: MR. DILLIP KUMAR DAS, MR. SUBHASISH DAS, MRS. KIRAN DAS, M/s D.K. DAS & SONS HUF AND INDUSTRIAL DESIGNS AND SERVICES PRIVATE LIMITED**

**THIS OFFER IS BEING MADE IN TERMS OF CHAPTER IX OF THE SECURITIES AND EXCHANGE BOARD OF INDIA (ISSUE OF CAPITAL AND DISCLOSURE REQUIREMENTS) REGULATIONS, 2018 (THE "SEBI ICDR REGULATIONS") READ WITH RULE 19(2)(b)(i) OF THE SECURITIES CONTRACTS (REGULATION) RULES, 1957, AS AMENDED. THIS OFFER IS A BOOK BUILT OFFER AND ALLOCATION IN THE NET OFFER TO THE PUBLIC WILL BE MADE IN TERMS OF REGULATION 253(2) OF THE SEBI ICDR REGULATIONS. (For further details, please see "The Offer" beginning on page no. 86 of the Red Herring Prospectus). A copy of the Red Herring Prospectus will be delivered for filing to the Registrar of Companies as required under Section 26(4) of the Companies Act, 2013. For further details please refer to the Chapter titled *"Offer Procedure"* beginning on Page No. 483 of the Red Herring Prospectus**

## OFFER PERIOD

## BID/ISSUE OPENS ON: 10/09/2025 | BID OFFER CLOSES ON: 12/09/2025

**INITIAL PUBLIC OFFER OF 41,32,000 EQUITY SHARES OF FACE VALUE OF ₹ 10/- EACH ("EQUITY SHARES") OF GALAXY MEDICARE LIMITED ("OUR COMPANY" OR "THE ISSUER") OF WHICH FRESH ISSUE OF 33,08,000 EQUITY SHARES AND OFFER FOR SALE OF 8,24,000 EQUITY SHARES FOR CASH AT A PRICE OF ₹ [●] PER EQUITY SHARE, INCLUDING SHARE PREMIUM OF ₹ [●] PER EQUITY SHARE) ("OFFER PRICE"), AGGREGATING TO ₹ [●] LACS (THE "OFFER"), OF WHICH 2,08,000 EQUITY SHARES OF FACE VALUE OF ₹ 10/- EACH FOR CASH AT AN OFFER PRICE OF ₹ [●] PER EQUITY SHARE, AGGREGATING TO ₹ [●] LACS WILL BE RESERVED FOR SUBSCRIPTION BY THE MARKET MAKER TO THE OFFER (THE "MARKET MAKER RESERVATION PORTION"). THE OFFER LESS MARKET MAKER RESERVATION PORTION I.E., OFFER OF 39,24,000 EQUITY SHARES OF FACE VALUE OF ₹ 10/- EACH FOR CASH AT AN OFFER PRICE OF ₹ [●] PER EQUITY SHARE, AGGREGATING TO ₹ [●] LACS IS HEREINAFTER REFERRED TO AS THE "NET OFFER". THE OFFER AND THE NET OFFER WILL CONSTITUTE 27.23 % AND 25.86 %, RESPECTIVELY OF THE POST ISSUE PAID UP EQUITY SHARE CAPITAL OF THE COMPANY.**

**DETAILS OF SELLING SHAREHOLDERS, OFFER FOR SALE AND WEIGHTED AVERAGE COST OF AQUISITION**

| NAME OF THE SELLING SHAREHOLDER | TYPE | NUMBER OF SHARES OFFERED | WEIGHTED AVERAGE COST OF ACQUISITION PER EQUITY SHARE (IN ₹)* |
|---|---|---|---|
| Mr. Dillip Kumar Das | Promoter- Selling Shareholder | Up to 8,24,000 Equity Shares of face value of ₹ 10/- each of our Company aggregating ₹ [●] lakhs | 1.40 |

## PRICE BAND: ₹ 51 TO ₹ 54 PER EQUITY SHARE OF FACE VALUE OF ₹ 10/- EACH
## THE FLOOR PRICE IS 5.1 TIMES OF FACE VALUE AND CAP PRICE IS 5.4 TIMES THE FACE VALUE OF THE EQUITY SHARES
## THE PRICE TO EARNING RATIO BASED ON DILUTED EPS FOR MARCH 31, 2025 AT THE FLOOR PRICE IS 17.96 AND AT THE CAP PRICE IS 19.01 TIMES.
## BIDS CAN BE MADE FOR A MINIMUM OF 4,000 EQUITY SHARES AND IN MULTIPLES OF 2,000 EQUITY SHARES THEREAFTER.

**BRIEF DESCRIPTION OF THE BUSINESS OF THE COMPANY**

The company commenced its operations in 1992 when our founder, Mr. Dillip Kumar Das, acquired a closed business unit from Odisha Industrial Infrastructure Development Corporation (IDCO) and Odisha State Financial Corporation under the investment promotion, facilitation and aftercare strategy of Industrial Promotion and Investment Corporation of Odisha (IPICOL) and revived the business unit to start manufacturing of Medical Devices such as Plaster of Paris Bandage (POP Bandage), Medical Tapes and Bandages, Other surgical dressings and external preparations products of Wound care & Wound management including sterile surgical wound dressing, medical disposable, adhesive bandages, absorbent gauze, etc.

(1) Our Company and the Selling Shareholders, in consultation with the Book Running Lead Manager, may consider closing the Bid/Issue Period for QIBs one Working Day prior to the Bid/Offer Closing Date in accordance with the SEBI ICDR Regulations.
*The UPI mandate end time and date shall be at 5.00 P.M on Bid/Offer Closing Day
For further details please refer to the Chapter titled ***"Offer Procedure"*** beginning of Page 483 of Red Herring Prospectus. A copy of this Red Herring Prospectus shall be delivered for registration to the Registrar of Companies, Cuttack at Odisha as required under section 26 and 32 of Companies Act 2013

**ALLOCATION OF THE OFFER**

| | |
|---|---|
| QIB PORTION | NOT MORE THAN 2.04% OF THE NET OFFER |
| INDIVIDUAL PORTION | NOT LESS THAN 58.82% OF THE NET OFFER |
| HNI PORTION | NOT LESS THAN 39.14% OF THE NET OFFER |
| MARKET MAKER PORTION | UPTO 2,08,000 EQUITY SHARES OF 5.034% OF THE OFFER |

**IN MAKING AN INVESTMENT DECISION, POTENTIAL INVESTORS MUST ONLY RELY ON THE INFORMATION INCLUDED IN THE RED HERRING PROSPECTUS AND THE TERMS OF THE ISSUE, INCLUDING THE RISKS INVOLVED AND NOT RELY ON ANY OTHER EXTERNAL SOURCES OF INFPORMATION ABOUT THE OFFER AVAILABLE IN ANY MANNER.**

## RISKS TO INVESTORS

**For detailed Risk Factor refer to page 50 of the Red Herring Prospectus.**

1. **Risk to Investors:** Summary description of key risks based on materiality:
   a. We are supplying to certain key customers, from whom we derive a significant portion of our revenues. The loss of any significant customer may have a material and adverse effect on our business and results of operations.
   b. We are highly dependent on our suppliers for uninterrupted supply of Raw-Materials. Any shortfall in the supply of our raw materials, or an increase in our raw material costs and other input costs, may adversely affect the pricing and supply of our products with subsequently having an adverse effect on the business, results of operations and financial conditions of our company.
   c. Our Company, our Directors, and our Promoters are parties to certain legal proceedings. Any adverse decision in such proceedings may have adverse effect on our business, prospects, results of operations and financial condition
   d. There have been instances of delay in filing of Goods and Service Tax (GST) returns, Employee State Insurance (ESI) Returns, return of Tax Deducted at Source (TDS) dues and in payment of Provident Fund dues.
   e. Inventories and trade receivables form a major part of our current assets. Failure to manage our inventory and trade receivables could have an adverse effect on our net sales, profitability, cash flow and liquidity.
2. **Details of suitable ratios of the company and its peer group for the latest full financial year:**

| Sl. No. | Name of the company | Face Value (Per share) | CMP (VWAP on August 05, 2025 | EPS (Rs) | P/E Ratio | RONW (%) | NAV (Rs. Per (Per share) | PAT (Rs. In Lakhs) |
|---|---|---|---|---|---|---|---|---|
| 1 | Galaxy Medicare Limited | 10 | [●] | 2.84 | [●] | 10.25% | 14.06 | 337.04 |
| | **Peer Group** | | | | | | | |
| 2 | Adeshwar Meditex Limited | 10 | 18.00 | 1.43 | 12.59 | 5.17% | 27.69 | 206.57 |
| 3 | KMS Medisurgi Limited | 10 | 126.50 | 1.33 | 95.11 | 5.44% | 24.50 | 43.98 |

*Note: Industry Peer may be modified for finalization of Issue Price before filing Prospectus with ROC.*

** Sourced from Annual Reports, Audited Financial taken from, BSE and NSE.*

Notes

- Considering the nature and turnover of business of the Company, the peers are not strictly comparable. However, the same have been included for broader comparison.
- The figures for Galaxy Medicare Limited are based on the restated results for the financial year ended March 31, 2025.
- The figures for the peer group, are based on the standalone audited results for the financial year ended as on March 31, 2025 for Adeshwar Meditex Limited and for the financial year ended as on March 31, 2025 for KMS Medisurgi Limited.
- Current Market Price (CMP) is the price of respective scrip as on August 5, 2025.

3. **Return on Net Worth ("RoNW")**
   As derived from the Restated Financial Statements of our Company:

*(Amount in ₹)*

| Period | RoNW, as derived from the Restated Financial Information (%) | Weight |
|---|---|---|
| Financial Year ended March 31, 2025 | 18.35% | 3 |
| Financial Year ended March 31, 2024 | 23.85 | 2 |
| Financial Year ended March 31, 2023 | 13.16% | 1 |
| **Weighted Average** | **19.32%** | - |

*Notes: Return on Net Worth (%) = Profit for the year / Net Worth at the end of the year*

4. **Disclosure as per clause (9)(K)(4) of Part A to Schedule VI:**

a. **The price per share of our company based on the primary/ new issue of shares (equity/convertible securities), excluding shares issued under ESOP/ESOS and issuance of bonus shares**

There has been no issuance of Equity Shares (excluding shares issued under ESOP/ESOS and issuance of bonus shares) during the 18 months preceding the date of the Red Herring Prospectus, where such issuance is equal to or more than 5% of the fully diluted paid-up share capital of the Company (calculated based on the pre-issue capital before such transaction(s) and excluding employee stock options granted but not vested), in a single transaction or multiple transaction combined together over a span of 30 days.

b. **The price per share of our Company based on the secondary sale/acquisition of shares (equity shares):**

There have been no secondary sale/acquisition of Equity shares or any convertible securities where our promoters or the members of our Promoter Group are a party to a transaction during the 18 months preceding the date of Red Herring Prospectus, where either acquisition or sale is equal to or more than 5% of the fully diluted paid-up share capital of our company (calculated based on the pre-issue capital before such transaction(s) and excluding employee stock options granted but not vested), in a single transaction or multiple transaction combined together over a span of rolling 30 days.

c. **Since there were no primary or secondary transactions of equity shares of our company during the 18 months preceding the date of filing of the Red Herring Prospectus, where either issuance or acquisition/ sale is equal to or more than five per cent of the fully diluted paid-up share capital of our company (calculated based on the pre-issue capital before such transaction/s and excluding employee stock options granted but not vested), the entities or shareholder(s) having the right to nominate director(s) on our Board, are a party to the transaction, during the last three years preceding to the date of filing of the Red Herring Prospectus irrespective of the size of the transaction. There has been no issuance of Equity Shares other than Equity Shares issued pursuant to a bonus issue on March 29, 2024, during the 18 months preceding the date of this Red Herring Prospectus where such issuance is equal to or more than 5 per cent of the fully diluted paid-up share capital of the Issuer Company (calculated based on the pre-issue capital before such transaction), in a single transaction or multiple transactions combined together over a span of rolling 30 days; ("Primary Issue"):**

| Date of Allotment | No. of Shares Allotted | Face Value (In ₹) | Issue Price (In ₹) | Nature | Cumulative No of Equity Shares | Consideration (In ₹) |
|---|---|---|---|---|---|---|
| March 29, 2024 | 88,21,936 | 10.00 | - | Allotment pursuant to the issue of Bonus shares | 88,21,936 | NA |
| **Weighted Average Cost of Acquisition (Primary Transaction)** | | | | | **NIL** | |
| **Weighted Average Cost of Acquisition (Secondary Transaction)** | | | | | **NA** | |

1. **Details of proposed / under-taken pre-issue placements date from the DRHP filing date-** Our company has not undertaken any Pre-IPO Placements from the DRHP filing date.
2. **Transaction of shares aggregating up to 1% or more of the paid-up equity share capital of the company by promoter(s) and promoter group(s) from the DRHP filing date-** Our promoter(s) and promoter group(s) have not undertaken any transaction of shares aggregating up to 1% or more of the paid-up equity share capital of the company from the DRHP filing date.
3. **Pre-issue Shareholding of Promoter/Promoter Group and Additional Top 10 Shareholders of the company:**

| Sr No | Shareholders | Pre-Issue shareholding at the date of advertisement | | Post Issue shareholding at allotment | | | |
|---|---|---|---|---|---|---|---|
| | | | | At the lower end of price band Rs 51 | | At the Upper end of the price band Rs 54 | |
| | | No of shares | % of Pre-Issue Capital | No of shares | % of Post-Issue Capital | No of shares | % of Post- Issue Capital |
| **Promoters** | | | | | | | |
| 1 | Dillip Kumar Das | 21,11,202 | 17.80% | 12,87,202 | 8.48% | 12,87,202 | 8.48% |
| 2 | Kiran Das | 1,75,578 | 1.48% | 1,75,578 | 1.16% | 1,75,578 | 1.16% |
| 3 | Subasish Das | 7,59,342 | 6.40% | 7,59,342 | 5.00% | 7,59,342 | 5.00% |
| 4 | D K Das & Sons HUF | 24,55,194 | 20.61% | 24,55,194 | 16.18% | 24,55,194 | 16.18% |
| 5 | Industrial Designs and Services Private Limited | 19,57,800 | 16.50% | 19,57,800 | 12.90% | 19,57,800 | 12.90% |
| **Promoter Group** | | | | | | | |
| 1 | Geetishree Das | 15,34,003 | 12.93% | 15,34,003 | 10.11% | 15,34,003 | 10.11% |
| 2 | Oricon Industries Private Limited | 6,13,599 | 5.17% | 6,13,599 | 4.04% | 6,13,599 | 4.04% |
| 3 | Paramita Das | 3,57,501 | 3.01% | 3,57,501 | 2.36% | 3,57,501 | 2.36% |
| 4 | Anindita Das | 5,19,999 | 4.38% | 5,19,999 | 3.43% | 5,19,999 | 3.43% |
| 5 | Debasis Das & Sons (HUF) | 1,43,001 | 1.21% | 1,43,001 | 0.94% | 1,43,001 | 0.94% |

**Notes:**
1) Includes all options that have been exercised until date of the pre-issue and price band advertisement and the post issue shareholding shall be updated in the prospectus based on transfers exercise until such date.
2) Assuming full subscription in the issue (fresh issue). The post-issue shareholding details as at allotment will be based on the actual subscription and the final issue price and updated in the prospectus, subject to finalisation of the basis of allotment. Also, this table assumes there is no transfer of shares by these shareholders between the date of the advertisement and allotment (if any such transfers occur prior to the date of prospectus, kit will be updated in the shareholding pattern of the prospectus.

**BASIS OF OFFER PRICE**

The ***"Basis of Offer Price"*** on page 191 of the offer document has been updated with the above price band. Please refer to the website of the BRLM for the ***"Basis of Offer Price"*** updated with the above price band. You can scan the QR code given on the first page of this Advertisement for the chapter titled ***"Basis for Offer Price"*** on page 191 of the Red Herring Prospectus.

*Continued on next page...*




କଟକ(ଭାସ୍କର ନ୍ୟୁଜ୍): ମହାନଗର ନିଗମ (ସିଏମସି) ଅନ୍ତର୍ଭୁକ୍ତ ସମସ୍ତ ବସ୍ତି ବାସିନ୍ଦା ଓ ସହରର ଶ୍ରମଜିବୀ ମାନଙ୍କ ଏକ ଜନସଭା ସ୍ଥାନୀୟ ଗାନ୍ଧି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ସୁକାନ୍ତ ନାୟକ ମହାନଗର ନିଗମ ଆଇନ ଓ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ରାୟରେ ବସ୍ତି ବାସିନ୍ଦାଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ । ବସ୍ତି ନେତା ଦିପକ ଦାସ, ଶ୍ରମିକ ନେତା ସୌଭାଗ୍ୟ ସାମଲ, ସୁକାନ୍ତ ନାୟକ, ସଜନୀ ଦାସ, ରିତା ଦଳାଇ, ଦିନବନ୍ଧୁ ମହାରଣା, ଏନ୍ ରାଜୁରାଓ, ରାଧାରାଣୀ ସାହୁ ପ୍ରଣତି ବେହେରା, ଭାସ୍କର ସାହୁ, ଉମେଶ ଦାସ, ବିଚିତ୍ର ପାତ୍ର, ଅଜୟ ସିଂ, ଉଦୟ ଟୁଡୁ ପ୍ରମୁଖ ମତପୋଷଣ କରିଥିଲେ । ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଏକ ଶାଶ୍ୱତ ଦୁର୍ବାର ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ କରୁଛି । ଅଧିକାର ଦାବିରେ ଆସନ୍ତା ୧୯ରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆହ୍ୱାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଏହି ସଭା ନିଷ୍ପତ୍ତି ନେଇଛି ।

# ରାଜଧାନୀ ଆକାଶରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ରାଜଧାନୀ ଆକାଶରେ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଥିଲା । ଏହା ଥିଲା ମହାକାଶର ମହାଜାଗତିକ ଦୃଶ୍ୟ । ୨୦୨୨ ବର୍ଷ ପରେ ଏହାଥିଲା ସବୁଠୁ ଲମ୍ବା ଚନ୍ଦ୍ରଗ୍ରହଣ । ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ । ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ଏହି ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହୋଇଥିଲା । ଅନ୍ୟପଟେ ପୂର୍ଣ୍ଣିମାରେ ମଧ ପିତୃପକ୍ଷ ଆରମ୍ଭ ହୋଇଛି । ରାତିରେ ଆକାଶରେ ସଂଘଟିତ ହେବ ମହାଜାଗତିକ ଦୃଶ୍ୟ । ରାତି ୯ଟା ୫୭ ମିନିଟ୍ ୨୨ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବ ଓ ରାତି ୧ଟା ୨୭ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ଶେଷ ହୋଇଥିଲା । ପ୍ରାୟ ୩ ଘଣ୍ଟା ୨୮ ମିନିଟ ପର୍ଯ୍ୟନ୍ତ ଚାଲିଥିଲା ଚନ୍ଦ୍ରଗ୍ରହଣ । ଜ୍ୟୋତିଷ ଶାସ୍ତ୍ରରେ ଚନ୍ଦ୍ରଗ୍ରହଣକୁ ଗୁରୁତ୍ୱପୂର୍ଣ୍ଣ ମାନ୍ୟତା ଦିଆଯାଏ । ଗଣନା କରି ଜ୍ୟୋତିଷ ଗ୍ରହଣର ୯ ଘଣ୍ଟା ପୂର୍ବରୁ ପାକ ତ୍ୟାଗ କରିବାକୁ ପରାମର୍ଶ ଦେଇଛନ୍ତି । ଅର୍ଥାତ୍ ମଧ୍ୟାହ୍ନ ୧୨ଟା ୫୭ ମିନିଟ ୨୨ ସେକେଣ୍ଡରୁ ଆନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି । ଆଜିଠୁ ପିତୃଶ୍ରାଦ୍ଧ ଆରମ୍ଭ ହେଉଥିବାରୁ ଗ୍ରହଣ ସ୍ପର୍ଶ ପୂର୍ବରୁ ଶ୍ରାଦ୍ଧ ଓ ଦେବନୀତି ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଗର୍ଭବତୀ, ଶିଶୁ ସତର୍କ ରହିବାକୁ କୁହାଯାଇଛି । ବାଳୁତ, ବୃଦ୍ଧ, ରୋଗୀମାଙ୍କ ପକ୍ଷେ ଏହି ନିୟମ କୋହଳ କରାଯାଇଥିଲା । ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡରେ ସର୍ବମୋକ୍ଷ ହୋଇଥିଲା । ତେବେ ରବିବାର ଅର୍ଥାତ ଆଜି ରାତିର ୯ଟା ୫୮ ମିନିଟରେ ଚନ୍ଦ୍ରଗ୍ରହଣ ଆରମ୍ଭ ହେବା ସହ ଆକାଶରେ ବ୍ଲଡ୍‌ମୁନ୍ ଦେଖାଯାଇଥିଲା । ତେବେ ରାଜଧାନୀ ଆକାଶରେ ଚନ୍ଦ୍ରଗ୍ରହଣର ମହା ଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ବ୍ୟକ୍ତିମାନେ ଚନ୍ଦ୍ରଗ୍ରହଣ ଦେଖିଲେ ଶୁଭ ହୋଇଥାଏ ସେମାନେ ଦର୍ଶନ କରି କ୍ଷୀର, ଛେନା, ଗୁଡ଼ ଆଦି ଭୋଗ କରିଥିବା ଦେଖିବାକୁ ମିଳିଥିଲା ।

## କ୍ୟାପିଟାଲ୍ ଥାନା ଅଞ୍ଚଳରୁ ନିଖୋଜ ନାବାଳକ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ୍ ଥାନା ଅଞ୍ଚଳରୁ ନିଖୋଜ ନାବାଳକ ରବିବାର ଉଦ୍ଧାର ହୋଇଥିବା ଜଣାପଡ଼ିଛି । କ୍ୟାପିଟାଲ ହସ୍ପିଟାଲ ପଛ ପଟେ ନାବାଳିକକୁ ଦେଖିଥିଲେ ଲୋକେ । ପୋଲିସ ସହ ପରିବାର ଲୋକେ ଯାଇ ନିଖୋଜ ପିଲାକୁ ଆଣିଛନ୍ତି । ୬୦ରୁ ଅଧିକ ପୋଲିସ କର୍ମଚାରୀ ଲାଗିଥିଲେ ଖୋଜିବାରେ । ୧୦୦ରୁ ଅଧିକ ସିସିଟିଭିର ହୋଇଥିଲା ଯାଞ୍ଚ । ତେବେ ଶେଷରେ ନିଖୋଜ ନାବାଳକ ଉଦ୍ଧାର ହୋଇଥିବା ଜଣାପଡ଼ିଛି ।

# ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ୨୨ତମ ଜୟନ୍ତୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କର୍ମବୀର, ଓଡ଼ିଶାର ପ୍ରାକ୍ତନ କଂଗ୍ରେସ ନେତା ତଥା ଏକାଧିକ ଥର ବିଭିନ୍ନ ବିଭାଗରେ ମନ୍ତ୍ରୀ ରହିଥିବା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ୨୨ତମ ଜୟନ୍ତୀ ଜୟଦେବ ଭବନରେ ପାଳିତ ହୋଇଯାଇଛି । ବରିଷ୍ଠ ଲେଖକ ତଥା ସଂସ୍କୃତି ପୁରୁଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପୂଜ୍ୟ ପୂଜା ସଂସ୍କୃତି ଅଭିଯାନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବିଶ୍ୱାଳଙ୍କ ଓଡ଼ିଶା ପ୍ରତି ଥିବା ମହାନ୍ ଅବଦାନର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବୁଦ୍ଧ ସଙ୍ଗରେ ୪୦ ବର୍ଷ' ଉନ୍ମୋଚିତ ହୋଇଥିଲା । ନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ । ସମୟର ମୁଖ୍ୟ ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର ଅନ୍ୟତମ ବକ୍ତା ଭାବରେ ଉପସ୍ଥିତ ଥିବା ବେଳେ ଅତିଥି ମଞ୍ଚରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥି ଓ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ସଭାର ଶୋଭା ବର୍ଦ୍ଧନ କରିଥିଲେ । ସମୟ ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡ଼ିଶାର ପ୍ରତିଭାବାନ ଛାତ୍ରଛାତ୍ରୀ ତଥା ବରିଷ୍ଠ ନାଗରିକ ଚନ୍ଦନ କୁମାର ମହନ୍ତ, ଦେବେନ୍ଦ୍ର ଖମାରୀ, ସୁଶୀଲ କୁମାର ନାୟକ, ବିନୀତ ମହାନ୍ତି, ସ୍ୱର୍ଣ୍ଣରେଖା ମନ୍ତ୍ରୀ, ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ଲେଖକ ପ୍ରସନ୍ନ ମିଶ୍ର, ଶିକ୍ଷାବିତ୍ ମନୋରମା ବିଶ୍ୱାଳ ମହାପାତ୍ର, ଅମୀୟ କୁମାର ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୩୯ ଲକ୍ଷ ଟଙ୍କାର ଧଳାଜହର ଜବତ, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ୍): ପାର୍ବଣ ସମୟରେ ନିଶାକାରବାର ବଢିଥିବା ବେଳେ ପୁଣି କଟକରୁ ଧଳା ଜହର ଜବତ ହେଲା । ରବିବାର ମଙ୍ଗୁଳିଛକରେ ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ଚଢାଉ କରି ୩୯ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ ସୁଗାର ଜବତ କରିଛି । ବାଲେଶ୍ୱର ଜଳେଶ୍ୱରରୁ ବ୍ରାଉନସୁଗାର ନେଇ ଅନୁଗୋଳ ଯାଉଥିବା ସମୟରେ ମଙ୍ଗୁଳି ଛକ ନିକଟରେ ମାଡ଼ି ବସିଥିଲା ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଅନୁଗୋଳର ଜଗନ୍ନାଥ ଜେନା । ଜଗନ୍ନାଥ ପୂର୍ବରୁ ବ୍ରାଉନସୁଗାର ଚାଲାଣ କରୁଥିବା ବେଳେ ଗିରଫ ମଧ ହୋଇଥିଲା । ତେବେ ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଂ ସ୍କ୍ୱାଡ୍ ପୁଣି ଅବକାରୀ ବିଭାଗ ହାତରେ ଧରପଡ଼ିଛି ।

## ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କ ଫେକ୍ ମେଲ୍ ଆଇଡି କରି ସାଇବର ଠକ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକରେ ଦିନକୁ ଦିନ ବଢ଼ି ଚାଲିଛି ସାଇବର କ୍ରାଇମ୍ । ଗୋଟିଏ ପଟେ କେନ୍ଦ୍ର ସରକାର ପ୍ରତ୍ୟେକ କାର୍ଯ୍ୟକୁ ସହଜ ଓ ସରଳ ଉପାୟରେ କରିବା ପାଇଁ ଅନଲାଇନକୁ ପ୍ରାଥମିକତା ଦେଉଥିବା ବେଳେ ଲୁଟେରାମାନେ ଭିନ୍ନ ଭିନ୍ନ ତରିକାରେ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି । କଟକ ସାଇବର ଥାନା ୨ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ବେଳେ ଗୋଟିଏ ମାମଲାରେ ପୋଲିସ ଜଣେ ସାଇବର ଠକକୁ ଗିରଫ କରିଥିବା ଜଣାପଡିଛି । ୧୩ ଲକ୍ଷ ୭୨ ହଜାର ୭୦ ଟଙ୍କା ଠକି ନେଇଥିଲେ । ଏ ସଂପର୍କରେ ବହୁଗ୍ରାମର ସୁବାସ ବେହେରା ଅଭିଯୋଗ କରିବା ପରେ ସାଇବର ପୋଲିସ ଘଟଣାର ଅନୁସଂଧାନ କରି ଝାଡସୁଗୁଡାର ଅନୁରାଗ ପଟ୍ଟନାୟକଙ୍କୁ ଗିରଫ କରିଛନ୍ତି । ଅଭିଯୁକ୍ତ ନିକଟରୁ ଏକ ବ୍ୟାଙ୍କ ପାସବୁକ୍ ସହ ଚେକ ବୁକ ଜବତ କରାଯାଇଛି । ଅନ୍ୟ ଏକ ଘଟଣାରେ ସାଇବର ଠକମାନେ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କ ଫେକ୍ ମେଲ୍ ଆଇଡି କରିଥିବା ଜଣାପଡିଛି । କଟକ ସିଡିଏ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମିତି କିଛି ଅଭିଯୋଗ ଆସିଛି ।

## ଜଗତପୁରରେ ପୁଣି ୨ ଦୋକାନରୁ ଚୋରି

କଟକ(ଭାସ୍କର ନ୍ୟୁଜ୍): ଜଗତପୁରରେ ଗତ କିଛିଦିନ ହେବ ଚୋରି, ଡକାୟତି, ରାହାଜାନୀ ବଢ଼ିବାରେ ଲାଗିଛି । ଏନେଇ ଅଞ୍ଚଳବାସୀଙ୍କ ନିଦ ହଜି ଗଲାଣି । କିଛି ମାସ ମଧ୍ୟରେ ୩୦ରୁ ଉର୍ଦ୍ଧ୍ୱ ପୋଲିସକୁ ଚାଲେଞ୍ଜ ଦେଇ ଚୋରି କରୁଛନ୍ତି । ଗତ ଶନିବାର ରାତ୍ରରେ ଥାନାଠୁ ୨୦ ମି ଦୂରରେ ୨ଟି ଦୋକାନ ସଟର ତାଲା ଭାଙ୍ଗି କଳାକନା ବୁଲାଇଛନ୍ତି । ତରୋଳ ବଜାରର ଅମୀୟ ରାଉତଙ୍କ ଶୁଭମ୍ ମୋବାଇଲ ଦୋକାନ ଓ ନମିତା ସାହୁଙ୍କ ସାଇକ୍ରିଷ୍ଣା ଫୁଟୱାର ଦୋକାନର ସଟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସମାଗ୍ରୀ ସହ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି । ବାରମ୍ବାର ଚୋରି ହେଉଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି ।

## ଅତ୍ୟାଚାର ନିରାକରଣ ଆଇନର ଉପଯୋଗ ଦୁର୍ବଳ କରିବାକୁ ଷଡଯନ୍ତ୍ର: କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନର ଉପଯୋଗ ଦୁର୍ବଳ କରିବାକୁ ବିଜେପି ସରକାର ଷଡଯନ୍ତ୍ର କରୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଅନୁସୂଚିତ ଜାତି ବିଭାଗର ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପୂର୍ବତନ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବି ପ୍ରକୋଷ୍ଠର ଅଧ୍ୟକ୍ଷ ହଳଧର ସେଠୀ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଗତ ୧୯୮୯ ମସିହାରୁ ଆମ ଦେଶରେ ବାସ କରୁଥିବା ହଜାର ହଜାର ବର୍ଷରୁ ସାମାଜିକ ଅଧିକାରରୁ ବଂଚିତ ଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ତତକାଳୀନ କଂଗ୍ରେସ ସରକାର ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ପ୍ରଣୟନ କରିଥିଲେ । ଭାରତୀୟ ସମ୍ବିଧାନର ଧାରା ୧୭ ଅନୁସାରେ ଏହି ବର୍ଗର ଲୋକଙ୍କ ଉପରେ ଜାତିଗତ ବିଦ୍ୱେଶ ଯୋଗୁଁ କେହି ଅପରାଧିକ କାର୍ଯ୍ୟ କଲେ ଏହି ଆଇନ ଧାରା ୩ ଅନ୍ତର୍ଗତ ୨୯ ଏବଂ ଧାରା ୨ ଅନ୍ତର୍ଗତ ୮ ଗୋଟି ଉପଧାରା ଦ୍ୱାରା ସଂପୃକ୍ତ ଆସାମୀକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ନିୟମ ୧୯୯୫ ମୁତାବକ ୧୮ ନିୟମ ରହିଛ । ଏହା କେନ୍ଦ୍ରିୟ ଆଇନ । ଏହାର ସଂଶୋଧନ ବା ପରିବର୍ତ୍ତନ ପାଇଁ ଆମ ଦେଶର ସଂସଦ କେବଳ ଅଧିକାରପ୍ରାପ୍ତ ବୋଲି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ କହିଥିଲେ । ରାଜ୍ୟ ବିଜେପି ସରକାର ଗତ ୩୦.୮.୨୦୨୫ରେ ବିଜ୍ଞପ୍ତିର ପ୍ରତ୍ୟାହାର କରିବାକୁ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଦାବି କରୁଛି । ଯଦି ଏହି ବିଜ୍ଞପ୍ତି ପ୍ରତ୍ୟାହାର ନହୁଏ ତେବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ରାଜରାସ୍ତାକୁ ଓହ୍ଲାଇବ । ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅନିମା ମିଞ୍ଜ ଓ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ, ରାଜ୍ୟ ଅନୁସୂଚିତ ଜାତି ବିଭାଗ ସାଧାରଣ ସମ୍ପାଦକ ଶ୍ରୀବତ୍ସ ମଲ୍ଲିକ, ବିଭାଗର ସମ୍ପାଦକ ସଂଜୟ କୁମାର ମଲ୍ଲିକ, ବିକାଶ ଦାସ, ପ୍ରମୋଦ ମଲ୍ଲିକ, ଉଦକର ଜେନା, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ପାର୍ବଣ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାର୍ବଣ ସମୟରେ ପ୍ରଦୂଷଣକୁ ନେଇ ଚିନ୍ତା । ଭଷାଣି ସମୟରେ ମୁଖ୍ୟତଃ ଶବ୍ଦ ଏବଂ ଜଳ ପ୍ରଦୂଷଣ ବହୁଳ ମାତ୍ରାରେ ବଢିଥାଏ । ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି । ଏନେଇ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଛି । ପୂଜାମଣ୍ଡପ ଗୁଡିକୁ ମଧ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭଷାଣି ପାଇଁ ଅସ୍ଥାୟୀ ପୋଖରୀ କରାଯାଇଥିଲେ ବି ଅନେକ ସମୟରେ ନଦୀ ନାଳରେ ଠାକୁରଙ୍କ ବିସର୍ଜନ କରାଯାଉଛି । ଫଳରେ ପ୍ରଦୂଷଣ ବଢୁଛି । ତେଣୁ ପ୍ରଦୂଷଣ ନିୟମ ମାନି କିଭଳି ସୁରୁଖୁରୁରେ ଭଷାଣି କରାଯିବ ସେନେଇ ଗୁରୁତ୍ୱ ଦେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ।

### ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଲା ବିଏମ୍‌ସି

## ସହଯୋଗର ହାତ ବଢ଼ାଇଲେ ବ୍ୟାଙ୍କ ଓ ଫାଇନାନ୍ସ ସଂସ୍ଥା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନାଗରିକଙ୍କ ସେବାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ଗୋଟିଏ ଛତା ତଳେ ଆଫର୍ଡେବ୍ଲ୍ୟୁ ହାଉସିଂ ଯୋଜନାରେ ଗୃହ ପାଇଥିବା ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଛି ବିଏମ୍‌ସି । ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ଗୃହ ପାଇଥିବା ୪୫ ପରିବାରଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ଦସ୍ତାବିଜ୍ ସହ ବ୍ୟାଙ୍କରୁ ଋଣ ସୁବିଧା କରାଇ ଦେଇଛି ବିଏମ୍‌ସି । କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ଯେଉଁ ହିତାଧିକାରୀ ଆଫର୍ଡେବ୍ଲ ହାଉସିଂ ପ୍ରକଳ୍ପରେ ଘର ପାଇବାକୁ ଯୋଗ୍ୟ ହୋଇଛନ୍ତି ଏବଂ ନିଜର ଅଂଶ ରାଶି ଦେବାକୁ ବର୍ତ୍ତମାନ ସକ୍ଷମ ନୁହଁନ୍ତି; ଋଣ ସୂତ୍ରରେ ସେମାନେ କିପରି ଏହି ଦେୟ ପାଇଁ ଅର୍ଥ ଯୋଗାଡ କରିପାରିବେ ଏବଂ ରାଶି ଦେଇ ନିଜକୁ ମିଳିଥିବା ସ୍ୱପ୍ନର ଘରେ ଶୀଘ୍ର ରହିବେ । ସେଥିପାଇଁ ଉପାୟୁକ୍ତ ଅଜୟ କୁମାର ମହାନ୍ତି ଦୁଇଟି ଫାଇନାନ୍ସ ସଂସ୍ଥା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ସ୍ୱତନ୍ତ୍ର ଫାଇନାନ୍ସକୁ ନେଇ ବୈଠକ ଆଲୋଚନା କରିଥିଲେ । ଟିମ୍ ବିଏମ୍‌ସି ସମୁଦାୟ ୪୫ଟି ପିରବାର ସମସ୍ତ କାଗଜାତ ଯୋଗାଇ ଦେଇଥିଲେ । ଭୁବନେଶ୍ୱର ଅତିରିକ୍ତ ତହସିଲଦାର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ସ୍ୱତନ୍ତ୍ର ଫାଇନାନ୍ସ ଅଧିକାରୀ ଓ କର୍ମଚାରୀ ଏବଂ ସଂଯୁକ୍ତ ବିଭାଗୀୟ ଅଧିକାରୀ ସମସ୍ତେ ଉପସ୍ଥିତ ଥିଲେ । ଯେଉଁ ଯୋଗ୍ୟ ହିତାଧିକାରୀ ସେମାନଙ୍କର ଅର୍ଥ ପୈଠ କରିପାରୁ ନଥିଲେ, ସେମାନଙ୍କୁ ବ୍ୟାଙ୍କ ଋଣ ସୁବିଧା ମଧ ଯୋଗାଇ ଦିଆଯାଇଛି । ଏଚଡିଏଫସି ବ୍ୟାଙ୍କ ୩୫ ହିତାଧିକାରୀଙ୍କୁ ଋଣ ଯୋଗାଇ ଦେଇଥିବା ବେଳେ ସ୍ୱତନ୍ତ୍ର ଫାଇନାନ୍ସ ୧୦ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ଯୋଗାଇ ଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆଫର୍ଡେବ୍ଲ୍ୟୁ ହାଉସିଂ ଯୋଜନାରେ ଘର ପାଇଥିବା ଲୋକେ ନିଜର ଦେୟ ଏକକାଳୀନ ଦେବା ସମ୍ଭବ ହେଉ ନ ଥିଲା । ସେମାନଙ୍କୁ ଋଣ ମିଳିବା ମଧ ସମ୍ଭବ ହେଉନଥିଲା । ମାତ୍ର ବିଏମ୍‌ସି କମିଶନର ରାଣାଙ୍କ ଉଦ୍ୟମ କ୍ରମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ସହ ଋଣ ଦେବାର ସୁବ୍ୟବସ୍ଥା କରାଯାଇଥିଲା । ଫଳରେ ହିତାଧିକାରୀ ଏହାକୁ ନେଇ ବେଶ ଖୁସି ପ୍ରକଟ କରିଚନ୍ତି । କାଗଜପତ୍ର ଓ ଋଣ ପାଇବା ପାଇଁ ବାରମ୍ବାର ଧାଇଁବାକୁ ପଡିଥାନ୍ତା । ମାତ୍ର ଭୁବନେଶ୍ୱର ମହାନଗର ନିଗମ ସେ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ ଏବଂ ଗୋଟିଏ ଦିନରେ ଯୋଗାଇ ଦେଇଥିବାରୁ ସମସ୍ତ ବିଏମ୍ ସିକୁ ସାଧୁବାଦ ଜଣାଇଛନ୍ତି ।

...continued from previous page.



| INDICATIVE TIMELINE FOR THE OFFER | |
|---|---|
| Sequence of Activities | Listing on and above September 12, 2025 |
| Application Submission by investors | Electronic application [Online ASBA through 3- in 1 accounts] - **Up to 5 pm on day September 12, 2025**<br>Electronic Application [Bank ASBA through Online channels [like Internet banking and Syndicate etc] - **Upto 4 pm on September 12, 2025**<br>Electronic Application [Syndicate Non Retail, Non Individual Applications] - **Upto 3 pm on September 12, 2025**<br>Physical Application {Bank ASBA} - **Upto 1 pm on September 12, 2025**<br>Physical Applications {Syndicate Non Retail, Non individual applications of QIBs and NIIs} - **Upto 12 on September 12, 2025** and Syndicate members shall transfer such applications to banks **before 1 pm on September 12, 2025** |
| Bid Modification | From Issue opening date up to **5 pm on September 12, 2025** |
| Validation of bid details with depositories | From Issue Opening date to **5 pm on September 12, 2025** |
| Reconciliation of UPI mandate transactions {based on the guidelines issued by NPCI from time to time};<br>Among Stock Exchanges – Sponsor Banks – NPCI and NFCI – PSPs/ TPAPs - issuer banks ;<br>Reporting formats of bid information , UPI analysis report and compliance timelines | On Daily basis<br>Merchant Bankers to submit to SEBI sought as and when |
| UPI mandate acceptance time | **September 12, 2025– 5 pm** |
| Issue closure | **September 12, 2025– 4 pm** for QIB and NII categories<br>**September 12, 2025– 5 pm** for Individual Investor and other reserved categories |
| Third party check on UPI applications | On daily basis and to be computed before **9 : 30 AM on September 15, 2025** |
| Third party check on non -UPI applications | On daily basis and to be computed before **1 pm on September 15, 2025** |
| **Submission of final certificate**<br>**- For UPI from Sponsor Bank**<br>**- For bank ASBA from all SCSBs**<br>**- For syndicate ASBA** | UPI ASBA – **Before 9: 30 pm on September 12, 2025**<br>All SCSBs for Direct ASBA – **before 7: 30 pm on September 12, 2025**<br>Syndicate ASBA – Before 7:30 pm on **September 12, 2025** |
| Finalization of rejections and completion of basis | **Before 6 pm on September 15, 2025** |
| Approval of basis by stock exchange | **Before 9 pm on September 15, 2025** |
| Issuance of fund transfer instructions in separate flies for debit and unblock. For bank ASBA and online ASBA – To all SCSBs<br>For UPI ASBA – To Sponsor Bank | Intimation not later **than 09: 30 on September 16, 2025**<br>Completion **before 2 pm on September 16, 2025** for fund transfer<br>Completion **before 4 pm on September 16, 2025** for unlocking |
| Corporate action execution for credit of shares | Intimation before **2 pm on September 16, 2025** and Completion before **6 pm on September 16, 2025** |
| Filing of listing application with Stock Exchanges and Issuance of trading notice | **Before 7 : 30 pm on September 16, 2025** |
| Publish allotment advertisement | On the website of the issuer BRLM and RTA – before **9 pm September 16, 2025**<br>In newspapers – on **September 17, 2025 day but not later than September 18, 2025** |
| Trading starts | **September 17, 2025** |

**d. Weighted Average Cost of Acquisition, Issue Price**

**CONTENTS OF THE MEMORANDUM OF ASSOCIATION OF THE COMPANY AS REGARDS ITS OBJECTS:** For information on the main objects of our company, see ***"History and Corporate structure"*** on page 301 of the Red Herring Prospectus. The Memorandum of Association of our company is a material document for inspection in relation to the offer. For further details see the section ***"Material Contract and Documents for Inspection"*** on page 538 of the Red Herring Prospectus.

**LIABILITY OF MEMBERS AS PER MOA:** The liability of the members of our company is Limited.

**AMOUNT OF SHARE CAPITAL OF THE COMPANY AND CAPITAL STRUCTURE:** The authorized share capital of the company is Rs. 18,00,00,000 divided 1,80,00,000 into equity shares of Rs. 10 each. The issued, subscribed and paid-up share capital of the company before the issue is Rs. 11,86,39,830 divided into 1,18,63,983 equity shares of Rs. 10 each. For details of the capital structure see ***"Capital Structure"*** on the page 107 of the Red Herring Prospectus.

**NAMES OF THE SIGNATORIES TO THE MEMORANDUM OF ASSOCIATION OF THE COMPANY AND THE NUMBER OF EQUITY SHARES SUBSCRIBED BY THEM.**

| ORIGINAL SIGNATORIES | | | CURRENT PROMOTERS | | |
|---|---|---|---|---|---|
| Name of Promoters | Face Value (Rs.) | No. of Shares | Name of Promoters | Face Value (Rs.) | No. of Shares |
| Dillip Kumar Das | 10 | 1 | Dillip Kumar Das | 2,11,12,020 | 21,11,202 |
| Santosh Kumar Patnaik | 10 | 1 | Kiran Das | 17,55,780 | 1,75,578 |
| Bishnu Charan Behara | 10 | 1 | Subasish Das | 75,93,420 | 7,59,342 |
| Ramesh Kumar Dalai | 10 | 1 | D K Das & Sons HUF | 2,45,51,940 | 24,55,194 |
| Sri Ram Kishore Mohanty | 10 | 1 | Industrial Designs and Services Private Limited | 1,95,78,000 | 19,57,800 |
| Kehirod Kumar Nayak | 10 | 1 | | | |
| Amiya Kumar Samal | 10 | 1 | | | |

**Listing:** The equity shares offered through the Red Herring Prospectus are proposed to be listed on the Emerge Platform of NSE ("**NSE EMERGE**"). Our Company has received an "In-Principle" approval from the NSE for the listing of the Equity Shares to letter dated July 15, 2025. For the purpose of the offer, the Designated Stock Exchange shall be NSE. A signed copy of the Red Herring prospectus has been submitted for registration to the ROC on September 06, 2025 in accordance with Section 26(4) of the Companies Act 2013.

**DISCLAIMER CLAUSE OF SECURITIES AND EXCHANGE BOARD OF INDIA ("SEBI"):** Since the offer is being made in terms of Chapter IX of the SEBI (ICDR) Regulations, 2018, the Red Herring Prospectus has been filed with SEBI. In terms of the SEBI Regulations, the SEBI shall not issue any observation on the Issue document. Hence there is no such specific disclaimer clause of SEBI. However, investors may refer to the entire *"Disclaimer Clause of SEBI"* beginning on page 448 of the Red Herring Prospectus.

**DISCLAIMER CLAUSE OF NSE (THE DESIGNATED STOCK EXCHANGE):** It is to be distinctly understood that the permission given by NSE should not in any way be deemed or construed that the Offer Document has been cleared or approved by NSE, nor does it certify the correctness or completeness of any of the contents of the Offer Documents. The investors are advised to refer to the Offer Document for the full text of the *"Disclaimer Clause of NSE"* beginning on page 450 of the Red Herring Prospectus.

**GENERAL RISK:** Investments in equity and equity related securities involve a degree of risk and investors should not any funds in the issue unless they can afford to take risk of losing their investment. Investors are advised to read the risk factors carefully before taking an investment decision in this Offer. For taking an investment decision, investors must rely on their own examination of the Issuer and this Issue, including the risks involved. The Equity Shares have not been recommended or approved by the Securities and exchange Board of India (SEBI) nor does SEBI guarantee accuracy or adequacy of the contents of the Red Herring Prospectus. Specific attention of the investors is invited to ***"Risk Factors"*** beginning on page 50 of the Red Herring Prospectus.

| BOOK RUNNING LEAD MANAGERS TO THE ISSUE | REGISTRAR TO THE ISSUE | COMPANY SECRETARY AND COMPLIANCE OFFICER |
|---|---|---|
| **Affinity Global Capital Market Private Limited**<br>20B, Abdul Hamid Street, East India House, 1st Floor, Room No. 1F, Kolkata – 700069, West Bengal, India<br>**Telephone:** +91 33 4004 7188<br>**E - mail:** compliance@affinityglobal.in<br>**Investor Grievance ID:** investor@affinityglobalcap.in<br>**Website:** www.affinityglobalcap.in<br>**Contact Person:** Ms. Shruti Bhalotia/ Mr Anandarup Ghoshal<br>**SEBI Registration Number:** INM000012838 | CAMEO<br>**Cameo Corporate Services Limited**<br>Subramanian Building" 1 Club House Road, Chennai- 600 002 **Tel:** +91 40 6716 2222<br>**E-mail:** priya@cameoindia.com<br>**Investor Grievance e-mail:** investor@cameoindia.com<br>**Website:** www.cameoindia.com<br>**Contact Person:** Mrs. K. Sreepriya<br>**SEBI Registration No.:** INR000003753 | **Mr. Pralaaju Naik**<br>**Company Secretary & Compliance Officer**<br>Plot No. 2, Zone D, Mancheswar, Industrial Estate, Bhubaneswar, Khurda, Orissa – 751 010.<br>**Tel:** +91 7064810000/+91 7381890000<br>**Email:** cs@galaxymed.co.in<br>Investors can contact the Company Secretary and Compliance Officer or the BRLM or the Registrar to the Issue in case of any pre issue or post-issue related problems, such as non-receipt of letters of Allotment, non-credit of Allotted Equity Shares in the respective beneficiary account and refund orders, etc. |

**AVAILABILITY OF RED HERRING PROSPECTUS:** Investors are advised to refer to the Red Herring Prospectus and the Risk Factors contained therein before applying in the Issue. Full copy of the Red Herring Prospectus is available on the website of the SEBI at www.sebi.gov.in, website of the Company at https://galaxy.in/, the website of the BRLM to the Issue at: https://www.affinityglobalcap.in/ , the website of NSE Emerge at https://www.nseindia.com/companies-listing/corporate-filings-offer-documents, respectively.

**AVAILABILITY OF BID-CUM-APPLICATION FORMS:** Bid-Cum-Application forms can be obtained from the Registered Office of the Company: Plot No.2, Zone D, Mancheswar, Industrial Estate, Bhubaneswar, Khurda, Orissa- 751010 and the Registered Brokers, RTAs and CDPs participating in the Issue. Bid-cum-application Forms will also be available on the website of NSE EMERGE and the designated branches of SCSBs, the list of which is available at websites of the stock exchanges and SEBI.

**APPLICATION SUPPORTED BY BLOCKED AMOUNT (ASBA):** All investors in this issue have to compulsorily apply through ASBA. The investors are required to fill the ASBA form and submit the same to their banks. The SCSB will block the amount in the account as per the authority contained in ASBA form. On allotment, amount will be unblocked and account will be debited only to the extent required to be paid for allotment of shares. Hence, there will be no need of refund.

For more details on the offer proceeds and how to apply please refer to the details given in application forms and abridged prospectus and also please refer to the chapter ***"Offer Procedure"*** beginning on page 483 of the Red Herring Prospectus.

**BANKER TO THE OFFER:** Kotak Mahindra Bank Limited

**All capitalized terms used herein and not specifically defined shall have the same meaning as ascribed to them in the Red Herring Prospectus.**

**For Galaxy Medicare Limited**
Sd/-
**Dillip Kumar Das**
Managing Director
**DIN: 00402931**

**Date:** 08/09/2025
**Place:** Bhubaneshwar, Orissa

**DISCLAIMER: GALAXY MEDICARE LIMITED** is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to make an initial public offer of its Equity Shares and has filed the Red Herring Prospectus with the Registrar of Companies, Cuttack and thereafter with SEBI and the Stock Exchange. The Red Herring Prospectus is available on the website of the SEBI at www.sebi.gov.in, the website of the Book Running Lead Manager to the Offer at www.affinityglobalcap.in, website of the NSE at www.nseindia.com and website of Issuer Company www.galaxy.in. Any potential investors should note that investment in Equity Shares involves a high degree of risk and for details relating to the same, please refer to and rely on the Red Herring Prospectus, including the Section titled ***"Risk Factors"*** beginning on Page No. 50 of the Red Herring Prospectus.

The Equity Shares have not been and will not be registered under the US Securities Act of 1933, as amended ("The Securities Act") or any state securities law in the United States, and unless so registered, and may not be issued or sold within the United States, except pursuant to an exemption from, or in a transaction not subject to, the registration requirements of the Securities Act and in accordance with any applicable U.S. State Securities laws. The Equity Shares are being issued and sold outside the United States in 'offshore transaction' in reliance on Regulation "S" under the Securities Act and the applicable laws of each jurisdiction where such issues and sales are made. There will be no public offering in the United States.

KIRIN ADVISORS



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ରାଜ୍ୟରେ ସାର ସଙ୍କଟ ମନୁଷ୍ୟକୃତ !

# ଚାଷୀଙ୍କ ମୁଣ୍ଡରେ ଚଡ଼କ

ଭାରତ ଭଳି କୃଷି ପ୍ରଧାନ ଦେଶରେ ଖରିଫ୍ ଫସଲ ଅମଳ ପାଇଁ ପ୍ରଚୁର ଜଳ ସହିତ ଉନ୍ନତ ବିହନ, ସାର ଓ କୀଟନାଶକ ଔଷଧର ଜରୁରି ଆବଶ୍ୟକତା ରହିଛି । ଆମ ରାଜ୍ୟରେ ଚଳିତବର୍ଷ ମୌସୁମୀ ଅନୁକୂଳ ରହି ଭଲ ବର୍ଷା ହେଉଥିବାରୁ ଖରିଫ୍ ଧାନ ଅମଳ ଆଶାଜନକ ହେବ ବୋଲି ଆକଳନ କରାଯାଉଥିବା ବେଳେ ବିନା ମେଘରେ ବଜ୍ରପାତ ଭଳି ବିଭିନ୍ନ ସ୍ଥାନରେ ସାରର ଗୁରୁତର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ଦୀର୍ଘଦିନ ଧରି ଦେଖାଦେଇଥିବା ସାର ସଙ୍କଟର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି । ରାଜ୍ୟର ଅନେକ ସ୍ଥାନରେ ୟୁରିଆ ସାର ଅଭାବ ଉତ୍କଟ ହେବାରେ ଲାଗିଛି । ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପ୍ରଚୁର ସାର ମହଜୁଦ୍ ଥିବା ସତ୍ତ୍ୱେ କଳାବଜାରୀମାନେ ଜାଣିଶୁଣି ଏହି କୃତ୍ରିମ ସଙ୍କଟ ସୃଷ୍ଟି କରିଛନ୍ତି । ୟୁରିଆ ସାର ଦର ବସ୍ତା ପିଛା ୨୬୮ ଟଙ୍କା ଥିବା ସ୍ଥଳେ ଏବେ କଳାବଜାରରେ କେଉଁଠି ୫୭୦ ଟଙ୍କା ତ ଅନ୍ୟ କେଉଁଠି ୬୦୦ଟଙ୍କାରେ ବିକ୍ରି ହେଉଛି ଏବଂ ଅନ୍ୟ ଉପାୟ ନପାଇ ଚାଷୀମାନେ ଚଢ଼ା ଦର ଦେଇ ତାହା କିଣୁଛନ୍ତି । ୟୁରିଆ, ଗ୍ରୋମର ଓ ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି । ରାଜ୍ୟର ଅଧିକାଂଶ ସମବାୟ ସମିତିରେ ସାର ନମିଳିବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି । କୃଷି ବିଶେଷଜ୍ଞଙ୍କ ମତରେ ରାଜ୍ୟରେ ଏବେ ଧାନଗଛ ବଢ଼ିବାର ସମୟ ଏବଂ ଠିକ୍ ଏତିକି ବେଳେ ଧାନ ବିଲରେ ସାର ଦିଆଯିବା ଏକାନ୍ତ ଜରୁରି । ମାତ୍ର ସାର ମିଳୁନଥିବାରୁ ଧାନଗଛ ସବୁ ହଳଦିଆ ପଡ଼ିବାକୁ ଆରମ୍ଭ କଲାଣି । ଥରେ ଏହା ହଳଦିଆ ପଡ଼ିଲେ ଗଛ ଆଉ ବଢ଼ିବାର ସମ୍ଭାବନା ନଥାଏ । ଏହା ଫଳରେ ଅଧିକ ଧାନ ଅମଳ ହେବାର ଆଶା ମଧ୍ୟ ମଉଳି ଯାଏ । ସାର ସଙ୍କଟ ଯୋଗୁଁ ଚାଷୀମାନେ ହତାଶ ହେବା ସଙ୍ଗେ ସଙ୍ଗେ ପ୍ରତିଦିନ ଡିଲର ଓ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି । କେତେକ ସ୍ଥାନରେ ଅସନ୍ତୁଷ୍ଟ ଚାଷୀମାନେ ସାର ବୋଝେଇ ଟ୍ରକ୍‌କୁ ଅଟକାଇ ଜବରଦସ୍ତ ସାର ନେଇ ଯାଉଥିବାର ଦେଖାଯାଉଛି । କୋରାପୁଟ ଜିଲ୍ଲାର ଜୟପୁର ଓ ବରଗଡ଼ରେ ଏଭଳି ଘଟଣା ନଜରକୁ ଆସିଛି । ବରଗଡ଼ରେ ପ୍ରାୟ ଏକମାସ ଧରି ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚାଲିବା ପରେ ବିକ୍ଷୁବ୍ଧ ଚାଷୀଙ୍କୁ ତୁରନ୍ତ ସାର ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଏହି ପ୍ରସଙ୍ଗକୁ ନେଇ ଏବେ ରାଜନୀତି ଜୋର ଧରୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ଚାଷୀଙ୍କ ପଞ୍ଜିକରଣ ଅବଧି ବଢ଼ାଇବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇ ନଥିବାର ଅଭିଯୋଗ ହୋଇଛି । ସାର ସଙ୍କଟ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇ ସ୍ଥିତିର ସମୀକ୍ଷା କରାଯାଇଛି । ଚଳିତ ମାସରେ ୮୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଚାଷୀଙ୍କୁ ଯୋଗାଇ ଦିଆଯିବ ଏବଂ ଏହା ମାର୍କଫେଡ୍ ଜରିଆରେ ହିଁ ଚାଷୀଙ୍କୁ ମିଳିବ ବୋଲି ସମବାୟ ମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ବୟାନ ଅନୁଯାୟୀ ରାଜ୍ୟରେ ସାରର କୌଣସି ଅଭାବ ନଥିବାବେଳେ ଏହା ପହଞ୍ଚିବାରେ ବିଳମ୍ବ ଘଟିଛି । ତେବେ ସରକାର ତଳସ୍ତରର ବାସ୍ତବସ୍ଥିତିକୁ ଅନୁଧ୍ୟାନ କରି ଯୁଦ୍ଧକାଳୀନ ଭିତ୍ତିରେ ସାର ସଙ୍କଟର ସମାଧାନ ପାଇଁ ଯତ୍ନଶୀଳ ହେବା ବିଜ୍ଞତାର କାର୍ଯ୍ୟ ହେବ ।



# ଗୁଲାମିର ଆଧୁନିକ ରୂପ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଆଧୁନିକ ସଭ୍ୟ ସ୍ୱାଧୀନ ସମାଜରେ ଗୋଲାମିର ପରିଭାଷା କେତେକଙ୍କୁ ଅଭିଶାପ ବୋଧ ହେଉଥିବା ବେଳେ ଅନ୍ୟ କେତେକଙ୍କୁ ଏହା ଏକ ଆଶୀର୍ବାଦ ଓ ଆନନ୍ଦଦାୟକ ଭଳି ମନେହୁଏ, କାରଣ ପରିବର୍ତ୍ତିତ ପରିସ୍ଥିତିରେ ଗୁଲାମିର ଶୈଳୀ ବର୍ତ୍ତମାନ ସ୍ୱାର୍ଥ ହାସଲ ନିମନ୍ତେ ଚାଟୁକାର ରୂପରେଖରେ ବିଦ୍ୟମାନ । ସାଧାରଣତଃ ପୂର୍ବେ ଗୁଲାମିର ଶିକାର ହେଉଥିବା ବ୍ୟକ୍ତି ପରିସ୍ଥିତିର ବାଧ୍ୟବାଧକତାରେ, ପାରିବାରିକ, ଅର୍ଥନୈତିକ ଆବଶ୍ୟକତାରେ ଗ୍ରହଣ କରୁଥିଲେ ଓ ସ୍ୱାଭିମାନ ତଥା ବିବେକର ଧ୍ୱନିକୁ ପ୍ରତିହତ କରି ଜୀବନ ନିର୍ବାହ କରିବା ନିମନ୍ତେ ଗୁଲାମି ବା ଦାସତ୍ୱକୁ ଆଦରି ନେଉଥିଲେ । ମାତ୍ର ଏକବିଂଶ ଶତାବ୍ଦୀରେ ବର୍ତ୍ତମାନର ଅନେକ ମଣିଷ ଇଚ୍ଛାକୃତଭାବେ ସ୍ୱାର୍ଥ ହାସଲ ନିମନ୍ତେ ଗୁଲାମି ବା ଦାସତ୍ୱ ସ୍ୱୀକାର କରି ଚାଟୁକାରର ସହଜ ଉପାୟରେ ସ୍ୱାର୍ଥ ସିଦ୍ଧି କରୁଛନ୍ତି ଓ ପ୍ରତିପତ୍ତିର ପ୍ରଭୁତ୍ୱ ମଧ୍ୟରେ ନିଜକୁ ଶ୍ରେଷ୍ଠ ବ୍ୟକ୍ତିର ପରିଚୟ ମଣୁଛନ୍ତି । ବର୍ତ୍ତମାନର ସମାଜରେ ଗୋଲାମିର ଚାଟୁକାର କରିବା ପାଇଁ ମଣିଷ ମଣିଷ ମଧ୍ୟରେ ପ୍ରତିଯୋଗୀତା ହେଉଛି ଓ ଏଥିପାଇଁ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି । କିଏ କେତେ ଉପାୟ କରି କ୍ଷମତାର ପଦଧିକାରୀ ମାନଙ୍କ ନିକଟତର ହୋଇପାରିବା ସେଥିପାଇଁ ପ୍ରତିଯୋଗୀତା ଓ ପ୍ରତିଦ୍ୱନ୍ଦିତା ହୋଇଥାଏ, ଉଦ୍ଦେଶ୍ୟ ଥାଏ ବିବେକ, ସ୍ୱାଭିମାନ, ଆଦର୍ଶ ଆଦିକୁ ବିକ୍ରିକରି ସ୍ୱାର୍ଥ ସିଦ୍ଧି ନିମନ୍ତେ ଗୋଲାମି କରିବା, ଯେଉଁଥିରେ ସାମାଜିକ ମାନ୍ୟତା ଓ ପ୍ରତିଷ୍ଠା ଉପଲବ୍ଧ ହୋଇଥାଏ । ଗୁଲାମି ହେଉଛି ଏକ ଘୃଣ୍ୟ ଚିନ୍ତାଧାରା ଯେଉଁଥିରେ ବ୍ୟକ୍ତିର ନିଜସ୍ୱ ଜୀବନଶୈଳୀ ତଥା ଚିନ୍ତାଧାରା ପରାଧୀନତାର ଶୃଙ୍ଖଳ ମଧ୍ୟରେ ଆବଦ୍ଧ ହୋଇଥାଏ ଓ ମୁନିବର ସମସ୍ତ ଯାତନାକୁ ମୁଣ୍ଡପାତି ଗ୍ରହଣ କରିବା ସହିତ ଦାସତ୍ୱର ବଶ୍ୟତା ସ୍ୱୀକାର କରିବାକୁ ପଡିଥାଏ ନିଃଶଙ୍କୋଚରେ । ଏଥିରେ ବ୍ୟକ୍ତିର ବ୍ୟକ୍ତିତ୍ୱ, ସ୍ୱାଭିମାନ, ବିବେକ, ଚିନ୍ତାଧାରା ଆଦି ଧ୍ୱଂସ ହୋଇ କେବଳ ମୁନିବର ଜୟଗାନ ହୋଇଥାଏ ଯାହା ଏକ ଘୃଣ୍ୟ ଚିନ୍ତାଧାରା ଓ ଏହା ପୂର୍ବକାଳରେ ବାଧ୍ୟବାଧକତାରେ କରାଯାଉଥିଲା । ପୂର୍ବେ ଗୁଲାମିର ରୂପରେଖ ଯେଉଁ ଢଙ୍ଗରେ ଥିଲା ତାହା ହୁଏତ ବ୍ୟକ୍ତିକୁ କ୍ଷତି ପହଞ୍ଚାଉଥିଲା, ମାତ୍ର ସମାଜ ଶଠତାର ଶିକାର ହେଉନଥିଲା । ହେଲେ ବର୍ତ୍ତମାନ ଗୋଲାମିର ଭାଷା ବଦଳି ଯାଇ ଚାଟୁକାର ପରିଭାଷାରେ ମଣିଷ ସ୍ୱଇଚ୍ଛାରେ ସ୍ୱାର୍ଥ ସିଦ୍ଧି ନିମନ୍ତେ ଗୋଲାମିର ଦାସତ୍ୱ ପନ୍ଥାକୁ ଅବଲମ୍ବନ କରୁଅଛି ନିଜର ସ୍ୱାର୍ଥର ଉନ୍ନତି ନିମନ୍ତେ ଯାହା ସମାଜର ସମୂହ କ୍ଷତି ପାଇଁ ଉଦ୍ଦିଷ୍ଟ । ଆଜିକାଲି ସମାଜରେ ଅନେକ ବ୍ୟକ୍ତି ସ୍ୱାର୍ଥର ଶିଖରରେ ଦଣ୍ଡାୟମାନ ହେବା ପାଇଁ ସମାଜର ସମସ୍ତ କ୍ଷେତ୍ରରେ ଗୋଲାମି କରୁଛନ୍ତି ଯାହା ସେମାନଙ୍କ ପ୍ରତି ଏକ ଆନନ୍ଦର ବିଷୟ । ଆତ୍ମକୈନ୍ଦ୍ରିକ ଦୁର୍ନୀତିଗ୍ରସ୍ତ ରାଜନେତା ମାନଙ୍କ ନିକଟରେ ଚାଟୁକାର ମାନଙ୍କର ଗୋଲାମି, ଦୁର୍ନୀତିଗ୍ରସ୍ତ ଉଚ୍ଚପଦସ୍ଥ ସରକାରୀ ବାବୁ ମାନଙ୍କ ନିକଟରେ ଚାଟୁକାରର ଗୋଲାମି, ନୀତିହୀନ ଶିକ୍ଷକଙ୍କ ନିକଟରେ ପାଠ ନ ପଢି ଉଚ୍ଚ ମାନର ପ୍ରମାଣପତ୍ର ହାସଲ ନିମନ୍ତେ ଉକ୍ତ ଶିକ୍ଷକଙ୍କ ନିକଟରେ ଅଧମ ଛାତ୍ର ଛାତ୍ରୀ ମାନଙ୍କର ଗୋଲାମି, ସରକାରୀ ଚାକିରି, ପଦୋନ୍ନତି ବା ଅଧିକ ସ୍ୱାର୍ଥ ସିଦ୍ଧି ନିମନ୍ତେ ଚାଟୁକାରର ଗୋଲାମି ଇତ୍ୟାଦି ଆଜି ସମାଜରେ ଏକ ବ୍ୟାଧିଗ୍ରସ୍ତ ଚିନ୍ତାଧାରା ହୋଇ ସମାଜକୁ ଆକ୍ରାନ୍ତ କରିସାରିଲାଣି । ଯଦିବା ଏଭଳି ମାନସିକତା ପ୍ରକାଶ୍ୟରେ ସମାଜରେ ଦୃଶ୍ୟମାନ ହେଉନାହିଁ, ମାତ୍ର ଅନ୍ତଃକରଣରେ ମଣିଷର ଚିନ୍ତାଧାରାକୁ ବ୍ୟାଧିଗ୍ରସ୍ତ କରି ଦାସତ୍ୱର ସୀମା ଲଙ୍ଘନ କରିସାରିଲାଣି । ସ୍ୱାର୍ଥ ସିଦ୍ଧି ପାଇଁ ମଣିଷ ଯେଉଁଠି ବର୍ତ୍ତମାନ ଜୀବନର ବହୁମୂଲ୍ୟ ସମୟକୁ ଚାଟୁକାରର ପଙ୍କିଳ ପୁତି ଗନ୍ଧମୟ ପରିବେଶକୁ ସାଦରେ ନିମନ୍ତ୍ରଣ କରି ଗର୍ବ ଅନୁଭବ କରୁଛି, ସେହି ସମାଜରେ ମଣିଷର ବାସ୍ତବତାର ସ୍ଥିତି କେତେ ଉଚ୍ଚରେ ତାହା ଚାଟୁକାରର ଗୋଲାମି ପନ୍ଥା ଅନୁସରଣ କରୁଥିବା କୁତ୍ସିତ ମାନସିକତାର ବ୍ୟକ୍ତିମାନେ ତରାଜୁର ମାପଦଣ୍ଡରେ ନିଜକୁ ନିର୍ଣ୍ଣୟ କରିବା ଆବଶ୍ୟକ ।

ପୂର୍ବେ ଗୋଲାମି ଜୀବନର ଅବଧି ସଂପୂର୍ଣ୍ଣ ଜୀବନ ପାଇଁ, କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ହେଉଥିବା ବେଳେ ପରେ ଗୋଲାମିରୁ ମୁକ୍ତକରି ସ୍ୱାଧୀନତା ଦିଆଯାଉଥିଲା ଯାହା ଥିଲା ଜୀବନ ନିର୍ବାହର ଜଟିଳ ପନ୍ଥା, ମାତ୍ର ତାହା ଥିଲା ପରିସ୍ଥିତିର ଗୋଲାମି ଯାହା ବ୍ୟକ୍ତିର ନୈତିକ ମୂଲ୍ୟବୋଧ, ଆଦର୍ଶ, ନିଷ୍ଠା ଆଦିକୁ କ୍ଷତି କରୁନଥିଲା ବା ସମାଜକୁ ଶୋଷଣ କରୁନଥିଲା । ବ୍ୟକ୍ତିମାନେ ସାଧାରଣତଃ ବାଧ୍ୟତାମୂଳକ କିମ୍ବା ଅନିଚ୍ଛାକୃତ ଭାବରେ ଦାସ ହେଉଥିଲେ, କେବଳ ଋଣ ପରିଶୋଧ କିମ୍ବା କିଛି ଉଦ୍ଦେଶ୍ୟରେ ଟଙ୍କା ପାଇବା ପାଇଁ ସ୍ୱେଚ୍ଛାକୃତ ଦାସତ୍ୱ ରହିଥିଲା । ମାନବ ଇତିହାସରେ ଦାସତ୍ୱ ସଭ୍ୟତାର ଏକ ଭିନ୍ନ ବୈଶିଷ୍ଟ୍ୟ ଥିଲା । ବ୍ୟକ୍ତିଗତ ଗୋଲାମି ହେଉଛି ବ୍ୟକ୍ତିଗତ ଲାଭ ପାଇଁ ଅନ୍ୟ ବ୍ୟକ୍ତିଠାରେ ସ୍ୱାର୍ଥ ସିଦ୍ଧି ପାଇଁ ନିମର୍ଜିତ ହେବା । ମାତ୍ର ଆଧୁନିକ ଗୋଲାମି ଆମର ଚତୁର୍ଦ୍ଦିଗରେ ବିଦ୍ୟମାନ, କିନ୍ତୁ ପ୍ରାୟତଃ ଏହା ସର୍ବଜନରେ କେତେକାଂଶରେ ଦୃଷ୍ଟିହୀନ, ମାତ୍ର ଉକ୍ତ ଗୋଲାମିର ଷଡ଼ଯନ୍ତ୍ରରେ ସମାଜର ପ୍ରତ୍ୟେକ ସାଧାରଣ ବ୍ୟକ୍ତି କ୍ଷତବିକ୍ଷତ ହୋଇଥାନ୍ତି ଯାହାର ପ୍ରତିଫଳନ ସ୍ୱରୂପ ବ୍ୟକ୍ତି ହୋଇଯାଏ ଚିରଦିନ ପାଇଁ ପଙ୍ଗୁ ଓ ଅଥର୍ବ । ପ୍ରକାରନ୍ତରରେ ଉକ୍ତ ଗୋଲମିର ତେଜସ୍କ୍ରିୟ ତରଙ୍ଗରେ ବ୍ୟକ୍ତି ଚିରଦିନ ପାଇଁ ଅନ୍ୟର ବଶ୍ୟତା ସ୍ୱୀକାର କରିବା ପାଇଁ ଅନୌପଚାରିକ ନିର୍ଦ୍ଦେଶରେ ଔପଚାରିକ ଭାବରେ ବାଧ୍ୟ ହୋଇଥାଏ । ବର୍ତ୍ତମାନର ଗୋଲାମି ବୃତ୍ତିରେ ସଫଳତା ଯଥା ଶୀଘ୍ର ପ୍ରାପ୍ତି ହୋଇଥାଏ, କାରଣ ମଣିଷ ନିଜ ବିଷୟରେ ଆତ୍ମକୈନ୍ଦ୍ରିକ । ସେଥିପାଇଁ ଚାଟୁକାରମାନେ ଏହି ଦୁନିଆରେ ସର୍ବଦା ଏକ ସଫଳତା । ଆକାଂକ୍ଷା ଓ ବିଶ୍ୱାସର ଉପଲବ୍ଧିରେ ଯେପର୍ଯ୍ୟନ୍ତ ଜଣେ ନିଜର ବ୍ୟକ୍ତିଗତ ମତକୁ ବିବେକର ନ୍ୟାୟଳୟରେ ପରାସ୍ତ ନକରି ପାରିଛି, ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କୁ ପ୍ରଶଂସା କରିପାରିବ ନାହିଁ ଓ ସେ ଯଦିବା ପ୍ରଶଂସା କରନ୍ତି ତେବେ ତାହା ବିବେକକୁ ହତ୍ୟା କରି ସକ୍ଷମ ହେବାର ପ୍ରୟାସ । ଜଣେ ବ୍ୟକ୍ତି ଯିଏ ନିଜକୁ ସମର୍ଥିତ କରେ, ସେ ଅନ୍ୟମାନଙ୍କ ମହାନତା ବିଷୟରେ ଚିନ୍ତା କରିପାରନ୍ତି । ଅନ୍ୟପଟେ, ଯେଉଁ ବ୍ୟକ୍ତି ଗୁଣଗୁଡ଼ିକ ପାଇଁ ଆନ୍ତରିକ ପ୍ରଶଂସା କରନ୍ତି, ସେମାନଙ୍କୁ ଆନ୍ତରିକତାର ସହିତ ପ୍ରକାଶ କରିବାର ନିର୍ଭୟ ଚିନ୍ତାଧାରାର ସନ୍ଧାନ ମିଳିଥାଏ, ଯେଉଁଥିରେ ନଥାଏ କାହାଠାରୁ କିଛି ପ୍ରାପ୍ତିର ଆଶା । ଚାଟୁକାର ଏକ କଳା, କାରଣ ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତିର କୃତ୍ରିମ ମିଠା ଜିଭ ନଥାଏ, ସେ ପର୍ଯ୍ୟନ୍ତ ଅନ୍ୟକୁ ଚାଟୁକାର କରିପାରିବ ନାହିଁ । ଜଣେ ବ୍ୟକ୍ତି ଅନ୍ୟ ଜଣକୁ ବିରୋଧ କରୁଥିବା କ୍ଷଣରେ କ୍ରୋଧ ଅନୁଭବ କରେ ଓ ଚାଟୁକାର ଏକ କଳା କାରଣ ଅନ୍ୟ ଜଣକୁ ପ୍ରଶଂସା କରିବା ପାଇଁ ଜଣକୁ ସବୁଠାରୁ ବିଡମ୍ବନାପୂର୍ଣ୍ଣ ଭାଷା ବ୍ୟବହାର କରିବାକୁ ପଡେ । ମଣିଷର ଦୁର୍ବଳତା ହିଁ ବ୍ୟକ୍ତି ତାଙ୍କର ପ୍ରଶଂସା ପସନ୍ଦ କରେ । ଯେଉଁ ଛାତ୍ର ଶିକ୍ଷକଙ୍କୁ ଚାଟୁକାର କରନ୍ତି, ସେ ଶ୍ରେଣୀରେ ଅଧିକ ଧ୍ୟାନ ଗ୍ରହଣ କରିଥାଏ ଓ ସେ ପରୀକ୍ଷାରେ ଏକ ଉତ୍ତମ ସ୍ଥାନ ପାଇଥାଏ । ବ୍ୟକ୍ତିର ଶକ୍ତି ହେଉଛି କିଛି ଅଧିକାର ଓ ଅଧସ୍ତନମାନଙ୍କ ପାଇଁ ତାଙ୍କ ନିକଟରେ ଦୋଷ ଖୋଜିବା ନୁହେଁ । ମଣିଷର ମନ ଏତେ ସର୍ତ୍ତମୂଳକ ଯେ ଏହା କେତେକ ନିର୍ଦ୍ଦିଷ୍ଟ ଚିନ୍ତାଧାରାର ତରଙ୍ଗକୁ ଚାଲିଯାଏ ଯଦି ଅନ୍ୟ କେତେକ ତରଙ୍ଗରେ ଶକ୍ତିଶାଳୀ ଶକ୍ତି ଦ୍ୱାରା ପ୍ରବାହିତ ହୁଏ ନାହିଁ । ଗୋଲାମିର ବଶ୍ୟତା ଓ ଚାଟୁକାରର ଦାସତ୍ୱକୁ ପ୍ରତିହତ କରି ସକ୍ରେଟିସ ମୃତ୍ୟୁ ପର୍ଯ୍ୟନ୍ତ ବିଷାକ୍ତ ହୋଇଥିଲେ ଓ ଖ୍ରୀଷ୍ଟଙ୍କୁ କ୍ରୁଶରେ ଚଢାଇ ଦିଆଯାଇଥିଲା ।

ଆଜି ବିଶ୍ୱ ଗୋଲାମିର ସର୍ବସାଧାରଣ ପ୍ରଦର୍ଶନରୁ ଏକ ଆଧୁନିକ ଗୋଲାମିକୁ ସ୍ଥାନାନ୍ତରିତ ହୋଇଛି ଯେଉଁଠାରେ ଲକ୍ଷ ଲକ୍ଷ ବ୍ୟକ୍ତି ଲୁଚି ରହିଛନ୍ତି ଏବଂ ବାହ୍ୟ ଜଗତରୁ ଗୋଲାମିରେ ସ୍ୱାର୍ଥ ସିଦ୍ଧି କରି ଆନନ୍ଦିତ ହେଉଛନ୍ତି । ଆଫଗାନ, ସୁଲତାନ, ମୋଗଲ, ବ୍ରିଟିଶ ମାନଙ୍କ ନିକଟରେ ଏଇ ମଣିଷ ଗୋଲାମି କରୁଥିଲା ବିବେକର ଓ ଆତ୍ମାନୁଶୀଳନର ବିରୁଦ୍ଧରେ, ମାତ୍ର ବର୍ତ୍ତମାନ ମଣିଷ ସ୍ୱାର୍ଥ ସିଦ୍ଧି ପାଇଁ ଗଣତନ୍ତ୍ରର ଭିତ୍ତିଭୂମିରେ ସ୍ୱଇଚ୍ଛାରେ ଗୋଲାମି କରିବା ପାଇଁ ତତ୍ପର । ଗୋଲାମିର ଏହି ଆଧୁନିକ ରୂପ ଗୋଲାମିର ପୁରାତନ ରୂପଠାରୁ ଭିନ୍ନ ଅଟେ । ସ୍ୱାର୍ଥ ସିଦ୍ଧିର ଅହେତୁକ ଶିଖରରେ ଦଣ୍ଡାୟମାନ ହୋଇ ମଣିଷ ନିଜକୁ ପ୍ରଶ୍ନ ପଚାରିବାରେ ଅସମର୍ଥ, କାରଣ ସେ ଗୋଲାମିର ପରିଚୟରେ ଜୀବିତ । ଜୀବନଧାରଣର ମାର୍ମିକ ଚିନ୍ତାଧାରାରୁ ଚ୍ୟୁତ ହୋଇ ମଣିଷ ପରସ୍ପର ପ୍ରତି ଲୁଚକାଳି ଖେଳ ଖେଳି ଖେଳର ପରିସମାପ୍ତି କରିବା ପାଇଁ ବ୍ୟସ୍ତ ହୋଇଥାଏ, ମାତ୍ର ଗୋଲାମିର ପରିଶେଷର ପୂର୍ଣ୍ଣାହୁତି ହୋଇଥାଏ ସମୟର ବ୍ୟବସ୍ଥିତ ନିର୍ଦ୍ଦେଶରେ, ଯେତେବେଳେ ମଣିଷ ସବୁକିଛି ହଜେଇ ଦେଇଥାଏ । ଜୀବନର ଅନ୍ତିମ ସୋପାନରେ ମଣିଷ ନିଜକୁ ଅନୁତପ୍ତର ବହ୍ନିରେ ଦଗ୍ଧିଭୂତ ହୋଇ ନିଜର ଉତ୍କର୍ଷର ସମୟକୁ ଗୋଲାମିରେ ନଷ୍ଟ କରି ସ୍ୱାର୍ଥ ହାସଲ କରିଥିବାରୁ ନିଜକୁ ଧିକ୍କାର ଦେଇଥାଏ, କାରଣ ଶଠତାର ଅର୍ଥ ଜୀବନ ନିର୍ବାହ କରିବାରେ ଅସମର୍ଥ ହୋଇଥାଏ । ତେଣୁ ଗୋଲାମିର ଅଦୃଶ୍ୟ ପରିଚୟରେ ଲୁକ୍କାୟିତ ଜୀବନ ନିର୍ବାହ ନକରି ସ୍ୱାଭିମାନ, ଆଦର୍ଶ ଓ ନିଷ୍ଠାର ସ୍ୱାଧୀନ ନିଷ୍କଳଙ୍କ ଜୀବନ ନିର୍ବାହ କଲେ ଜୀବନ ହୋଇଯାଏ ଜୀବାତ୍ମାର ପୂର୍ଣ୍ଣରୂପ ।



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

# ଗୁପ୍ତ ଚିଠି

ଏବେ ଡିଜିଟାଲର ଯୁଗ । ଆଖି ପିଛୁଳାକେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ଖବର ପଠାଯାଇ ପାରୁଛି । ଇଣ୍ଟରନେଟ ଖବର ଆଦାନ ପ୍ରଦାନର ଯୋଗାଯୋଗ ମାଧ୍ୟମକୁ ଅଧିକ ସହଜ ଓ ନିକଟତର କରିଛି । ଅତ୍ୟାଧୁନିକ ଯୁଗରେ ସମସ୍ତ ଯୋଗାଯୋଗ ସରଳ ହେଲେ ମଧ୍ୟ ଚିଠିର ଗୁରୁତ୍ୱ ଆଜି ବି ରହିଛି । ବର୍ତ୍ତମାନ ମାତ୍ରାଧିକ ସାଧାରଣ ଜନତା ଠାରୁ ଆରମ୍ଭ କରି ରାଷ୍ଟ୍ରର ସର୍ବୋଚ୍ଚ ରାଜନେତା ଚିଠିରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ଚିଠିଟିଏ ସାଥିରେ ଧରିଆସେ ଅନେକ ବାର୍ତ୍ତା କିଛି ଦୁଃଖ ଓ ସୁଖର ଅନେକ ଅନୁଭୁତି । ତେବେ ଏହି ଚିଠିର ଇତିହାସ ପୃଷ୍ଠାଟି ବହୁତ ପୁରୁଣା । କେଉଁ ରାଜରାଜୁଡା ଅମଳରୁ ଦୂତମାନେ ଗୁପ୍ତ ଚିଠି ଧରି ଆସିବାର ଅନେକ ପୁରାଣ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଥିବାର ନଜିର ଅଛି । ଏହି ଗୁପ୍ତ ଚିଠି ଶତ୍ରୁରାଜ୍ୟକୁ ମିତ୍ରରେ ଓ ଆଉ ମିତ୍ରକୁ ଶତ୍ରୁରେ ପରିଣତ କରିଛି । ଏହି ଚିଠିଟି ପାଇଁ କେଉଁଠି ରକ୍ତର ନଦୀ ବୋହିଯାଇଛି ତ, କେଉଁଠି ଖୁସିର ଢେଉ ନାଚି ଉଠିଛି । ଚିଠିର ତାତ୍ପର୍ଯ୍ୟତାକୁ ଦୃଷ୍ଟିରେ ରଖି ଅନେକ କବି, ଗାଳ୍ପିକ ଓ ପ୍ରାବନ୍ଧିକ ଋଦ୍ଧିମନ୍ତ କରିଛନ୍ତି ନିଜର ଲେଖନୀ ଚାଳନାରେ । ଏଠି ଯୁବପିଢୀଙ୍କ ଭୂମିକା ନିଆରା, ପ୍ରେମ ସମ୍ପର୍କରେ ଚିଠିର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରମାଣିତ ହୋଇଛି । ସେ ଚିଠିରେ ଅନ୍ତର ତଳର ମରମ କଥାଗୁଡିକ, ଯାହା ଓଠ କହିବାକୁ ସାହସ କରିପାରିନି, ଚିଠି ନିଜ ଛାତି ଉପରେ ବହନକରି ନେଇଯାଇଛି । ଚିଠିଟିକୁ ପାଇ ପ୍ରେମିକାର ମନରେ ଉଠିଛି ପ୍ରେମର ଜୁଆର । ଚିଠିକୁ ନେଇ ସର୍ବଭାରତୀୟ ସ୍ତରରେ ହିନ୍ଦୀ ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ପ୍ରାଦେଶିକ ଭାଷାରେ ଅନେକ ଚଳଚ୍ଚିତ୍ର, ମଞ୍ଚ ନାଟକ ଓ ଯାତ୍ରା ମଞ୍ଚରେ ପରିବେଷଣ ହୋଇଛି । ଏହା ଦର୍ଶକମାନଙ୍କ ନିକଟତର ହୋଇଥିଲା ବେଳେ ଅନେକଙ୍କୁ ନିରାଶ ହେବାକୁ ପଡ଼ିଛି । ରାମାୟଣ ଅରଣ୍ୟ କାଣ୍ଡରେ ରାମଚନ୍ଦ୍ର ଲକ୍ଷ୍ମଣଙ୍କ ଉଦ୍ଦେଶ୍ୟରେ ଶୂର୍ପଣାଖା ହାତରେ ଚିଠିଟିଏ ଦେଇ ପଠାଇଛନ୍ତି ଓ ସେଥିରେ ଲେଖିଛନ୍ତି 'ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ, ବିହର କାନନ କର ଆଲିଙ୍ଗନକୁ' । ଓଡ଼ିଆ ଭାଷା, ସାହିତ୍ୟ ଜଗତର ସମ୍ରାଟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜ୍ଞାନ ଚାତୁରୀ ତଥା ଶବ୍ଦ ଜ୍ଞାନ ଯେ କେଡ଼େ ଗଭୀର ତାହା ତାଙ୍କ କାବ୍ୟ କବିତାରୁ ଜଣାପଡ଼େ । ସେହିଭଳି ମଥୁରା ନରେଶ ତ୍ରିଭୁବନ ବିଜୟୀ କଂସ ମିଛ ପ୍ରଲୋଭନ ଧନୁଯାତ୍ରା ଆୟୋଜନ କରି ଭଣଜା ଶ୍ରୀକୃଷ୍ଣଙ୍କୁ ଓ ବଳରାମଙ୍କୁ ଅକ୍ରୁର ମାଧ୍ୟମରେ ଚିଠି ଓ ନିମନ୍ତ୍ରଣ ଦେଇ ଡକାଇ ପଠାଇବା ।

ଦୁନିଆରେ ପ୍ରଥମ ଥର ପାଇଁ ଚିଠି ଲେଖିବାର କୌଣସି ଲିଖିତ ପ୍ରମାଣ ନାହିଁ, କିନ୍ତୁ ପ୍ରାଚୀନ ଐତିହାସିକ ହେଲେନିକସଙ୍କ ଅନୁଯାୟୀ ବିଶ୍ୱର ପ୍ରଥମ ଚିଠି ଖ୍ରୀଷ୍ଟପୂର୍ବ ୫୦୦ ମସିହାରେ ଲେଖାଯାଇଥିଲା । ଯାହାକୁ ୨୮ ବର୍ଷୀୟ ପାରସ୍ୟ ରାଣୀ ଆଟୋନିସା ପଠାଇଥିଲେ । ସେ ପ୍ରଥମ ଥର ପାଇଁ ଚିଠି ପଠାଇବା ପରେ, ବାର୍ତ୍ତା ପଠାଇବାର ଏହି ପଦ୍ଧତିର ଲୋକପ୍ରିୟତା ବହୁତ ମାତ୍ରାରେ ବୃଦ୍ଧି ପାଇଲା । ଚିଠି ମାନଙ୍କ ମଧ୍ୟରେ ଗୁପ୍ତ ଚିଠିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଆବଶ୍ୟକ ସ୍ଥଳେ ରାଷ୍ଟ୍ର ରାଷ୍ଟ୍ର ଭିତରେ ସୁସମ୍ପର୍କ ସୃଷ୍ଟି କରିପାରେ ଏବଂ ଚିଠିର ଗାମ୍ଭୀର୍ଯ୍ୟତା ଶତ୍ରୁତାରେ ପରିଣତ ହୋଇଥାଏ । ମାର୍ଚ୍ଚ ୨୦୨୨ ମସିହାରେ ଗୋଟିଏ ଚିଠି ହଜାଇ ଦେଇଥିଲା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ନିଦ । ଯେଉଁ ଚିଠି କଥା ଇମ୍ରାନ୍ ମାର୍ଚ୍ଚ ୨୭ରେ ଇସଲାମାବାଦର ଏକ ରାଲିରେ କହିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଇମ୍ରାନଙ୍କ ହାତରୁ କ୍ଷମତା ଚାଲି ଯାଇଥିଲା । ଏପରିକି ଏହି ଚିଠି ପାକିସ୍ତାନୀ କୂଟନୀତିଜ୍ଞ, ବୈଦେଶିକ ଅଧିକାରୀଙ୍କୁ ଲେଖିଥିବା କୁହାଯାଉଛି । ଯେଉଁଥିରେ ଲେଖାଯାଇଛି 'ଇମ୍ରାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବିଫଳ ହେଲେ ପାକିସ୍ତାନର ସମସ୍ୟା ବଢ଼ିଯିବ । ଆମେ ଇମ୍ରାନଙ୍କ ଉପରେ ଖୁସି ନାହୁଁ । ଯେତେବେଳେ ଅନାସ୍ଥା ପ୍ରସ୍ତାବ ପାରିତ ହୋଇଯିବ ତ ପାକିସ୍ତାନରେ ସବୁକିଛି ଠିକ୍ ହୋଇଯିବ ।' ଏପରିକି ଇମ୍ରାନଙ୍କ ଋଷ ଗସ୍ତକୁ ନେଇ ମଧ୍ୟ ଚିଠିରେ ଚିନ୍ତାପ୍ରକଟ କରାଯାଇଥିଲା । ଆମେରିକାର ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବୈଠକର ସବୁଠାରୁ ହୃଦୟସ୍ପର୍ଶୀ ମୁହୂର୍ତ୍ତ ଥିଲା ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ପୁଟିନଙ୍କୁ ଏକ 'ଶାନ୍ତି ପତ୍ର' । ସ୍ଲୋଭେନିଆରେ ଜନ୍ମଗ୍ରହଣ କରିଥିବା ମେଲାନିଆ ଏହି ଅନୁପସ୍ଥିତ ଥିଲେ ମଧ୍ୟ ଚିଠିରେ ପୁଟିନଙ୍କୁ ନିବେଦନ କରିଥିଲେ ଯେ ଏବେ ପିଲା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବାର ସମୟ ଆସିଛି । ପ୍ରକୃତରେ ଏହି ଚିଠି ୟୁକ୍ରେନର ଅଭିଯୋଗ ପରେ ଲେଖାଯାଇଥିଲା, ଯାହା ଅନୁଯାୟୀ ୧୯,୫୦୦ରୁ ଅଧିକ ୟୁକ୍ରେନୀୟ ଶିଶୁଙ୍କୁ ଅପହରଣ କରାଯାଇଛି । ଚିଠିର ଆରମ୍ଭରେ ସେ ଲେଖିଛନ୍ତି, 'ପ୍ରିୟ ରାଷ୍ଟ୍ରପତି ପୁଟିନ, ପ୍ରତ୍ୟେକ ପିଲା ତାଙ୍କ ହୃଦୟରେ ସମାନ ସ୍ୱପ୍ନକୁ ପୋଷଣ କରେ, ସେ ଗାଁରେ ଜନ୍ମ ହେଉ କିମ୍ବା ସହରର ଚମକରେ । ସେମାନେ ପ୍ରେମ, ସମ୍ଭାବନା ଏବଂ ବିପଦରୁ ସୁରକ୍ଷାର ସ୍ୱପ୍ନ ଦେଖନ୍ତି ।' ମେଲାନିଆ ମାତାପିତା ଏବଂ ନେତାଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ, 'ମାତାପିତା ଭାବରେ, ଆମକୁ ପରବର୍ତ୍ତୀ ପିଢ଼ିର ଆଶା ପୋଷଣ କରିବାକୁ ପଡିବ ।' ନେତା ଭାବରେ, ଆମର ଦାୟିତ୍ୱ କିଛି ଲୋକଙ୍କ ସୁବିଧାଠାରୁ ଅଧିକ । ଆମକୁ ଏକ ସମ୍ମାନଜନକ ବିଶ୍ୱ ସୃଷ୍ଟି କରିବାକୁ ପଡିବ, ଯେଉଁଠାରେ ସମସ୍ତେ ଶାନ୍ତିରେ ଜାଗ୍ରତ ହେବେ ଏବଂ ଭବିଷ୍ୟତ ସୁରକ୍ଷିତ ହେବ ।'

ଆମେରିକା ଓ ଇରାନର ପରମାଣୁ ଆଲୋଚନା ପୂର୍ବରୁ ୧୮ ଫେବୃଆରୀ ୨୦୨୫ରେ ପୁଟିନଙ୍କୁ ଗୁପ୍ତରେ ଚିଠି ପଠାଇଲେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲି ଖାମନେଇ । ପରମାଣୁ ପରୀକ୍ଷଣ ନେଇ ଆମେରିକା ଓ ଇରାନ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା । ପରମାଣୁ ଶକ୍ତି ହାତେଇବା ପାଇଁ ଇରାନ କଳ ବଳ ଲଗାଇ ଦେଇଥିଲା । କିନ୍ତୁ ଆମେରିକା ଏହାକୁ ରୋକିବା ପାଇଁ ଇରାନକୁ ଯୁଦ୍ଧ ଧମକ ଦେଉଥିଲା । ଏହାରି ଭିତରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲି ଖାମନେଇ ରୁଷିଆ ସହ ହାତ ମିଳାଇବା ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ । ଏନେଇ ଖାମନେଇ ନିଜ ଗୁପ୍ତଚର ଅଧିକାରୀଙ୍କୁ ମସ୍କୋ ପଠାଇ ପୁଟିନଙ୍କ ଉଦ୍ଦେଶ୍ୟରେ ଏକ ଗୁପ୍ତ ଚିଠି ମଧ୍ୟ ପଠାଇଥିଲେ । ଚିଠିରେ କ'ଣ ଅଛା ତାହା ଜଣାପଡିନାହିଁ । କିନ୍ତୁ ଆମେରିକା ବିରୋଧରେ କିଛି ନୂଆ ଚାଲ୍ ଇରାନ ଆରମ୍ଭ କରିଥାଇପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ଇରାନର ପରମାଣୁ ଯୋଜନାକୁ ନେଇ ଆମେରିକା ଏବଂ ସାଉଦି ଆରବ ଚିନ୍ତାରେ ପଡ଼ିଯାଇଛନ୍ତି । ଇରାନ ଦୀର୍ଘ ସମୟ ଧରି ପରମାଣୁ ଅସ୍ତ୍ର ତିଆରି କରିବା ଲାଗି ଉଦ୍ୟମ ଚଳାଇଛି । କିନ୍ତୁ ଆମେରିକାର ଧମକ ଏବଂ ପ୍ରତିବନ୍ଧକ ଯୋଗୁ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା । ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା । 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା । କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା । ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ । ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା । ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା । ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା । ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ । ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଛି ।

# ମୋଦୀଙ୍କ ଠାରୁ କ'ଣ ଶିଖିପାରିବ ଇସ୍ରାଏଲ: ରାଷ୍ଟ୍ରୀୟ ସମ୍ମାନ ଏକ ରଣନୀତିକ ସମ୍ପତ୍ତି

ଜାକି ସାଲୋ
ଦ ଜେରୁଜେଲମ୍ ପୋଷ୍ଟ

ସମ୍ପ୍ରତି ଭାରତ-ଆମେରିକା ସମ୍ପର୍କ ଗୁରୁତର ବିଶ୍ୱାସ ସଂକଟ ଦେଇ ଗତି କରୁଛି । ଟାରିଫ ନୀତିର ଗଭୀର ବିବାଦ, ରୁଷ ସହିତ ଭାରତର ସ୍ୱତନ୍ତ୍ର ସମ୍ପର୍କ ଏବଂ ପାକିସ୍ତାନ ସହ ଭାରତର ସୀମା ବିବାଦ ଉପରେ ଆମେରିକୀୟ ପ୍ରଶାସନର ଆଭିମୁଖ୍ୟ କାରଣରୁ ଏଭଳି ସ୍ଥିତି ଉପୁଜିଛି ।

ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନୂଆଦିଲ୍ଲୀ ଉଚ୍ଚ ଟାରିଫ୍ ଦର ଲାଗୁ କରିବାକୁ ନେଇ ଅସନ୍ତୁଷ୍ଟ ଥିବା ବାରମ୍ବାର କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି, ଭାରତରେ ଲାଗୁ ହେଉଥିବା ଟିକସ ବିଶ୍ୱରେ ସର୍ବାଧିକ ମଧ୍ୟରୁ ଅନ୍ୟତମ । ଏହାର ଜବାବରେ ଟ୍ରମ୍ପ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଟିକସ ମଧ୍ୟ ଲାଗୁ କରିଛନ୍ତି ।

ତଥାପି ଏହା କେବଳ ଗୋଟିଏ ଦିଗ । ରୁଷ ସହିତ ଭଲ ସମ୍ପର୍କ ରଖିଥିବା ଏବଂ ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବା ଭାରତ ଟ୍ରମ୍ପଙ୍କ କଟୁ ମନ୍ତବ୍ୟର ଶିକାର ମଧ୍ୟ ହୋଇଛି । ଆମେରିକା ରାଷ୍ଟ୍ରପତି ରୁଷ ଏବଂ ଭାରତକୁ 'ମୃତ ଅର୍ଥବ୍ୟବସ୍ଥା' କହି କଟାକ୍ଷ କରିଛନ୍ତି । ଟ୍ରମ୍ପ ଦାବି କରିଛନ୍ତି ଯେ, ସେମାନେ ପରସ୍ପରକୁ କ୍ଷତି ପହଞ୍ଚାଉଛନ୍ତି ଏବଂ ସେମାନଙ୍କ ବାଣିଜ୍ୟ କାରବାରରୁ ମସ୍କୋର ଯୁଦ୍ଧ ମେସିନକୁ ସହାୟତା ମିଳୁଛି । ସେ ଏହା ମଧ୍ୟ କହିଛନ୍ତି, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି ।'' ଏହା ଭାରତ ଭଳି ବିକାଶଶୀଳ ମହାଶକ୍ତି ପାଇଁ ଏକ ବ୍ୟକ୍ତିଗତ ଅପମାନ ଏବଂ ଆଘାତ ।

ପାକିସ୍ତାନ ସହିତ ଭାରତର ସୀମା ସଂଘର୍ଷରେ, ଟ୍ରମ୍ପ ନିଜକୁ ଜଣେ ନିରପେକ୍ଷ ମଧ୍ୟସ୍ଥ ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରିଥିଲେ । ସେ ପ୍ରବଳ ଚାପ ପ୍ରୟୋଗ କରିବା, ଉଭୟ ପକ୍ଷ ଉପରେ ପ୍ରତିବନ୍ଧକ ଧମକ ଦେବା ଏବଂ ଯୁଦ୍ଧବିରତି କରାଇଥିବା ଦାବି କରିଥିଲେ । ପରେ ପାକିସ୍ତାନ ମଧ୍ୟ ତାଙ୍କ ମଧ୍ୟସ୍ଥତାକୁ ପ୍ରଶଂସା କରିଥିଲା ଏବଂ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ସୁପାରିସ କରିଥିଲା । ତେବେ ୱାଶିଂଟନର ଭୂମିକାକୁ ନୂଆଦିଲ୍ଲୀ ନ୍ୟୁନ କରି ଉପସ୍ଥାପନ କରିଥିଲା ଏବଂ ଏହା ଥିଲା ଦୁଇ ଦେଶ ମଧ୍ୟରେ ଗଭୀର ଅବିଶ୍ୱାସର ଆଉ ଏକ ପ୍ରଦର୍ଶନ ।

ଶ୍ରୀ ମୋଦୀଙ୍କ କଡ଼ା ଜବାବ କେବଳ ଆର୍ଥିକ ଏବଂ ସାମରିକ ଉତ୍ତେଜନା କାରଣରୁ ନଥିଲା, ବରଂ ଏହା ମୁଖ୍ୟତଃ ବ୍ୟକ୍ତିଗତ ଭାବେ ତାଙ୍କୁ ଏବଂ ଦେଶ ପ୍ରତି ହୋଇଥିବା ଅପମାନର କଡ଼ା ପ୍ରତିକ୍ରିୟା ଥିଲା । ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାରିଟି ଫୋନ୍ କଲ୍ ଉଠାଇନଥିଲେ । ଏହି ପ୍ରସଙ୍ଗରେ ଇସ୍ରାଏଲ କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହାସଲ କରିବା ଉଚିତ୍ ।

### ଖାନ୍ ୟୁନିସ୍ ଘଟଣା

ଆଗଷ୍ଟ ୨୫ ତାରିଖରେ ଇସ୍ରାଏଲର ବୋମା ମାଡ଼ରେ ଖାନ ୟୁନିସ୍ର ନାସିର ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ପ୍ରାୟ ୨୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେତେକ ସାମ୍ବାଦିକ ମଧ୍ୟ ପ୍ରାଣ ହରାଇଥିଲେ । କିଛି ଘଣ୍ଟା ମଧ୍ୟରେ, ଆଇଡିଏଫର ମୁଖପାତ୍ର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଥିଲେ । ଆଇଡିଏଫର ମୁଖପାତ୍ର ''ନିରୀହ ନାଗରିକ''ଙ୍କ ମୃତ୍ୟୁ ପାଇଁ ଇଂରାଜୀରେ କ୍ଷମତା ପ୍ରାର୍ଥନା କରିଥିଲେ । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଘଟଣାର ତ୍ୱରିତ ତଦନ୍ତ କରିବାକୁ ଘୋଷଣା କରିଥିଲେ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ 'ଦୁର୍ଭାଗ୍ୟଜନକ' ବୋଲି କହିଥିଲେ ଏବଂ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ତିନୋଟି ବୟାନରେ କେବଳ ଅନ୍ତର୍ଜାତୀୟ ଜନସାଧାରଣଙ୍କ ଅସନ୍ତୋଷକୁ ଶାନ୍ତ କରିବାର ଇଚ୍ଛା ଜାହିର କରାଯାଇନଥିଲା ବରଂ ଏହି ଘଟଣାର ପରିଣାମକୁ ନେଇ ନେତାମାନଙ୍କ ମଧ୍ୟରେ ରହିଥିବା ଚିନ୍ତା ଏବଂ ସମ୍ଭାବ୍ୟ ଭୟ ମଧ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା । ଏହି ନେତାମାନେ ନିଜର କାର୍ଯ୍ୟ ଜରିଆରେ ନିରୀହ ନାଗରିକଙ୍କ ହତ୍ୟା ପାଇଁ କିଛି ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଇଥିଲେ, ଯାହା ଅନ୍ତର୍ଜାତୀୟ ଆଇନ ଦୃଷ୍ଟିରୁ ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିପାରେ ।

ତେବେ ବାସ୍ତବତା ଖୁବ୍ ଜଟିଳ ବୋଲି ଏହାର ପରବର୍ତ୍ତୀ ଘଟଣାକ୍ରମଗୁଡ଼ିକରୁ ଜଣାପଡ଼ିଥିଲା । କାରଣ ଅନେକ ପିଡ଼ିତ ହମାସର ସଦସ୍ୟ ଥିଲେ । ହେଲେ, ସମ୍ପୂର୍ଣ୍ଣ ସୂଚନା ଆସିବାକୁ ଅପେକ୍ଷା କରିବା ପରିବର୍ତ୍ତେ ଇସ୍ରାଏଲ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଲା, ଫଳରେ ଏହାର କୂଟନୈତିକ ଏବଂ ଆଇନଗତ ସ୍ଥିତି ଦୁର୍ବଳ ହୋଇଥିଲା ।

### ଭାରତ ଠାରୁ ଶିକ୍ଷା

ଠିକ୍ ଏହି ସ୍ଥାନରେ ଆମେ ଶ୍ରୀ ମୋଦୀଙ୍କ ଉଦାହରଣ ଆଡ଼କୁ ଫେରିବା ଉଚିତ୍ । ଟ୍ରମ୍ପଙ୍କ ଆକସ୍ମିକ ଏବଂ ଲଗାତାର ଆକ୍ରମଣକାରୀ ବୟାନବାଜିର ସାମ୍ନା କରିବା ପରେ ଶ୍ରୀ ମୋଦୀ ତୁରନ୍ତ କ୍ଷମା ମାଗିବା ପରିବର୍ତ୍ତେ, ରାଷ୍ଟ୍ରୀୟ ସମ୍ମାନର ସୁରକ୍ଷା କରି କଡ଼ା ଶବ୍ଦରେ ଜବାବ ଦେବାକୁ ଉଚିତ୍ ମଣିଥିଲେ ।

ହୁଏତ' ତାଙ୍କର ଆଭିମୁଖ୍ୟ କଠୋର ହୋଇପାରେ, କିନ୍ତୁ ସେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ: ଭାରତ ନିଜକୁ କାହାର ଅଧୀନସ୍ଥ କିମ୍ବା ଦୁର୍ବଳ ରାଷ୍ଟ୍ର ରୂପେ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ ।

ଏହାର ବିପରୀତ ଇସ୍ରାଏଲ, ଖାନ୍ ୟୁନିସ୍ ଘଟଣା ପରେ ନିଜକୁ ଅତ୍ୟଧିକ ପାରଦର୍ଶୀ ଏବଂ ଭୟଭୀତ ଥିବା ଭଳି ପ୍ରଦର୍ଶିତ କରିଥିଲା । ହୁଏତ ସ୍ୱଳ୍ପକାଳୀନ କ୍ଷତିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଇସ୍ରାଏଲ ଏହି ଆଭିମୁଖ୍ୟ ଆପଣାଇ ଥାଇପାରେ, କିନ୍ତୁ ଏହାଦ୍ୱାରା ଦୀର୍ଘକାଳୀନ ରଣନୀତିକ ହିତ କ୍ଷତିଗ୍ରସ୍ତ ହୋଇପାରେ ।

ସୁତରାଂ, କୌଣସି ଦେଶ କଷ୍ଟକର ଏବଂ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ନିଜ ରାଷ୍ଟ୍ରୀୟ ସମ୍ମାନକୁ ରକ୍ଷା କରିବା ଉଚିତ । ତରବରିଆ ଭାବେ ଉତ୍ତରଦାୟିତ୍ୱ ମୁଣ୍ଡେଇବାକୁ ଆଗେଇ ଆସିବାକୁ ଏକ ଦୁର୍ବଳତା ଭାବେ ବିବେଚନା କରାଯାଇପାରେ ଏବଂ ଏହାକୁ ବିରୋଧୀମାନେ ଶୋଷଣର ସୁଯୋଗ ଭାବେ ବ୍ୟବହାର କରିପାରନ୍ତି । ଏଭଳି ସ୍ଥିତିରେ ନିଜର ମତ ଉପସ୍ଥାପନ ବେଳେ ସତର୍କତା ଅବଲମ୍ବନ କରିବା ଏବଂ ସିଦ୍ଧାନ୍ତରେ ଦୃଢ଼ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ ।

ରାଷ୍ଟ୍ରୀୟ ସମ୍ମାନ କୌଣସି ବିଳାସ ସାଧନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସମ୍ପତ୍ତି । ଯଦି ଇସ୍ରାଏଲ ନିଜର ସ୍ଥିତି ଏବଂ ସୁରକ୍ଷାକୁ ମଜବୁତ କରିବାକୁ ଚାହୁଁଛି, ତା'ହେଲେ ଦୁନିଆ ଆଗରେ ନିଜର ଦୃଢ଼ କ୍ଷମତାକୁ ପ୍ରଦର୍ଶନ କରିବାକୁ ହେବ । ଏହାର ଅର୍ଥ ହେଉଛି, ଯେତେ ଅନ୍ତର୍ଜାତୀୟ ଚାପ ଥିଲେ ସୁଦ୍ଧା କ୍ଷମା ପ୍ରାର୍ଥନା କରିବାରେ ବିଳମ୍ବ କରାଯିବା ଉଚିତ୍ ।



କୋରେଇ (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତର ବୈଷ୍ଣବ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସତ୍ୟ ସୁନ୍ଦର ମହାପାତ୍ରଙ୍କୁ ୨୦୨୪-୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପବିତ୍ର ଗୁରୁ ଦିବସରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ଉପସ୍ଥିତିରେ ଜିଲ୍ଲା ସଂସ୍କୃତି ଭବନରେ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ମହାପାତ୍ର ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ସାରା କୋରେଇ ବ୍ଲକରେ ପରିଚିତ। ତାଙ୍କର ବିଦ୍ୟାଳୟ ଓ ପିଲା ମାନଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ ଆଜି ବିଦ୍ୟାଳୟଟି ସାରା କୋରେଇ ବ୍ଲକରେ ପରିଚିତ ହୋଇ ପାରିଛି, ଏଠାରେ ଉଲ୍ଲେଖଯୋଗ୍ୟ କି ସତ୍ୟ ସୁନ୍ଦର ମାହାପାତ୍ର କାଚରା ସାହି ପଞ୍ଚାୟତ ସ୍ଥିତ ସହ ଗାଁର ଅବସର ପ୍ରାପ୍ତ ଶିକ୍ଷକ ଯଯାତି କେଶରୀ ମାହାପାତ୍ର ଓ ବିଷ୍ଣୁ ପ୍ରିୟା ମାହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ଭିକାରୀ ବରାଳ ଅବସରପ୍ରାପ୍ତ ଶିକ୍ଷକ ଦେବବ୍ରତ ମହାନ୍ତି, ଲକ୍ଷ୍ମୀଧର ରାଉତ, ଶିକ୍ଷକ ହିମାଂଶୁ ସାହୁ, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପଣ୍ଡା, କାଚରା ସାହି ସରପଞ୍ଚ ଗୌରୀଶଙ୍କର ମାହାପାତ୍ର, ଶିକ୍ଷାବିତ୍ ଆଲେକଜାଣ୍ଡାର ଦାସ, କଳ୍ପତରୁ ସାହୁ, କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ତାହାରପୁର ସମିତିସଭ୍ୟ ପୁଷ୍ପାଞ୍ଜଳି ମହାପାତ୍ର, ସାନ୍ତ୍ୱନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉପ-ମୁଖମନ୍ତ୍ରୀଙ୍କ ଦ୍ୱାରା ରାଜସ୍ୱ ଓ ଶିକ୍ଷା ବିଭାଗ ଉପରେ ସମୀକ୍ଷା ବୈଠକ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବିଜୁ ପଟ୍ଟନାୟକ ସଭାଗୃହରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ରବିବାର ମଧ୍ୟାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇ ରାଜସ୍ୱ ସଂପର୍କୀତ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଅମଲାମାନଙ୍କ ଆନ୍ଦୋଳନ ସତ୍ୱେ ନିମାପଡ଼ା ତହସିଲଦାରଙ୍କ ଉଦ୍ୟମ ବଳରେ ରାଜସ୍ୱ କାର୍ଯ୍ୟ ଅଗ୍ରଗତି ଘଟିଥିବାରୁ ଉପ-ମୁଖ୍ୟମନ୍ତ୍ରୀ ଆତ୍ମସନ୍ତୋଷ ଲାଭ କରିବା ସହ ତହସିଲଦାରଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ନିରନ ନାୟକ, କେ.ଭେଙ୍କଟ ରାଓ ପ୍ରମୁଖ ରାଜସ୍ୱ କର୍ମଚାରୀମାନେ ଯୋଗ ଦେଇଥିଲେ। ବସୁନ୍ଧରାରୁ ଆରମ୍ଭକରି ୱାରସ ସଂଶୋଧନ ଯେପରି ଛାତ୍ରଛାତ୍ରୀମାନେ ତୁରନ୍ତ ବାସିନ୍ଦା ସାର୍ଟିଫିକେଟ୍, ଆୟ ସାର୍ଟିଫିକେଟ୍ ପ୍ରମୁଖ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସମୀକ୍ଷା କରିଥିଲେ। ସେହିପରି ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନଙ୍କ ସହ ସମୀକ୍ଷା ବୈଠକ ଡ଼କାଇଥିଲେ। ବୈଠକରେ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କ ସମେତ ଶିକ୍ଷକମାନେ ଉପସ୍ଥିତ ଥିଲେ। ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିଂମାଶୁ ଭୂଷଣ ସମରଥ, ନିମାପଡ଼ା ବିଡ଼ିଓ, ତହସିଲଦାର, ଗୋପ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ନିମାପଡ଼ା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ଶିକ୍ଷାଧିକାରୁ ସୁଦର୍ଶନ ଭୋଇଙ୍କ ସମେତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷମାନେ ଉପସ୍ଥିତ ଥିଲେ। ଗୁଣାତ୍ମକ ଭାବେ ଶିକ୍ଷାର ବିକାଶ ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ଶିକ୍ଷାଦାନ ଉପରେ ପଚାରି ବୁଝିବା ସହ ଜଣ ଜଣ କରି ବିଦ୍ୟାଳୟ ସଂପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ଭିତିଭୂମି, ଶିକ୍ଷା ବ୍ୟବସ୍ଥା, ଚଳିତ ମାଟ୍ରିକ୍ ପରୀକ୍ଷାରେ କେଉଁ ବିଦ୍ୟାଳୟର କେତେଜଣ ଛାତ୍ରୀ ଏ୧ରେ ପାସ୍ କରିଛନ୍ତି ସେ ସଂପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ଯେପରି ଶତ ପ୍ରତିଶତ ଫଳାଫଳ ହେବ ଆଜିଠାରୁ ସମସ୍ତ ଶିକ୍ଷକମାନେ ଉଦ୍ୟମ ଜାରି ରଖିବାକୁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ୟତିକ୍ରମ କରାଗଲେ ବା ସ୍କୁଲର ରେଜଲ୍ଟ ଖରାପ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ କହିଛନ୍ତି। ସ୍କୁଲରେ ଥିବା ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଥିବା ବେଳେ କେଉଁ କେଉଁ ସ୍କୁଲର ଜମିଜମା ସମସ୍ୟା ରହିଛି ସେ ସଂପର୍କରେ ତହସିଲଦାରଙ୍କୁ ଅବଗତ କରାଇବା ପାଇଁ ମଧ ପରାମର୍ଶ ଦେଇଛନ୍ତି।

# ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ନୂତନ ବସ୍‌ଷ୍ଟାଣ୍ଡ



କେନ୍ଦ୍ରାପଡା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ବସଷ୍ଟାଣ୍ଡ ଏବେ ବିଭିନ୍ନ ପ୍ରକାର ନିଶା କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ଅକ୍ତିଆରରେ ରହିଛି। ଓଡିଶାରେ ପୂର୍ବ ସରକାର ସମୟରେ ବିଭିନ୍ନ ବସଷ୍ଟାଣ୍ଡ ଗୁଡିକୁ ୫ଟିରେ ସାମିଲ କରାଇ ନବିକରଣ କରାଯାଇଥିଲା। ସେହିଭଳି କେନ୍ଦ୍ରାପଡା ସହରାଞ୍ଚଳ ତୁଳସୀ ବଜାରରେ ଥିବା ନୂତନ ବସଷ୍ଟାଣ୍ଡର ପୁନଃ ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ପୌରସଂସ୍ଥା ପକ୍ଷରୁ କାର୍ଯ୍ୟ ଆରମ୍ଭ ଅନେକ ସମୟ ପୂର୍ବରୁ ଅନେକ ବର୍ଷରୁ ଥିବା ସ୍ଥାୟୀ ଦୋକାନଗୁଡ଼ିକୁ ଉଚ୍ଛେଦ କରାଇ ବସ ରହିବା ପାଇଁ ସ୍ଥାନ ନିର୍ଦ୍ଧାରଣ କରାଗଲା। ପୂର୍ବରୁ ବସ ରହୁଥିବା ସ୍ଥାନରେ ନୂତନ ବସଷ୍ଟାଣ୍ଡ କୋଠାଘର, ପାର୍କିଂ ତିଆରି କରାଯାଇଛି। ନୂତନ ବସଷ୍ଟାଣ୍ଡ ନିର୍ମାଣର ଅନେକ ଦିନ ବିତି ଯାଇଥିଲେ ବି ଏହା ଏପର୍ଯ୍ୟନ୍ତ ଉଦ୍ଘାଟନ ହୋଇପାରି ନାହିଁ। ଯାହା ଫଳରେ ଦିର୍ଘ ବର୍ଷ ହେବ ସ୍ଥାୟୀ ଦୋକାନ କରି ଚଳୁଥିବା ଦୋକାନୀମାନେ ଏବେ ରୋଜଗାର ହରାଇ ବସିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡା ସହରରେ ଥିବା ଏହି ନୂତନ ବସଷ୍ଟାଣ୍ଡ କ୍ୟାମ୍ପସ ଏବେ ବିଭିନ୍ନ ପ୍ରକାରର ନିଶା ସେବନ କରୁଥିବା ନିଶାଡିଙ୍କ କବଳରେ ରହିଛି। ବସଷ୍ଟାଣ୍ଡ କ୍ୟାମ୍ପସ ଭିତରେ ରାତି ହେଲେ ନିଶାଡି ମାନେ ବହୁ ପରିମାଣରେ ନିଶା ଶିରପ, ମଦ୍ୟପାନ, ଗଞ୍ଜେଇ ଭଳି ନିଶା ପାନ କରୁଛନ୍ତି। ଏଭଳି ଅସାମାଜିକ ନିଶାଡ଼ିଙ୍କ ଖଟି ହେବା ଦ୍ୱାରା ସେଠାରେ ବସ ବାସ କରୁଥିବା ଅନେକ ସାଧାରଣ ଲୋକ ଏବେ ଭୟଭୀତ। କେନ୍ଦ୍ରାପଡା ପୋଲିସ ପକ୍ଷରୁ ଘନ ଘନ ପେଟ୍ରୋଲିଂ ହେଉଥିବା ବେଳେ ଅସାମାଜିକ ଯୁବକମାନେ କିଭଳି ଏଠି ଆଡ୍ଡା କରି ନିଶା ସେବନ କରୁଛନ୍ତି ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ କେନ୍ଦ୍ରାପଡ଼ା ପୌରପରିଷଦ ତରଫରୁ ଏହି ନୁତନ ବସଷ୍ଟାଣ୍ଡ ଉଦ୍ଘାଟନ କରାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଇଲେ ଏଠାରେ ଯାତ୍ରୀ ସୁରକ୍ଷିତ ରହିବା ସହ ସହରରେ ଅପରାଧିକ କାର୍ଯ୍ୟକଳାପରେ ମଧ ରୋକ୍ ଲାଗିପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଶୁଭ୍ରାରାଣୀ ମୁଦୁଲିଙ୍କୁ ଗୁରୁଗୌରବ ସମ୍ମାନ



ପାରାଦୀପ (ଭାସ୍କର ନ୍ୟୁଜ): ଭୁବନେଶ୍ୱରର ନୂଆପଲ୍ଲୀସ୍ଥିତ ଚେତନା ମାନସିକ ଭିନ୍ନକ୍ଷମ ସଂସ୍ଥାନର ବରିଷ୍ଠ ସ୍ୱତନ୍ତ୍ର ପ୍ରଶିକ୍ଷିକା ତଥା ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ତପନ କୁମାର ସ୍ୱାଇଁଙ୍କ ଧର୍ମପତ୍ନୀ ଶୁଭ୍ରାରାଣୀ ମୁଦୁଲିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। କଟକ ଟାଉନ ହଲ୍‌ରେ ଉତ୍କଳ ବିଦ୍ୟା ଗୌରବ ପରିଷଦ ଆନୁକୁଲ୍ୟରେ ସଭାପତି ପ୍ରାଧ୍ୟାପକ ଡକ୍ଟର ନଟବର ଶତପଥିଙ୍କ ଅଧକ୍ଷତାରେ ରାଜ୍ୟ ସ୍ତରୀୟ ଗୁରୁ ପୂଜନ ଓ ଗୁରୁ ଗୌରବ ସମ୍ମାନ ପ୍ରଦାନ ମହୋତ୍ସବରେ ଭୁବନେଶ୍ୱର ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦଘାଟକ ଭାବେ ଶ୍ରୀମତୀ ମୁଦୁଲିଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏରସମା ବ୍ଲକ ଅନ୍ତର୍ଗତ ଓରନାଳ ଗ୍ରାମର ପ୍ରଜ୍ଞାମୟୀ ଶିକ୍ଷୟିତ୍ରୀ ଶୁଭ୍ରାରାଣୀ ମୁଦୁଲି ସ୍ୱତନ୍ତ୍ର ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନରୁ ଆଦର୍ଶ ପ୍ରଶିକ୍ଷିକା ସମ୍ମାନ, ସ୍ୱତନ୍ତ୍ର ପ୍ରଶିକ୍ଷିକା ଗୌରବ ସମ୍ମାନ, କଳିଙ୍ଗ ଶିକ୍ଷାଜ୍ୟୋତି ଆଦି ସମ୍ମାନରେ ସମ୍ମାନୀତ ହୋଇ ସେ ନିଜ ଜନ୍ମ ମାଟିକୁ ଗୌରବାନ୍ୱିତ କରିଛନ୍ତି।

# ଗୋରୁ ଚମଡା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଚୋରା ଗୋମାଂସ ଓ ଚମଡା ରପ୍ତାନୀର ପେଣ୍ଠସ୍ଥଳୀ ପାଲଟିଛି। ପୋଲିସ ପ୍ରଶାସନ ଗୋ ମାଫିଆଙ୍କଠୁ ମୋଟା ଅଙ୍କର ମାସିକିଆ ବଟିନେଇ ସୁରକ୍ଷା ଦେଇଆସୁଥିବା ନଜିର ରହିଛି। କଟକ-ଚାନ୍ଦବାଲି ରାସ୍ତାର କେନ୍ଦୁପାଟଣା ଛକର ଅନତି ଦୂରରେ ଏକ ପିକ୍‌ଅପ୍ ଭ୍ୟାନ ବିପୁଳ ପରିମାଣର ଗୋଚମଡା ନେଇ ଦୃତ ଗତିରେ ଯାଉଥିଲା ବେଳେ ସ୍ଥାନୀୟ ବଜରଙ୍ଗ ଦଳର କର୍ମୀମାନେ ଗାଡିକୁ ଅଟକାଇଥିଲେ। ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସାଲେପୁର ଥାନା ପୋଲିସ ଗାଡିକୁ ଜବତ କରିଛି। ଜବତ ଚମଡାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସାଧାରଣରେ କୁହାଯାଉଛି।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିମାପଡ଼ା-ବଳଙ୍ଗା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ରାସ୍ତା ଖାଲଖମା ସୃଷ୍ଟି ହୋଇ ଜନଜୀବନ ଉପରେ ପ୍ରଭାବ ପକାଉ ଥିବା ବେଳେ ତୁରନ୍ତ କାର୍ଯ୍ୟ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଏହି ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟ ନିର୍ମାଣ କରାଯିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନିମାପଡ଼ାରୁ ବଳଙ୍ଗା ରାସ୍ତା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତିକରଣ ଓ ମରାମତି ନିମନ୍ତେ ରବିବାର ପୂର୍ବାହ୍ନରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୩୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ରାସ୍ତା ପକ୍କା ରାସ୍ତା ହେବ ବୋଲି ଜଣାପଡ଼ିଛି। ଏହି ରାସ୍ତା କାର୍ଯ୍ୟର ଏଷ୍ଟିମେଟ୍ ଅନୁଯାୟୀ ୧୪ କି.ମି. ରାସ୍ତା ମରାମତି କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସାରିବା ପାଇଁ ଶ୍ରୀମତି ପରିଡ଼ା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଂଜନ ଦ୍ୱିବେଦୀ, ନିମାପଡ଼ା ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଶାଳ ହେମ୍ବ୍ରମ୍, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ, ଠିକା ସଂସ୍ଥା ବଳଭଦ୍ର ଡେଭଲପମେଣ୍ଟ ଲିଃ.ର ଡ଼ାଇରେକ୍ଟର ରାହୁଲ ଅଗ୍ରୱାଲ, ଜେନେରାଲ ମ୍ୟାନେଜର ସୁଧାଂଶୁ ଭୂଷଣ ଜେନା, ପ୍ରୋଜେକ୍ଟ ଡ଼ାଇରେକ୍ଟର ବିଶ୍ୱଜିତ ମହାନ୍ତି, ନଗର ସଭାପତି ନିରଂଜନ ନାୟକ, ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡ଼ା ନଗର ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଗୋପ ବ୍ଲକ୍ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଜ୍ୟୋତି ରଂଜନ ସାହୁ, ଯୁବ ସଭାପତି ସାଇ ପ୍ରିତମ୍ ପଟ୍ଟନାୟକ, ଆତ୍ମାର ଅଧକ୍ଷ ଦିଲ୍ଲୀପ କୁମାର ପରିଡ଼ା, ମଣ୍ଡଳ ସଭାପତି ସନ୍ତୋଷ କୁମାର ପରିଡ଼ାଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ଲୋକମାନଙ୍କର ଦାବି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇ ବଳଙ୍ଗା ରାସ୍ତାଟି ତୁରନ୍ତ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ନିମାପଡ଼ା-ବଳଙ୍ଗାର ଜନସାଧାରଣ ଧନ୍ୟବାଦ ଜଣାଇଛନ୍ତି।

# ଲାଞ୍ଚ ନେଇ ଏସ୍‌ଆଇ ଗିରଫ

ବାଙ୍କୀ (ଭାସ୍କର ନ୍ୟୁଜ): ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସରେ ରବିବାର ଅପରାହ୍ନରେ କଟକ ଭିଜିଲାନ୍ସ ଟିମ୍ ଚଢାଉ କରି ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳୀଙ୍କୁ ଗିରଫ କରିବା ସହ ୨୦ ହଜାର ଟଙ୍କା ନଗଦ ଜବତ କରିଥିଲେ। ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗ୍ରାମର ଦିଲେଶ୍ୱର ମହାଳିକଙ୍କ କୁକୁଡ଼ା ଫାର୍ମ ପୋଡ଼ି ଘଟଣାର ତଦନ୍ତ ଓ ଇନ୍ସୁରାଂଶ ରିପୋର୍ଟ ନେବା ପାଇଁ ଦିଲେଶ୍ୱର ବିଟ୍ ହାଉସ ଅଧିକାରୀଙ୍କ ନିକଟକୁ ବାରମ୍ବାର ଦୌଡ଼ିଥିଲେ। ରିପୋର୍ଟ ଦେବା ପାଇଁ ବିଟ୍ ହାଉସ ଅଧିକାରୀ ଲାଞ୍ଚ ଦେବା ପାଇଁ କହିଥିଲେ। କିନ୍ତୁ ଦିଲେଶ୍ୱର ଲାଞ୍ଚ ଦେବାକୁ ମନା କରିଥିଲେ। ଘଟଣାକୁ ନେଇ ଦିଲେଶ୍ୱର କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଡିଏସପି ଶୁଶାନ୍ତ ଏକାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ପ୍ରଭାସିନି ପୁହାଣ, ବିଜୟ କୁମାର ସେଠୀଙ୍କ ସହ ୧୧ ଜଣିଆ ଟିମ୍ ଚଢାଉ କରି ମାହାଳିଙ୍କୁ ଗିରଫ କରିବା ସହ ତାଙ୍କ ରୁମ୍‌ରୁ ନଗଦ ୨୦ ହାଜର ଟଙ୍କା ଜବତ କରିଥିଲେ।

# ହାତୀ ଆକ୍ରମଣରେ ପୁଣି ଗଡିଲା ମୁଣ୍ଡ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗତ ୨ମାସ ମଧ୍ୟରେ ହାତୀ ଆକ୍ରମଣରେ ୧୦ ନିରିହ ଜୀବନ ଗଲାଣି। ଶନିବାର ବେଡାପଡା ଗାଁର ତ୍ରିନାଥ ନାଏକ(ଚଣିଆଁ) ରାତି ୭ଟାରେ ଘରକୁ ଫେରୁଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାର ଅନୁଧାନ କରିବା ସହିତ ମୃତକଙ୍କୁ ପୋଷ୍ଟମର୍ଟମ ନିମନ୍ତେ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଥିଲା ଏବଂ ରବିବାର ଶବ ବ୍ୟବଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବାରେ ଗ୍ରାମଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସଂପନ୍ନ ହୋଇଥିବା ଜଣାପଡିଛି। ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲୀ ବାସଭବନରୁ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆଙ୍କ ସହ ଆଲୋଚନା କରି ହିନ୍ଦୋଳବାସୀଙ୍କ ଧନଜୀବନ କ୍ଷତି କରୁଥିବା ହାତୀ ଉପଦ୍ରବ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦନ୍ତା ହାତୀକୁ ଶିଘ୍ର ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ଘଞ୍ଚ ଜଙ୍ଗଲକୁ ପଠାଇବାକୁ ଆଲୋଚନା କରିଥିବା ବେଳେ ମନ୍ତ୍ରୀ ଏନେଇ ଖୁବ୍‌ଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଛନ୍ତି।

# ଟିଁଣା ପଞ୍ଚାୟତରେ ବବିତା, ନଟକୁ ବାଦ ଦେଇ ବିଜେପିର କର୍ମକର୍ତ୍ତା ଚୟନ



ବିଞ୍ଝାରପୁର (ଭାସ୍କର ନ୍ୟୁଜ): ବିଂଝାରପୁର ବିଜେପିରେ ସବୁ କିଛି ଠିକ୍ ଠାକ୍ ଚାଲିନି। ନିର୍ବାଚନ କ୍ଷେତ୍ର ନେତ୍ରୀ ବବିତା ମଲ୍ଲିକ ଓ ତାଙ୍କୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବା ସଂଯୋଜକ ନିରଞ୍ଜନ ହ୍ୱେରିଆଙ୍କ ବୋଲ ମାନିବା ଅବସ୍ଥାରେ ନାହାଁନ୍ତି ଟାଣୁଆ ଆମଦାନୀ ନେତା। ନଟ, ବବିତାଙ୍କ ଏକପାଖିଆ ରାଜନୀତିରେ ବୀତସ୍ପୃହ ବହୁ ପାତାଳୀ ଓ ଏବେକା ବିଜେପି ନେତା ଓ କର୍ମୀ ଦଳ ଭିତରେ ନା ଶୃଙ୍ଖଳା ଅଛି ନା ନିଷ୍ପତ୍ତିରେ ସହମତି ଅଛି। ଦଳ ଆମ ଦୁଇଜଣଙ୍କର। ଦଳ ସଙ୍ଗଠିତ କିମ୍ବା ସଶକ୍ତ ନହେଉ ପଛେ ଆମେ ସର୍ବେସର୍ବା ହୋଇ ରହିବୁ। ସରକାର ଆମର। ବିଜେଡ଼ି ବିଧାୟିକା ପ୍ରମିଳାଙ୍କ ସହ ମିଶି ପିସି ଆଦାୟ ଓ ଉନ୍ନୟନ କାମରେ ନିଜ ନିଜ ଅଂଶ ବାଣ୍ଟିବୁ। ଏଭଳି ଅଲିଖିତ ରାଜିନାମା କରି ଉଭୟ ମାଲେମାଲ। ଏପଟେ ଦଳୀୟ ସଂଗଠନ ରସାତଳଗାମୀ ମୁହାଁ। ନିର୍ବାଚନ ପୂର୍ବରୁ ଦଳରେ ମିଶିଥିବା ଜରୀ, ରଣପୁର ଓ ହଳଦିଡିହ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଦଳରେ ଥାଇ ବବିତା, ନଟକୁ ବାଦ୍ ଦେଇ ବିଭିନ୍ନ ପଞ୍ଚାୟତରେ କମିଟି ଗଠନ କରି ସମାନ୍ତରାଳ ସଂଗଠନ ଠିଆ କରୁଛନ୍ତି। ଗତକାଲି ଟିଁଣା ପଞ୍ଚାୟତରେ ଶଶଧର ରାଉତଙ୍କ ଅଧକ୍ଷତାରେ ବୈଠକରେ ଭୁବ ନାନନ୍ଦ ସାମଲ, ଜଜେୟ ବେହେରା, ଅଟଳ ବିହାରୀ ନାୟକଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ପଞ୍ଚାୟତର ବିଭିନ୍ନ କମିଟି ଗଠନ କରିଛନ୍ତି। ସଭାପତି ଭାବରେ ଯଦୁମଣୀ ନାୟକ, ଉପ ସଭାପତି ଭାବେ ଅରୁଣ ମଲ୍ଲିକ, ନିହାର ସାମଲ ଓ ଉତ୍ସବାନନ୍ଦ ମଲ୍ଲିକ, ସମ୍ପାଦକ ବିନୋଦ ପଣ୍ଡା, ସୌରଭ ପଣ୍ଡା, ଉପେନ୍ଦ୍ର ଗୁରୁ, ଉମାକାନ୍ତ, ଯୁବ ମୋର୍ଚ୍ଚା ସଭାପତି ନିରାକାର ମଲ୍ଲିକ, ଉପସଭାପତି ପ୍ରଦୋଶ ମଲ୍ଲିକ, ସଂଯୋଜକ କେଦାର ମଲ୍ଲିକ ଓ ଦିଲ୍ଲୀପ ଜେନା, କୋଷାଧକ୍ଷ ଭାବରେ ଲକ୍ଷ୍ମୀଧର ସାମଲଙ୍କୁ ଚୟନ କରାଯାଇଛି। ନୂଆ କର୍ମକର୍ତ୍ତା ଦଳୀୟ କର୍ମୀଙ୍କୁ ଗୋଟିଏ ପ୍ଲାଟଫର୍ମରେ ଏକଜୁଟ୍ କରି ସଂଗଠନକୁ ମଜବୁତ୍ କରିବା ପାଇଁ ଭୁବନାନନ୍ଦ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ କନ୍ଦଳରୁ ଦୁରେଇ ରହି କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ଶ୍ରୀ ବେହେରା କହିଥିଲେ। ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହାକୁ କେହିବି ନିଜ ପୈତୃକ ସଂପତ୍ତି ଭାବିବା ବୋକାମୀ ଓ ଧୃଷ୍ଟତା ବୋଲି ଅଟଳ ନାୟକ କହିଥିଲେ। ନିର୍ବାଚନ ପୂର୍ବରୁ ବିଜେପିର ଏକ ଗୋଷ୍ଠୀ ବବିତା ଓ ନଟକୁ ବାଦ୍ ଦେଇ କମିଟି ଗଠନ କରିବା ଦଳ ପାଇଁ ଶୁଭ ଲକ୍ଷଣ ନୁହଁ ବୋଲି ପୁରୁଖା ରାଜନେତା କୁହନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ମୃତ୍ୟୁରେ ପାରାଦୀପ ବାର ଆସୋସିଏସନ୍‌ର ଶ୍ରଦ୍ଧାଞ୍ଜଳି

ପାରାଦୀପ (ଭାସ୍କର ନ୍ୟୁଜ): ବରିଷ୍ଠ ଆଇନଜୀବୀ ତଥା ପାରାଦୀପ ବାର ଆସୋସିଏସନର ସକ୍ରିୟ ସଦସ୍ୟ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅକାଳ ବିୟୋଗରେ ବାର ଆସୋସିଏସନର ସଭାପତି ତପନ କୁମାର ଦାଶ, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା ଓ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଆସୋସିଏସନର ସଦସ୍ୟ ଗୋଲକ ବିହାରୀ ସୁତାର, ସଦାନନ୍ଦ ମଲ୍ଲିକ, ହେମନ୍ତ ପରିଡା, ଦିଲୀପ ବସନ୍ତିଆ ପ୍ରମୁଖ କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଙ୍କ ବଡ଼ପାଳ ଗ୍ରାମ ସ୍ଥିତ ବାସଭବାନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ମହାପାତ୍ର ପଙ୍କପାଳ ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଥିଲେ ଏବଂ ପଙ୍କପାଳ ବିଜେପି ମଣ୍ଡଳ ସଭାପତି, ଜଣେ ଦକ୍ଷ କ୍ରୀଡ଼ାବିତ ଓ କଳାକାର ଥିଲେ। ତାଙ୍କର ଅଞ୍ଚଳରେ ବହୁ ସୁନାମ ରହିଥିଲା। ତାଙ୍କ ଅବର୍ତମାନରେ ପାରାଦୀପ ବାର ଆସୋସିଏସନ ତାଙ୍କ ପରିବାରକୁ ଧର୍ଯ୍ୟର ସହିତ ଏହି ଦୁଃଖଦ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହ ପରିବାର ପାଖରେ ଦୃଢ଼ ଭାବେ ଛିଡା ହେବାର ପ୍ରତିଶୃତି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳ ଏବଂ ପାରାଦୀପ ବାର ଆସୋସିଏସନ ଜଣେ ସୁଧକ୍ଷ ବ୍ୟକ୍ତି ଓ ଆଇନଜୀବୀଙ୍କୁ ହରାଇଲା ବୋଲି ପାରାଦୀପ ବାର ଆସୋସିଏସନର ସଭାପତି ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ଏଜିଏ ତପନ କୁମାର ଦାଶ କହିଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଗୁଆଳିପୁର ଗ୍ରାମର ପୋଲମୁଣ୍ଡାଛକ ଏକ ମୁଖ୍ୟ ଛକ ଭାବେ ପରିଚିତ। ଏହି ପୋଲମୁଣ୍ଡା ଛକ ରାସ୍ତା ଦେଇ ଚତୁପାର୍ଶ୍ୱକୁ ତଳେଇ ରାସ୍ତା ଥିବାରୁ ବିଭିନ୍ନ ଗ୍ରାମର ଲୋକମାନେ ଯାତାୟାତ କରିଥାନ୍ତି। ଛକ ପାର୍ଶ୍ୱରେ ଜନବସତି ସହ ଲକ୍ଷ୍ମୀ ମଣ୍ଡପ ଓ ଦୋକାନବଜାର ରହିଛି। ସକାଳୁ ରାତିପର୍ଯ୍ୟନ୍ତ ଛକରେ ସର୍ବଦା ଲୋକଙ୍କ ଗହଳି ଲାଗିଥାଏ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ ହେବ ଏଠାରେ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ହେଲେ ଲୋକସଂଖ୍ୟା ବୃଦ୍ଧି ସାଙ୍ଗକୁ ରାସ୍ତାଘାଟ ପ୍ରଶସ୍ତି କରଣ ହେବା ଦ୍ୱାରା ସେଠାରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉଠାଇ ତେଲିଛକ ନିକଟରେ ବସାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲେ ବି ଏହା କାର୍ଯ୍ୟକାରି ହୋଇପାରିନି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁର୍ପାଶ୍ୱରେ ବାଡ଼ ବୁଲା ଯାଇନଥିବାରୁ ସେଠାକୁ ଗୋରୁ, ଗାଈ, ଛେଳି ଓ ବୁଲା କୁକୁର ପଶି ମୃତ୍ୟୁର ଶୀକାର ହେଉଛନ୍ତି। ଏପରିକି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳାରୁ ଟ୍ରାନ୍ସଫର୍ମର ଉପରୁ ତଳ ପର୍ଯ୍ୟନ୍ତ ଘାସ ଓ ଅନାବନା ଗଛ ମାଡ଼ି କୃତ୍ରିମ ଜଙ୍ଗଲ ସୃଷ୍ଟି କଲାଣି। ଯାହା ଦ୍ୱାରା ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରତିବର୍ଷ ଲକ୍ଷ୍ମୀ ପୂଜା ବେଳକୁ ବିଭିନ୍ନ ଦୋକାନବଜାର ଲାଗୁଥିବାରୁ ଦର୍ଶକ ଓ ଗ୍ରାହକଙ୍କ ପାଇଁ ବିପଦ ସୃଷ୍ଟି ବି କରିଥାଏ। ଆଗାମୀ ଦିନରେ ଯଦି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଲ ମୁଣ୍ଡାରୁ ଉଠା ନଯାଏ ତେବେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମ ମୁରବି ଜ୍ଞାନରଞ୍ଜନ ପଟ୍ଟନାୟକ, ସର୍ବେଶ୍ୱର ପଟ୍ଟନାୟକ, ରବୀନ୍ଦ୍ର ନାଥ ସ୍ୱାଇଁ, ସୁଧାଂଶୁ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ତପନ ମହାରଣା, ଆଶୀର୍ବାଦ ସ୍ୱାଇଁ, ମାଉନା ସ୍ୱାଇଁ, ଅଜିତ କୁମାର ମହାରଣା, ରାଜେଶ ପଟ୍ଟନାୟକ, ଧର୍ମଦେବ ଦାସ ଓ କେଶବ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ପଥର ଖଣିରେ ବିସ୍ଫୋରଣ, ଶ୍ରମିକ ମୃତ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ତହସିଲର ନିହଲପ୍ରସାଦ ଥାନା ଅନ୍ତର୍ଗତ ଲହଡାସ୍ଥିତ କଳାମୁଗୁନି ପଥର ଖଣି ମଧ୍ୟରେ ଡ୍ରିଲ୍ କରୁଥିବା ସମୟରେ ହଠାତ୍ ବିସ୍ଫୋରଣ ଘଟିବାରୁ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ବାଲିକିଆରିଆ ଗ୍ରାମର ଜିତୁ ତିରିଆ (୩୦) ବୋଲି ଜଣାପଡିଛି। ଖବର ପାଇ ନିହଲପ୍ରସାଦ ଥାନା ପୋଲିସ୍ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ପୋଲିସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାରେ ଖଣି ମାଲିକ ଅଜିତ୍ ସାହୁ ଫେରାର୍ ହୋଇ ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ

# ଗୁରୁପୂଜନ କରି ଉଦାହରଣ ସୃଷ୍ଟିକଲେ ୧୯୮୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ



ଧର୍ମଶାଳା(ଭାସ୍କର ନ୍ୟୁଜ): ଆମ ସମାଜରେ ଗୁରୁଙ୍କ ଆସନ ବହୁ ଉଚ୍ଚରେ ଅଟେ। ବାପା ମାଆଙ୍କ ପରେ ଗୁରୁ, ଯିଏକି ସନ୍ତାନ ସନ୍ତତିଙ୍କର ମଙ୍ଗଳ କାମନା କରିଥାନ୍ତି। ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନୈତିକ ଅଧୋଗତି ତଥା ମୂଲ୍ୟବୋଧର ଅବକ୍ଷୟ ଘଟିବା ସହିତ ଗୁରୁ ଶିଷ୍ୟ ପରମ୍ପରା ହଜି ହଜି ଯାଉଛି। ନୈତିକତା ଓ ଆଧ୍ୟାତ୍ମିକତାକୁ ଆପଣେଇବା ସହିତ ଗୁରଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ଗୁରୁଦିବସ ପାଳନ ଅବସରରେ ଆହ୍ୱାନ ଦିଆଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଂଚାୟତ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ଶ୍ୟାମସୁନ୍ଦର ହାଇସ୍କୁଲ ମିର୍ଜାପୁର ୧୯୮୫ ମାଟ୍ରିକ୍ ବ୍ୟାଚ୍ ପକ୍ଷରୁ ଗୁରୁଦିବସ ଉପଲକ୍ଷେ ନିଆରା ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁ, ଅବରପ୍ରାପ୍ତ କ୍ରୀଡା ଶିକ୍ଷକ ଜତିନ୍ଦ୍ରନାଥ ଦାଶ, ଶ୍ୟାମସୁନ୍ଦର ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ନାୟକ, ଅବସପ୍ରାପ୍ତ ଶିକ୍ଷକ ପ୍ରଶନ୍ନକୁମାର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମଂଚାସୀନ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଗୁରୁବନ୍ଦନା କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ନିଜର ଗୁରୁଙ୍କୁ ସିନ୍ଦୁର, ଫୁଲ, ଚନ୍ଦନ ପ୍ରଦାନ ପୂର୍ବକ ଧୂପ ଦୀପ ଦେଇ ବନ୍ଦାପନା କରିଥିଲେ। ଦୀର୍ଘ ୪୦ ବର୍ଷ ପରେ ଗୁରୁ ଓ ଛାତ୍ର ମାନଙ୍କର ସାକ୍ଷାତ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ପରସ୍ପରକୁ ଦେଖି ଭାବ ବିହ୍ୱଳ ହୋଇପଡିଥିଲେ। ଗୁରୁ, ମନରେ ମସ୍ତିଷ୍କରେ ଓ ଚେତନାରେ ବିସ୍ଫୋରଣ ସୃଷ୍ଟି କରିଥାନ୍ତି। ଗୁରୁ ହିଁ ମାନବ ସମାଜର କର୍ଣ୍ଣଧାର ଅଟନ୍ତି ବୋଲି ଶିକ୍ଷକ ମାନେ ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ଉପଢୌକନ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଗୁରୁଙ୍କୁ ସମ୍ମାନ ଜଣାଇ ଶୁଭମହୁରୀ ବାଦ୍ୟ ବାଦନ କରାଯାଇ ଗୁରୁଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ୟାମସୁନ୍ଦର ହାଇସ୍କୁଲ ଏବଂ ଶ୍ୟାମସୁନ୍ଦର ବିଦ୍ୟାପୀଠର ଦିବଙ୍ଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରୀ ନିର୍ମଳା ପଣ୍ଡା ଗୁରୁଙ୍କୁ ସମ୍ମାନ ଜଣାଇ ଏକ ସ୍ୱରଚିତ କବିତା ପାଠ କରିଥିଲେ। ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ହୃଷିକେଶ ସାହୁ, ଦୟାନିଧି ଦାଶ, ସୁଦର୍ଶନ ପଣ୍ଡା, ନିରୂପମା ପଣ୍ଡା, ଶାନ୍ତିଲତା ପଣ୍ଡା, ପଦ୍ମିନୀ ସ୍ୱାଇଁ, ବିଳାସିନୀ ସାହୁ, କସ୍ତୁରୀ ମିଶ୍ର, ଅନନ୍ତ ମହାରଣା, ରବିନ୍ଦ୍ର ନାଏକ, କାର୍ତ୍ତିକ ଚନ୍ଦ୍ର ସାହୁ, ନରେନ୍ଦ୍ର ଜେନା, ନରେନ୍ଦ୍ର ସିଂ, ଆନନ୍ଦ ବିଶ୍ୱାଳ, ମହେଶ୍ୱର ବିଶ୍ୱାଳ, ଅଜୟ ବିଶ୍ୱାଳଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରାତନ ଛାତ୍ର ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


## ପ୍ରାଣୀଧନ ଚିକିତ୍ସାଳୟରେ ମିଳୁନି ଔଷଧ

# ଗୋପାଳକଙ୍କୁ ଶୋଷୁଛନ୍ତି ବେସରକାରୀ ଅନୁଷ୍ଠାନ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସାଳୟକୁ ଦୈନିକ ଗାଇ, ଗୋରୁ, ଛେଳି, ମେଣ୍ଢା, କୁକୁରଙ୍କୁ ନେଇ ବହୁ ଲୋକ ଆସୁଛନ୍ତି। ତେବେ ସରକାର ଆବଶ୍ୟକ ଔଷଧ ଯୋଗାଇ ନ ଦେବାରୁ ଅଧିକାରୀ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ସମୟରେ ଔଷଧ ମିଳୁ ନଥିବାରୁ ଅଧିକାରୀଙ୍କୁ ସାଧାରଣ ଲୋକଙ୍କ ରୋଷର ଶିକାର ହେବା ପାଇଁ ପଡୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରାଣୀଚିକିତ୍ସାଳୟ ଅଧୀନରେ କିଛି ପଶୁଧନ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ତେବେ ରୋଗ ଚିହ୍ନଟ ପରେ ଯେଉଁ ଔଷଧ ଆବଶ୍ୟକ ତାହା କାର୍ଯ୍ୟାଳୟରେ ନ ଥିବାରୁ କେତେକ ସ୍ଥାନରେ ସଚେତନ ଲୋକ ଏମାନଙ୍କ ପ୍ରେସକ୍ରିପସନରେ ବାହାରୁ ଔଷଧ କିଣି ଗୃହପାଳିତ ପଶୁଙ୍କୁ ଚିକିତ୍ସା କରାଉଛନ୍ତି। ଆଉ କିଛି ସ୍ଥାନରେ ଗୋରୁ ଗାଇଙ୍କୁ ସେବା ଦେବା ନାଁରେ କାମ କରୁଥିବା କ୍ୱାକ ମାନେ ନିଜକୁ ପଶୁ ଡାକ୍ତର କହି ତୃଣମୂଳ ସ୍ତରରେ ଗୋପାଳକମାନଙ୍କୁ ଶୋଷୁଛନ୍ତି। ଯାହା ଘରେ ଗୋରୁ ଗାଈ ଅଛନ୍ତି ଏମାନେ ଖବର ପାଇଁ ପହଂଚି ଯାଉଛନ୍ତି। ଚଢ଼ା ଦରରେ ଲୋକଙ୍କ ପାଖରୁ ଔଷଧ ବାବଦରେ ଟଙ୍କା ଆଣୁଛନ୍ତି। ସରକାରୀ କର୍ମଚାରୀଙ୍କ ପାଖରେ ଯେଉଁ ଅଭିଜ୍ଞତା ରହିଛି ଏମାନଙ୍କ ପାଖରେ ତାହାନାହିଁ। କିନ୍ତୁ ସରକାରୀ ଚିକିତ୍ସାଳୟରେ ଔଷଧ ନଥିବାରୁ ଏମାନେ ତାର ଫାଇଦା ନେଉଛନ୍ତି। ଏ ସମ୍ପର୍କରେ ଜଣେ ପଶୁଧନ ନିରୀକ୍ଷକ ନିଜର ନାମ ଗୋପନ ରଖି କହିଛନ୍ତି, ବ୍ଲକରେ ବିଭିନ୍ନ ସ୍ଥାନରେ ପ୍ରାଣୀଙ୍କୁ ଚିକିତ୍ସା କରିବା ପାଇଁ ଆମେ ଅଛୁ କିନ୍ତୁ ଆମ ପାଖରେ ଆବଶ୍ୟକ ସରଞ୍ଜାମ ନାହିଁ କି ଔଷଧ ମଧ ନାହିଁ। ବିଭାଗୀୟ ଅଧିକାରୀ ସରକାରଙ୍କୁ ଲେଖି ଲେଖି ଥକତ ହୋଇଗଲେଣି। ପ୍ରାୟ କିଛି ମାସ ହେବ ଏହି ଭଳି ଅବସ୍ଥା ଉପୁଜୁଛି ବୋଲି କହିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୁଢ କୁଢ ଆବର୍ଜନା



କେନ୍ଦୁଝର (ଭାସ୍କର ନ୍ୟୁଜ): ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ଗଦା ହୋଇଥିବା ବେଳେ କେନ୍ଦୁଝରଗଡ଼ ପୌରପାଳିକା ସ୍ୱାୟତ ଶାସନ ଦିବସକୁ ବହୁ ଆଡମ୍ବର ସହକାରେ ପାଳନ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛି କେନ୍ଦୁଝରର ହୃଦୟ କୁହାଯାଉଥିବା ଜିଲାପାଳଙ୍କ କାର୍ଯ୍ୟାଳୟ। ଏଠାକୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟ ନେଇ ଶହଶହ ଲୋକ ଆସିଥାନ୍ତି। କିନ୍ତୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ର ଶୋଭା ବର୍ଦ୍ଧନ କରୁଛି ଗଦା ହୋଇଛି କୁଢ କୁଢ ଆବର୍ଜନା ଓ ଅସାମାଜିକ ଲୋକଙ୍କ ଦ୍ୱାରା ଫିଙ୍ଗା ଯାଇଥିବା ମଦ ବୋତଲ। ଯାହାକି ସ୍ୱଚ୍ଛ ଭାରତ ମିଶନର ଖୋଲା ଖୋଲି ଉଲଂଘନ, ଏପଟେ ସ୍ୱାୟତ ସାଶନ ଦିବସରେ ମାଂସ ଭାତ ଖାଇ ମସଗୁଲ ଅଛନ୍ତି ପୌରପାଳିକା କର୍ମଚାରୀ ସେପଟେ ଅଳିଆ ଆବର୍ଜନାପୂର୍ଣ୍ଣ ଜିଲାପାଳଙ୍କ କାର୍ଯ୍ୟାଳୟ କୁ ଆସୁଥିବା ଶହ ଶହ କର୍ମଚାରୀ ଆସ୍ୱାସ୍ଥ୍ୟକର ପରିବେଶ ରେ ବସିବା ପାଇଁ ବାଧ ହେଉଛନ୍ତି। ଏହା ବିଷୟରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ହେଉଥିଲେ ହେଁ କୌଣସି ପ୍ରଭାବ ପଡୁନି ପୋରପାଳିକା ଉପରେ। ସଫେଇ କର୍ମଚାରୀ ଆସି ସାମ୍ନାର କିଛି ଅଂଶ ସଫା କରି ଚାଲିଯାଉଥିବା ବେଳେ ସାଇକେଲ ଷ୍ଟାଣ୍ଡ ଓ କ୍ୟାଣ୍ଟିନ୍ ସାମ୍ନାର ପଡିରହୁଛି କୁଢ କୁଢ ଆବର୍ଜନା, ଯାହା ଫଳରେ ଏଠାକୁ ଆସୁଥିବା ଲୋକଙ୍କ ମଧ୍ୟରେ ରୋଗ ବ୍ୟାଧି ସୃଷ୍ଟି ହେବାର ଆଶଙ୍କା ରହୁଛି ଏହା ସହ ଲୋକ ମିଲେଟ କାଫେ ଓ କ୍ୟାଣ୍ଟିନ ରେ ବାଧ ହେଉଛନ୍ତି ଖାଇବା ପାଇଁ। ପରିସ୍ଥିତ ଏପରି ଯେ ଲୋକମାନେ ନାକରେ ହାତ ଦେଇ ଚଳପ୍ରଚଳ କରୁଥିବା ଦେଖିବାପାଇଁ ମିଳୁଛି। ଯାହା ପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପୌରପାଳିକା କର୍ତ୍ତୃପକ୍ଷ ନଜରରେ ରଖି ଯଥାଶୀଘ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପଡି ରହିଥିବା ଆବର୍ଜନା ହଟାଇବା ସହ ପରିବେଶକୁ ସଫା ସୁତରା କରିବା ପାଇଁ ବୁଦ୍ଧିଜିବି ମହଲରେ ଦାବି ହୋଇଛି।



କେନ୍ଦୁଝର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜେଇରୋଡ, କେନ୍ଦୁଝରଗଡ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବରେ ଧରଣୀଧର ସ୍ୱୟଂଶାସିତ ବିଶ୍ୱ ବିଦ୍ୟାଳୟର କୂଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗଦେଇ ଶିଶୁଙ୍କୁ ଭବିଷ୍ୟତରେ ଜଣେ ଜଣେ ଗଣିତଜ୍ଞ ହେବା ସହିତ ଦେଶର ନାମ ରଖିବାକୁ ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗ ଦେଇ ଗୁରୁ ଦିବସରେ ଗୁରୁ-ଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି ସମ୍ପାଦକ ସରୋଜ କୁମାର ହାତୀ ଯୋଗ ଦେଇ ଗଣିତ ପ୍ରତି ଭାରତର ଅତୁଳନୀୟ ଅବଦାନ ରହିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାନ୍ତ ଗଣିତ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ଗଣିତ ମେଳାର ଉଦ୍ଦେଶ୍ୟ କଥନ ରଖିଥିଲେ। ବିଦ୍ୟାଳୟର ଉପସଭାପତି ପ୍ରିୟବ୍ରତ ସାମଲ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ, ପୂର୍ଣ୍ଣକାଳିନ ସଞ୍ଜୟ ମିଶ୍ର, ରୁଦ୍ରନାରାୟଣ ବେହେରା, ଜ୍ଞାନରଞ୍ଜନ ପାଢ଼ି, ହରିଶ୍ଚନ୍ଦ୍ର ପଣ୍ଡା, ଇମ୍ୟୋଦର ମହାନ୍ତ, ପ୍ରଦୀପ କୁମାର ସାହୁ, ଅଖିଳ ଭାରତୀୟ ବୈଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉକ୍ତ ମେଳାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କୃତି ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ମେଳାରେ ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମଞ୍ଚ, ପ୍ରୟୋଗ, ଆଚାର୍ଯ୍ୟ ପତ୍ରବାଚନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ରାହୁରା ମାଇନର କେନାଲ ବନ୍ଧ ରାସ୍ତା ନିର୍ମାଣ ଦାବି



ଫୁଲନଖରା (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ପ୍ରାଚୀ ଜଳସେଚନ ବିଭାଜନ ଓ ପ୍ରତାପ ନଗରୀ ଜଳସେଚନ ଉପଖଣ୍ଡ ଅଧୀନସ୍ଥ ଓ ମହିଧରପଡ଼ା ଜଳସେଚନ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ତ୍ରିନାଥ ବଜାର ଠାରୁ ୪ କି.ମି ରାହୁରା କେନାଲ ମାଇନର ଯାଇଅଛି । ଏହି ତ୍ରିନାଥ ବଜାରରାହୁରା ମାଇନରର ଡାହାଣ ପାର୍ଶ୍ୱ ବନ୍ଧକୁ ଲାଗି ମହିଧରପଡ଼ା-ଗୋବିନ୍ଦପୁର ରାସ୍ତା ଯାଇଅଛି। ସପ୍ତାହକୁ ଦୁଇଥର ସୋମବାର ଓ ଗୁରୁବାର ତ୍ରିନାଥବଜାର ହାଟ। ହଜାର ହଜାର ପରିବା ବ୍ୟବସାୟୀ ସାଇକେଲ ଯୋଗେ ପରିବା ବୋହି ଏହି ହାଟକୁ ଆସିଥା'ନ୍ତି । ତ୍ରିନାଥ ବଜାରରୁ ଗବବସ୍ତ ହରିଅନ୍ତା, ନାହାଳପୁର, ନୂଆଗାଁ, ଗୁଣାଦୋଳ ଦେଇ ଏହି ମୁଖ୍ୟ ରାସ୍ତାଟି ଗୋବିନ୍ଦପୁରକୁ ଯାଇଅଛି । ଦୈନନ୍ଦିନ ତଳକୁ ଶହ ଶହ ମାଲ ବୋଝେଇ ଟ୍ରକ ଯିବାଦ୍ୱାରା ରାସ୍ତା ସବୁବେଳେ ଜାମ ରହୁଛି। ତେଣୁ ତ୍ରିନାଥ ବଜାର ଠାରୁ ରାହୁରା ମାଇନର ବାମପାର୍ଶ୍ୱ ବନ୍ଧଟି ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ଯାଇଅଛି । ତ୍ରିନାଥ ବଜାରରୁ ସ୍ୱାସ୍ଥ୍ୟ କେନ୍ଦ୍ରପର୍ଯ୍ୟନ୍ତ ଏହି ବାମପାର୍ଶ୍ୱ ବନ୍ଧ ୧ କି. ମି ପାଖାପାଖି ହେବ ମହିଧରପଡା ଡାକ୍ତରଖାନା ପର୍ଯ୍ୟନ୍ତ ଯାଇଅଛି। ଏହି ବାମପାର୍ଶ୍ୱ ବନ୍ଧଟି ପ୍ରଶସ୍ତ ଚଉଡ଼ା ଯାହା କି ସରକାରୀ ବଗଚରା ଅନ୍ୟୂନ ପକ୍ଷେ ୨୫-୩୦ ଫୁଟ ରହିଅଛି। ତୁରନ୍ତ ଜନସାଧାରଣଙ୍କ ସମୂହ ହିତଦୃଷ୍ଟେ ଏହି ବନ୍ଧଟିକୁ ରାସ୍ତା ନିର୍ମାଣ କରିବା ସକାଶେ ବହୁବାର ଦାବି ହୋଇଆସୁଛି । କ'ଣ ପାଇଁ ଜଳସେଚନ ବିଭାଗ ଏହି ବନ୍ଧକୁରାସ୍ତା ନିର୍ମାଣ ନ କରି ଅଣଦେଖା କରିଚାଲିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ବନ୍ଧକୁ ରାସ୍ତାନିର୍ମାଣ କରିବାକୁ ଅଣ-ରାଜନୈତିକ ସ୍ୱେଚ୍ଛାସେବୀ ସଙ୍ଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ସଭାପତି ଲଳିତ କୁମାର ଦାଶ, ସମ୍ପାଦକ ଅମିତ କୁମାର ପରିଜା, ପ୍ରତିଷ୍ଠାତା ସଭାପତି ପ୍ରକାଶ କୁମାର ନାୟକ, ଅଶୋକ କୁମାର ରଥ, ସୈଳଜାନନ୍ଦ ସାହୁ, ରାଧାଶ୍ୟାମ ମହାନ୍ତି, ଧରଣୀଧର ବେହେରା, ଚନ୍ଦ୍ରଶେଖର ରାଉତ, ଦେବ ରଞ୍ଜନ ବୈଠାଲୁ ଅଜୟ କୁମାର ବେଉରା, ଶଶିଭୂଷଣ ଦାଶ, ଧୀରେନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

**ମତାମତ**



'ଏଭଳି ଗୁରୁତ୍ୱପୂର୍ଣ୍ଣ କେନାଲ ରାସ୍ତାଟି ଯଦି ଶୀଘ୍ର ଉନ୍ନତିକରଣ କରାନଯାଏ ତେବେ ବହୁତ ଜଲଦି ଆମେ ସଂଗଠନ, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଭେଟିବୁ। ଆମ ସମସ୍ୟା ନିଶ୍ଚିତ ଦୂର ହେବ।' – *ଲଳିତ କୁମାର ଦାଶ, ସଭାପତି ତଥା ବରିଷ୍ଠ ସାମ୍ବାଦିକ*



'ଏହା ବିଭାଗର ଓ ଯନ୍ତ୍ରୀମାନଙ୍କର ମନମୁଖୀ କାର୍ଯ୍ୟକଳାପର ପ୍ରତିଫଳନ। ଯନ୍ତ୍ରୀ ତଥା ବିଭାଗୀୟ ଅଧିକାରୀ ମାନେ ଗ୍ରାଉଣ୍ଡ ଜିରୋକୁ ଆସୁ ନାହାନ୍ତି। ଯଦି ଆସୁଥାନ୍ତେ ତେବେ ଏହି କେନାଲ ବନ୍ଧ ରାସ୍ତାଟି ଅବହେଳିତ ହୋଇ ରହିନଥାନ୍ତା।' – *ଅଶୋକ କୁମାର ରଥ, ଉପଦେଷ୍ଟା ତଥା ସମାଜସେବୀ*



'ବାରମ୍ବାର ବିଭିନ୍ନ ଅନୁଷ୍ଠାନ ଓ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳିପାରିନାହିଁ ।' – *ପ୍ରକାଶ ଚନ୍ଦ୍ର ନାୟକ, ପ୍ରତିଷ୍ଠାତା ସଭାପତି*

# ଆଦେଶନାମା ପରେ ମଧ୍ୟ ପଦୋନ୍ନତି ପାଉନାହାନ୍ତି ସ୍ୱାସ୍ଥ୍ୟକର୍ମୀ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ପ୍ରାୟ ୧୩୮ ଜଣ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ଅର୍ଡର ମିଳିବା ପରେ ମଧ ପୋଷ୍ଟିଂ ଦେଉନି ଜିଲ୍ଲା ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ ଚିଠି ସଂଖ୍ୟା (୨୦୭୩ ) ଗତ ୨୧/୦୨/ ୨୦୨୫ ଓ ଚିଠି ସଂଖ୍ୟା (୩୨୨୯) ତା ୧୧/୦୩/୨୦୨୫ ଅନୁସାରେ ଜିଲ୍ଲାର ପ୍ରାୟ ୧୩୮ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଏପର୍ଯ୍ୟନ୍ତ ସେହି ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ଚିଠି ଅନୁସାରେ ପୋଷ୍ଟିଂ ମିଳିନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀ, ମାଲକାନଗିରି ଜିଲ୍ଲା ପ୍ରମୋଶନ କମିଟିଙ୍କ ୦୪/୦୩/୨୫ ଏବଂ ୧୯/୦୨/୨୫ରେ ଅନୁଷ୍ଠିତ ବୈଠକର ସୁପାରିଶ ଅନୁଯାୟୀ, ନିମ୍ନଲିଖିତ ଏମ ପିଏଚଡବ୍ଲ୍ୟୁ (ପୁରୁଷ ଓ ମହିଳା) ଲେଭଲ-୨ ମାନେ ଏମ୍‌ପିଏଚ୍‌ଡବ୍ଲ୍ୟୁ ଓ ମଲ୍ଟି ହେଲଥ ୱାର୍କର (ପୁରୁଷ ଓ ମହିଳା) ଲେଭଲ -୧ ପଦବୀକୁ ଲେଭଲ -୯ ବେତନ ସିଢ଼ି (୩୫୪୦୦/-)ରୁ ଆରମ୍ଭ କରି (୧୧୨୪୦୦/-) ଅନୁଯାୟୀ ଓ ଆର୍‌ଏସ୍‌ପି ନିୟମ -୨୦୧୭ ଅନୁସାରେ ସାଧାରଣ ଡିଏ ଓ ଅନ୍ୟାନ୍ୟ ଭତ୍ତା ସହିତ ଉନ୍ନତି ଦିଆଯାଇଛି, ଯାହା ସରକାର ଦ୍ୱାରା ସମୟ ସମୟରେ ଅନୁମୋଦିତ। ଏହି ପଦବୀ ଉନ୍ନତି ସେମାନେ ପ୍ରକୃତରେ ତାଙ୍କର ଦାୟିତ୍ୱ ନିର୍ବାହ ଆରମ୍ଭ କରିଥିବା ତାରିଖରୁ ପ୍ରଭାବୀ ହେବ। ଉନ୍ନତି ପରେ ସେମାନେ ତାଙ୍କର ବର୍ତ୍ତମାନ ସ୍ଥାନରେ କାର୍ଯ୍ୟ ଜାରି ରଖିବେ, ଯେପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ଓ ସାର୍ବଜନୀନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପକ୍ଷରୁ ସ୍ଥାନ ଅନୁମୋଦନ ହେଉନାହିଁ। ଏଭଳି ଚିଠିରେ ଆଦେଶ କରାଯାଇ ଅଛି କିନ୍ତୁ ଏପର୍ଯ୍ୟନ୍ତ ନମିଳିବାର କାରଣ କିଛି ଜଣା ପଡ଼ିନାହିଁ। ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିଲନାହିଁ। ଏଥିରେ ମଧ କିଛି ଶୁଣିବାକୁ ମିଳିଥିଲା ଯେ ଟଙ୍କା ନେଣଦେଣ ହୋଇପାରିନାହିଁ ବୋଲି ପଦୋନ୍ନତି ଆଦେଶନାମା ଦିଆଯାଉନାହିଁ। ଏଭଳି ବହୁତ କିଛି ଗୁଜବ ମଧ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବାର ଦେଖିବାକୁ ମିଳିଛି। ଏବେ ଦେଖିବାକୁ ବାକି ରହିଲା ଯେ କେବେ ନିଜର ପଦୋନ୍ନତି ଆଦେଶନାମା ପାଉଛନ୍ତି ଏହି ୧୩୮ ସ୍ୱାସ୍ଥ୍ୟକର୍ମୀ।

## ଖମାରୀପଡା ରେଳ ଭୂତଳ ପୋଲରେ ଜମୁଛି ପାଣି

ବୌଦ୍ଧ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଖୋର୍ଦ୍ଧା ରେଳପଥର ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ ଖମାରିପଡା ରେଳ ଭୂତଳ ପୋଲରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଥିବାରୁ ଏହି ବାଟ ଦେଇ ଯାଉଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜହ୍ନାପଙ୍କ-ଖମାରୀପଡା ରାସ୍ତା ବଘିଆପଡା-ଗୁନ୍ଦୁଲିଆ-ଶଗଡା ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ସବୁବେଳେ ବ୍ୟସ୍ତ ରାସ୍ତା ଅଟେ। ପ୍ରତିଦିନ ଏହି ରାସ୍ତାରେ ଶିକ୍ଷକ ସ୍କୁଲ ଯାଉଥିବା ବେଳେ ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜ ଯାଇଥାନ୍ତି। ଦୈନିକ ଶହ ଶହ ଯାନବାହାନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ବେଳେ ବେଳେ ଲୋକ ଯାଉଥିବା ବେଳେ ଏହି ପୋଲ ନିକଟରେ ଚାରିଚକିଆ ଯାନ ଅତିକ୍ରମ କରିବା ବେଳେ ମଇଳା ପାଣି ଦେହରେ ପଡେ। ଫଳରେ ଯାତ୍ରୀମାନେ ବାଧ ହୋଇ ସେଠାରୁ ଫେରନ୍ତି। ପୋଲ ନିର୍ମାଣ ବେଳେ ଠିକାଦାର ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରିନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୟୂରଭଞ୍ଜ ବଡ଼ସାହିରେ ଯୁଗ୍ମ ଜନଶୁଣାଣି ଶିବିର

ମୟୂରଭଞ୍ଜ (ଭାସ୍କର ନ୍ୟୁଜ୍): ବଡ଼ସାହି ବ୍ଲକ ଅଫିସରେ ଆୟୋଜିତ ଜନସଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସନାତନ ବିଜୁଳି, ଜିଲ୍ଲାପାଳ, ଏସ୍‌ପି ଉପସ୍ଥିତ ଥିଲେ। ମୋଟ ୧୧୮୫ଟି ଅଭିଯୋଗ ରେଜିଷ୍ଟ୍ରସନ ହୋଇଥିବା ଜଣାପଡିଛି। ଏଥିରେ ମୁଖ୍ୟ ନୂତନ ମାଣତ୍ରୀ ଠାରେ ବ୍ଲକ ଗଠନକୁ ଅଗ୍ରାଧିକାର ଦିଆଯାଇଅଛି। ସର୍ବସାଧାରଣ ଓ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ତରଫରୁ ମୁଖ୍ୟ ସମସ୍ୟା ଦୂରୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଦାବିପତ୍ରରେ ଦର୍ଶାଯାଇଅଛି। ଏହି ଦାବି ସମ୍ବନ୍ଧରେ ଜିଲ୍ଲାପାଳ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ମେଡିକାଲ କଲେଜ ପ୍ରତିଷ୍ଠାରେ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

କନ୍ଧମାଳ(ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲାରେ ବହୁ ପ୍ରତିକ୍ଷିତ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିବା ସବୁ ଅନୁଷ୍ଠାନର ମୁଖ୍ୟଙ୍କୁ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କ ଦ୍ୱାରା ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ସିଟିଜେନ ଫୋରମ୍ ସଂପାଦକ, ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ୍ ସଭାପତି, ପିପୁଲ୍ସ ଫୋରମର ଅଧକ୍ଷ ସୁନୀଲ ପଟ୍ଟନାୟକ, କନ୍ଧମାଳ ପିପୁଲସ ଫୋରମର ପ୍ରତିଷ୍ଠାତା ତଥା ସଭାପତି ରାଧା ମୋହନ ମହାପାତ୍ର, ବରିଷ୍ଠ ନାଗରିକ ସଙ୍ଘ ସଭାପତି ପଦ୍ମ ଚରଣ ସ୍ୱାଇଁ, ନବୀନ କିଶୋର ପଣ୍ଡା, ସମ୍ପାଦକ୍ ପ୍ରଣବ କୁମାର ମଣ୍ଡଳ, ବଂଶୀଧର ପଣ୍ଡା, ବ୍ରାହ୍ମଣ ସମାଜ ସଭାପତି ପିତାମ୍ବର ମିଶ୍ର, ମେଡ଼ିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ପ୍ରମୁଖଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗକୁ କନ୍ଧମାଳର ବିଭିନ୍ନ ବିକାଶ ଦିଗରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ଚଳିତ ବର୍ଷ ନାମଲେଖା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ଯାହାକି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହି ଓ ବିଧାୟକ ଉମା ଚରଣ ମଲିକଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ସମ୍ଭବ ହୋଇଥିବାରୁ ସେ ଦୁହିଁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସଦସ୍ୟ ସଞ୍ଜିତ କୁମାର ମଣ୍ଡଳ, ବରିଷ୍ଠ ଆଇନଜୀବୀ ତଥା ବରିଷ୍ଠ ବିଜେପି ନେତା ଭଗବାନ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଅଜିତ କୁମାର ପଟ୍ଟନାୟକ, ଲିଙ୍ଗରାଜ ଦଳବେହେରା, ସାଂସଦ ପ୍ରତିନିଧି ଦୁର୍ଗା ଆଚାର୍ଯ୍ୟ, ନଗର ସଭାପତି ଜଗନ୍ନାଥ ସାହୁ, ଅନିଲ ପ୍ରଧାନ, ଚନ୍ଦ୍ର ପଣ୍ଡା, ସଞ୍ଜିତ ପାତ୍ରଙ୍କ ସମେତ ବିଜେପି ଯୁବମୋର୍ଚ୍ଚାର ସଦସ୍ୟ ଓ ମହିଳା ବିଜେପି, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଉମରକୋଟ(ଭାସ୍କର ନ୍ୟୁଜ୍): ପବିତ୍ର ଗୁରୁ ଦିବସ ଅବସରରେ ସାଁଙ୍ଗିଶାରି ସାଧନ କେନ୍ଦ୍ର ପରିସରରେ ଏହି କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ବିଦାୟକାଳୀନ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇ ଯାଇଅଛି। ସାଁଙ୍ଗିଶାରି ସାଧନ କେନ୍ଦ୍ରର ସଂଯୋଜକ ଡମ୍ବୁରୁ ହରିଜନଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଗତ ଜୁଲାଇ ମାସ ୩୧ ତାରିଖ ଦିନ ଚାକିରିରୁ ଅବସର ନେଇଥିବା ପୋନାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ କୃତି ଶିକ୍ଷକ ପ୍ରମୋଦ ପଟ୍ଟନାୟକଙ୍କୁ ଅବସରକାଳୀନ ତଥା ଏହି କ୍ଲଷ୍ଟରରୁ ବଦଳି ହୋଇଥିବା ଶିକ୍ଷକ ଦ୍ୱୟ ହେମନ୍ତ ଭତରା ଓ ଅର୍ଜୁନ ଗଣ୍ଡଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହିକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ପ୍ରଧାନଶିକ୍ଷକ ରଘୁନାଥ ପୁଜାରୀ, ମଦନ ସିଂ ପୁଜାରୀ ଓ ସୁକଚାନ୍ଦ ପୁଜାରୀ। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ ବିଦାୟୀ ଶିକ୍ଷକଙ୍କ କର୍ମତତ୍ପର ବ୍ୟକ୍ତିତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଦଧିଚୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠା ଦିବସ ପାଳିତ



ଫୁଲନଖରା(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦର ଗ୍ରାମ ସ୍ଥିତ ଦଧିଚି ଶିକ୍ଷାନୁଷ୍ଠାନର ୨୧ତମ ପ୍ରତିଷ୍ଠା ଦିବସ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସ ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଡକ୍ଟର ପ୍ରବୀଣ ତୋଗାଡ଼ିଆ, କଳିଙ୍ଗ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଡକ୍ଟର ବଦ୍ରି ପଟ୍ଟନାୟକ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନଟି ସାରା ରାଜ୍ୟରେ ପ୍ରତିଷ୍ଠିତ ଲାଭ କରିବା ସହିତ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ଦକ୍ଷ ଅଫିସର ହୋଇ ଶିକ୍ଷାନୁଷ୍ଠାନର ଖ୍ୟାତି ଅର୍ଜନ କରିବା ଦିଗରେ ସହାୟକ ହୋଇଛନ୍ତି। ଏହା ଏକ ଅନୁଷ୍ଠାନ ନୁହେଁ ଗୋଟେ ଉତ୍ତମ ଯୁବସମାଜ ଗଠନ ଦିଗରେ ଏହାର ଯଥେଷ୍ଟ ଭୂମିକା ଅଛି ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ଏହିସମୟରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର ମନୋଜ ଦାଶ ଓ ଟ୍ରଷ୍ଟି ବବିତା ଦାଶ ମଞ୍ଚରେ ଉପସ୍ଥିତ ରହି ଅତିଥିମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦଧିଚି କଲେଜର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ଓଲଟପୁର ଥାନା ଓ ସଦର ଥାନାର ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଗ୍ରାମ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ତାଙ୍କ ଗ୍ରାମ ପଂଚାୟତର ଲୋକଙ୍କୁ ଏକତ୍ରିତ କରି ଭାବର ବନ୍ଧନରେ ସମସ୍ତଙ୍କୁ ନେଇ ଏକ ନୂଆଁଖାଇ ଭେଟଘାଟର ଆୟୋଜନ କରୁଛନ୍ତି। ଗ୍ରାମ ପଂଚାୟତରେ ଥିବା ଲୋକଙ୍କ ଆଶୀର୍ବାଦରେ ପ୍ରଥମେ ସମିତି ସଭ୍ୟ, ଦ୍ୱତୀୟରେ ସମିତି ସଭ୍ୟରୁ ଖଡ଼ିଆଳ ବ୍ଲକ ଉପାଧକ୍ଷ ହେଲେ ସେହି ସାନମହେଶ୍ୱର ଗ୍ରାମ ପଂଚାୟତର ଜନସାଧାରଣଙ୍କ ଆଶୀର୍ବାଦରୁ। ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି। ଯେଉଁ ଗ୍ରାମ ପଂଚାୟତ ଜନସାଧାରଣଙ୍କ ଆଶୀର୍ବାଦ ର ଆଜି ମୁଁ ଖଡ଼ିଆଳ ବ୍ଲକ ଉପାଧକ୍ଷ ହୋଇଛି ସେମାନଙ୍କ ଖୁସି ସହ ଭାଇଚାରା ସୃଷ୍ଟି ପାଇଁ ଏହି ନୂଆଁଖାଇ ଭେଟଘାଟର ଆୟୋଜନ ହେଉଛି। ସେପ୍ଟେମ୍ବର ୧୫ ତାରିଖ ସାନମହେଶ୍ୱର ଗ୍ରାମ ପଂଚାୟତର ସମସ୍ତ, ମାଆ ଭଉଣୀ, କାକାକାକି, ଦଦାଦାଦି, ଅଜାଆଇଙ୍କ ସହ ସମସ୍ତ ଜନସାଧାରଣଙ୍କୁ ନେଇ ନୂଆଁଖାଇ ଭେଟଘାଟ ହେବାର ପ୍ରସ୍ତୁତି ବୈଠକ ହୋଇଯାଇଛି। ଗ୍ରାମ ପଂଚାୟତର ପ୍ରତେକ ଗାଁ ଓ ପଡାରୁ ଆସିବେ ଓ ସେମାନଙ୍କ ପାଇଁ ସମସ୍ତ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଖଡ଼ିଆଳ ତାଣ୍ଡି ପ୍ରକାଶ କରିଛନ୍ତି। ନୂଆଁଖାଇ ଭେଟ ଘାଟ ପ୍ରସ୍ତୁତି ବୈଠକରେ ଗୌତମ ତାଣ୍ଡି ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିବା ବେଳେ ବରିଷ୍ଠ ଉପଦେଷ୍ଟା ଦଶମୁ ବେହେରା, ଶ୍ୟାମସୁନ୍ଦର କୁଲଦୀପ, ଶଙ୍କର ବେହେରା, ପ୍ରବୀଣ ମୁଣ୍ଡ, ପୁସ୍ତମ ତାଣ୍ଡି, କ୍ଷୀରୋଦ ବେହେରାଙ୍କ ସମେତ ପଂଚାୟତର ବହୁ ଲକେ ଯୋଗ ଦେଇଥିଲେ। ଆସନ୍ତା ୧୫ ତାରିଖ ଦିନ ରଜାମୁଣ୍ଡା ଖେଳ ପଡିଆ ଠାରେ ଏହି ନୂଆଁଖାଇ ଭେଟଘାଟ ମହାଡ଼ମ୍ବରରେ ପାଳନ କରାଯିବ ବୋଲି ସଭରେ ନିଷ୍ପତ୍ତି ହେଇଛି। ବୈଠକରେ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମର ପ୍ରତ୍ୟେକ ସାହି ପଡିଶାର ଲୋକେ ଏକତ୍ରିତ ହୋଇଥିଲେ। ନିଜ ନିଜର ଦାୟିତ୍ୱ ଶାନ୍ତିପୂର୍ଣ୍ଣ ଭାବେ ତୁଲାଇ ନୂଆଁଖାଇ ଭେଟଘାଟକୁ ସାଫଲ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଆରପାରିରେ ସମୀର ଗୁରୁଜୀ, ଦ୍ୱୀପାଞ୍ଚଳରେ ଶୋକର ଛାୟା

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳୀ ବ୍ଲକ ଅନ୍ତର୍ଗତ ଦେବୀ କନ୍ଦଳ ଦ୍ୱିପାଞ୍ଚଳ କସର୍ଦା (ବଢ଼ିଆସାହି) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କାର୍ଯ୍ୟରତ ଗୁରୁଜୀ ସମୀର ସ୍ୱାଇଁ (୫୧)ଙ୍କ ଗତକାଲି ବିଲମ୍ବିତ ରାତିରେ ବ୍ରେନଷ୍ଟ୍ରୋକରେ ଅକାଳ ବିୟୋଗ ଘଟିଛି। ଶ୍ରୀଯୁକ୍ତ ସ୍ୱାଇଁ ଗତ ଶୁକ୍ରବାର ରାତ୍ର ୩ ଘଟିକା ସମୟରେ ନିଜକୁ ଅସୁସ୍ଥ ମନେକରି ଯନ୍ତ୍ରଣାରେ ଛଟପଟ ହେବାରୁ, ଆତ୍ମୀୟ ସ୍ୱଜନ ତାଙ୍କ ନିଜ ବାସଭବନ ସେଳଦାରୁ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତୀ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳୁ ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ତାଙ୍କ ସେଳଦାସ୍ଥିତ ବାସଭବନକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା। କସର୍ଦା ଶିଶୁ ମନ୍ଦିରରେ ଦୀର୍ଘ ପନ୍ଦର ବର୍ଷ ହେବ ଜଣେ ଛାତ୍ର ବତ୍ସଳ ଗୁରୁଜୀ ଭାବେ ଶିକ୍ଷାଦାନରେ ତାଙ୍କର ସୁଖ୍ୟାତି ଥିଲା। ସେହିପରି ଭାବେ ଗାଁର ପ୍ରତ୍ୟକ ସାମୂହିକ ଆନୁଷ୍ଠାନିକ କାର୍ଯ୍ୟରେ ତାଙ୍କର ସକ୍ରିୟତା ପାଇଁ ଗ୍ରାମବାସୀଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ତାଙ୍କ ମୃତ୍ୟୁରେ ନିଆଳୀ ବିଧାୟକ ଛବି ମଲ୍ଲିକ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ କୁମାର ବିଶ୍ୱାଳ ତାଙ୍କର ଜଣେ ବିଶ୍ୱସ୍ତ ବନ୍ଧୁଙ୍କୁ ହରାଇଲେ ବୋଲି କହିଛନ୍ତି। ସେହିପରି ସ୍ୱେଚ୍ଛାସେବୀ ସଙ୍ଗଠନ ଛାତ୍ର-ଯୁବ ବିକାଶ ପରିଷଦ ଓ ଦ୍ୱିପାଞ୍ଚଳବାସୀଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଆଜି ସକାଳ ଆଠ ଘଟିକାରେ ଗାଁର ଟୁବଗାଡିଆ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୁରୁଜୀଙ୍କ ଏକମାତ୍ର ପୁଅ ଶୁଭ୍ରଜିତ(ସୋନୁ) ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଆଳି ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ବିଜେପି ନେତା ସରୋଜ କୁମାର ସ୍ୱାଇଁ, ଶିଶୁ ମନ୍ଦିର ମୁରବି ଭରତ ଚନ୍ଦ୍ର ପାଇଟାଳ, ପ୍ରମୋଦ କୁମାର ସାହାଣୀ,



ଶିକ୍ଷକନେତା ରମାକାନ୍ତ ସ୍ୱାଇଁ, ସମାଜସେବୀ ରାଜକିଶୋର ମହାନ୍ତି, ନିଖିଳକାନ୍ତ ବେଉରା, ସମିତି ସଭ୍ୟ ପ୍ରଦୀପ୍ତ ପରିଡ଼ା, ଯୋଗେନ୍ଦ୍ର ବେଉରା, ପ୍ରଶାନ୍ତ ବେଉରା ପ୍ରମୁଖ ଗୁରୁଜୀଙ୍କ ଶବ ଶୋଭାଯାତ୍ରାରେ ସାମିଲ ହୋଇ ଶେଷ ଦର୍ଶନ କରିଥିଲେ।

## ଗୁରୁ ଦିବସରେ ଆଦର୍ଶ ଶିକ୍ଷକ ସମ୍ମାନିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କାର୍ଯ୍ୟାଳୟରେ ସୀତାଦାସ ସେବା ସମିତି ତରଫରୁ ଗୁରୁଦିବସ ପାଳନ କରାଯାଇଥିଲା। ଏହି ଉତ୍ସବରେ ଉମରକୋଟ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକମାର୍କଣ୍ଡ ବେବର୍ତ୍ତା ସମ୍ମାନିତ ଅତିଥି ଓ ସୀତାଦାସ ସେବା ସମିତିର ଅଧକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ଦାସ ଯୋଗଦେଇ ଥିଲେ। ଏହି ଦିବସ ପାଳନ ଅବସରରେ ଉମରକୋଟ ବ୍ଲକ୍ ଅନ୍ତର୍ଗତ ଖଣ୍ଡା ସ୍ଥିତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓ କୃଷି ସ୍ଥିତ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ଚନ୍ଦ୍ର ସୁତାରଙ୍କୁ ଆଦର୍ଶ ଶିକ୍ଷକ ଭାବେ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଗତ ୨୦୧୧ ମସିହାରୁ ଅନବରତ ଗୁରୁ ଦିବସ ପାଳନ ଅବସରରେ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ ଓ ଉତ୍ସାହିତ କରିଆସୁଥିବା ହେତୁ ଶିକ୍ଷକ ବୃନ୍ଦ ସୂର୍ଯ୍ୟନାରାୟଣ ଦାଶଙ୍କୁ ଭୂୟସୀ ପ୍ରଶଂସା କରୁଛନ୍ତି।



## ଶିକ୍ଷୟିତ୍ରୀ ଗୀତାରାଣୀ ପୁରସ୍କୃତ




ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀ ଗୁଡା ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷୟିତ୍ରୀ ଗୀତା ରାଣୀଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ୨୦୨୫ ଶିକ୍ଷା ବର୍ଷରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କରିଛନ୍ତି ଶିକ୍ଷୟତ୍ରୀ ଗୀତା ରାଣୀ ଦାସ। ଶୁକ୍ରବାର ଗୁରୁ ଦିବସରେ ଭୁବନେଶ୍ୱର ଲୋକ ସେବାଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷୟତ୍ରୀ ଗୀତାରାଣୀ ମାଝୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ତେବେ ନବରଙ୍ଗପୁର ଜିଲ୍ଲାରେ କେବଳ ଶିକ୍ଷୟିତ୍ରୀ ଏଥିପାଇଁ ମନୋନୀତ ହୋଇଛନ୍ତି। ପୁରସ୍କାର ପ୍ରଦାନ ସମୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିଥିଲେ।

## ଚାରା ବିତରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

କୋରାପୁଟ(ଭାସ୍କର ନ୍ୟୁଜ୍): ଏକ ପେଡ ମା'ଙ୍କ ନାମରେ ୨.୦ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୋରାପୁଟ ଜିଲ୍ଲାରେ ସମୂହ ଚାରାରୋପଣ ନେଇ ସ୍ଥାନୀୟ ବନ ବିଭାଗର କେନ୍ଦ୍ରୀୟ ନର୍ସରୀରେ ଚାରା ବିତରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ବିଧାୟକ ରଘୁରାମ ମାଛ ପୂଜାର୍ଚ୍ଚନା କରି ଚାରା ବିତରଣ କରିଥିଲେ। ୨୪୦ ପଂଚାୟତରେ ଚାରା ବିତରଣ କରିବା ଓ ଚାରାରୋପଣ କରି ପରିବେଶ ସନ୍ତୁଳନ ରକ୍ଷା କରିବା କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ବୋଲି ଅତିଥି କହିଥିଲେ। ୧୭ ତାରିଖରେ ଜିଲ୍ଲାବ୍ୟାପି ଗୋଟିଏ ଦିନରେ ବ୍ୟାପକ ଚାରା ରୋପଣ ପାଇଁ ଆହ୍ୱାନ ଦିଆଯାଇଥିଲା । ମା'ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହ ଧରିତ୍ରି ମାତାର ସୁରକ୍ଷା ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ସିଡିଓ ବେଣୁଧର ଶବର, ଡିଏଫଓ ଭାସ୍କର ରାଓ, ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ଜିଲ୍ଲା ଜଳ ବିଭାଜିକା ଉପନିର୍ଦ୍ଦେଶକ ଶିବ ଚରଣ ଜେଠୀ, ଏସିଏଫ ଜଗନ୍ନାଥ ପ୍ରାସଦ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ରେଞ୍ଜର ଏସ.କେ ପାହାଡ ସିଂ ଓ ସହକାରୀ ରେଞ୍ଜର ବିକାଶ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ନୂଆପଡ଼ା ଓ ବାଲିପୁରକୁ ରାସ୍ତା କି ପୋଲ ସୁବିଧା ନାହିଁ





ବୌଦ୍ଧ(ଭାସ୍କର ନ୍ୟୁଜ୍): ସରକାର ବଦଳିଛି କିନ୍ତୁ ବିକାଶ ଚିତ୍ର ବଦଳି ପାରୁନାହିଁ, ନୂତନ ଭାବେ ସରକାର ସବୁବେଳେ ଲୋକଙ୍କ ସରକାର ବୋଲି କହୁଛନ୍ତି ଏବଂ ଯୋଜନା ପରେ ଯୋଜନା ଆଣୁଛନ୍ତି। ଏପରିକି ଗମନା ଗମନ ପାଇଁ ସରକାର ପ୍ରାଧାନ୍ୟ ଦେଇଆସୁଥିବା ବେଳେ ତାହା ଠିକ ଭାବରେ ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ଏଥିପାଇଁ ନା ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ନା ପ୍ରଶାସନିକ କ୍ଷେତ୍ର ରେ ହେଉଛି କାର୍ଯ୍ୟକାରିତା... କେବଳ ଅଭିଯୋଗ କରି କରି ଆମେ ନୟାନ୍ତ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ବୀର ନରସିଂହପୁର ପଞ୍ଚାୟତ ବାଲିପୁର ଗାଁରେ। ଆଜି ପର୍ଯ୍ୟନ୍ତ ଗାଁକୁ ପକ୍କା ରାସ୍ତା ଓ ପୋଲର ସୁବିଧା ନାହିଁ। ସ୍ୱାଧୀନତା ପାଇବାର ୭୫ ବର୍ଷ ବିତି ଯାଇଥିବା ସତ୍ତ୍ୱେ ମଧ, ଏହି ଗାଁର ଲୋକମାନେ ଅବହେଳାର ଶିକାର ହେଉଛନ୍ତି। ବର୍ଷାରେ ଯାତାୟାତ ବିଚ୍ଛିନ୍ନ ଗାଁ ପାଖରୁ ବହୁଥିବା ଛୋଟ ନାଳ ଟି ବର୍ଷାରେ ଫୁଲିଯାଇଥାଏ। ପୋଲ ନଥିବାରୁ ଗାଁବାସୀ ସେହି ନଦୀ ପାର ହୋଇ ହାଟ ବଜାର ସ୍କୁଲ କଲେଜ ଯିବାରେ ବିପଦ ସମ୍ମୁଖୀନ ହୋଇଥାନ୍ତି। ଅନେକ ସମୟରେ ବିଦ୍ୟାଳୟର ପିଲାମାନେ ଓ ରୋଗୀମାନେ ଏହି ଅବସ୍ଥାରେ ଦୁର୍ଘଟଣାରେ ପଡୁଥିବା କଥା ଗ୍ରାମବାସୀ କହିଛନ୍ତି। ସଡ଼କ ଓ ପୋଲ ନିର୍ମାଣ କରାଯାଇଲେ ଆମ ଗାଁର ଚିତ୍ର ପରିବର୍ତ୍ତନ ହୋଇଯିବ। ପିଲାମାନେ ଶିକ୍ଷା ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ ଅନେକଥର ନେତା ମନ୍ତ୍ରୀ ଠୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। କିନ୍ତୁ ଫଳ ଶୂନ। ଗ୍ରାମବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପକ୍କା ସଡ଼କ ଓ ପୋଲ ନିର୍ମାଣ ପାଇଁ ଗ୍ରାମର ଲୋକେ ଦାବି କରିଛନ୍ତି।



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ଜଗନ୍ନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ ପକ୍ଷରୁ ଗତ ୧ ତାରିଖରୁ ଅନୁଷ୍ଠିତ ଭାଗବତ ସପ୍ତାହ ପାଠ ଆଜି ଭାଦ୍ରବ ମାସ ପୂର୍ଣ୍ଣିମା ରବିବାର ଦିନ ପୂର୍ଣ୍ଣାହୁତି ହୋଇଛି। ଏହି ଭାଗବତ ସପ୍ତାହରେ ପ୍ରତ୍ୟେକ ଦିନ ସହରର ଶହ ଶହ ଶ୍ରଦ୍ଧାଳୁ ଭାଗବତ ଶ୍ରବଣ ପାଇଁ ଆସି ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଆଜି ରବିବାର ଦିନ ପୂର୍ଣ୍ଣାହୁତି ଅବସରରେ ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠିତ ଭାଗବତ ସପ୍ତାହରେ ସୋନପୁର ଜିଲ୍ଲାର ବୀରମହାରାଜପୁରରୁ ପଣ୍ଡିତ ଅନନ୍ତ ନାରାୟଣ ପଣ୍ଡା ଆସି ନ୍ୟାସ ଭାବେ ରହି ଭାଗବତ ପାଠ କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ବ୍ୟାସଦେବ ପଣ୍ଡା ଉପନ୍ୟାସ ଭାବେ ରହି ଭାଗବତ ରସାମୃତ ପାଠ କରିଥଲେ। କର୍ତ୍ତା ଭାବରେ ଦଶରଥ ମିଶ୍ର ଓ ତାଙ୍କ ଧର୍ମ ପତ୍ନୀ ରହିଥିଲେ। ବ୍ରାହ୍ମଣ ସମାଜ ସଭାପତି ବ୍ୟାସଦେବ ପଣ୍ଡା, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, କୋଷାଧ୍ୟକ୍ଷ ଭକ୍ତ ତ୍ରିପାଠୀ, ବ୍ରାହ୍ମଣ ସମାଜ ପୂର୍ବତନ ସଭାପତି ପ୍ରମୋଦ ପଣ୍ଡା, ଗୋପାଳ ନାୟକ ଓ ଶ୍ରୀଜଗନ୍ନାଥ ସେବା ସଂସ୍ଥାନର ସଦସ୍ୟମାନେ ସହଯୋଗ କରିଥିଲେ।

## ୧୦୮ ଆମ୍ବୁଲାନ୍ସ ଅଚଳ
# ରୋଗୀସେବା ବିପର୍ଯ୍ୟସ୍ତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଦେହ ଅସୁସ୍ଥ ହେଲେ ଖୋଜାପଡ଼େ ୧୦୮ ଆମ୍ବୁଲାନ୍ସ। ରୋଗୀଙ୍କ ହିତରେ ରହିଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ି ଖବର ପାଇ ଠିକଣା ସ୍ଥାନରେ ପହଞ୍ଚି ରୋଗୀକୁ ଗାଡ଼ିରେ ଧରି ଚିକିତ୍ସା ପାଇଁ ଯଥା ସ୍ଥାନରେ ପହଞ୍ଚାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଅଧିକାଂଶ ଦିନରେ ଆମ୍ବୁଲାନ୍ସ ଗାଡ଼ି ଅନେକ ବ୍ୟତିକ୍ରମ ଓ ଅନେକ ସମସ୍ୟା ମଧ୍ୟରେ ସେବା ବିପର୍ଯ୍ୟସ୍ତ ପରିସ୍ଥିତି ସୃଷ୍ଟି କରିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ଗ୍ରାମ ପଞ୍ଚାୟତରେ। ଚିକିତ୍ସା ପାଇଁ ଏହି ପଞ୍ଚାୟତର ଗେଙ୍ଗୁଟିଆ ଗ୍ରାମରେ ରବିବାର ପୂର୍ବାହ୍ନ ସମୟରେ ୧୦୮ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚିଥିଲା। ଗ୍ରାମର ନଟବର ବେହେରାଙ୍କ ସ୍ତ୍ରୀ ବାସନ୍ତୀ ବେହେରା ରୋଗ ଯନ୍ତ୍ରଣା ଅନୁଭବ କରିବାରୁ ମେଡ଼ିକାଲକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଖବର ପାଇ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ଥିଲା। ପରିବାର ଲୋକଙ୍କ ସହାୟତାରେ ବାସନ୍ତୀ ଆମ୍ବୁଲାନ୍ସ ଗାଡ଼ିରେ ବସିଥିଲେ, କିନ୍ତୁ ଆମ୍ବୁଲାନ୍ସ ଷ୍ଟାର୍ଟ ନହୋଇ ସେଠାରେ ଅଚଳାବସ୍ଥାରେ ରହିଥିଲା। ରୋଗୀଣୀ ବାସନ୍ତୀ ଗାଡ଼ି ଭିତରେ ଯନ୍ତ୍ରଣା ସହି ନପାରିବା ଚିତ୍କାର କରୁଥିବା ବେଳେ ଗାଡ଼ି ଷ୍ଟାର୍ଟ ନହେବା ଦୁର୍ଭାଗ୍ୟ ଜନକ ବୋଲି ସର୍ବସାଧାରଣରେ ଆଲୋଚନା ଚାଲିଛି। ରୋଗୀ ସେବା ଗାଡ଼ି ପ୍ରତ୍ୟେକ ମୁହୂର୍ତ୍ତରେ ଯନ୍ତ୍ରଣା ସହିତ ରହିବା ପରିବର୍ତ୍ତେ ଏଠି ଗାଁଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଠେଲିବା ଦୃଶ୍ୟ ଦେଖିବାକୁ ମିଳିଥିବାରୁ ଜରୁରୀକାଳୀନ ରୋଗୀ ପାଇଁ କେତେ ବିପଦର ଆଶଙ୍କା ରହୁଛି ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଆଦର୍ଶ ଗାଈ ଗୁହାଳରେ ତଞ୍ଚକତା, ହରିଲୁଟ୍ ଅଭିଯୋଗ






ଆସିକା (ଭାସ୍କର ନ୍ୟୁଜ୍) : ପଶୁ ପାଳକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପୂର୍ବ ସରକାର ଆଦର୍ଶ ଗାଈ ଗୁହାଳ ନାମକ ଏକ ଯୋଜନା ଆଣିଥିଲେ। ଯେଉଁ ଯୋଜନାରେ ପଶୁପାଳକ ମାନେ ଆଦର୍ଶ ଗାଈ ଗୁହାଳ ନିର୍ମାଣ କରି ଗୃହପାଳିତ ପଶୁ ପାଳନ କରିପାରିବେ। ହେଲେ ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ଶରଧାପୁର ପଞ୍ଚାୟତର ଶରଧାପୁର ଗ୍ରାମର କିଛି ପଶୁ ପାଳକ ଆଦର୍ଶ ଗାଈ ଗୁହାଳ ନିର୍ମାଣ କରି ଏବେ ହନ୍ତସନ୍ତ ହେଉଛନ୍ତି। ଆଦର୍ଶ ଗାଈ ଗୁହାଳ ନିର୍ମାଣ ପାଇଁ ହିତାଧିକାରୀଙ୍କ ପାଖକୁ ଆସୁଥିବା ଅର୍ଥ ରାଶିକୁ ଅନ୍ୟଜଣେ ବାଟମାରଣା ମାରଣା କରିଥିବା ବେଳେ ଟଙ୍କା ନପାଇ ହିତାଧିକାରୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ଶରଧାପୁର ପଞ୍ଚାୟତର ୨୦୨୧-୨୦୨୨ ଆର୍ଥିକ ବର୍ଷରେ ୩୫ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆଦର୍ଶ ଗାଈ ଗୁହାଳ ସରକାର ଯୋଗାଇ ଦେଇଥିବା ବେଳେ ହିତାଧିକାରୀ ମାନେ ଆଦର୍ଶ ଗାଈ ଗୁହାଳ ନିର୍ମାଣ କରିଥିଲେ ହେଲେ କେତେକ ହିତାଧିକାରୀଙ୍କ ପାଖକୁ ଆସୁଥିବା ଅର୍ଥ ରାଶିକୁ ଅନ୍ୟଜଣେ ବାଟମାରଣା କରି ସେମାନଙ୍କ ଟଙ୍କାକୁ ହରି ଲୁଟ କରିଥିବା ନେଇ ଅଭିଯୋଗ ଆସିଛି। ଶରଧାପୁର ଗ୍ରାମର ଜଟିଆ ପ୍ରଧାନ ନାମକ ଜଣେ ହିତାଧିକାରୀ ସରକାରଙ୍କ ଠାରୁ ୨୦୨୧ରେ ୱାର୍କ ଅର୍ଡର ପାଇ ଧାରକରଜ କରି ଆଦର୍ଶ ଗାଈ ଗୁହାଳ ନିର୍ମାଣ କରିଥିଲେ। ହେଲେ ତିନିବର୍ଷ ଧରି ବିଲ୍ ନହେବାରୁ ବାରମ୍ବାର ବ୍ଲକ ଅଫିସକୁ ଦୌଡି ଥିଲେ। ପରେ ଯେତେ ବେଳେ ଅନଲାଇନ୍‌ରେ ଦେଖି ଜଣାଇବାକୁ ପାଇଲେ ଯେ ତାଙ୍କର ସମ୍ପୂର୍ଣ୍ଣ ବିଲ୍ ହୋଇସାରିଥିବା ବେଳେ ଜଣେ ଭେଣ୍ଡରଙ୍କ ପାଖକୁ ଅଣକୁଶଳୀ ଶ୍ରମିକ ବାବଦକୁ ୨୨,୪୬୭, କୁଶଳୀ ଶ୍ରମିକ ବାବଦକୁ ୧୪,୧୭୪ ଓ କଞ୍ଚାମାଲ ବାବଦକୁ ୬୯୭୮୫ ଟଙ୍କା ମିଶି ସମୁଦାୟ ୧ଲକ୍ଷ ୬ହାଜର ୪ଶହ ୨୬ ଟଙ୍କା ଯାଇଛି। ହେଲେ ସେହି ଟଙ୍କା ହିତାଧିକାରୀ ଜଣଙ୍କୁ ମିଳି ନଥିବା ବେଳେ ସେଇ ଟଙ୍କାକୁ ଅନ୍ୟଜଣେ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଭେଣ୍ଡର ପାଖକୁ ଆସିଥିବା ହିତାଧିକାରୀଙ୍କ ଅର୍ଥକୁ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ତଥା ବିଏଫଟି ସୁଶାନ୍ତ କୁମାର ପଣ୍ଡା ନେଇଥିବା କୁହାଯାଉଛି। ତେବେ ଏହି ଅଭିଯୋଗକୁ ସୁଶାନ୍ତ ଖଣ୍ଡନ କରିବା ସହ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି ମୁଁ ଆଦର୍ଶ ଗାଈ ଗୁହାଳ ନିର୍ମାଣ ପାଇଁ ହିତାଧିକାରୀ ମାନଙ୍କୁ ସହଯୋଗ କରିଥିଲି। ସେମାନଙ୍କୁ ଆଦର୍ଶ ଗାଈ ଗୁହାଳ ନିର୍ମାଣ ପାଇଁ ସମସ୍ତ ମ୍ୟାଟେରିଆଲ ଯୋଗାଇ ଦେଇଥିଲି। ଆଦର୍ଶ ଗାଈ ଗୁହାଳ ନିର୍ମାଣ ସିରିବା ପରେ ହିତାଧିକାରୀମାନଙ୍କ ବିଲ୍ ହେଲେ ତା'ବାବଦକୁ ଟଙ୍କା ନେଇଛି। କିନ୍ତୁ ଜଟିଆ ନିଜର ମ୍ୟାଟେରିଆଲ ଓ ଖର୍ଚ୍ଚରେ ହିଁ ଆଦର୍ଶ ଗାଈ ଗୁହାଳ ନିର୍ମାଣ କରିଥିବା କହିଥିବା ବେଳେ ଆଦର୍ଶ ଗାଈ ଗୁହାଳ ବାବଦକୁ ଭେଣ୍ଡର ପାଖକୁ ଆସିଥିବା ତାଙ୍କ ଟଙ୍କାକୁ ହରିଲୁଟ କରାଯାଇଥିବା କହି ଏହାର ତଦନ୍ତ ଦାବି କରି ଧରାକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାକୁ ନେଇ ଭଞ୍ଜନଗର ଉପଜିଲ୍ଲାପାଳ କହିଛନ୍ତି ସ୍ଥାନୀୟ ବିଡିଓଙ୍କ ସହ କଥା ହୋଇ ତୁରନ୍ତ ଏସବୁର ତଦନ୍ତ କରାଯିବ। ତେବେ ୨୦୨୧ ଆର୍ଥିକ ବର୍ଷରୁ ୨୦୨୩ ଆର୍ଥିକ ବର୍ଷ ଭିତରେ ଶରଧାପୁର ପଞ୍ଚାୟତରେ ଆଦର୍ଶ ଗାଈ ଗୁହାଳକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ବେଳେ କେବେ ଏହାର ତଦନ୍ତ କେବେ ହେବ ତାହା ଦେଖିବାକୁ ବାକି ରହିଛି।

# ଯୁବ ଡାକ୍ତର ମୁକ୍ତିରଞ୍ଜନଙ୍କ ଅକାଳ ବିୟୋଗ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ବିଜୁ ଜନତା ଦଳର ସଭାପତି ତଥା ୩ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗଛାୟତଙ୍କ କନିଷ୍ଠ ପୁତ୍ର ଡାକ୍ତର ମୁକ୍ତିରଞ୍ଜନ ଗଛାୟତଙ୍କ ଅକାଳ ବିୟୋଗରେ ଏରସମା ଅଞ୍ଚଳ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଡାକ୍ତର ମୁକ୍ତିରଞ୍ଜନ ରୁଷିଆରୁ ଡାକ୍ତରୀ ପାସ୍ କରି ଲୋକଙ୍କ ସେବା କରିବା ପୂର୍ବରୁ ଭଗବାନ ତାଙ୍କୁ ଛଡେଇ ନେଲେ। ସେ ଜଣେ ମେଧାବୀ ଛାତ୍ର, ଶାନ୍ତ ସରଳ, ମିଷ୍ଟଭାଷୀ ଥିଲେ। ଘଟଣା ଘଟିଥିବା ସୂତ୍ରରୁ ଜଣାପଡିଛି ଯେ ତିର୍ତ୍ତୋଲ ବାସ ଭବନରେ ଥିବାବେଳେ ରାତି ୨ଟା ସମୟରେ ହଠାତ୍ ପେଟ କାମୁଡିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଯାଇଥିଲେ। ସେଠାରେ ଡ଼ାକ୍ତର ମୁକ୍ତିରଞ୍ଜନଙ୍କର ହଠାତ୍ ହୃଦ୍‌ଘାତ ହୋଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ଜଗତସିଂହପୁରର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବାଲିତୁଠ ସେବାସମବାୟ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ଗୋପିନାଥ ସାମନ୍ତରାୟ, ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ଓ ନାରୀନେତ୍ରୀ ରାଜଶ୍ରୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ସମବେଦନା ଜଣାଇଥିଲେ। ପରେ ପରିବାର ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଶବ୍ଦ ପ୍ରଦୂଷଣ ଅଭିଯୋଗ, ଡିଜେ ଗାଡି ଥାନାରେ ଅଟକ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଗଣେଶ ପୂଜା ପୂର୍ବରୁ ଡିଜେ ସାଉଣ୍ଡକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ବୈଠକ ପରେ ଲୋକଦେଖାଣିଆ ପାଟ୍ରୋଲିଂ ସହ ଶେଷରେ ଶନିବାର ରାତିରେ ଡିଜେ ଗାଡିକୁ ଥାନାରେ ଅଟକ ରଖି ପରେ ରବିବାର ଛାଡିଦେବା ଅସ୍ତରଙ୍ଗ ପୋଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣେଶ ପୂଜା ପରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଭସାଣି ପାଇଁ ବିଭିନ୍ନ ଗାଁରେ ବିକଟାଳ ଶବ୍ଦରେ ଡିଜେ ବାଜୁଥିଲେ ମଧ ଲୋକ ଦେଖାଣିଆ ଅସ୍ତରଙ୍ଗ ପୋଲିସ ପାଟ୍ରୋଲିଂ ସାଧାରଣରେ ଚକିତ ସୃଷ୍ଟି କରିଛି। କିନ୍ତୁ ଶନିବାର ଦିନ ବିଳମ୍ବିତ ରାତ୍ରରେ ଶବ୍ଦ ପ୍ରଦୂଷଣ ଅଭିଯୋଗରେ ଏକ ଡିଜେ ଗାଡିକୁ ଅସ୍ତରଙ୍ଗ ଥାନାରେ ଅଟକ ରଖିବା ପରେ ରବିବାର ସକାଳୁ ଛାଡି ଦେବା ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଥାନାବାବୁ କେଉଁ ଭଳି ତଦନ୍ତ କଲେ ତାହା ସାଧାରଣ ଲୋକ ଆଶ୍ଚର୍ଯ୍ୟ। ହାଇକୋର୍ଟ ନିର୍ଦ୍ଦେଶକୁ ଖୁଲମଖୁଲା ଉଲ୍ଲଘଂନ କରି ଉକ୍ତ ଡିଜେ ଗାଡି ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗରେ ଅସ୍ତରଙ୍ଗ ଥାନାରେ ଯଦି ଡିଜେ ଗାଡି ଅଟକ ରହିଲା କିନ୍ତୁ ନିୟମ ଅନୁଯାୟୀ ସଂସ୍ଥା ସାଉଣ୍ଡ ଲିମିଟର ମେସିନ ଲଗାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ, ତାହା ଅସ୍ତରଙ୍ଗ ପୋଲିସ ଯାଞ୍ଚ କରିଛି କି ? ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ ନେଇ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହେବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଉଣ୍ଡ ଲିମିଟର ମେସିନ ଲଗାଇବା ବାଧ୍ୟତାମୂଳକ। ମେସିନ ସିରିଏଲ ନମ୍ବର ସାଉଣ୍ଡ ସଂସ୍ଥାର ବୁକିଂ ରସିଦରେ ଉଲ୍ଲେଖ ରହିବ। ସର୍ବାଧିକ ୬୦ରୁ ୬୫ଡେସିବେଲ ସାଉଣ୍ଡ ବାଜି ପାରିବ। ପୋଲିସ ଶୋଭାଯାତ୍ରାରେ ଲାଇସେନ୍ସ ଦେବା ବେଳେ ଏହି ନିୟମ କଡାକଡି ଯାଞ୍ଚ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ଅସ୍ତରଙ୍ଗ ଥାନାଅଧିକାରୀ ସୂଚନା ଦେଇଛନ୍ତି ଡିଜେ ଗାଡି ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗରେ ଏକ ପି. ଆର କେଶ କରିଦେଇଛୁ। ଉକ୍ତ ଗାଡି କୋର୍ଟରେ ଜୋରିମନା ଦେବେ। କିନ୍ତୁ ଉକ୍ତ ଗାଡିର ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିଛି କି ପୋଲିସ ? ଗାଡିର ଫିଟନେସ୍ ଥିଲା କି, ନିୟମ ଅନୁଯାୟୀ ପରିବହନ ବିଭାଗ ନିୟମରେ ଗାଡି ବଡି ପରିବର୍ତ୍ତନ ଅଭିଯୋଗରେ ପୋଲିସ କେଉଁ ଭଳି ମାମଲା ରୁଜୁ କଲା ତାହା ପୋଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଶହ ଅନେକ ସ୍ଥାନରେ ଉଚ୍ଚ ଶବ୍ଦ ପ୍ରଦୂଷଣ ଅବା ପୋଲିସ ଠାରୁ ଅନୁମତି ନ ନେଇ ସାଉଣ୍ଡ ବଜାଉଥିବାରୁ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ପି. ଆର କେସ୍ କରି ଡିଜେ ଗାଡି ଥାନାରୁ ଛାଡିଥିଲେ। ଯାହାକି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ତଦନ୍ତ ହେଉନଥିବା ଜଣାପଡିଛି। ଏଭଳି ସ୍ଥିତିରେ ସାଉଣ୍ଡ ଉପରେ କଟକଣା କିଭଳି ରହିବ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

# ବାର୍‌ହା ଆକ୍ରମଣରେ ଯୁବକ ମୃତ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ଥାନା ଅନ୍ତର୍ଗତ ବଡମାଧପୁର ଗ୍ରାମ ହନୁମାନ ସାହିରେ ଗତକାଲି ବାର୍‌ହା ଆକ୍ରମଣରେ ଜଣେ ଯୁବକର ଜୀବନ ଚାଲିଯାଇଛି। ମୃତ ଯୁବକ ଜଣକ ହେଲେ ବରଙ୍ଗ ଗ୍ରାମର ନିଳମାଧବ ପ୍ରଧାନ (୨୬)। ସୂଚନାଯୋଗ୍ୟ ମାଧପୁର ନିକଟ ରଙ୍ଗମାଟିଆ ଗ୍ରାମରେ ଚାଲିଥିବା ସତ୍‌ସଙ୍ଗକୁ ଯାଇଥିବା ତାଙ୍କ ମାଆଙ୍କୁ ନେଇଆସିବା ନିମନ୍ତେ ନୀଳମାଧବ ଯାଉଥିବାବେଳେ ହନୁମାନ ସାହି ନିକଟରେ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ ହେଉଥିବା ସମୟରେ ଖଲ୍ଲିକୋଟ ଘାଟି ଠାରେ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ଖଲ୍ଲିକୋଟ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଛତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଛତ୍ରପୁର ମେଡିକାଲରେ ଶବ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ମୃତ ନିଳମାଧବ ଜଣେ ମେଳାପୀ ଓ ପରୋପକାରୀ ଯୁବକ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସରପଞ୍ଚ ପ୍ରତିନିଧି ଶିବ ଶଙ୍କର ସେଠୀ, ସମିତିସଭ୍ୟା ତଥା ବ୍ଲକ ଉପାଧ୍ୟକ୍ଷାଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍ କିଶୋର ଚନ୍ଦ୍ର ରେଡ୍ଡି ପ୍ରମୁଖ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସରକାରୀ ଅନୁକମ୍ପା ସହାୟତା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ନିଳମାଧବଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦଳିତ କଂଗ୍ରେସକର୍ମୀଙ୍କୁ ମାଡ଼ ମାରିବା ଘଟଣାରେ ଗିରଫ ଦାବି


କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଣେ ଅନୁସୂଚିତ ଜାତିର ଲୋକକୁ ସର୍ବ ସମ୍ମୁଖରେ ମାଡ଼ ମାରିବା ଓ ହତ୍ୟା ଧମକ ଦେବା ଘଟଣାରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କ ଗିରଫ ଦାବି ଜୋର୍ ଧରିଛି। ଯଦି ପୁଲିସ ଶ୍ରୀ ନାୟକଙ୍କୁ ଗିରଫ ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କୁଜଙ୍ଗରେ ଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରକାଶ ପାଇଛି। ଜାତୀୟ କଂଗ୍ରେସ ପକ୍ଷରୁ ପାରାଦ୍ୱୀପ ପୌର ପରିଷଦର କଲ୍ୟାଣ ମଣ୍ଡପ ଠାରେ ସଙ୍ଗଠନ ଶୃଜନ କାର୍ଯ୍ୟକ୍ରମ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ଅନେକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ନିର୍ବାଚନ ମଣ୍ଡଳୀ ନେତା ଓ ରାଜ୍ୟସ୍ତରୀୟ ନେତା ଯୋଗ ଦେଇଥିଲେ। ଏହି ସମୟରେ ଜିଲ୍ଲା ସଭାପତି ଚୟନ ସମ୍ପର୍କରେ ମତାମତ ଲୋଡ଼ା ଯାଇଥିଲା। ରବୀନ୍ଦ୍ର ମଲ୍ଲିକ ନାମକ ଅନୁସୂଚିତ ଜାତି ବର୍ଗର ଜଣେ କଂଗ୍ରେସ କର୍ମୀ ନିଜର ମତାମତ ଦେବା ବେଳେ ହଠାତ୍ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ ଉତ୍ତ୍ୟକ୍ତ ହୋଇ ସର୍ବସମ୍ମୁଖରେ ତାଙ୍କୁ ନିସ୍ଠୁକ ଭାବରେ ମାଡ଼ ମାରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ମଲ୍ଲିକଙ୍କ ପତ୍ନୀ ଉପସ୍ଥିତ ଥିବା ବେଳେ ସେ ଏହା ଦେଖି ନିଜ ସ୍ୱାମୀଙ୍କୁ ବଞ୍ଚାଇବାକୁ ଯିବାରୁ ତାଙ୍କୁ ମଧ୍ୟ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହିତ ଯାତିଗୋତ୍ର ନେଇ ଆକ୍ଷେପ କରିଥିଲେ। ଏହି ଘଟଣାରେ ରବୀନ୍ଦ୍ରଙ୍କ ପତ୍ନୀ ପାରାଦ୍ୱୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ମାମଲା ରୁଜୁ କରି ଚୁପ୍ ବସିଛି। ତେବେ ଜଣେ ଦଳିତ ବର୍ଗର ମହିଳାଙ୍କୁ ଦୁର୍ବ୍ୟବହାର ଓ ସ୍ୱାମୀଙ୍କୁ ମାଡ଼ ମାରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ୍ କଂଗ୍ରେସ ନେତା ଶ୍ରୀ ନାୟକଙ୍କୁ ଗିରଫ କରୁ ନଥିବାରୁ କୁଜଙ୍ଗ ଅଞ୍ଚଳ ସମେତ ପାରାଦ୍ୱୀପରେ ଚର୍ଚ୍ଚା ହେଉଛି। ଯଦି ଆଗାମୀ ଦିନରେ ଶ୍ରୀ ନାୟକଙ୍କୁ ଗିରଫ କରା ନ ଯାଏ ଆନ୍ଦୋଳନ ତୀବ୍ରତର ହେବ ବୋଲି ସୂଚନା ମିଳିଛି।

# ଆସିକାରେ ହୋମଗାର୍ଡ ପାଇଁ ଲିଖିତ ପରୀକ୍ଷା



ଆସିକା (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନାରେ ଖାଲିଥିବା ହୋମଗାର୍ଡ ପଦବୀ ପୂରଣ କରିବା ଲାଗି ପୂର୍ବରୁ ପ୍ରାର୍ଥୀ ମାନଙ୍କ ଆବେଦନ ପ୍ରକ୍ରିୟା ସାରିଥିଲା। ଆସିକା ଥାନା ସକାଶେ ଖାଲି ଥିବା ହୋମଗାର୍ଡ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀ ମାନଙ୍କ ଲିଖିତ ପରୀକ୍ଷା ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ପାଇଁ ଆସିକା ଥାନା ସକାଶେ ମୋଟ ୨୩୨ଜଣ ଆବେଦନ କରିଥିଲା ସେଥିମଧ୍ୟରୁ ଆଡମିଟ କାର୍ଡ ୨୧୧ଜଣ ନେଇଥିଲା ବେଳେ ଆଜି ୨୦୪ଜଣ ପରୀକ୍ଷା ଦେଇଥଲେ ଅନୁରୂପ କୋଟିନଡ଼ା ଥାନା ସକାଶେ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଠାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ବେଳେ କୋଟିନଡ଼ା ଥାନା ପାଇଁ ମୋଟ ୧୩୧ ଜଣ ଆବେଦନ କରିଥିଲା ସେଥିମଧ୍ୟରୁ ଆଡମିଟ କାର୍ଡ ୧୧୮ ଜଣ ନେଇଥିଲା ବେଳେ ଆଜି ୧୧୨ ଜଣ ପରୀକ୍ଷା ଦେଇଥଲେ। ଏହି ପରୀକ୍ଷାକୁ ଉଭୟ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ ନିରଞ୍ଜନ ସରକାରୀ ମହିଳା ବିଦ୍ୟାଳୟ ପରିଚାଳନା କରିଥିଲା ବେଳେ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ପୃଷ୍ଟି ଓ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଆସିଥିଲା ବେଳେ ଆସିକା ଥାନା ପକ୍ଷରୁ ଥାନା ଅଧିକାରୀ କୁଳମଣି ସେଠି, ଏସ୍‌ଆଇ ଜ୍ଞାନ ରଞ୍ଜନ ସେଠି, ଏଏସ୍‌ଆଇ ସୁଭାଶିଷ ସ୍ୱାଇଁ ପ୍ରମୁଖ ପରୀକ୍ଷା ତଦାରଖ କରିଥିଲା ବେଳେ ସେହିଭଳି କୋଟିନଡ଼ା ଥାନା ପକ୍ଷରୁ ଥାନା ଅଧିକାରୀ ଦାମୋଦର ବିହାରୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଆଜିକାର ଏହି ପରୀକ୍ଷାରେ ରାଜ୍ୟର ବେକାର ସମସ୍ୟାର ବିକଳ ଚିତ୍ର ସାମ୍ନାକୁ ଆସିଛି କାରଣ ଏହି ପରୀକ୍ଷା ଯୋଗ୍ୟତା ମାଟ୍ରିକ ପାସ ଥିଲା ବେଳେ ଏଥିପାଇଁ ବହୁ ଉଚ୍ଚଶିକ୍ଷିତ ଆବେଦନ କରି ପରୀକ୍ଷା ଦେବାକୁ ଆସିଥିଲେ।

## ପରଲୋକରେ ବାବାଜୀ ଚରଣ ଓଝା



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ବ୍ଲକ ଅଧିନସ୍ଥ ପଟସରା ପଞ୍ଚାୟତର ଅରଣା ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ବାବାଜୀ ଚରଣ ଓଝା (୯୫)ଙ୍କ ଆଜି ସକାଳ ୮ ଘଟିକା ସମୟରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ଓଝା ଜଣେ ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅରଣା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ବଡ଼ପୁଅ ଆର୍ତ୍ତତ୍ରାଣ ଓଝା, ଦିଲ୍ଲୀପ ଓଝା, ବୋହୂ ପୁନଲତା ଓଝା, ସସ୍ମିତା ଓଝା, ଝିଅ ମାନସୀ ମହାରଣା, ବିଜନ ବେହେରା, ଗାୟତ୍ରୀ ମହାରଣା, ଜ୍ୱାଇଁ ସାମାଜିକକର୍ମୀ ଗୋବିନ୍ଦ ଓଝା, ସଦାଶିବ ମହାରଣା, ନବୀନ ବେହେରା, ସାମ୍ବାଦିକ ଗୟାଧର ମହାରଣା, ନାତୁଣୀ ଶୁଭଲକ୍ଷ୍ମୀ, ରାଜଲକ୍ଷ୍ମୀ, ସରିତା, ସୁଶ୍ରୀ, ଜଗନ୍ନାଥ ଓ ଗୌତମଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଆର୍ତ୍ତତ୍ରାଣ ଓଝା ମୁଖାଗ୍ନି ଦେଇଥିଲେ।

# ଏରସମା ଥାନା ପୋଡି ଓ ବିପ୍ଳବ ଦିବସ ପାଳିତ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ସଦର ମହକୁମା ସ୍ଥିତ ଗାନ୍ଧୀ ସ୍ମୃତିପୀଠ ଠାରେ ଏରସମା ଥାନା ପୋଡି ଓ ବିପ୍ଳବ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମାର ମାନ୍ୟବର ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ, ୧୯୪୨ ମସିହା ଆଜିର ଦିନରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏରସମାର ଥାନା ପୋଡି କରାଯାଇଥିଲା ବୋଲି କହିଥିଲେ। ଥାନା ପୋଡି ଓ ଲୁଣମରା ଆନ୍ଦୋଳନରେ ଝାସ ଦେଇଥିବା ଏରସମାର ସେହି କ୍ରାନ୍ତିକାରୀ ଯୋଦ୍ଧାମାନଙ୍କର ତ୍ୟାଗ ଓ ବଳିଦାନ କଥାକୁ ଆଜିର ଦିବସରେ ସ୍ମରଣ କରାଯାଉ ଥିବାରୁ ବର୍ତ୍ତମାନ ପିଢ଼ିର ଦାୟାଦମାନେ ଧନ୍ୟବାଦର ପାତ୍ର ବୋଲି ବକ୍ତବ୍ୟ ରଖିଥିଲେ। କ୍ଷେତ୍ରବାସୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଅରୁପାନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ପୂର୍ବତନ ସରପଞ୍ଚ ବଲ୍ଲଭାନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ନିବାରଣ ନାୟକ, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ରବିନ୍ଦ୍ର ଦାସ, ପ୍ରଶାନ୍ତ ସେଠି, ଚନ୍ଦ୍ରଜିତ ଦାସ, ଲୋକନାଥ ମହାନ୍ତି, ଅକ୍ଷୟ ବେହେରା, ପ୍ରବୀଣ ପଣ୍ଡା, ସରୋଜ ବେହେରା, ସୁଦର୍ଶନ ରାଉତ ପ୍ରମୁଖ ଯୋଗଦେଇ ଐତିହାସିକ ଥାନା ପୋଡି ଦିବସର ସ୍ମୃତିଚାରଣ କରିଥିଲେ। କବି ବୈଦ୍ୟନାଥ ସାହୁ ବିପ୍ଳବୀ ସଙ୍ଗୀତ ଗାନ କରିଥିଲେ। ନରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପତିତପାବନ ଦାସ, ଟିମା ମଳିକ, କୈଳାସ ଚନ୍ଦ୍ର ପ୍ରଧାନ ଓ ଅମ୍ବିକା ପ୍ରସାଦ ମହାନ୍ତିଙ୍କୁ ମୁଖ୍ୟ ଅତିଥି ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ। ସିହା ଲବଣ ସତ୍ୟାଗ୍ରହ ପୀଠରୁ ଏକ ପଦଯାତ୍ରା ବାହାରି ଗାନ୍ଧୀ ସ୍ମୃତି ପୀଠରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧି ଓ ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଅପରେସନ ପ୍ରହାର
# ଗଞ୍ଜେଇ ଜବତ, ୨ ଗିରଫ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଅପରେସନ ପ୍ରହାର ଅଭିଯାନରେ ବ୍ରଜରାଜନଗର ପୋଲିସ ୨ଜଣ ଅଭିଯୁକ୍ତଙ୍କ ନିକଟରୁ ମୋଟ ୩.୪୮ ଗଞ୍ଜେଇ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁଆଲାପଡ଼ା ଅଞ୍ଚଳର ସୁକେଶ ସିଂହ (୫୦) ଓରଫ ପପୁ ଓ ରାମଶଙ୍କର ସିଂହ (୬୨)। ପୋଲିସ ସୁକେଶ ସିଂହଙ୍କ ନିକଟରୁ ୨.୨୫୦ କେଜି ଗଞ୍ଜେଇ ଓ ନଗଦ ୩୦,୩୫୦ ଟଙ୍କା ଏବଂ ରାମଶଙ୍କର ସିଂହଙ୍କ ଠାରୁ ୧.୨୩୦ କେଜି ଗଞ୍ଜେଇ ଓ ନଗଦ ୨୦୫୦ ଟଙ୍କା ଜବତ କରିଛି। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।

# ରାଶିଫଳ

## ସୋମବାର, ୦୮ ସେପ୍ଟେମ୍ବର ୨୦୨୫




**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।



**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ସମୟ ଭଲ ଅଟେ। ଆପଣ ଏକାସାଙ୍ଗରେ ଅନେକ କ୍ଷେତ୍ରରେ ସକ୍ରିୟ ରହିବେ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।




**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ। ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ।




**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋରାପୁଟ(ଭାସ୍କର ନ୍ୟୁଜ): ଗୁରୁ ଦିବସ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ୮୧ଜଣ ଆଦର୍ଶ ଶିକ୍ଷକଙ୍କୁ ବିଦ୍ୟାଳୟ ଶିକ୍ଷା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରେ କୋରାପୁଟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାସ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଅଭିନବ ଶିକ୍ଷାଦାନ ପଦ୍ଧତି ଏବଂ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ନିମନ୍ତେ ଶ୍ରୀ ଦାସ ଏହି ପୁରସ୍କାର ପାଇଛନ୍ତି । କଥାଚିତ୍ର, ମାଇଁ ରିଡିଂ ବୁକ୍ ଏବଂ ମାଇଁ ପିକ୍ଚର, ମାଇଁ ଷ୍ଟୋରି, ନ୍ୟୁଜ ନେଷ୍ଟ ଏବଂ ମେ ଭି ସ୍ପିକର ଭଳି ପ୍ରୟାସ ଜରିଆରେ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନ ଶୀଳତା, ସାକ୍ଷରତା ଏବଂ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି । ସେ ମଧ୍ୟ ମିଲେଟ୍ କ୍ରାନ୍ତି ଅଭିଯାନର ନେତୃତ୍ୱ ନେଇ ବିଦ୍ୟାଳୟରେ ଶ୍ରୀଅନ୍ନ ଜାତୀୟ ଖାଦ୍ୟ ପରଷି ଦେବାରେ ଅଗ୍ରଣୀ ହୋଇପାରିଛନ୍ତି । ତାଙ୍କ ଉଦ୍ୟମ ସ୍ୱାସ୍ଥ୍ୟ, ପୋଷଣ ଏବଂ ସାଂସ୍କୃତିକ ସଚେତନତାକୁ ପ୍ରୋତ୍ସାହିତ କରିଛି । ଏହି ବହୁମୁଖୀ ଅଭ୍ୟାସଗୁଡିକ ଶିକ୍ଷା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣର ଉଦାହରଣ ଦେଉଛି ଯାହା ଛାତ୍ରଛାତ୍ରୀଙ୍କୁ କେବଳ ଶିକ୍ଷାର୍ଥୀ ଭାବେ ନୁହେଁ ବରଂ ସୃଜନଶୀଳ, ଆତ୍ମବିଶ୍ୱାସୀ ଏବଂ ସାମାଜିକ ସଚେତନ ବ୍ୟକ୍ତିତ୍ୱ ଭାବେ ଗଢି ତୋଳିବାରେ ସହାୟକ ହେଉଛି ।



# ମୌଳିକ ସୁବିଧାରୁ ବଞ୍ଚିତ ଗୁମ୍ମା ଗ୍ରାମବାସୀ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଏଭଳି ଘଟଣାଟି ହେଉଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକର। ସ୍ୱାଧୀନତାର ୮ ଦଶନ୍ଧି ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ଏହି ଅଂଚଳବାସୀ । ସରକାର କିମ୍ବା ପ୍ରଶାସନ ଗୁହାରି ନ ଶୁଣିବାରୁ ନିଜସ୍ୱ ଅର୍ଥ ବ୍ୟୟ କରି କାଦୁଅ ପଚ ପଚ ରାସ୍ତାକୁ ମରାମତି କଲେ ଅଞ୍ଚଳ ବାସି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ, ଗାଇବା ପଂଚାୟତର ବୁରୁଡ଼ା ଗ୍ରାମ ଠାରୁ କାଶୀନଗରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା, ଯାହାକି ପାଖାପାଖି ୨୦ ରୁ ଅଧିକ ଗ୍ରାମ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ୫ଟିପଞ୍ଚାୟତବାସୀ ଓ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଦେଇ କଲେଜ ଯିବା ଆସିବା କରନ୍ତି । ବ୍ଲକର କହିବାକୁ ଗଲେ ସବୁ ଲୋକ ଏହି ରାସ୍ତା ଦେଇ ସ୍କୁଲ, କଲେଜ, ହସ୍ପିଟାଲ ଓ ନୀତି ଦିନିଆ ବଜାରକୁ ସବୁଦିନ ଯିବା ଆସିବା କରିଥାନ୍ତି । ଅନେକ ଥର ପ୍ରଶାସନ ଅଧିକାରୀ ମାନଙ୍କୁ ଅଭିଯୋଗ ପରେ ବି କୌଣସି ସୁଫଳ ନ ମିଳିବାରୁ ଶେଷରେ ଗୁମ୍ମା ବ୍ଲକର କେତେକ ଗ୍ରାମର ଲୋକମାନେ ଓ କାଶିନଗର ବ୍ଲକର କେତେକ ଗ୍ରାମର ଲୋକମାନେ କିଛି କିଛି ଚାନ୍ଦା କରି ନିଜସ୍ୱ ଅର୍ଥ ଆଦାୟ କରି ରାସ୍ତାରେ ଟ୍ରାକ୍ଟର ମାଧ୍ୟମରେ ମାଟି ପକାଇ ରାସ୍ତା ମରାମତି କରିଛନ୍ତି । ଉଭୟ ବ୍ଲକର ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଦୀର୍ଘ ବର୍ଷ ବର୍ଷ ଧରି ଏହି ରାସ୍ତା କାମଟି ହେଇପାରୁନାହିଁ। ସରକାରଙ୍କୁ ଆମେ ଅଞ୍ଚଳବାସୀ ଅନୁରୋଧ କରୁଛି ଏହି ରାସ୍ତା ଯଥାଶୀଘ୍ର ହେଲେ ଆମେ ସରକାର ପାଖରେ ଚିର ଉପକୃତ ହେବୁ। ଯଦି ରାସ୍ତା କାମରେ କୌଣସି ପ୍ରକାର ଅବହେଳା ହୁଏ ତାହାଲେ ଆମେ ଗୁମ୍ମା ବ୍ଲକ ଓ କାଶୀନଗର ବ୍ଲକର ଅଞ୍ଚଳବାସୀ ଭାଇମାନେ ଆଗାମୀ ଇଲେକ୍ସନରେ ଭୋଟ ବର୍ଜନ କରିବୁ ବୋଲି ୱାର୍ଡ ମେମ୍ବର ଗୁସାରୁ ରଇତ, ଆୟୁବ ଗମାଙ୍ଗ, ଆନ୍ଦ୍ରିୟ ଗମାଙ୍ଗ, ଇସ୍ମାଇଲ ଭୂୟାଁ, ପୂର୍ବତନ ସମିତି ସଭ୍ୟା ଜ୍ୟେଷ୍ଠ ଗମାଙ୍ଗ, ଉବେଦ ଗମାଙ୍ଗଓ ରାଇଶା ଭୂୟାଁ ହୋଇ କହିଛନ୍ତି ।

# ଏନ୍‌ପିଏସ୍ ଶିକ୍ଷକଙ୍କ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କୁ ଭେଟିଲେ କର୍ମକର୍ତ୍ତା

ମାଲକାନଗିରି(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟ ମାଧ୍ୟମିକ ଏନପିଏସ ଶିକ୍ଷକ ସଂଘ ତରଫରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକୁ ଦୃଷ୍ଟିଗତ ଓ ସହାନୁଭୂତିପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଧାୟକଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି ଜିଲ୍ଲା ସଂଘ କର୍ତ୍ତୃପକ୍ଷ । ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ଏନପିଏସ ଶିକ୍ଷକମାନଙ୍କ ଚୁକ୍ତିଭିତ୍ତିକ ଛଅବର୍ଷକୁ ମୂଳଚାକିରିରେ ଯୋଗଦେବା ସହିତ ଛଅଟି ନେସନାଲ ଇନକ୍ରିମେଣ୍ଟ ଦେଇ ଗଣନା କରିବା, ଓଡ଼ିଶା ସରକାରଙ୍କ ତରଫରୁ 'ପୁନର୍ବିଚାର ଓ ବିଶେଷ ବ୍ୟବସ୍ଥା ନିୟମାବଳୀ-୨୦୨୨ ଅନୁଯାୟୀ, ନିୟମ-୨୦୧୩ ଅନୁସାରେ ୦୪.୦୪.୨୦୧୬ ରୁ ଆରମ୍ଭ କରି ଯେଉଁ ଶିକ୍ଷକମାନେ ନିଯୁକ୍ତ ହୋଇଛନ୍ତି ସେମାନଙ୍କର ଚୁକ୍ତିଭିତ୍ତିକ ଛଅବର୍ଷକୁ ମୂଳ ଚାକିରିରେ ଯୋଗ ସହିତ ଛଅଟି ନ୍ୟାସନାଲ ଇନ୍କ୍ରିମେଣ୍ଟ ବୃଦ୍ଧିକୁ ଗଣନା କରାଯାଇଛି । କିନ୍ତୁ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଅନୁଭବୀ ଶିକ୍ଷକମାନେ ଯେଉଁମାନେ ଏହି ନିୟମ-୨୦୧୩ ରେ ଉଲ୍ଲେଖସେବା ସର୍ତ୍ତେ, ନିଯୁକ୍ତି ପ୍ରକ୍ରିୟା ଓ ଆଡ଼ଭର ଆଇନ ଅନୁଯାୟୀ ନିଯୁକ୍ତ ହୋଇଥିଲେ, ସେମାନଙ୍କୁ ଏହି ଲାଭରୁ ବଞ୍ଚିତ ରଖାଯାଇଛି । ସ୍କୁଲ ଓ ଶିକ୍ଷା ବିଭାଗର ନିୟମାବଳୀ ଅନୁସାରେ ଅନ୍ୟମାନେ ୨୦୧୬ ପରେ ଯେଉଁମାନେ ନିଯୁକ୍ତି ହୋଇଛନ୍ତି, ସେମାନେ ଏକ ସମାନ ତାରିଖ ୦୪.୦୪.୨୦୧୬ ଠାରୁ ନିୟମିତ ହୋଇ ସମସ୍ତ ପ୍ରକାର ସୁବିଧା ଭୋଗ କରୁଛନ୍ତି, ଯେଉଁଥିରେ ଆମ ପୂର୍ବ ନିଯୁକ୍ତି ଶିକ୍ଷକମାନେ ବଞ୍ଚିତ ହେଉଛନ୍ତି । ଆମେ ସେଇ ସରକାରୀ ଚୁକ୍ତିଭିତ୍ତିକ ଶିକ୍ଷକ, ଯେଉଁମାନେ ୨୦୦୩ ଓ ୨୦୦୫ରେ



ଦିଆଯାଉଥିବା ସରକାରୀ ଆଦେଶ ଅନୁଯାୟୀ ନିଯୁକ୍ତି ହୋଇଥିଲୁ। ଆମେ ନୂଆ ଗଭର୍ଣ୍ଣମେଣ୍ଟ ହାଇସ୍କୁଲଗୁଡ଼ିକୁ ଚାଲୁ କରିବା ସମୟରେ ଭଲ ସେବା ଦେଇଥିଲୁ। କିନ୍ତୁ ଏହି ସମୟକୁ ସେବାର ମାନ୍ୟତା ଦିଆଯାଇ ନଥିଲା। ଅନ୍ୟଦିଗରେ, ୧୯୯୪ ପୂର୍ବରୁ ମ୍ୟାନେଜମେଣ୍ଟ ଦ୍ୱାରା ନିଯୁକ୍ତ ଶିକ୍ଷକ ମାନଙ୍କ ସେବାକୁ ୧:୧ ଅନୁପାତରେ ଗଣନା କରାଯାଉଛି।ଏହି ଅନ୍ୟାୟ ଓ ଭିନ୍ନତା ଦୂର କରିବା ପାଇଁ, ବିଧାୟକଙ୍କୁ ଅନୁରୋଧ କରିଛନ୍ତି । ମାଧ୍ୟମିକ ଶିକ୍ଷାସ୍ତରରେ ସବ୍ଅର୍ଡ଼ିନେଟ ଏଜୁକେସନ ସର୍ଭିସ୍ କ୍ୟାଡରର ପୁନଃଗଠନ ଓ ନିଯୁକ୍ତି ସମୟରେ ଦିଆଯାଉଥିବା ଗ୍ରେଡ଼-ପେକୁ ବୃଦ୍ଧି କରିବା । ଏହିସବୁ ବିଷୟରେ ବିଧାନ ସଭାରେ କଥା ଉଠାଇବା ସହ ଯେଉଁଭଳି ଆମମାନଙ୍କର ଅସୁବିଧା ଗୁଡ଼ିକର ସମାଧାନ ହୋଇ ପାରିବ ସେଥିପାଇଁ ବିଧାୟକଙ୍କୁ ଭେଟି ଏକ ପତ୍ର ଦେବା ସହ ଆଲୋଚନା କରିଥିଲେ ଜିଲ୍ଲା ଏନପିଏସ ସଂଘର ସଭାପତି ସଞ୍ଜୀବ କୁମାର ବୈଦ୍ୟ, ସମ୍ପାଦକ ସନାତନ ଦାଶ, କୋଷାଧ୍ୟକ୍ଷ କରିଷ୍ଣ ନାଗଙ୍କ ସମେତ ଅନ୍ୟ ପ୍ରମୁଖ ଶିକ୍ଷକମାନେ ମିଶି ବିଧାୟକଙ୍କୁ ସେମାନଙ୍କ ଗୁହାରି ଜଣାଇଥିଲେ । ବିଧାୟକ ଶ୍ରୀ ମାଡକାମି କହିଥିଲେ ଯଥା ସମ୍ଭବ କାର୍ଯ୍ୟ ଗୁଡ଼ିକୁ ମୁଁ ବିଧାନ ସଭା ଗୃହରେ ଉପସ୍ଥାପନ କରିବା ସହ ଭୁବନେଶ୍ୱର ଯାଇ ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ।

# ଜିଲ୍ଲା କ୍ରୀଡ଼ାସଂଘ ସମ୍ପାଦକ ପ୍ରହଲ୍ଲାଦଙ୍କୁ 'ହେଲ୍ପଲାଇନ୍' ଆୱାର୍ଡ



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂସ୍ଥା ହେଲ୍ପ ଲାଇନ ନିଜ କାର୍ଯ୍ୟଦକ୍ଷତା ପାଇଁ ସର୍ବଦା ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ । ସଂସ୍ଥା ବର୍ଷ ତମାମ ସମାଜସେବା କାର୍ଯ୍ୟ ଜାରି ରଖିଥିବାବେଳେ, ଆଜି ଜିଲ୍ଲା କ୍ରୀଡ଼ାସଙ୍ଘ ର ବାର୍ଷିକ ଉତ୍ସବରେ ଜିଲ୍ଲାରେ କ୍ରୀଡାକ୍ଷେତ୍ରରେ କିପରି ଉନ୍ନତି ଆସିବ, ଜିଲ୍ଲାର ସମସ୍ତ ବିଭାଗର କ୍ରୀଡ଼ାବିତମାନେ ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ନବରଙ୍ଗପୁର ଜିଲ୍ଲାର କିପରି ସୁନାମ ରକ୍ଷା କରିପାରିବେ ଏହି ବିଷୟରେ ଆଲୋଚନା ହେବାସହ କ୍ରୀଡ଼ାବିତ ମାନଙ୍କୁ ଉଲେଖନୀୟ ସହଯୋଗ କରାଯିବ ବୋଲି ନିଷ୍ପତି ହୋଇଥିଲା। ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା କ୍ରୀଡ଼ାସଂଘ ସମ୍ପାଦକ ଭାବେ ନିରନ୍ତର ସେବା ଯୋଗାଇ ଚର୍ଚ୍ଚାରେ ରହିଥିବା ପ୍ରହଲ୍ଲାଦ ତ୍ରିପାଠୀଙ୍କୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲାପାଳ ଏବଂ ଜିଲ୍ଲା କ୍ରୀଡ଼ାସଂଘର ସଭାପତି ଡ଼କ୍ଟର ମହେଶ୍ୱର ସ୍ୱାଇଁ ଯୋଗଦେଇ ସମ୍ପାଦକ ଶ୍ରୀତ୍ରିପାଠୀଙ୍କୁ ଉପଢୌକନ,ମାନପତ୍ର ଏବଂ ଟ୍ରଫି ଦେଇ ହେଲ୍ପ ଲାଇନ ଆୱାର୍ଡରେ ସମ୍ମାନିତ କରିଥିଲେ । ସଂସ୍ଥା ର କାର୍ଯ୍ୟକୁ ଉପସ୍ଥିତ କ୍ରୀଡ଼ାସଂଘ କର୍ମକର୍ତ୍ତା ଏବଂ ସଭ୍ୟ,ସଭ୍ୟା ବହୁ ପ୍ରଶଂସା କରିଥିଲେ । ସେହିପରି ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ାସଂଘର ଉପସଭାପତି ଏମ. ବାଲକୃଷ୍ଣ ରାଓ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ,ଏହି କାର୍ଯ୍ୟକ୍ରମକୁ ସଂସ୍ଥାର ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଉପସଭାପତି ଇଂ. ଚନ୍ଦନା ମଲ୍ଲିକ, ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

# କ୍ଲଷ୍ଟରସ୍ତରୀୟ ତୃତୀୟ ମାସିକ ବୈଠକ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ ଅନ୍ତର୍ଗତ ଗୁଡ଼ିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ନଗର କ୍ଲଷ୍ଟରସ୍ତରୀୟ ତୃତୀୟ ମାସିକ ବୈଠକ ସିଆରସିସି ସନ୍ତୋଷ କୁମାର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ତୃତୀୟ ମାସିକ




ବୈଠକରେ ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ଶ୍ରେଣୀ ପରିଦର୍ଶନ, ଶିକ୍ଷଣ ସୋପାନ ରେଜିଷ୍ଟର, ନିପୁଣ ସପ୍ତାହ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା ।ପଦ୍ମନପୁର ୟୁ ପି ସ୍କୁଲର ପ୍ରଧାନଶିକ୍ଷକ ବିଜୟ ମହାକୁଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ଦାମୋଦର ବହିଦାର ଧନ୍ୟବାଦ ଦେଇଥିଲେ । ବୈଠକରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ।

# ୪୦ଲକ୍ଷ ଠକେଇ, ବ୍ୟବସାୟୀ ଗିରଫ

କୋରାପୁଟ (ଭାସ୍କର ନ୍ୟୁଜ୍): ବ୍ୟବସାୟ ପାଇଁ ଧାର ନେଇ ଫେରାଇଲେନି ଟଙ୍କା । ଫେରାର ହୋଇଗଲେ । ଥାନାରେ ଅଭିଯୋଗ ପରେ ଫେରାର ବ୍ୟବସାୟୀ ଉପେନ୍ଦ୍ର ମହାନ୍ତିଙ୍କୁ ଅନୁଗୁଳରୁ ଗିରଫ କରିଛି ପୋଲିସ । କୋରାପୁଟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଅମ୍ବିତ ମହାନ୍ତିଙ୍କ ସୂଚନା ମୁତାବକ, ସେମିଳିଗୁଡାରେ ଉପେନ୍ଦ୍ର ହାର୍ଡୱେର ଷ୍ଟୋର କରିବା ସହ ଠିକା କାମ କରୁଛନ୍ତି । ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ଉପେନ୍ଦ୍ର ସେମିଳିଗୁଡା ଥାନା ବେହେରାଗୁଡା ଗାଁର ସୁଙ୍ଗଡି ଡମ୍ବୁଙ୍କ ନିକଟରୁ ୨୦ଲକ୍ଷ ଟଙ୍କା ୩ଟି ପର୍ଯ୍ୟାୟରେ ଚେକ୍ ଆକାରରେ ନେଇଥିଲେ । ଉକ୍ତ ଟଙ୍କାରେ ଘର ନିର୍ମାଣ କରିବା ପାଇଁ ଡମ୍ବୁଙ୍କୁ କହିଥିଲେ । କିନ୍ତୁ ଟଙ୍କା ନେବା ପରେ ଘର ନିର୍ମାଣ କଲେନି ବାରମ୍ବାର ଯୋଗାଯୋଗ କରିବା ପରେ ଉପେନ୍ଦ୍ର ମୋବାଇଲ ବନ୍ଦ କରି ଦେଇଥିଲେ । ଫଳରେ ଗତ ଜୁଲାଇ ୨୭ରେ ଡମ୍ବୁ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହିପରି ଉପେନ୍ଦ୍ର ପଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ କୁମାର ପାଙ୍ଗୀଙ୍କ ନିକଟରୁ ବି ବ୍ୟବସାୟ ପାଇଁ ୨୦ଲକ୍ଷ ଧାର ନେଇଥିଲେ । ୨ମାସ ମଧ୍ୟରେ ଟଙ୍କା ଫେରାଇବାକୁ କହିଥିଲେ । ପରବର୍ତ୍ତୀ ସମୟରେ ଆଉ ଟଙ୍କା ନଫେରାଇ ସେମିଳିଗୁଡାରୁ ଫେରାର ହୋଇଯାଇଥିଲେ । ପ୍ରଫୁଲ ଅଗଷ୍ଟ ୨୩ରେ ଏନେଇ ସାଇବର ଥାନାରେ ଏତଲା ଦେଇଥିଲେ । ସାଇବର ପୋଲିସ ମାମଲା ରୁଜୁ କରିବା ପରେ ଏସ୍ଆଇ କୃଷ୍ଣ କୁମାରୀ ପ୍ରଧାନ ଉଭୟ ମାମଲାରେ ତଦନ୍ତ ଆରମ୍ଭ କରିଥିଲେ । ଫେରାର ଉପେନ୍ଦ୍ର ଅନୁଗୁଳରେ ରହୁଥିବା ପୋଲିସ ସୂଚନା ପାଇଥିଲା । ୨ଟି ଟିମ୍ ଅନୁଗୁଳ ଯାଇ ଉପେନ୍ଦ୍ରଙ୍କୁ କାବୁ କରିଥିଲେ । ତଦନ୍ତ ସମୟରେ ଉପେନ୍ଦ୍ର ବିଭିନ୍ନ ବ୍ୟାଙ୍କରୁ ଋଣ କରିଛି । ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ବେଳେ ଆକାଉଣ୍ଟରେ କିଛି ମଧ୍ୟ ବାଲାନ୍ସ ନାହିଁ କେବଳ ଡମ୍ବୁ ଓ ପ୍ରଫୁଲ୍ଲ ନୁହଁନ୍ତି। ସେମିଳିଗୁଡା ଅଚଂଳର ବହୁ ବ୍ୟକ୍ତିଙ୍କଠାରୁ ଉପେନ୍ଦ୍ର ଟଙ୍କା ଧାର ନେଇ ଆଉ ଫେରାଇ ନାହାନ୍ତି । ଉପେନ୍ଦ୍ରଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଇବର ଥାନା ଅଧିକାରୀ ଭବାନୀ ପ୍ରଧାନ ଓ ଏସଆଇ କୃଷ୍ଣା କୁମାରୀ ପ୍ରଧାନ ଉପସ୍ଥିତ ଥିଲେ ।

# ନୂଆଖାଇ ଭେଟଘାଟ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାନଦୀ କୋଇଲା ଖଣି ଇବ୍ ଭ୍ୟାଲି ଏରିଆ ସମଲେଶ୍ୱରୀ ସୁରଭି କ୍ଲବ ଠାରେ ମା' ସମଲେଇ ସାଂସ୍କୃତିକ ସଂଘ ପକ୍ଷରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଏହି ନୂଆଖାଇ ଭେଟଘାଟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ମଣିଚନ୍ଦ୍ର ପ୍ରଧାନ, ଚିନ୍ମୟ ମହାପାତ୍ର, ତପୋଧନ ସିଂହ, ଅରୁଣ ପାତ୍ର, କମ୍ପାଉଣ୍ଡର ବେହେରା, ଶଶି ଭୂଷଣ ପାତ୍ର, ବିଷ୍ଣୁ ପ୍ରସାଦ ଦାସ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ମା' ରାମଚଣ୍ଡୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚାସୀନ ହୋଇଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ନୂଆଖାଇ ପର୍ବ ପାଳନ ଉପରେ ନିଜ ନିଜ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର କଳା ସଂସ୍କୃତି ଉପରେ ଆଧାରିତ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଅଞ୍ଚଳର କେତେକ ସ୍ୱେଚ୍ଛାସେବୀ ଓ ଦେଶ ପାଇଁ ସହିଦ ହୋଇଥିବା ପରିବାର ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଓମ ପ୍ରକାଶ ଦୀକ୍ଷିତ, ସୁରେଶ ତ୍ରିପାଠୀ, ପ୍ରମୋଦ ପୂଜାରୀ, ପ୍ରମୋଦ କୁମାର ନାୟକ, ମହେନ୍ଦ୍ର ସେଠ, ତୁଳାରାମ ପ୍ରଧାନ, ପ୍ରମୋଦ ସେଠ, ରାଜେଶ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଧାର ଦେଖାଇଲେ ମିଳୁଛି ବସ୍ତାଏ ସାର, ଚାଷୀ ହନ୍ତସନ୍ତ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପାକ୍ସ ଆଗରେ ଶନିବାର ୟୁରିଆ ସାର ପାଇଁ ଚାଷୀ ମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା କ୍ଷ ସାର ପାଇଁ ସକାଳୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ଚାଷୀ ମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା କ୍ଷ ଏପରିକି ବସ୍ତାଏ ସାର ପାଇଁ ଆଧାର କାର୍ଡ ର ଜେରକ୍ସ କପି ମାଗୁଥିବାରୁ ଜେରକ୍ସ କରିବା ପାଇଁ ଦୋକାନରେ ମଧ ଭିଡ଼ ଦେଖିବାକୁ ମିଳିଥିଲା । ଏହାର ସୁଯୋଗ ନେଇ ଜେରକ୍ସ କପି ଗୋଟେ କୁ ପାଞ୍ଚ ଟଙ୍କା ନେଉଥିବା ଜଣା ପଡିଛି ।ମିଳିଥିବା ସୂଚନା ଅନୁଯାୟୀ ଖୁଣ୍ଟବନ୍ଧ ପାକ୍ସ ପଦ୍ମନପୁର, ଲକ୍ଷ୍ମୀପ୍ରସାଦ ଓ ଖୁଣ୍ଟବନ୍ଧ ଆଦି ତିନି ଗୋଟି ଗ୍ରାମ ପଞ୍ଚାୟତର ଚାଷୀ ବହୁଳ ଗ୍ରାମକୁ ନେଇ ଗଠିତ ହୋଇଥିବା ବେଳେ ମାର୍କଫେଡ ପକ୍ଷରୁ ଗତକାଲି ମାତ୍ର ୩୧୫ ବସ୍ତା ୟୁରିଆ ସାର ବିକ୍ରୟ ପାଇଁ ଖୁଣ୍ଟବନ୍ଧ ପାକ୍ସକୁ ଆବଣ୍ଟିତ ହୋଇଛି । ସାର ଆସିଥିବା ସୂଚନା ପାଇ ଚାଷୀ ମାନେ ସକାଳୁ ପାକ୍ସରେ ପହଞ୍ଚି ଧାଡ଼ିରେ ରହିଥିଲେ କ୍ଷ ସାର ତୁଳନାରେ ଚାଷୀ ସଂଖ୍ୟା ଅଧିକ ଥିବା ବେଳେ କେମିତି ସାର ବଣ୍ଟନ



କରିବେ ପାକ୍ସ କର୍ମକର୍ତ୍ତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇ ଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରି ସାର ପାଇ ପାରି ନଥିବା ଚାଷୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ପେକ୍ସକୁ ଅଧିକ ସାର ଯୋଗାଇ ନଦେଲେ ଚାଷୀମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# କଂଗ୍ରେସ ଜିଲ୍ଲା ସଭାପତି ଚୟନ ପାଇଁ ସୃଜନ କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି (ଓଡ଼ିଶା ଭାସ୍କର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ,ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଏନ୍. ରଘୁବୀର ରେଡ୍ଡୀଙ୍କ ଉପସ୍ଥିତିରେ କଂଗ୍ରେସ ସଂଗଠନ ସୃଜନ ଅଭିଯାନ ଦ୍ୱାରା ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ କରାଯାଉଛି। ଆଗାମୀ ଦିନରେ ଓଡିଶା ରାଜ୍ୟରେ କଂଗ୍ରେସ ସଂଗଠନକୁ ଆହୁରି ଅଧିକା ମଜବୁତ କରିବାକୁ ଜାତୀୟ କଂଗ୍ରେସ ସଭାପତି ମଲିକାର୍ଜୁନ ଖଡ଼ଗେ ଓ ଜନନାୟକ ରାହୁଲ ଗାନ୍ଧି ଗୁରୁତ୍ୱ ଦେଇଛନ୍ତି। ଖାସ୍ କରି ଓଡ଼ିଶାକୁ ବେଶି ଗୁରୁତ୍ୱ ବୋଲି ସାମ୍ବାଦିକମାନଙ୍କୁ ଶ୍ରୀ ରେଡ୍ଡୀ କହିଥିଲେ। ଏଥିନିମନ୍ତେ ଗଜପତି ଜିଲ୍ଲାରେ ସାତଦିନ ରହି ଗଜପତି ଜିଲ୍ଲା ର ସାତ ଗୋଟି ବ୍ଲକର ସମସ୍ତ କଂଗ୍ରେସ ନେତା ଓ କର୍ମକର୍ତ୍ତାମାନଙ୍କୁ ଭେଟିବାକୁ ସୂଚନା ଦେଇଛନ୍ତି। କିନ୍ତୁ ଆଜି କଂଗ୍ରେସ ର ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଜିଲ୍ଲା କଂଗ୍ରେସ ସଭାପତିଙ୍କ ଉପରେ କଂଗ୍ରେସ ଦଳର ସାଙ୍ଗଠନିକ ପୁରୁଣା ଆଗ ଧାଡ଼ିର ଛାମୁଆ ନେତା କର୍ମୀ କଂଗ୍ରେସ କାର୍ଯ୍ୟାଳୟରେ ଆସିଥିବା ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ପରେ ସେମାନଙ୍କୁ ଦେଖିବାକୁ ମିଳିନଥିଲ। ଯା'ର ଲେଖା ସେ ଆସି ଚାଲିଗଲେ। ଏଥିରେ ସୂଚନା ମୁତାବକ ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗଙ୍କୁ ଏକଛତ୍ରବାଦୀ ବିଧାୟକ ରୂପେ କରିପାରନ୍ତି। ଖାସ କରି ମୋହନା ନିର୍ବାଚନ ମଣ୍ଡଳୀରେ। ଦୁଃଖର ବିଷୟ ଗଜପତି ଅନ୍ୟ ଗୋଟିଏ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପ୍ରତି ତିଳେ ମାତ୍ର ଆଶ୍ୱାସନା ନାହିଁ। ହାତ ଗଣତି ଜଣେ ଦୁଇ ଜଣକୁ ଦାୟିତ୍ୱ ଦେଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଠକ୍ ଜାଲିଆତି ଠେସରେ ଜେଲ୍ ଫେରନ୍ତା ତ ଆଉ କିଏ ଠକ ସଂସ୍ଥା ମାଲିକ। ଯେଉଁମାନେ କି ଏଘର ମାଉସୀ ସେ ଘର ପିଉସୀ ସେମାନେ ହେଉଛନ୍ତି ବିଧାୟକ ତଥା ଜିଲ୍ଲା ସଭାପତି ଙ୍କ ଗଳାର ମାଳି। ଓଡ଼ିଆ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦଳରେ ସ୍ୱଚ୍ଛତା ଆଣିବା ନିମନ୍ତେ ପ୍ରୟାସ ଜାରି ରଖିଥିବାବେଳେ ଗଜପତି ଜିଲ୍ଲା କଂଗ୍ରେସରେ ଜିଲ୍ଲାର କେତେ ଉଆଳି ଯେଉଁମାନେ କଂଗ୍ରେସ କୁ ଢାଲ କରିବା ପାଇଁ ଉଦ୍ୟମ କରିଛନ୍ତି ସେମାନଙ୍କୁ ଧରି ଜିଲ୍ଲା କଂଗ୍ରେସ ସଜାଡ଼ି ବା ପ୍ରୟାସ ଆଜି ଦାଣ୍ଡରେ ପଡି ହାଟରେ ଗଡିଲାଣି। ହେଲେ କଂଗ୍ରେସ ନେତା କର୍ମୀଙ୍କ ଠାରୁ ଶୁଣିବାକୁ ମିଳିଛି ସଭାପତି ତଥା ମୋହନା ବିଧାୟକ ବେଳ ଥାଉଁ ଥାଉଁ ନ ସଜାଡ଼ିଲେ ମୋହନା ନିର୍ବାଚନ ମଣ୍ଡଳୀ ହେଲେ ହାତଛଡ଼ା ହୋଇ ଯିବ ବୋଲି । ଆଜି ଓଡିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଚିନ୍ମୟ ବେହୁରା ଏବଂ ବରିଷ୍ଠ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ଏବଂ ଜିଲ୍ଲା ସଂଯୋଜକ ତଥା ବିଧାୟକ ଦଶରଥୀ ଗମାଙ୍ଗଙ୍କ ସହ ପ୍ରଦେଶ ମହିଳା କଂଗ୍ରେସ କମିଟି ନାରୀ ନେତ୍ରୀ ନିରୁପମା ପାତ୍ର ଭାବରେ ଯୋଗ ଦେଇଥିଲେ।

# ଗାଁ ରାସ୍ତା ପାଇଁ ଧାରଣାରେ ଗ୍ରାମବାସୀ

ଉମରକୋଟ(ଭାସ୍କର ନ୍ୟୁଜ): ନିତିଦିନିଆ ଯାତାୟାତ ରାସ୍ତା ଖରାପ ଯୋଗୁ ରାସ୍ତାରୋକ । ଯଥା ଶୀଘ୍ର ନୂତନ ରାସ୍ତା ତିଆରି ପାଇଁ ଗ୍ରାମବାସୀ ଙ୍କ ଦାବି କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରିଗୁଡା, ବାମନଦେଇଭଟା ଏବଂ କରାଗାଁ ଆଦି ପଂଚାୟତର ଶତାଧିକ ଲୋକେ ଆଜି ଡୁରକାଡଙ୍ଗରି ଛକ ନିକଟରେ ରାସ୍ତା ଅବରୋଧ କରି ଧାରଣା ରେ ବସିଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତା ଦେଇ ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ପୋଡ଼ାଗଡ ପର୍ଯ୍ୟଟନ ସ୍ଥଳୀ ସହ ୩ଟି ପଂଚାୟତର ଲୋକେ ଯାତାୟାତ କରୁଥିବା ବେଳେ ଯାତାୟାତବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରୋଗୀ, ଗର୍ଭବତୀ, ଛାତ୍ରଛାତ୍ରୀ



ପର୍ଯ୍ୟଟକ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ତେଣୁ ଏହି ରାସ୍ତାକୁ ଯଥା ଶୀଘ୍ର ତିଆରି କରିବାକୁ ଦାବି କରି ଗ୍ରାମବାସୀ ରାସ୍ତାରୋକ କରିଥିଲେ । ଅନ୍ୟପଟେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରେ କିଛି ନକହି ଯଥା ଶୀଘ୍ର ରାସ୍ତାର ମରାମତି କରାଯିବ ବୋଲି କହିଛନ୍ତି । ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକରୁ ଓହରିଥିଲେ ।

# କାଳିମେଳା ଓ ପଡ଼ିଆରେ ଗୁରୁଦିବସ ପାଳିତ

କାଳିମେଳା(ଭାସ୍କର ନ୍ୟୁଜ୍): କାଳିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି । ଏ ଅବସରରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରଇ, ମୁଖ୍ୟବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ



ଧନେଶ୍ୱର ନାୟକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତାପାଲି ଏବଂ ସମ୍ପାଦକ ଦାମୋଦର ଡୁରୁକା, ଏନପିଏସ ସଭାପତି କେ.ପୂର୍ଣ୍ଣଚନ୍ଦ୍ର ପାତ୍ର, ବରିଷ୍ଠ ଶିକ୍ଷକ ଦୟାଲ ଚନ୍ଦ୍ର ବୈରାଗୀ,ଅବସର ପ୍ରାପ୍ତ ଶିକ୍ଷକ ନିଶିକାନ୍ତ ଅଧିକାରୀ, ମାନସ ରଂଜନ ସେଠୀ ମଞ୍ଚସ୍ଥ ହୋଇଥିଲେ । ଏହି ଦିବସରେ ଗୁରୁ ଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ଅତିଥି ମାନେ ନିଜ ନିଜ ବ୍ୟକ୍ତବ୍ୟ ରଖିଥିଲେ ଏବଂ ପୂର୍ବରୁ ମନୋନୀତ ଆଦର୍ଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମଧ୍ୟ ସାମିଲ ହୋଇଥିଲେ । ଏମଭି-୩୫ ପିୟୁପିଏସର କୃଷ୍ଣ ମଣ୍ଡଳ, ଦକୋଣ୍ଡା ପ୍ରାଥମିକ ବିଦ୍ୟାଳୟର ରଞ୍ଜିତ କୁମାର ରାଉତ, ଏମଭି -୬୪ ପିଉପିଏସ ର ନୀଳିମା ପ୍ରଧାନ, ଏମଭି -୯୦ ପିଉପିଏସର ସ୍ମୃତି ରଞ୍ଜନ ବ୍ରାହ୍ମା, ଏମଭି -୭୮ ପିଉପିଏସର ଧାରୁଆ ମାଝୀ, ଏବଂ ଦରିଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ମାଡକାମି ପ୍ରମୁଖ ଆଦର୍ଶ ଶିକ୍ଷକ ଭାବେ ପୁରସ୍କାର ପାଇଥିଲେ। ସେହିପରି ପଡ଼ିଆ ବ୍ଲକରେ ମଧ ଗୁରୁଦିବସ ପାଳିତ ହୋଇଯାଇଛି । ତାଛଡା ଏହି ଗୁରୁଦିବସରେ ପଡ଼ିଆ ବ୍ଲକ ଅନ୍ତର୍ଗତ ପଡ଼ିଆ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ସୋନି ରାଣୀ ନାୟକ(ମାତୃଭାଷା ଓଡ଼ିଆ) ଓ ଏମ ଭି-୯୫ ୟୁଜିହେଟଏସର ଶିକ୍ଷକ ସନ୍ତୋଷ କୁମାର ମହାନନ୍ଦ ଏବଂ କାଳିମେଳା ବ୍ଲକ ଅନ୍ତର୍ଗତ କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମଥ ବାରୋଇଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ତଥା ଜିଲ୍ଲା ପରିଷଦ ସମ୍ମେଳନ କକ୍ଷରେ ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି ।

# ଭୁଲିଆସିକୁଆଁ ଗ୍ରାମପଞ୍ଚାୟତରେ ଡ୍ରେନେଜ୍ ଅବସ୍ଥା ଶୋଚନୀୟ

ଖଡ଼ିଆଳ (ଭାସ୍କର ନ୍ୟୁଜ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସ୍ୱଚ୍ଛତା, ନିର୍ମଳ ରଖିବା ପାଇଁ ବିଭିନ୍ନ ପ୍ରୋଗ୍ରାମ ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ପାଇଁ ବ୍ଲକ ଓ ଗ୍ରାମ ପଂଚାୟତକୁ ଲକ୍ଷ ଲକ୍ଷ ଟଙ୍କା ଦେଉଛନ୍ତି। ହେଲେ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। କାଗଜ କଲମରେ ଯୋଜନାର ଅର୍ଥ ଆତ୍ମସାତ ହେଇଯାଉଥିବା ବୁଦ୍ଧିଜୀବୀ ମହଲରେ ଅନୁମେୟ ହେଉଛି। ମୁଖ୍ୟତଃ ଗୋଟିଏ ଗାଁକୁ ସ୍ୱଚ୍ଛତା ରଖିବାକୁ ହେଲା ପ୍ରଥମେ ସେ ଗାଁ ର ଡ୍ରେନକୁ ସଫା ରଖିଲେ ହିଁ ଗାଁର ସ୍ୱଚ୍ଛତା ବଜାୟ ରହିଥାଏ। କିନ୍ତୁ ନୂଆପଡା ଜିଲ୍ଲା ଭୁଲିଆସିକୁଆଁ ଗ୍ରାମ ପଂଚାୟତର ଭୁଲିଆସିକୁଆଁ ଗ୍ରାମରେ ଡ୍ରେନେଜ ଅବସ୍ଥା ବିଗିଡି ପଡିଛି। ଯଦ୍ଦ୍ୱାରା ଭୁଲିଆସିକୁଆଁ ଗ୍ରାମରେ ବସବାସ କରୁଥିବା ଲୋକେ ଓ ସେବାଶ୍ରମର ପିଲାଛୁଆ ମାନେ ବିଭିନ୍ନ ରୋଗର ଆକ୍ରାନ୍ତ ହେଉଥିବା ସାଧାରଣରେ ଶୁଣିବାକୁ ମିଳୁଛି। ଭୁଲିଆସିକୁଆଁ ଗ୍ରାମର ସରପଞ୍ଚ ରହୁଥିବା ଗଳି ଅର୍ଥାତ ତାଙ୍କ ଘର ପାଖ ଚକାଚକ। ହେଲେ ଗାଁ ରେ ରହିଥିବା, ଅନ୍ୟ ସାହିରେ ଡ୍ରେନେଜ ବେହାଲ ହେବା ସହ ଗାଁ ରେ ଥିବା ନିକଟବର୍ତ୍ତୀ ଅନୁସୂଚିତ ଜାତି ଓ ଜନ ଜାତି ସେବାଶ୍ରମ ପାଖରେ ଡ୍ରେନେଜ ଅବସ୍ଥା ଦେଖିଲେ ଆଖିରୁ ଲୁହ ଝରିଯିବ। ସେହି ସେବା ଶ୍ରମରେ ନିରୀହ, ଖଟି ଖିଆ, ମଜୁରିଆ, ସମାଜର ନିମ୍ନ ଶ୍ରେଣୀ ପରିବାରର ପିଲା ଛୁଆମାନେ ପଢିଥାନ୍ତି। କିଏବା ପଚାରେ ସେମାନଙ୍କୁ। ଭୁଲିଆସିକୁଆଁ ଗ୍ରାମ ପଞ୍ଚାୟତକୁ ଡ୍ରେନେଜ ସଫା ପାଇଁ ଅର୍ଥ ଆସୁଛିକି ନାହିଁ ତାହା କାଗଜ ଓ କଲମ କହିପାରିବ। ସେହି କାଗଜ ଓ କଲମ ହେଉଛନ୍ତି ସରପଞ୍ଚ ଓ ଗ୍ରାମ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ।




ସହଜରେ ଅନୁମେୟ ହୁଏ ଯେ ଏହି ଡ୍ରେନେଜ କୁ ଦେଖିଲେ ଗ୍ରାମ ପଂଚାୟତ ର କିଭଳି ଅବସ୍ଥା ରେ ଚାଲିଥିବ। କାହାକୁ କିଏ କହିବ ? ମାଆ ହେଲେ ସରପଞ୍ଚ ପୁଅ ହେଲେ ନାମକରା ସରପଞ୍ଚ। ଯିଏ ସ୍ୱର ଉତ୍ତୋଳନ କଲେ ଧମକ ପଡୁଛି ତୋର ରାସନ କାର୍ଡ କାଟି ଦିଆଯିବ, ତୋର ବାପା ମାଆ ର ମିଳୁଥିବା ଭର୍ତ୍ତା କୁ ତିନି ହଜାର ପାଞ୍ଚ ସହ ଟଙ୍କାରୁ ଏକ ହଜାର ଟଙ୍କା କରି ଦିଆଯିବା ସହ ସରକାରଙ୍କ ସବୁ ସୁବିଧା ସୁଯୋଗରୁ ତୋର ପରିବାରକୁ ବଂଚିତ କରିଦେବି ବୋଲି ନାଲି ଆଖି ଦେଖେଇ ଉଚ୍ଚ ପାଟିରେ କହିଲେ ଲୋକେ ଡରି ଯାଇ କିଛି କହୁନାହାନ୍ତି। ହେଲେ ଅଭିଯୋଗ କରୁଛନ୍ତି ସାମ୍ବାଦିକକୁ। କିନ୍ତୁ ଗୋଟିଏ ସର୍ତ୍ତ ରେ। ଆଉ ସେହି ସର୍ତ୍ତ ହେଉଛି ଆଜ୍ଞା ମୋର ନାମ ଗୋପନରେ ରଖିବ, କାଳେ ମୋର ନାମ ଜାଣିଗଲେ ମତେ ସଭା ସମିତୀରେ ଅପମାନ କରିବେ ତେଣୁ ମୋର ନାମ ଗୋପନ ରଖିବେ ବୋଲି ଅଭିଯୋଗ କାରି କହିଛନ୍ତି। ଆହୁରି ମଧ ଅଭିଯୋଗ ହେଉଛି ଯେ ସରପଞ୍ଚଙ୍କ ପୁଅ ନାମକରା ସରପଞ୍ଚ ପଂଚାୟତ ରେ ଖୁଲ୍ଲମ ଖୋଲା ତାଙ୍କ ଦାଦାଗିରି ଚାଲିଛି। ତେଣୁ ସାଧାରଣ ଜନତା, ବୁଦ୍ଧିଜୀବୀ ଲୋକେ, ଭୁଲିଆସିକୁଆଁ ଗ୍ରାମ ପଞ୍ଚଯାତ ରେ ହେଉଥିବା ଦୁର୍ନୀତି ର ତଦନ୍ତ ପାଇଁ ଭିଜିଲାନ୍ସ ଦାବୀ କରୁଛନ୍ତି ସାଧାରଣ ଲୋକେ। ଏନେଇ ଗ୍ରାମ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହରେକୃଷ୍ଣ ବାରିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆଜ୍ଞା ଲୋକେ ପାଣି ଡ୍ରେନ ରେ ପକେଇବା ବନ୍ଦ କଲେ ତ ଡ୍ରେନ କାମ ହେବ। ଆପଣଙ୍କୁ କିଏ କହିଲା କି ଆଜ୍ଞା, କହିଦିଅନ୍ତୁ ଆଉ ଦୁଇଦିନରେ ଡ୍ରେନ କାମ ହେଇଯିବ ବୋଲି କହିଥିଲେ। ଏନେଇ ସ୍ୱତନ୍ତ୍ର ଭାବେ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରିବାକୁ ବୁଦ୍ଧିଜୀବୀ ମହଲେ ଦାବୀ ହେଉଛି।

# ସେବା ଦଳ ପକ୍ଷରୁ ଶିକ୍ଷକ ସମ୍ମାନିତ

ରାୟଗଡ(ଭାସ୍କର ନ୍ୟୁଜ୍): ଶିକ୍ଷକ ସେବା ଦଳ ନାମରେ ଏକ ଅନୁଷ୍ଠାନ ତାହାର ଶିକ୍ଷା ସେବା ରାୟଗଡ଼ ଜିଲ୍ଲାରେ ପ୍ରାରମ୍ଭ କରିଛି । ଚଳିତ ଗୁରୁଦିବସ ଅବସରରେ ସରକାରୀ ଶିକ୍ଷା ସେବା ସହିତ ଜଡିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ନିରବଚ୍ଛିନ୍ନ ସେବା ନିମନ୍ତେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଅମଳାସଂଘ ପାଠାଗାର ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ରାୟଗଡ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ଉଦଘାଟନ କରିଥିଲେ । ବରେଣ୍ୟ ଅତିଥି ରୂପେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଛବିଲାଲ ସିଂ, ଶିକ୍ଷକ ସେବା ଦଳର ଓଡିଶା ଶାଖା କନଭେନଟ ଏମ୍ ସୀତା ମହାଲକ୍ଷ୍ମୀ ଓ



ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ଥିଲେ। ଦୁଇଜଣ ଅବସରପ୍ରାପ୍ତ ଶିକ୍ଷକ, ଚାରିଜଣ ପ୍ରଧାନ ଶିକ୍ଷକ ଓ ଦଶଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ କ୍ରୀଡ଼ା ଦିବସରେ କ୍ରୀଡା କ୍ଷେତ୍ରରେ ଅତୁଳନୀୟ ଅବଦାନ ନିମନ୍ତେ ଚାରିଜଣ କ୍ରୀଡା ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏସ ଆଶାଲତା, ସୁରେଶ ମହାନ୍ତି ପ୍ରମୁଖ ଏହାର ଆୟୋଜନ କରିଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଆଗାମୀ ଦିନରେ ଗରିବ,ଦକ୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏନେକ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ଥିବା କନଭେନର ସୀତା ମହାଲକ୍ଷ୍ମୀ କହିଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାରି ରହିଛି ଗଣ ସଫେଇ କାର୍ଯ୍ୟକ୍ରମ । ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଜନ ସଚେତନତା ସହ ଗଣ ସଫେଇ କାର୍ଯ୍ୟକ୍ରମ କରାଯାଉଛି । ଏହି କ୍ରମରେ ଆଜି ୫୮ୱାର୍ଡ ଅନ୍ତର୍ଗତ ଟଙ୍କପାଣି ରୋଡରେ ଗଣ ସଫେଇ ସହ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଷ୍ଟାଣ୍ଡିଂକମିଟିର ଅଧକ୍ଷ ବିରଞ୍ଚିନାରାୟଣ ମହାସୁପକାର, କର୍ପୋରେଟର ନମିତା ମହାପାତ୍ର, ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏବଂ ଟିମ୍ ବିଏମ୍‌ସି ସହ ସ୍ଥାନୀୟ ଲୋକେ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ରାସ୍ତା କଡର ସଫେଇ ସାଙ୍ଗକୁ, ଲାଇଟ୍ ମରାମତି, ଡାଳଡାଙ୍ଗ, ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟର ପରିଚାଳନା, ବୁଦା ସଫେଇ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଥିଲା। ଏହା ସହିତ ଏହାସାଙ୍ଗକୁ ଚିଲି ପୋଖରୀ ବସ୍ତିର ନାଗରିକଙ୍କୁ ଭେଟି ପରିମଳ ଏବଂ ଆନୁସଙ୍ଗିକ ବିଷୟରେ ଆଲୋଚନାମାନ କରିଥିଲେ ମାନନୀୟା ମେୟର ଓ କମିଶନର । ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବାକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି ମେୟର ଓ କମିଶନର । ଏଥିପାଇଁ ଜନ ସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ଲୋକେ ସଚେତନ ହେବା ସହ ନିଜର ପରିବେଶକୁ ସ୍ୱଚ୍ଛ ରଖିବା ସହ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅନୁରୋଧ କରିଛନ୍ତି ମେୟର ।

## ଡ. ପ୍ରଦୀପ ଚୌଧୁରୀଙ୍କ ଏକ ଆଧାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମ ଯୋଗୀ ସାଇ' ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ) : ଜୟଦେବ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀର ଏକ ଭବ୍ୟ ସମାରୋହ ଉତ୍ସବରେ ବିଶିଷ୍ଟ ଆଧାତ୍ମିକ ଲେଖକ ଡ ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ସାଇବାବାଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଧାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମଯୋଗୀ ସାଇ' ଉନ୍ମୋଚିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବ୍ୟ ସାଇଭକ୍ତ ସମ୍ମିଳନୀରେ ଅନନ୍ୟ ବିଶିଷ୍ଟ ସାଇଭକ୍ତ ପ୍ରଫେସର ଡ ବିଜୟା ମିଶ୍ର, ବରିଷ୍ଠ ସାହିତ୍ୟିକା ବନଜା ଦେବୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ଅନନ୍ୟ ସାଇଭକ୍ତ ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମିଳନୀର ମୁଖ୍ୟ ଆୟୋଜକ ପବିତ୍ର ମୋହନ ସାମଲଙ୍କ କରକମଳରେ ପୁସ୍ତକଟି ବାବାଙ୍କୁ ଅର୍ପଣ କରି ଲୋକାର୍ପିତ ହୋଇଥିଲା। ଏହି ସମ୍ମିଳନୀରେ ପୁସ୍ତକର ଲେଖକ ଡ ଚୌଧୁରୀ ନିଜର ବକ୍ତବ୍ୟ ମାଧ୍ୟମରେ ସାଇଙ୍କର ଅନୁଭୂତି ସମ୍ପର୍କିତ ଅନେକ ତଥ୍ୟ ଏବଂ ତତ୍ତ୍ୱ ଭକ୍ତମାନଙ୍କ ପାଖରେ ଉପସ୍ଥାପନ କରି ଆମରି ପ୍ରିୟ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ସହିତ ସଦଗୁରୁ ସାଇରାମଙ୍କ ତତ୍ତ୍ୱକୁ ବ୍ରହ୍ମତତ୍ତ୍ୱ ଏବଂ ଗୁରୁତତ୍ତ୍ୱ ମାଧ୍ୟମରେ ସମ୍ମିଳିତ କରି ଉପସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥି ସାଇବାବାଙ୍କର ଦିବ୍ୟ କରୁଣା ଏବଂ ଅଲୌକିକ କାହାଣୀ ଉପରେ ନିଜର ମନ୍ତବ୍ୟ ଦେଇଥିଲେ। ଏହି ସମ୍ମିଳନୀରେ ପ୍ରାୟ ସମସ୍ତ ସାଇ ମନ୍ଦିର ପ୍ରତିଷ୍ଠାତା ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ। ସେମାନେ ବି ନିଜର ଅନୁଭୂତି ସମ୍ପର୍କରେ ତଥ୍ୟ ଏବଂ ସୂଚନା ଭକ୍ତମାନଙ୍କ ପାଖରେ ଉପସ୍ଥାପନା କରିଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆରୁ ଏହି ମୃତଦେହ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ରେଳଡବା ମରାମତି କାରଖାନା ନିକଟସ୍ଥ ଖେଳ ପଡ଼ିଆରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତାକ୍ତ ଚିହ୍ନ ରହିଛି। ଦିନେ/ଦୁଇଦିନ ପୂର୍ବରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ।

### ୩୧ତମ ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟା

## ଭାରତନାଟ୍ୟମ୍ ଏବଂ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୃଜନ-ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୧ତମ ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବ ତୃତୀୟ ସନ୍ଧ୍ୟା ଅବିସ୍ମରଣୀୟ ତଥା ସୌନ୍ଦର୍ଯ୍ୟପୂର୍ଣ୍ଣ ଥିଲା । ପ୍ରଖ୍ୟାତ ଭାରତନାଟ୍ୟମ୍ ଗୁରୁ-ଶିଷ୍ୟ ଯୋଡ଼ି ସମ୍ରାଟ ଦତ ଏବଂ ସାନ୍ତନୁ ରାୟଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ସହିତ ଶ୍ରୀମତୀ ଚିନ୍ମୟୀ ଦ୍ୱାରକନାଥ ଏବଂ ତାଙ୍କ ଲଳିତ କଳା ମନ୍ଦିର ଅନୁଷ୍ଠାନର ଶିକ୍ଷୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା ରବିନ୍ଦ୍ର ମଣ୍ଡପର ପ୍ରେକ୍ଷାଳୟରେ । ଏହି ନୃତ୍ୟ, ସଙ୍ଗୀତ ଏବଂ ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକ ଗୁରୁ ଡକ୍ଟର ଅରୁଣା ମହାନ୍ତି, ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା ପ୍ରିୟରନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ ପରେ ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମଟି କୋଲକାତାର ସମୃଦ୍ଧ ଭାରତନାଟ୍ୟମ୍ ପରମ୍ପରାକୁ ଅନୁପ୍ରାଣିତ କରୁଥିବା ପ୍ରଶଂସିତ ଗୁରୁ-ଶିଷ୍ୟ ଯୋଡ଼ି ସମ୍ରାଟ ଦତ ଏବଂ ସାନ୍ତନୁ ରାୟଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଉପସ୍ଥାପନା ସହିତ ଆରମ୍ଭ ହୋଇଥିଲା। ସେମାନଙ୍କର ଉପସ୍ଥାପନା ଦଶମହାବିଦ୍ୟା, ସମ୍ରାଟ ଦତଙ୍କ ଦ୍ୱାରା ଏକ ଗବେଷଣାତ୍ମକ ନୃତ୍ୟଶିଳ୍ପ, ତନ୍ତ୍ର ଅନୁସାରେ ପରାଶକ୍ତିର ୧୦ଟି ରୂପକୁ ଚିତ୍ରଣ କରିଥିଲା। ସଂନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଚିନ୍ମୟୀ ଦ୍ୱାରକନାଥ ଏବଂ କୋଏମ୍ବାଟୁରର ଲଳିତ କଳା ମନ୍ଦିରର ଶିକ୍ଷୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେମାନେ ବିନାୟକ ସ୍ମରଣ ସହିତ ନୃତ୍ୟ ଆରମ୍ଭ କରିଥିଲେ, ଯାହା ଭଗବାନ ଗଣେଶଙ୍କ ପ୍ରତି ଏକ ବିନମ୍ର ପ୍ରାର୍ଥନା ଥିଲା ଏବଂ ବକ୍ରତୁଣ୍ଡରୁ ଗଜାନନ ପର୍ଯ୍ୟନ୍ତ ତାଙ୍କର ବାରଟି ପବିତ୍ର ନାମକୁ ନୃତ୍ୟ ମାଧ୍ୟମରେ ସ୍ମରଣ କରିଥିଲେ । ନୃତ୍ୟଟି ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ଏବଂ ବିନୋଦ କୁମାର ପଣ୍ଡାଙ୍କ ସଙ୍ଗୀତ ରଚନା ଏବଂ କଣ୍ଠସ୍ୱରରେ ପରିବେଷିତ ହୋଇଥିଲା। ସେମାନଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ଶ୍ରୀମତୀ ଚିନ୍ମୟୀ ଦ୍ୱାରକନାଥଙ୍କ ଦ୍ୱାରା ନୃତ୍ୟ ସଂରଚିତ ମୃତ୍ୟୁଞ୍ଜୟ ଯାହା ଆଧାତ୍ମିକ ଗୁରୁ ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀଙ୍କ ଦିବ୍ୟ ପ୍ରବାହକୁ ଜୀବନ୍ତ କରିଥିଲା । ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହିତ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ସଂକଳ୍ପିତ ଏବଂ ପରିକଳ୍ପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

## ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ର ହାତୀ ପ୍ରସ୍ତାବ



ପୁରୀ (ଭାସ୍କର ନ୍ୟୁଜ) : ଆଜି ଭାଦ୍ରବ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ର ହାତୀ ପ୍ରସ୍ତାବ ଅନୁଷ୍ଠିତ ହୋଇଛି। ସଂଧ୍ୟା ଆଳତି ସରିବା ପରେ ଠାକୁରଙ୍କ ଆଜ୍ଞାମାଳ ପ୍ରାପ୍ତି ପରେ ଶ୍ରୀ ଦୋଳଗୋବିନ୍ଦ ଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ଏକ ପଟୁଆରରେ ଠାକୁରଙ୍କ ପାଲିଙ୍କି ସିଂହଦ୍ୱାର ନିକଟରେ ପହଂଚିବା ପରେ ଠାକୁରଙ୍କୁ ଶୀତଳ ଭୋଗ ଅର୍ପଣ ପରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କୁ ବନ୍ଦାପନା କରାଯିବା ସହ ସେଠାରେ ଇନ୍ଦ୍ର ହାତୀ ପ୍ରସ୍ତାବ ଅନୁଷ୍ଠିତ ହୋଇଥିଲା। ଏହା ପରେ ଠାକୁର ମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ତେବେ ଆଜି ଚନ୍ଦ୍ରଗ୍ରହଣ ଯୋଗୁଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି କାନ୍ତି ଅନୁଷ୍ଠିତ ହୋଇଛି। ରାତ୍ର ୨ ଟା ୨୦ ରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆଳତୀ ହୋଇ ଅନ୍ୟାନ୍ୟ ନୀତି କାନ୍ତି ବଢିଥିଲା। ଦିନ ୧୨ଟା ୫୭ ସୁଦ୍ଧା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସମସ୍ତ ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା। ତେବେ ଅନ୍ୟାନ୍ୟ ମନ୍ଦିର ମାନଙ୍କରେ ଚନ୍ଦ୍ରଗ୍ରହଣ ଯୋଗୁଁ ଦର୍ଶନ ବନ୍ଦ ରହିଥିବା ବେଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଭକ୍ତମାନେ। ତେବେ ଅନ୍ୟ ଦେବାଳୟ ଠାରୁ ଶ୍ରୀମନ୍ଦିର ରୀତିନୀତିରେ ଅନେକ ସ୍ୱାତନ୍ତ୍ର୍ୟ ରହିଛି। ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟୋପରାଗରେ ସବୁଆଡ଼େ ଦେବ ନୀତି ବନ୍ଦ ରହିଥାଏ, କିନ୍ତୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଦେବ ନୀତି ଅନୁଷ୍ଠିତ ହୋଇଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପରାଷ୍ଟ୍ରପତି ନିର୍ବାଚନ...

ହେଉଛି ଯେ ଏହି ଗସ୍ତ କାଳରେ ନବୀନ ବିଜେପିର କିଛି ବଡ଼ ନେତାଙ୍କୁ ଭେଟି ଆଲୋଚନା କରିବାର ସମ୍ଭାବନା ରହିଛି। ଏହାସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଭେଟି ପାରନ୍ତି ବୋଲି ସୂଚନା ମିଳିଛି। ତେଣୁ କେଉଁଠି ନା କେଉଁଠି ନବୀନଙ୍କ ଉପରେ ଏବେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ବିଜେପି ମୁଖିଆ ମନମୋହନ ସାମଲ ଭୁବନେଶ୍ୱର ଫେରିବାର ଦିନକ ପରେ ଦିଲ୍ଲୀ ଗସ୍ତରେ ଯିବା ଘଟଣା ରାଜନୈତିକ ମହଲକୁ ଅଧିକ ସରଗରମ କରି ଦେଇଛି। ଚର୍ଚ୍ଚା ହେଉଛି ଉପରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ କେନ୍ଦ୍ରୀୟ ନେତାଙ୍କ ସହ ତାଙ୍କର ବୈଠକ ହେବାର ସମ୍ଭାବନା ରହିଛି। ତେଣୁ ଯେହେତୁ ବିଜେଡି ଓ ବିଜେପି ଭଳି ଦୁଇ ଦଳର ରାଜ୍ୟ ସଭାପତି ଏବେ ଦିଲ୍ଲୀ ଗସ୍ତରେ, ତେଣୁ ଚର୍ଚ୍ଚା ହେବା ମଧ୍ୟ ସ୍ୱାଭାବିକ। ସୂଚନାଯୋଗ୍ୟ ଯେ ସାଧାରଣ ନିର୍ବାଚନ ପରଠାରୁ ବିଜେଡି-ବିଜେପି ସଂପର୍କରେ ତିକ୍ତତା ଆସିଛି। ପୂର୍ବରୁ ଅଧିକାଂଶ ପ୍ରସଙ୍ଗରେ ବିଜେଡି ବିଜେପିକୁ ସମର୍ଥନ କରି ଆସୁଥିଲା। ହେଲେ ନିର୍ବାଚନ ପରେ କିନ୍ତୁ ସେମିତି ଖୋଲା ସମର୍ଥନ ଦେଖିବାକୁ ମିଳିନି। ଅନେକ ପ୍ରସଙ୍ଗରେ ବିଜେଡି ସାଂସଦମାନେ ଭାଗ ଭାଗ ହୋଇ ସମର୍ଥନ ଦେଇଛନ୍ତି। ନଚେତ ବିରୋଧ ବି କରିଛନ୍ତି। ତେଣୁ ଆଗକୁ ଯେହେତୁ ଉପରାଷ୍ଟ୍ରପତି ନିର୍ବାଚନ ଅଛି, ତେଣୁ ବିଜେଡି ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

### ମହାନଦୀରେ...

ଜାରି କରାଯାଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା କାରଣରୁ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ବାଲେଶ୍ୱରର କିଛି ସ୍ଥାନରେ ବନ୍ୟାସ୍ଥିତି ସୃଷ୍ଟି ହୋଇଥିଲା। ରବିବାର ଜଳକା ନଦୀର ଜଳସ୍ତର ହ୍ରାସ ପାଇଛି। ଏହା ବିପଦସଂକେତ ସ୍ତରଠାରୁ ତଳେ ରହିଛି। ମଥାନିରେ ଜଳକାର ଜଳସ୍ତର ୬.୪୮ ମିଟର ରହିଥିବାବେଳେ ଏଠାରେ ବିପଦସଂକେତ ସ୍ତର ୬.୫୦ ମିଟର ରହିଛି। ତେବେ ୧୩ ତାରିଖ ପର୍ଯ୍ୟନ୍ତ ମୌସୁମୀ ସକ୍ରିୟ ଥିବାରୁ ତଥା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ବେଗ ବୃଦ୍ଧି ପାଇଛି ବୋଲି ପାଣିପାଗ ବିଭାଗ ସୂଚନା ଜାରି କରିଛି। ସେହିପରି ମଙ୍ଗଳବାର ଓ ବୁଧବାର ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ଓ ବିଜୁଳି ସହ ପବନ ଓ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

**NOTICE**
**(Above 18 years of age)**

By virtue of an affidavit sworn before NOTARY GOVT. OF INDIA, ODISHA BHUBANESWAR , dated 18-08-2025, KOUSHALYA MOHANTY, Address AT-NEULIA, PO- RAHADINGA, PS- RAGHUNATHPUR, DIST- JAGATSINGHPUR, PIN - 754104 declare that I have changed my name from KOUSHALYA SAMANTA SINGH to KOUSHALYA MOHANTY. Henceforth, I shall be known as KOUSHALYA MOHANTY for all purposes.
**Sd/-KOUSHALYA MOHANTY**

**NOTICE (for Minor)**

By virtue of an affidavit sworn before Notary Govt. of India, Odisha, Bhubaneswar, dated 01-09-2025 I, MANOTSH NAYAK, Address At- Church Sahi, Dasingbadi, Po- Daringbadi, Ps – Daringbadi, Dist. Kandhamal declare that I have changed the name of my son from RAJ NAYAK to RAJKISHOR NAYAK. Henceforth, he shall be known as RAJKISHOR NAYAK for all purposes.
**Sd/-MANTOSH NAYAK**

**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email :- eerwss_bgh@nic.in, Ph (O):-06646 233220, FAX :- 06646 234626
No. 4017 / Dt. 02.09.2025
O-724

**GOVERNMENT OF ODISHA "e" PROCUREMENT NOTICE**

Bid Identification No 02 Dt 02.09.2025 of 2025-26

The Superintending Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'C' or 'B' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the below work as per terms and condition noted below.

1. Name of the work:. Construction of Government Quarter for Assistant Engineer, RWS&S Section, Ambabhona,Barpali and Gaisilet under RWS&S Division Bargarh.
2. Approx. Estimated cost: - Rs 25.27 lakh, 24.98 lakh and 27.87 lakh respectively.
3. Date and time of availability of document in the portal :- Dt 09.09.2025 to Dt 23.09.2025 up to 5.00 P.M
4. Last date/ time for receipt of bids in the portal :- Dt 23.09.2025 up to 5.00 P.M
5. Date & time of Opening of Tender: - Dt 24.09.2025 at 11.00 A.M.
6. Name and address of the Officer Inviting Bid :- Superintending Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.

Sd/- Superintending Engineer,
RWS&S Division, Bargarh

OIPR 25018/11/0002/2526

*This is only an advertisement for information purposes and is not a prospectus announcement*
*(This announcement is a corrigendum to the pre issue cum corrigendum Announcement date September 05, 2025 ('Pre-Issue cum corrigendum Announcement'), published on Saturday, September 06, 2025, in the newspapers namely, Financial Express (English daily) (All Editions), Jansatta (Hindi daily) (All Editions), and Odisha Bhaskar (Oriya daily) (Odisha Edition) ('Newspapers')).*

**NILACHAL CARBO METALICKS LIMITED**

**Corporate Identity Number: U23101OR2003PLC007061**

Our Company was originally incorporated as "Company Limited by Shares" under the name "Nilachal Carbo Metalicks Private Limited" under the provisions of the Companies Act, 1956 and the Certificate of Incorporation was issued by Registrar of Companies, Cuttack, on February 13, 2003, vide certificate of incorporation bearing CIN U23101OR2003PTC007061. Pursuant to a special resolution passed by our Shareholders in the Extra-Ordinary General Meeting held on November 30, 2023, our Company was converted from a private limited company to public limited company and consequently, the name of our Company was changed to "Nilachal Carbo Metalicks Limited" and a fresh certificate of incorporation dated February 07, 2024 was issued to our Company by the Registrar of Companies, Cuttack, The Corporate Identity Number of our Company is U23101OR2003PLC007061. For details of change in registered office of our Company, please refer to chapter titled "History and Corporate Matters" beginning on Page no. 139.

**Registered Office:** N/4 - 158 IRC Village, Bhubaneswar 751015, Odisha, India.
**Website:** https://nilachalcoke.com/ | **E-Mail:** secretarial@nilachalcoke.com | **Telephone No:** +91 674 3512117
**Contact Person:** Mr. Haraprasad Rout, Company Secretary and Compliance Officer.
**Corporate Office:** Not Applicable.

**OUR PROMOTERS: MR. BIBHU DATTA PANDA, MRS. GEETA RANI PANDA AND KAJAL FASHIONWEAR AGENCY PRIVATE LIMITED**

**THE OFFER**

**INITIAL PUBLIC OFFER OF UP TO 66,00,000 EQUITY SHARES OF FACE VALUE OF ₹10 EACH ("EQUITY SHARES") OF NILACHAL CARBO METALICKS LIMITED ("NILACHAL" OR "OUR COMPANY" OR "THE ISSUER") FOR CASH AT A PRICE OF ₹ 85.00 PER EQUITY SHARE (INCLUDING A PREMIUM OF ₹75.00 PER EQUITY SHARE) ("OFFER PRICE") AGGREGATING TO ₹ 5,610.00 LAKHS COMPRISING OF FRESH OFFER OF UP TO 26,00,000 EQUITY SHARES AGGREGATING TO ₹ 2,210.00 LAKH ("FRESH OFFER") AND AN OFFER FOR SALE OF UP TO 40,00,000 EQUITY SHARES BY KAJAL FASHIONWEAR AGENCY PRIVATE LIMITED ("SELLING SHAREHOLDER") AGGREGATING TO ₹ 3,400.00 LAKHS ("OFFER FOR SALE") ("THE OFFER") OF WHICH 3,31,200 EQUITY SHARES AGGREGATING TO ₹ 281.52 LAKHS WILL BE RESERVED FOR SUBSCRIPTION BY MARKET MAKER ("MARKET MAKER RESERVATION PORTION"). THE OFFER LESS THE MARKET MAKER RESERVATION PORTION I.E. OFFER OF UP TO 62,68,800 EQUITY SHARES OF FACE VALUE OF ₹10 EACH AT AN OFFER PRICE OF ₹ 85.00 PER EQUITY SHARE AGGREGATING TO ₹ 5,328.48 LAKHS ("NET OFFER"). THE OFFER AND THE NET OFFER WILL CONSTITUTE 26.48% AND 25.15% OF THE POST-OFFER PAID-UP EQUITY SHARE CAPITAL OF OUR COMPANY. FOR FURTHER DETAILS, PLEASE REFER TO CHAPTER TITLED "TERMS OF THE OFFER" BEGINNING ON PAGE 268 OF THE PROSPECTUS.**

**THE FACE VALUE OF THE EQUITY SHARES IS ₹10 AND THE ISSUE PRICE IS 8.5 TIMES OF THE FACE VALUE**

The Offer is being made through the Fixed Price Process, in compliance with chapter IX of the Securities and Exchange Board of India (Issue Capital and Disclosure Requirements) Regulations, 2018, as amended ("SEBI ICDR Regulations") wherein minimum 50% of the Offer shall be available for allocation to Individual Investors and the balance shall be offered to individual Applicants other than Individual Investors and other Investors including QIBs, corporate bodies or institutions. For further details please refer the section titled "Offer Procedure" on page 279 of the Prospectus.

**FIXED PRICE ISSUE AT ₹ 85.00 PER EQUITY SHARE**
**MINIMUM APPLICATION SIZE OF 3,200 EQUITY SHARES AND IN MULTIPLES OF 1,600 EQUITY SHARES THEREAFTER**

**OFFER PROGRAMME** — **OPENS ON: MONDAY, SEPTEMBER 8, 2025** — **CLOSES ON: THURSDAY, SEPTEMBER 11, 2025**

**ASBA*** — **Simple, Safe, Smart way of Application- Make use of it!!!**
***Application Supported by Blocked Amount (ASBA) is a better way of applying to issues by simply blocking the fund in the bank account, investors can avail the same. For further details check section on ASBA below. Mandatory in Public Issues from January 1, 2016. No cheque will be accepted.**

UPI — UNIFIED PAYMENTS INTERFACE
**UPI – Now mandatory in ASBA for Retail Investors applying through Registered Brokers, DPs & RTAs. Retail Investors also have the options to submit the application directly to the ASBA Bank (SCSBs) or to use the facility of linked online trading, demat and bank account. ****
**Investors are required to ensure that the Bank Account used for applying is linked to their PAN.**

**CORRIGENDUM**

***Kind Attention:***

*Government of Maharashtra has declared Monday, September 8, 2025 as a public holiday instead of Friday, September 5, 2025 in Mumbai City and Mumbai Suburban districts under Section 25 of the Negotiable Instruments Act, 1881 on account of Eid-E-Milad.*

**REVISED ISSUE PROGRAMMME TIMELINES:** This is to inform that the date of Offer Closing for SME IPO, originally scheduled to close on Wednesday, September 10, 2025 has been revised to Thursday, September 11, 2025. This extension is due to holiday declared on Monday, September 8, 2025, by SEBI and Government of Maharashtra on the occasion of "Eid-E-Milad", which is also a banking holiday in the Mumbai. Accordingly, the indicative timetable in respect of the Offer is revised as under:

| Event | Indicative Date |
|---|---|
| Offer Closing Date | Thursday, September 11, 2025 |
| Finalization of Basis of Allotment with the Designated Stock Exchange | On or about September 12, 2025 |
| Initiation of Refunds / unblocking of funds from ASBA Account | On or about September 15, 2025 |
| Credit of Equity Shares to demat account of the Allottees | On or about September 15, 2025 |
| Commencement of trading of the Equity Shares on the Stock Exchanges | On or about September 16, 2025 |

Please note that any reference of above mention event including Offer Closing Date, wherever appearing in the Prospectus, should be read as revised in above table.
Further, please note that the **Maximum Application Size** mentioned on page 277 of the Prospectus (under the "Offer Structure" section) has been revised as follows:

**OFFER STRUCTURE (Revised)**

| Particulars | Net Offer to Public | Market Maker Reservation Portion |
|---|---|---|
| Maximum Application Size | *For Other than Individual Investors:* Such number of Equity Shares in multiples of 1,600 Equity Shares not exceeding the size of the Net Issue, subject to applicable limits to the Applicant. *For Individuals Investors who applies for maximum application size:* 3,200 Equity Shares i.e. 2 lots such that the application size shall be above ₹2.00 lakhs. | 3,31,200 Equity Shares |

The above is to be read in conjunction with the Pre Issue cum Corrigendum Announcement date September 05, 2025, the Prospectus dated August 28, 2025, Abridged Prospectus and all Issue related Stationery shall stand modified and accordingly their references in the Prospectus stand amended pursuant to this Addendum. All capitalised terms used in this Addendum shall, unless the context otherwise requires, have the meaning ascribed to them in the Prospectus dated August 28, 2025 filed with the Registrar of Companies.

**DISCLAIMER CLAUSE OF SEBI:** Since the Issue is being made in terms of Chapter IX of the SEBI ICDR Regulations, the Draft Prospectus was not filed with SEBI and SEBI has not issued any observation on Offer Document. Hence, there is no such specific disclaimer clause of SEBI. However, investors may refer to the entire *"Disclaimer Clause of SEBI"* on page 258 of the Prospectus.

**DISCLAIMER CLAUSE OF BSE:** It is to be distinctly understood that the permission given by BSE Limited (**"BSE"**) should not in any way be deemed or construed that the contents of the Prospectus or the price at which the equity shares are offered has been cleared, solicited or approved by BSE, nor does it certify the correctness, accuracy or completeness of any of the contents of the Prospectus. The investors are advised to refer to the Prospectus for the full text of the Disclaimer clause pertaining to BSE.

**RISK TO INVESTORS:** Investments in equity and equity-related securities involve a degree of risk and investors should not invest any funds in this Offer unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in this Offer. For taking an investment decision, investors must rely on their own examination of our Company and the Offer, including the risks involved. The Equity Shares in the Offer have not been recommended or approved by SEBI, nor does SEBI guarantee the accuracy or adequacy of the contents of the Prospectus. Specific attention of the investors is invited to section titled "Risk Factors" appearing on page 20 of the Prospectus.

| LEAD MANAGER TO THE OFFER | REGISTRAR TO THE OFFER | COMPANY SECRETARY AND COMPLIANE OFFICER |
|---|---|---|
| **SUN CAPITAL ADVISORY SERVICES PRIVATE LIMITED**<br>**Address:** 302, 3rd Floor, Kumar Plaza, Near Kalina Market, Kalina Kurla Road, Santacruz East, Mumbai 400029, Maharashtra, India<br>**Telephone:** +91 22 6178 6000<br>**E-mail:** mb@suncapital.co.in<br>**Investors Grievance E-mail:** investorgrievance@suncapital.co.in<br>**Website:** www.suncapitalservices.co.in<br>**Contact Person:** Mr. Ajesh Dalal<br>**SEBI Registration Number:** INM000012591<br>**CIN:** U67190MH2006PTC159258 | **KFIN TECHNOLOGIES LIMITED**<br>**Address:** Selenium Tower-B, Plot 31 & 32, Gachibowli, Financial District, Nanakramguda, Serilingampally, Hyderabad 500032, Telangana, India \| **Telephone:** +91 40 6716 2222<br>**E-mail:** ncml.ipo@kfintech.com<br>**Investor Grievance E-mail:** einward.ris@kfintech.com<br>**Website:** www.kfintech.com<br>**Contact Person:** Mr. M Murali Krishna<br>**SEBI Registration Number:** INR000000221<br>**CIN:** L72400TG2017PLC117649 | **NILACHAL CARBO METALICKS LIMITED**<br>**Mr. Haraprasad Rout**<br>**Address:** N/4 - 158 IRC Village, Bhubaneswar 751015, Odisha, India. \| **Telephone No:** +91 674 3512117<br>**E-mail:** secretarial@nilachalcoke.com<br>**Website:** https://nilachalcoke.com/<br>Investors can contact the Compliance Officer or the Registrar to the Offer in case of any pre- offer or post-offer related problems, such as non-receipt of letters of allotment, credit of allotted shares in the respective beneficiary account, etc. |

All capitalized terms used herein and not specifically defined shall have the same meaning as ascribed to them in the Prospectus.

**Issued by for Nilachal Carbo Metalicks Limited**
Sd/-
**Mr. Bibhu Datta Panda**
**Designation: Managing Director**
**DIN: 01579026**

**Place:** Bhubaneswar
**Date:** September 06, 2025

**Nilachal Carbo Metalicks Limited** is proposing, subject to market conditions and other considerations, public offer of its Equity Shares and has filed the Prospectus with the Registrar of Companies, Cuttack. **Investor should read the Prospectus carefully, including the Risk Factors on page 20 of the Prospectus before making any investment decision.** The Equity Shares have not been and will not be registered under the U.S. Securities Act 1933, as amended (the *"Securities Act"*) or any state securities laws in the United States and may not be issued or sold within the United States or to, or for the account or benefit of, "U.S. persons" (as defined in Regulation S of the Securities Act), except pursuant to an exemption from, or in a transaction not subject to, the registration requirements of the Securities Act. Accordingly, the Equity Shares will be issued and sold (i) in the United States only to "qualified institutional buyers", as defined in Rule 144A of the Securities Act, and (ii) outside the United States in offshore transactions in reliance on Regulation S under the Securities Act and in compliance with the applicable laws of the jurisdiction where those issues and sales occur. The Equity Shares have not been and will not be registered, listed or otherwise qualified in any other jurisdiction outside India and may not be issued or sold, and Application may not be made by persons in any such jurisdiction, except in compliance with the applicable laws of such jurisdiction.
AdBaaz



ନୂଆଦିଲ୍ଲୀ: ପାଖେଇ ଆସୁଛି ବିହାର ବିଧାନସଭା ନିର୍ବାଚନ। ନିର୍ବାଚନ ଉଷ୍ମତା ବଢ଼ୁଥିବା ବେଳେ ଉଭୟ ଏନଡିଏ ଓ ବିରୋଧୀ ମେଣ୍ଟ ମଧ୍ୟରେ ସିଟ୍ ସେୟାରିଂ ଫର୍ମୁଲାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ଶାସକ ମେଣ୍ଟରେ ଚିରାଗ ପାଶୱାନ, ଜିତେନ ରାମ ମାଞ୍ଜି ଓ ଉପେନ୍ଦ୍ର କୁଶ୍ୱା ଅଧିକ ସିଟ ମାଗୁଥିବାରୁ ସିଟ ସେୟାରିଂ ଅଙ୍କ ଛିଡ଼ୁ ନାହିଁ। ଏସବୁ ଭିତରେ ବିରୋଧୀ ମେଣ୍ଟରେ ଆଉ ଦୁଇ ଦଳ- ହେମନ୍ତ ସୋରେନଙ୍କ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ପଶୁପତି ପାରସଙ୍କ ନେତୃତ୍ୱାଧୀନ ଏଲଜେପି ସାମିଲ ହୋଇଛନ୍ତି। କଂଗ୍ରେସ ଓ ସିପିଆଇ-ଏମଏଲ ପକ୍ଷରୁ ଅଧିକ ସିଟ ଦାବି କରାଯାଉଥିବା ବେଳେ ଆଉ ଦୁଇ ଦଳ ସାମିଲ ହେବା ସ୍ଥିତିକୁ ଆହୁରି ରୋଚକ କରିଛି। ଏମାନେ କେମିତି ସିଟ ସେୟାରିଂ ଫର୍ମୁଲା ପ୍ରସ୍ତୁତ କରି ସମସ୍ତଙ୍କୁ ସନ୍ତୁଷ୍ଟ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ବନ୍ୟାରେ ଉବୁଟୁବୁ ପଞ୍ଜାବ

# ୯ରେ ପରିଦର୍ଶନରେ ଯିବେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ: ଲଗାଣ ବର୍ଷା ପରେ ପଞ୍ଜାବରେ ଭୟଙ୍କର ବନ୍ୟା ଦେଖାଯାଇଛି। ରାଜ୍ୟର ସମସ୍ତ ୨୩ ଜିଲ୍ଲାରେ ବନ୍ୟା ବ୍ୟାପକ କ୍ଷୟକ୍ଷତି କରିଛି। ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ରହିଥିବା ବେଳେ ଫସଲ ଉଜୁଡ଼ି ଯାଇଛି। ଅନେକ ଲୋକ ବନ୍ୟା ଯୋଗୁ ବାସହରା ହୋଇ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୯ ତାରିଖରେ ପଞ୍ଜାବ ଗସ୍ତ କରିବେ। ପଞ୍ଜାବରେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ମୋଦି। ପଞ୍ଜାବର ସତଲେଜ, ବ୍ୟାସ ଓ ରାଭି ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ୪୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧ ଲକ୍ଷ ୭୫ ହଜାର ହେକ୍ଟର ଫସଲ ନଷ୍ଟ ହୋଇଛି। ପ୍ରଧାନମନ୍ତ୍ରୀ ରୂପନଗର, ପଟିଆଲା ଓ ଜଳନ୍ଧରର ବନ୍ୟା ପ୍ରଭାବିତ ଗାଁ ପରିଦର୍ଶନ କରି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିବେ। ସେ ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ସହ ରିଲିଫ ଓ ପୁନର୍ବାସ କାର୍ଯ୍ୟର ସମୀକ୍ଷା କରିବେ। ମୋଦିଙ୍କ ଏହି ପରିଦର୍ଶନ ବନ୍ୟା ପାଡ଼ିତଙ୍କୁ ସାହାଯ୍ୟ ଓ ସମର୍ଥନ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦି ବନ୍ୟା ପ୍ରଭାବିତ ପଞ୍ଜାବ ପାଇଁ ରିଲିଫ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଧ୍ୟ ଘୋଷଣା କରିପାରନ୍ତି। ରବିବାର, ବିଜେପିର ପଞ୍ଜାବ ୟୁନିଟ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛି, ପ୍ରଧାନମନ୍ତ୍ରୀ ମୋଦି ସେପ୍ଟେମ୍ବର ୯ ରେ ପଞ୍ଜାବର ଗୁରୁଦାସପୁର ଆସୁଛନ୍ତି। ସେ ବନ୍ୟା ପ୍ରଭାବିତ ଲୋକଙ୍କୁ ସିଧାସଳଖ ଭେଟିବେ ଏବଂ ସେମାନଙ୍କ ଦୁଃଖ କଥା ବୁଝିବେ। ଏହା ସହିତ, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ। ବିଜେପି କହିଛି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ପ୍ରମାଣିତ କରେ ଯେ କେନ୍ଦ୍ରର ବିଜେପି ସରକାର ସର୍ବଦା ପଞ୍ଜାବର ଲୋକଙ୍କ ସହିତ ଠିଆ ହୋଇଛି ଏବଂ ଏହି କଷ୍ଟକର ସମୟରେ ପୂର୍ଣ୍ଣ ସମର୍ଥନ ଯୋଗାଇବ।

# ଚନ୍ଦ୍ରଗ୍ରହଣରେ ଗୋ' ସେବା କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଚନ୍ଦ୍ରଗ୍ରହଣ ଅବସରରେ ତାଙ୍କ ନିବାସରେ ଗୋମାତାଙ୍କୁ ରୁଟି ଓ ଗୁଡ଼ ଖୁଆଇଥିଲେ। ଏହି ଅବସରରେ ସେ ଛତିଶଗଡ଼ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି, ଶାନ୍ତି ଏବଂ କଲ୍ୟାଣ କାମନା କରିଥିଲେ। ଶ୍ରୀ ସାଏ କହିଥିଲେ ଯେଉଁମାନେ ଗୋ'ସେବା କରୁଛନ୍ତି ସେମାନେ ଆତ୍ମ ସନ୍ତୋଷ ଲାଭ କରିବା ସହ ନୂତନ ଅନୁଭୂତି ଅନୁଭବ କରୁଛନ୍ତି।


# କ୍ୟାନ୍ସର ଟିକାର ସଫଳ ପରୀକ୍ଷଣ




ନୂଆଦିଲ୍ଲୀ: କ୍ୟାନ୍ସରକୁ ରୋକିବା ଲାଗି ଋଷ ଏକ ଟିକା ପ୍ରସ୍ତୁତ କରିଛି। ଫେଡେରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି(ଏଫଏମବିଏ) ଏହି ଟିକା ପ୍ରସ୍ତୁତ କରିଛି। ଏଫଏମବିଡି ପ୍ରମୁଖ ଭେରୋନିକା କହିଛନ୍ତି ଯେ, ଋଷ ତିଆରି କରିଥିବା ଏହି କ୍ୟାନ୍ସର ଟିକା ବର୍ତ୍ତମାନ ବ୍ୟବହାର ପାଇଁ ପ୍ରସ୍ତୁତ। ଏମଆରଏନଏ ଉପରେ ଆଧାରିତ ଏହି ଟିକା ସମସ୍ତ ପ୍ରକାର ପ୍ରାକ୍ କ୍ଲିନିକାଲ ପରୀକ୍ଷଣ ସଫଳତାପୂର୍ବକ ଶେଷ ହୋଇଛି। ଏହାଦ୍ୱାରା ଟିକାର ସୁରକ୍ଷା ଏବଂ ପ୍ରଭାବଶାଳିତା ପ୍ରମାଣିତ ହୋଇଛି। ଏହି ଟିକାର ପ୍ରାରମ୍ଭିକ ଲକ୍ଷ୍ୟ କୋଲୋରେକ୍ଟାଲ କ୍ୟାନ୍ସର ବୋଲି ସେ କହିଛନ୍ତି। ଋଷର ଗଣମାଧ୍ୟମ ସଂସ୍ଥା ଟାସ୍ ରିପୋର୍ଟ ଅନୁଯାୟୀ, ଏହି କର୍କଟ ଟିକା ବହୁତ ଭଲ ପ୍ରଦର୍ଶନ କରିଛି। ଏଫଏମବିଏ ପ୍ରମୁଖ ଭେରୋନିକା ପୂର୍ବାଞ୍ଚଳ ଅର୍ଥନୈତିକ ମଞ୍ଚ(ଇଇଏଫ)ରେ ଏହାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ଟିକା ପାଇଁ ଅନେକ ବର୍ଷ ଧରି ଗବେଷଣା ଚାଲିଥିଲା। ଗତ ୩ ବର୍ଷ ଧରି କେବଳ ଏହାର କ୍ଲିନିକାଲ ପରୀକ୍ଷଣ ଜାରି ରହିଥିଲା। ଏହି ଟିକା ଏବେ ବ୍ୟବହାର ପାଇଁ ଉପଯୁକ୍ତ। କେବଳ ସରକାରୀ ସ୍ୱୀକୃତିକୁ ଅପେକ୍ଷା ରହିଛି।

### ସିବିଆଇ ବଡ଼ ଖୁଲାସା

# ବିମୁଦ୍ରିକରଣ ସମୟରେ ୪୫୦କୋଟି ଟଙ୍କା ଦେଇ କାରଖାନା କିଣିଥିଲେ ଶଶିକଳା




ଚେନ୍ନାଇ: ତାମିଲନାଡୁର ଦିବଂଗତ ମୁଖ୍ୟମନ୍ତ୍ରୀ ଜେ.ଜୟଲଳିତାଙ୍କ ନିକଟତମ ଭିକେ ଶଶିକଳା ପୁଣି ଥରେ ଗମ୍ଭୀର ଅଭିଯୋଗର ଘେରରେ ରହିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଦାଏର ଏକ ଏଫଆଇଆରରୁ ଜଣାପଡିଛି ଯେ, ଶଶିକଳା ୨୦୧୬ରେ ବିମୁଦ୍ରାକରଣ ସମୟରେ ଏକ ଚିନି କାରଖାନା କିଣିବା ପାଇଁ ପୁରୁଣା ନୋଟରେ ୪୫୦ କୋଟି ଟଙ୍କାର ବିପୁଳ ପରିମାଣର ଟଙ୍କା ଦେଇଥିଲେ। ଏହି ମାମଲା ଏବେ ନୂଆ ମୋଡ଼ ନେବାକୁ ଲାଗିଛି। କାରଣ ଏହାକୁ ବ୍ୟାଙ୍କ ଠକେଇ ଏବଂ ବେନାମୀ ସମ୍ପତ୍ତି ସହିତ ମଧ ଯୋଡ଼ା ଯାଉଛି। ମାଡ୍ରାସ ହାଇକୋର୍ଟର ନିର୍ଦ୍ଦେଶ ପରେ ଏହି ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଛି। ସିବିଆଇ ପଦ୍ମାଦେବୀ ସୁଗାର୍ସ ଲିମିଟେଡ୍ (ପିଏସଏଲ) ବିରୋଧରେ ମାମଲା ରୁଜୁ କରିଛି। ଏହି କମ୍ପାନି ଉପରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି) ସହିତ ୧୨୦ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗ ରହିଛି। ବ୍ୟାଙ୍କ ୨୦୨୦ ମସିହାରେ ଏହି କମ୍ପାନିର ଆକାଉଣ୍ଟକୁ ଠକେଇରେ ବ୍ୟବହୃତ ଆକାଉଣ୍ଟ ଭାବରେ ଘୋଷଣା କରିଥିଲା। ସିବିଆଇ ଏଫଆଇଆରରେ ଶଶିକଳାଙ୍କ ନାମ ସିଧାସଳଖ ଅଭିଯୁକ୍ତ ଭାବରେ ପଞ୍ଜୀକୃତ ହୋଇନାହିଁ। କିନ୍ତୁ ତଦନ୍ତର ମୋଡ଼ ତାଙ୍କ ଆଡ଼କୁ ମୁହାଁଇଛି, ଯାହା ତାଙ୍କ ସମସ୍ୟାକୁ ବଢ଼ାଇପାରେ ବୋଲି କୁହାଯାଉଛି। ସିବିଆଇ ଏଫଆଇଆର ଅନୁଯାୟୀ, ପଦ୍ମାଦେବୀ ସୁଗାର୍ସ ଲିମିଟେଡର ବିକ୍ରୟ ହୋଇଥିବା ଚିନିକଳ ପୂର୍ବରୁ ବ୍ୟାଙ୍କରେ ବନ୍ଧକ ରଖାଯାଇଥିଲା। ପରେ, ବେନାମୀ ସମ୍ପତ୍ତି କାରବାର ଆଇନ ଅନୁଯାୟୀ ଏହି ମିଲକୁ ଆୟକର ବିଭାଗ ଜବତ କରିଥିଲା। ଶଶିକଳାଙ୍କ ବିରୋଧରେ ଆଉ ଏକ ମାମଲାର ତଦନ୍ତ ସମୟରେ ୨୦୧୭ରେ ଆୟକର ବିଭାଗ ଏକ ତଲାସୀ ଅଭିଯାନ ଚଳାଇବା ସମୟରେ ଏହି ସମ୍ପୂର୍ଣ୍ଣ ବେଆଇନ କାରବାରର ପର୍ଦ୍ଦାଫାସ ହୋଇଥିଲା। ତଦନ୍ତକାରୀ ଅଧିକାରୀମାନେ କିଛି ଦସ୍ତାବିଜ ପାଇଥିଲେ ଯାହା ଏହି ସମ୍ପୂର୍ଣ୍ଣ ବଡ଼ ଷଡ଼ଯନ୍ତ୍ରର ପରଦା ଖୋଲି ଦେଇଥିଲା।

# କାରଖାନାରେ ଗ୍ୟାସ୍ ଲିକ୍, ୩ ମୃତ

ଇନ୍ଦୋର : ଇନ୍ଦୋର ନିକଟ ପିଥମପୁର ଶିଳ୍ପାଞ୍ଚଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ରବିବାର ଦିନ ଏକ ତେଲ କମ୍ପାନୀର ପ୍ଲାଣ୍ଟରେ ହଠାତ୍ ଗ୍ୟାସ ଲିକ୍ ହୋଇଥିଲା। ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତିନି ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ପରେ କମ୍ପାନୀ ପରିସରକୁ ଖାଲି କରିଦିଆଯାଇଥିଲା ଏବଂ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଗ୍ୟାସ୍ ଲିକ୍ ହେବାର କାରଣ ଏକ ଯାନ୍ତ୍ରିକ ତ୍ରୁଟି ବୋଲି କୁହାଯାଉଛି। ବର୍ତ୍ତମାନ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ଏବଂ ସମ୍ପୂର୍ଣ୍ଣ ମାମଲାର ତଦନ୍ତ ଚାଲିଛି। ଦୁର୍ଘଟଣାରେ ଆହୁରି କିଛି ଲୋକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । କୁହାଯାଉଛି ଯେ ଦୁର୍ଘଟଣା ଘଟିବା ସମୟରେ କର୍ମଚାରୀମାନେ କମ୍ପାନୀରେ କାମ କରୁଥିଲେ। ସମସ୍ତଙ୍କୁ ତୁରନ୍ତ ଇନ୍ଦୋରର ଏମୱାଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ଜଣ କର୍ମଚାରୀଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ନାଁ ସୁନୀଲ, ଦୀପକ ଏବଂ ଜଗଦୀଶ ବୋଲି ଜଣାପଡ଼ିଛି ।

# ଆମେରିକାର ଶୁଳ୍କ ବୃଦ୍ଧିକୁ ମାୟାବାତୀଙ୍କ ନିନ୍ଦା



ଲକ୍ଷ୍ନୌ: ବହୁଜନ ସମାଜ ପାର୍ଟି (ବିଏସପି) ମୁଖ୍ୟ ମାୟାବତୀ ରବିବାର ଭାରତୀୟ ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ବିଶାଳ ଶୁଳ୍କ ବୃଦ୍ଧିକୁ କଡ଼ା ନିନ୍ଦା କରିଛନ୍ତି । ସେ ଏହାକୁ 'ଟ୍ରମ୍ପ୍ ଶୁଳ୍କ ଆତଙ୍କ' ବୋଲି ଅଭିହିତ କରିଛନ୍ତି ଏବଂ ଶୁଳ୍କ ଲାଗୁ ପରେ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା ପାଇଁ କଠୋର ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ମାୟାବତୀ କହିଛନ୍ତି ଯେ, ଟ୍ରମ୍ପ ଶୁଳ୍କ ଆତଙ୍କର ମୁକାବିଲା ପାଇଁ, କେନ୍ଦ୍ରର ବିଜେପି ସରକାର ଲୋକଙ୍କ ହିତ ପାଇଁ କଠୋର ଏବଂ ଉଚିତ ପଦକ୍ଷେପ ନେବା ଆରମ୍ଭ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି କେନ୍ଦ୍ର ସରକାର ଏହା ନକରନ୍ତି, ତେବେ ଲୋକଙ୍କ ସମସ୍ୟା ବୃଦ୍ଧି ପାଇବ ଏବଂ ଦାରିଦ୍ର୍ୟ, ବେକାରୀ, ଅଶିକ୍ଷା, ମୁଦ୍ରାସ୍ଫୀତି, ପ୍ରବାସ ଭଳି ସମସ୍ୟା ଆହୁରି ଗମ୍ଭୀର ହୋଇଯିବ । ଏହା ଦେଶର ସମ୍ମାନ ଏବଂ ବିଶ୍ୱ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବ । ସୂଚନାଯୋଗ୍ୟ, ଟ୍ରମ୍ପ ସରକାର ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି । ଏହା ଭାରତ ସରକାର ଏବଂ ଆମେରିକା ସରକାରଙ୍କ ମଧ୍ୟରେ ସମ୍ପର୍କକୁ ତିକ୍ତ କରିଛି । ଭାରତ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ଅନୁଚିତ ଏବଂ ଅଯୌକ୍ତିକ ବୋଲି କୁହାଯାଉଛି। ବିଏସପି ମୁଖ୍ୟଙ୍କ ଏହି ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଉତ୍ତର ପ୍ରଦେଶର ପ୍ରମୁଖ ରପ୍ତାନି କେନ୍ଦ୍ରଗୁଡ଼ିକ ଭାରତୀୟ ଆମଦାନୀ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ଶୁଳ୍କର ପ୍ରଭାବ ସହିତ ସଂଘର୍ଷ କରୁଛନ୍ତି, ରପ୍ତାନିକାରୀମାନେ ଚାକିରି ହରାଇବା, ଅର୍ଡର ବନ୍ଦ ହେବା ଏବଂ ବଜାର ପ୍ରବେଶ ହ୍ରାସ ବିଷୟରେ ଚେତାବନୀ ଦେଇଛନ୍ତି ।

# ଇସ୍ରାଏଲ ଉପରେ ୟେମେନର ଡ୍ରୋନ ଆକ୍ରମଣ



ନୂଆଦିଲ୍ଲୀ: ଇସ୍ରାଏଲ ଉପରେ ଡ୍ରୋନ ଦ୍ୱାରା ଆକ୍ରମଣ କରିଛି ୟେମେନ। ଇସ୍ରାଏଲର ବିଭିନ୍ନ ସହରକୁ ୟେମେନ ଟାର୍ଗେଟ କରିଛି। ତେବେ ୩ଟି ଡ୍ରୋନ ମଧ୍ୟରୁ ୨ଟିକୁ ଇସ୍ରାଏଲ ସୀମାରେ ପ୍ରବେଶ କରିବା ପୂର୍ବରୁ ଆକାଶ ପଥରେ ହିଁ ଧ୍ୱଂସ କରି ଦିଆଯାଇଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସ ପକ୍ଷରୁ କୁହାଯାଇଛି। ୟେମେନର ଡ୍ରୋନ ଆଟାକ ଯୋଗୁ ଇସ୍ରାଏଲର ଦକ୍ଷିଣ ପ୍ରାନ୍ତରେ ଯୁଦ୍ଧ ସାଇରନକୁ ଆକ୍ଟିଭେଟ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଯିବାକୁ ପରାମର୍ଶ ଦିଆଯାଇଛି। ଆଇଡିଏଫ କହିଛନ୍ତି, 'ୟେମେନ ପକ୍ଷରୁ ମାଡ଼ କରାଯାଇଥିବା ୩ଟି ୟୁଏଭିକୁ ଇସ୍ରାଏଲ ଏୟାର ଫୋର୍ସ ଚିହ୍ନଟ କରିଥିଲେ। ଏହା ମଧ୍ୟରୁ ୨ଟିକୁ ଇସ୍ରାଏଲ ସୀମାରେ ପ୍ରବେଶ କରିବା ପୂର୍ବରୁ ହିଁ ଆକାଶ ପଥରେ ଧ୍ୱଂସ କରି ଦିଆଯାଇଥିଲା। ଦକ୍ଷିଣ ଇସ୍ରାଏଲରେ ଯୁଦ୍ଧ ସାଇରନକୁ ଆକ୍ଟଭେଟ କରାଯାଇଛି।' ୨ଟି ଡ୍ରୋନକୁ ଇସ୍ରାଏଲ ଧ୍ୱଂସ କରିଥିବା ବେଳେ ଆଉ ଗୋଟିଏ ଟାର୍ଗେଟକୁ ହିଟ କରିଛି କି ନାହିଁ, ସେକଥା ୟେମେନ କିମ୍ବା ଆଇଡିଏଫ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଗୋଟିଏ ସପ୍ତାହ ତଳେ ହୁତି ବିଦ୍ରୋହୀଙ୍କ ଦଖଲରେ ଥିବା ସାନ୍ନା ପ୍ରଧାନମନ୍ତ୍ରୀ ଅହମଦ ଅଲ ରାହାୱିଙ୍କୁ ଇସ୍ରାଏଲ ଏୟାର ଷ୍ଟ୍ରାଇକ ଦ୍ୱାରା ହତ୍ୟା କରିଥିଲା। ଇରାନ ସମର୍ଥିତ ହୁତି ପକ୍ଷରୁ ଗୋଟିଏ ବିବୃତିରେ କୁହାଯାଇଥିଲା ଯେ ଅଲ ରାହାୱିଙ୍କ ସହ ଏକାଧିକ ମନ୍ତ୍ରୀ ଗୋଟିଏ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି। ବିଗତ ବର୍ଷ ଧରି ସରକାରୀ କାର୍ଯ୍ୟର ସମୀକ୍ଷା ପାଇଁ ସମସ୍ତେ ଯୋଗ ଦେଇଥିବା ବେଳେ ଆକ୍ରମଣ ହୋଇଥିଲା। ଅଲ ରାହାୱି ହୁତି ନେତୃତ୍ୱାଧୀନ ସରକାରରେ ୨୦୨୪ ଅଗଷ୍ଟରୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଇସ୍ରାଏଲ ତାଙ୍କୁ ହତ୍ୟା କରିଥିବାରୁ ଏବେ ହୁତି ପକ୍ଷରୁ ସମ୍ଭବତଃ ଡ୍ରୋନ ଦ୍ୱାରା ଆଟାକ କରାଯାଇଛି।

## ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିଦ୍ୟୁତ୍ ବିତରଣ ବିଭାଗ ସେପ୍ଟେମ୍ବର ୧ ତାରିଖରେ ୨୫୦ ମେଗା ୱାଟ ୟୁନିଟ୍ ଗ୍ରୀଡ୍ ଆଇଲ୍ୟାଣ୍ଡିଂ ସିଷ୍ଟମକୁ ସଫଳତାର ସହ ସିମୁଲେଟ୍ ଏବଂ କାର୍ଯ୍ୟକ୍ଷମ କରିଛି। ଏହି ମାଇଲଖୁଣ୍ଟ କାର୍ଯ୍ୟ ଦକ୍ଷତା ଏବଂ ମୂଲ୍ୟ ନିପୁଣତାରେ ବୃଦ୍ଧି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବା ସହ ଅଧିକ ଲାଭଦାୟକତାରେ ମଧ ଯୋଗଦାନ କରିଛି। ଉଲ୍ଲେଖନୀୟ ଯେ, ବିଦ୍ୟୁତ୍ ବିତରଣ ବିଭାଗ ଆରଏସପିର ଶୀର୍ଷ ପ୍ରବନ୍ଧନର ରଣନୈତିକ ମାର୍ଗଦର୍ଶନ ଏବଂ ପ୍ରେରଣାଦାୟୀ ସମର୍ଥନରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧, ପାୱାର ଏବଂ ବ୍ଲୋଇଂ ଷ୍ଟେସନ୍ ଓ ଏନଏସପିସିଏଲ ସହିତ ନିବିଡ ସମନ୍ୱୟ ରଖି ଏହି ଜଟିଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସତର୍କତାର ସହିତ ଯୋଜନା ଏବଂ କାର୍ଯ୍ୟକାରୀ କରିଛି। ଏହି ଅବସରରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏଥିସହିତ ସଂପୃକ୍ତ ଦଳଙ୍କୁ ଅଭିନନ୍ଦନ ଜଣାଇ ସାମୁଦାୟିକଙ୍କୁ ଆରଏସପିର ବିଜୟ ଧ୍ୱଜାକୁ ସଦା ତରଙ୍ଗାୟିତ କରିବା ସହିତ ଆରଏସପିକୁ ଉନ୍ନତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି।

# ସୁଧ ହାର ହ୍ରାସ କଲା ବ୍ୟାଙ୍କ ଅଫ୍ ବରୋଦା

बैंक ऑफ़ बड़ौदा Bank of Baroda

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଉତ୍ସବ ଋତୁର ଆଗମନ ଅବସରରେ କାର୍ ଋଣ ଓ ବନ୍ଧକ ଋଣ ସୁଧ ହାରରେ ହ୍ରାସ କରାଯାଇଛି। ବ୍ୟାଙ୍କ ଅଫ୍ ବରୋଦାର କାର ଋଣର ଫ୍ଲୋଟିଂ ସୁଧ ହାର ବର୍ତ୍ତମାନ ବାର୍ଷିକ ୮.୧୫ ପ୍ରତିଶତରୁ ଆରମ୍ଭ ହୋଇଛି ଯାହା ପୂର୍ବରୁ ୮.୪୦ ପ୍ରତିଶତ ଥିଲା। ନୂଆ ସୁଧ ହାର ତତ୍କାଳ ଲାଗୁ କରାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୀତି ଆଧାରିତ ରେପୋ ହାରରେ ୧୦୦ ବେସିସ ପଏଣ୍ଟ ହ୍ରାସ କରାଯିବା ପରେ ବ୍ୟାଙ୍କ ତରଫରୁ ସୁଧ ହାରରେ ୧ପ୍ରତିଶତ ହ୍ରାସ କରାଯାଇଥିଲା। ଏହାବାଦ ଏଥର ସୁଧ ହାରକୁ ଆହୁରି କମ୍ କରାଯାଇଛି। ବାର୍ଷିକ ୮.୧୫ ପ୍ରତିଶତ ସୁଧ ହାର ନୂଆ କାର୍ କିଣିବା ଉପରେ ଲାଗୁ ହେବ ଏବଂ ଗ୍ରାହକଙ୍କ ଋଣ ପ୍ରୋଫାଇଲ୍ ଉପରେ ତାହାର ନିର୍ଭର କରିବ। ବ୍ୟାଙ୍କ ପକ୍ଷରୁ ବରୋଦା ବନ୍ଧକ ଋଣ (ସମ୍ପତ୍ତି ବନ୍ଧକ ଋଣ) ସୁଧ ହାରକୁ ବାର୍ଷିକ ୯.୧୫ ପ୍ରତିଶତକୁ ହ୍ରାସ କରି ତତ୍କାଳ ଲାଗୁ କରାଯାଇଛି ଯାହା ପୂର୍ବରୁ ବାର୍ଷିକ ୯.୮୫ ପ୍ରତିଶତ ଥିଲା। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଂଜୟ ମୁଦଲିଆର କହିଛନ୍ତି ଯେ, 'ଉତ୍ସବ ଋତୁ ହେଉଛି କୌଣସି ନୂତନ ଶୁଭାରମ୍ଭ ପାଇଁ ଏକ ପବିତ୍ର ସମୟ ହୋଇଥିବା ବେଳେ ବହୁ ପରିବାର ନୂଆ ଗାଡ଼ି କିଣିବାର ସେମାନଙ୍କ ଆକାଂକ୍ଷା ପୂରଣ କରିବାକୁ ଚାହାଁନ୍ତି। ଆମ କାର୍ ଋଣ ହାର ଉପରେ ସ୍ୱତନ୍ତ୍ର ଅଫର ପ୍ରଦାନ କରି ବ୍ୟାଙ୍କ ଅଫ୍ ବରୋଦା ଉଲ୍ଲସିତ, ଯାହା କାର୍ ମାଲିକାନାକୁ ସହଜ ଓ ସୁଲଭ କରିବ। ଏହା ସହିତ ଆମର ବନ୍ଧକ ଋଣ ଆହୁରି ପ୍ରତିଯୋଗିତାପୂର୍ଣ୍ଣ ହୋଇପାରିଛି, ଯାହା ଗ୍ରାହକମାନଙ୍କୁ ସଂପତ୍ତିର ଉଚ୍ଚ ମୂଲ୍ୟ ପ୍ରଦାନ କରିବ ଏବଂ ଗ୍ରାହକମାନେ ସେମାନଙ୍କ ସିବିଲ୍ ସ୍କୋର ଅନୁସାରେ ସୁଧ ହାରରେ ୦.୫୫ ପ୍ରତିଶତରୁ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସରେ ଅତିରିକ୍ତ ପାଣ୍ଠି ହାସଲ କରିପାରିବେ।

# ହ୍ୱାଟସଆପ୍‌ରେ ଏବେ ବସ ଟିକେଟ ସୁବିଧା

ନୂଆଦିଲ୍ଲୀ: ଜାକପେ ଏବଂ ସିଆରୟୁଟିର ନୂତନ ଉଦ୍ୟମ ଫଳରେ ଓଡ଼ିଶାରେ ବସ୍ ଟିକେଟ୍ ଏବେ ହ୍ୱାଟ୍ସଆପରେ କ୍ରୟ କରାଯାଇପାରିବ। କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏବଂ ଓଏନଡିସି ନେଟୱାର୍କ ସହିତ ଜାକପେର ଏକ ଉଲ୍ଲେଖନୀୟ ସହଯୋଗିତା ହେତୁ ଓଡ଼ିଶାର ଲକ୍ଷାଧିକ ଯାତ୍ରୀ ଏବେ ହ୍ୱାଟ୍ସଆପ୍ ମାଧ୍ୟମରେ ସହଜରେ ବସ୍ ଟିକେଟ୍ବୁକ୍ କରିପାରିବେ। ଏହି ଚାଟ ଆଧାରିତ ସେବା ରାଜ୍ୟର ୨୪ ନିୟୁତ ଯାତ୍ରୀ ଏବଂ ପ୍ରାୟ ୩୬ ନିୟୁତ ବସ୍ ଯାତ୍ରାକୁ ଡିଜିଟାଇଜ୍ କରିବାର ଲକ୍ଷ୍ୟ ରଖିଛି। ଏହି ସେବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, ପୁରୀ, କୋଣାର୍କ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଆଦି ନଅଟି ମୁଖ୍ୟ ସହରରେ ଚାଲୁ ହୋଇଛି। ୯୦୭୮୦୫୦୨୧୮ ନମ୍ବରକୁ ହ୍ୱାଟ୍ସଆପରେ 'ହାଇ' ମେସେଜ୍ କରି ଯାତ୍ରୀମାନେ ଟିକେଟ୍ବୁକ୍ କରିପାରିବେ, ଯାହାକି ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଜାକପେର ଉପ-ସଭାପତି ଏବଂ ବ୍ୟବସାୟ ମୁଖ୍ୟ ଅଭିଷେକ ମୁଖାର୍ଜୀ କହିଛନ୍ତି ଯେ, 'କ୍ରୁଟ ସହିତ ଆମର ଭାଗୀଦାରୀ ସର୍ବସାଧାରଣଙ୍କ ପାଇଁ ଯାତାୟାତକୁ ସହଜ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଦିଗରେ ଏକ ପଦକ୍ଷେପ। ହ୍ୱାଟ୍ସଆପ୍ ମାଧ୍ୟମରେ ଆମେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ଦେୟ ଅନୁଭବ ସୃଷ୍ଟି କରୁଛୁ ଯାହା ଲକ୍ଷାଧିକ ଭାରତୀୟଙ୍କୁ ନଗଦ ବିହୀନ ଯାତାୟାତ ଦିଗକୁ ଅଗ୍ରସର କରିବ।'

# ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ

25 YEARS Bandhan AMC

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବନ୍ଧନ ବିଏସଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡ୍‌ର ଲଂଚ ଘୋଷଣା କରାଯାଇଛି। ଏହା ହେଉଛି ଭାରତର ପ୍ରଥମ ଇଣ୍ଡେକ୍ସ ଫଣ୍ଡ ଯାହା ନିବେଶକଙ୍କୁ ଅର୍ଥନୀତିର ସେକ୍ଟର ଲିଡରଙ୍କ ପାଇଁ ସ୍ୱତନ୍ତ୍ର ଫଂହଚ ପ୍ରଦାନ କରୁଛି। ଏହି ଓପନ-ଏଣ୍ଡେଡ ସ୍କିମ ବିଏସଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସକୁ ଟ୍ରାକ କରିବ, ଯାହା ବିଏସ୍ଇ ୫୦୦ ଇଣ୍ଡେକ୍ସ ମଧ୍ୟରେ ଥିବା ୨୧ଟି କ୍ଷେତ୍ରରୁ ପ୍ରତ୍ୟେକରୁ ବଜାର ପୁଞ୍ଜିକରଣ ଦ୍ୱାରା ଶୀର୍ଷ ୩ଟି କମ୍ପାନୀକୁ ଚିହ୍ନଟ କରିଥାଏ। ଏହି ନୂଆ ଫଣ୍ଡ ଅଫର (ଏନଏଫଓ) ଆସନ୍ତା ସେପ୍ଟେମ୍ବର ୩ ତାରିଖ ୨୦୨୫ରେ ଖୋଲିବ ଏବଂ ସେପ୍ଟେମ୍ବର ୧୭ ତାରିଖ ୨୦୨୫ରେ ବନ୍ଦ ହେବ। ବନ୍ଧନ ବିଏସଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର, ଆର୍ଥିକ ପରାମର୍ଶଦାତା, ଅନ୍‌ଲାଇନ ପ୍ଲାଟଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ ନିବେଶ କରାଯାଇପାରିବ। ଏହି ଲଂଚ ଅବସରରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, 'ଭାରତର ପୁଞ୍ଜି ବଜାରଗୁଡିକ ଦ୍ରୁତ ପରିବର୍ତ୍ତନର ସମ୍ମୁଖୀନ ହେଉଥିବା ବେଳେ ପ୍ରତିଷ୍ଠିତ କ୍ଷେତ୍ରଗୁଡ଼ିକ ବିକଶିତ ହେଉଛି ଏବଂ ନୂଆ ଶିଳ୍ପଗୁଡିକ ଅଭିବୃଦ୍ଧି ପରିଚାଳକ ଭାବେ ଉଭା ହେଉଛନ୍ତି। ଏହି ପୃଷ୍ଠଭୂମିରେ ସେକ୍ଟର ଲିଡରମାନେ ବିତୀୟ ଚକ୍ର, ବ୍ୟାଘାତର କମ୍ ସମ୍ଭାବନା ଓ ଦୀର୍ଘକାଳିନ ମୂଲ୍ୟ ପରିଚାଳନା କରିବା ପାଇଁ ଏକ କ୍ଷମତା ମାଧ୍ୟମରେ ସ୍ଥିରତା ପ୍ରଦର୍ଶିତ କରିଛନ୍ତି। ବିଏସଇ ଇଣ୍ଡିଆ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ହେଉଛି ଏକ ଥିମାଟିକ ଇଣ୍ଡେକ୍ସ ଯାହା ମୋଟ ବଜାର ପୁଞ୍ଜିକରଣ ଉପରେ ଆଧାର କରି ବିଏସଇ ୫୦୦ ଇଣ୍ଡେକ୍ସର ପ୍ରତ୍ୟେକ କ୍ଷେତ୍ରରୁ ଶୀର୍ଷ ୩ଟି କମ୍ପାନୀକୁ ଟ୍ରାକ କରିଥାଏ। ବିଏସଇ ସେକ୍ଟର ଲିଡର୍ସ ଇଣ୍ଡେକ୍ସ ୫୦୦ ଷ୍ଟକ୍‌ରୁ ଆଣୁଥିବା ବେଳେ ଏହା ମୁଖ୍ୟତଃ ଲାର୍ଜ-କ୍ୟାପ ହେଭି ହୋଇଥାଏ।

# ୧୦ରେ ଆଇପିଓ ଖୋଲିବ ଦେବ ଆସେଲରେଟର

ନୂଆଦିଲ୍ଲୀ: ଦେବ ଆସେଲରେଟର ଲିମିଟେଡର ଇକ୍ୱିଟି ସେୟାରର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ସେପ୍ଟେମ୍ବର୧୦ରେ ଖୋଲିବ । ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ସେପ୍ଟେମ୍ବର୯, ମଙ୍ଗଳବାରରେ ବିଡ୍ ଦାଖଲ କରିପାରିବେ । ୨୦୨୫ ସେପ୍ଟେମ୍ବର୧୨ ଶୁକ୍ରବାର ଦିନ ବିଡ୍ ଦାଖଲ ଶେଷ ହେବ। ନିବେଶକମାନେ ସର୍ବନିମ୍ନ ୨୩୫ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୨୩୫ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ । ଏହି ଅଫରରେସେପ୍ଟେମ୍ବର ଇକ୍ୱିଟି ସେୟାର ପିଛା ଦାମ୍ ୫୬ ଟଙ୍କାରୁ ୬୧ ଟଙ୍କା ମଧ୍ୟରେ ରହିଛି। ମୋଟ ଇସ୍ୟୁର ଆକାର ୧୪୩.୩୫ କୋଟି ଟଙ୍କାର ଇକ୍ୱିଟି ସେୟାର ଆକଳନ କରାଯାଇଛି। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୭୩ କୋଟି ଟଙ୍କାକୁ ପ୍ରସ୍ତାବିତ କେନ୍ଦ୍ରଗୁଡ଼ିକର ପୁଁ ବ୍ୟୟ ଆକାରରେ, ୩୫ କୋଟି ଟଙ୍କାକୁ କମ୍ପାନି ହାସଲ କରିଥିବା ବିଭିନ୍ନ ଋଣକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବା ଲାଗି କମ୍ପାନି ପ୍ରସ୍ତାବ ଦେଇଛି। କମ୍ପାନିର ଇକ୍ୱିଟି ସେୟାରଗୁଡ଼ିକୁ ବିଏସ୍ଇ ଲିମିଟେଡ୍ ଓ ଏନଏସଇରେ ତାଲିକାଭୁକ୍ତ କରାଯିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ । ବୁକ ରନିଂ ଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ । ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କକୁ ଆବଂଟନ କରାଯିବ। ନିଟ କ୍ୟୁଆଇବି ଭାଗର ୫ ପ୍ରତିଶତ ସେୟାରକୁ ସମାନୁପାତିକ ଭିତିରେକେବଳ ମ୍ୟୁଚୁଆଲ ଫଣ୍ଡକୁ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ରାଶିକୁ ସମାନୁପାତିକ ଭିତିରେ ସମସ୍ତ କ୍ୟୁଆଇବିଙ୍କୁ ଆବଂଟନ କରାଯିବ । ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ଅଫରର ୧୫ ପ୍ରତିଶତ ସେୟାର ରଖାଯିବ । ବିଭିନ୍ନ ଆକାରର ଆପ୍ଲିକେସନ ଆଧାରରେ ଏହି ସେୟାର ଆବଂଟନ କରାଯିବ। ଅଫରର ୧୦ ପ୍ରତିଶତ ସେୟାରକୁ ଖୁଚୁରା ବ୍ୟକ୍ତିଗତ ନିବେଶକମାନଙ୍କ ଲାଗି ରଖାଯିବ। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛି ପାଂଟୋମାଥ୍ କ୍ୟାପିଟାଲ୍ ଆଡଭାଇଜର୍ସ ଲିମିଟେଡ୍।

# ଅଶୋକ ଲେଲ୍ୟାଣ୍ଡ୍‌ର ନୂତନ ଡିଲର୍‌ସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ହିନ୍ଦୁଜା ଗ୍ରୁପ୍‌ର ପ୍ରମୁଖ କମ୍ପାନି ଅଶୋକ ଲେଲ୍ୟାଣ୍ଡ୍ ପକ୍ଷରୁ ଯାଜପୁରରେ ହାଲୁକା ବାଣିଜ୍ୟିକ ଯାନର (ଏଲସିଭି)ର ଏକ ନୂତନ ଡିଲରସିପ୍ ଉଦ୍‌ଘାଟନ କରାଯାଇଛି। ଓଡ଼ିଶାରେ ଏହା ହେଉଛି କମ୍ପାନିର ଷଷ୍ଠ ଏଲ୍‌ସିଭି ଡିଲରସିପ୍। ନୂଆ ଚ୍ୟାନେଲ୍ ପାର୍ଟନର ଶାନ୍ତିଲତା କମ୍ପାନିର ଏହି ୩ ଏସ୍ (ସେଲ୍‌ସ, ସର୍ଭିସ୍, ସ୍ପେୟାର) ପ୍ଲଟ ନଂ-୧୦୦୪, ସୁନଗୁଡ଼ା, ଚଣ୍ଡିଗୋଲ, ଯାଜପୁର, ଓଡ଼ିଶା-୭୫୪୨୯୬ରେ ରହିଛି। ଡିଲରସିପ୍‌ରେ ସର୍ଭିସ୍ ଓ ସ୍ପେୟାର ସୁବିଧା ଥିବା ଏକ ୱାର୍କସପ୍ ମଧ୍ୟ ରହିଛି। ଏହି ଡିଲରସିପ୍‌ରେ ଅତ୍ୟାଧୁନିକ ଟୁଲ୍, ତ୍ୱରିତ ସର୍ଭିସ୍ ବେ ଓ ସମୃଦ୍ଧ ଭିତ୍ତିଭୂମି ରହିଛି ଯାହା ଉତ୍କୃଷ୍ଟ ଗ୍ରାହକ ଅନୁଭୂତି ସୁନିଶ୍ଚିତ କରିବ। କମ୍ପାନି ପକ୍ଷରୁ ସମ୍ପ୍ରତି ବଡା ଦୋସ୍ତ, ଦୋସ୍ତ, ସାଥୀ, ପାର୍ଟନର ଓ ମିତ୍ର ଭଳି ଏଲ୍‌ସିଭି ଉତ୍ପାଦ ପ୍ରଦାନ କରାଯାଉଛି। ଅଶୋକ ଲେଲ୍ୟାଣ୍ଡ୍‌ର ଏଲ୍‌ସିଭି ବ୍ୟବସାୟ ମୁଖ୍ୟ ବିପ୍ଲବ ଶାହ କହିଛନ୍ତି ଯେ, 'ଓଡ଼ିଶା ଆମ ପାଇଁ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଯାଜପୁରରେ ନୂଆ ଡିଲରସିପ୍ ସହିତ ଏଡାରେ ଆମ ଉପସ୍ଥିତି ସମ୍ପ୍ରସାରଣ କରି ଆମେ ଉଲ୍ଲସିତ। ଏହି ନୂତନ ଡିଲରସିପ୍ ହେଉଛି ବିଶ୍ୱସ୍ତରୀୟ ଉତ୍ପାଦ ଓ ଅତୁଳନୀୟ ସେବା ପ୍ରଦାନ କରିବା ପାଇଁ ଆମ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ।' ଅଶୋକ ଲେଲ୍ୟାଣ୍ଡର ଏଲସିଭି ଉତ୍ପାଦଗୁଡ଼ିକ ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଉପସ୍ଥାପନ କରାଯାଉଛି ଯେଉଁଥିରେ ଶ୍ରେଷ୍ଠ ମାନର ପ୍ରଯୁକ୍ତି ଓ ପ୍ରତିଯୋଗିତାମୂଳକ ମୂଲ୍ୟର ମିଶ୍ରଣ ରହିଛି। ଏବେ ସାରା ଭାରତରେ ୫,୫୦,୦୦୦ ଏଲସିଭି ଚାଲୁଛି ଯାହା ଏହି ବର୍ଗରେ ଆମ ଦୃଢ଼ ଉପସ୍ଥିତିକୁ ଦର୍ଶାଉଛି। ପ୍ରିମିୟମ୍ ଏଂଟ୍ରି ଲେବଲ୍ ଏସସିଭି ଅଶୋକ ଲେଲ୍ୟାଣ୍ଡ ସାଥୀ ରିଆରେ ନିକଟରେ ଏହା ୨ ଟନ୍‌ରୁ କମ୍ ବର୍ଗରେ ପ୍ରବେଶ କରିଛି। ସେହିପରି, ବଡ଼ା ଦୋସ୍ତ ହେଉଛି ଦୃଢ଼ ଏଲସିଭି ପ୍ଲାଟଫର୍ମର ପ୍ରଥମ ଉତ୍ପାଦ ଏବଂ ଏହାର ଆଇ୨, ଆଇ୩+, ଆଇ୪, ଆଇ୫ ଓ ଆଇ୫ଏକ୍ଏଲ ଭଳି ପାଂଚଟି ଭାରିଆଂଟ ରହିଛି। ପାର୍ଟନର ହେଉଛି ଏକ ଇନ୍ଧନ ମିତବ୍ୟୟୀ ଆଧୁନିକ ଲୋଡ୍ କ୍ୟାରିୟର ଯାହା ୪ ଟନ୍ କ୍ଷମତା ବର୍ଗରେ ରହିଛି। ଏଥିରେ ୪ ଟାୟାର ଓ ୬ ଟାୟାର ବିକଳ୍ପ ରହିଛି। ଏହା ୧୦ ଫୁଟ, ୧୧ ଫୁଟ, ୧୪ ଫୁଟ ଓ ୧୭ ଫୁଟ ଭଳି ଲୋଡ ବଡି ବିକଳ୍ପରେ ଉପଲବ୍ଧ।ମିତ୍ରକୁ ପାର୍ଟନର ପ୍ଲାଟଫର୍ମରେ ଉଭୟ ଷ୍ଟାଫ ବସ ଓ ସ୍କୁଲ ବସ ପାଇଁ ପ୍ରସ୍ତୁତ କରାଯାଇଛି।

# ଆମାଜନ୍ ଇଣ୍ଡିଆ ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମର ଶୁଭାରମ୍ଭ

amazon

ନୂଆଦିଲ୍ଲୀ: ଆମାଜନ୍ ଇଣ୍ଡିଆ ପକ୍ଷରୁ ଏହାର ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ୍ (ଟିଆଇପି)ର ଘୋଷଣା କରାଯାଇଛି। ଏହି ପ୍ରୋଗ୍ରାମ ମାଧ୍ୟମରେ, ଆମାଜନ୍ ସମସ୍ତ ଆକାରର କଂଟେଂଟ କ୍ରିଏଟରମାନଙ୍କୁ ସ୍ମାର୍ଟଫୋନ୍, ଲାପଟପ୍, କ୍ୟାମେରା ଏବଂ ଅନ୍ୟାନ୍ୟ ଉତ୍ପାଦ ପାଇଁ ଗ୍ରାହକମାନଙ୍କୁ କ୍ରୟ କରିବାରେ ସାହାଯ୍ୟ କରୁଥିବା କଂଟେଟ ସୃଷ୍ଟି କରିବା ପାଇଁ ଉପକରଣ ଏବଂ ସମ୍ବଳ ପ୍ରଦାନ କରିବ। ନୂଆଦିଲ୍ଲୀରେ ଆମାଜନ୍ ବେଷ୍ଟ ଇନ୍ ଟେକ୍ ପୁରସ୍କାରରେ ଘୋଷଣା କରାଯାଇଥିବା ଏହି ପ୍ରୋଗ୍ରାମ୍ କ୍ରିଏଟରମାନଙ୍କୁ ସେମାନଙ୍କର କଂଟେଂଟ ମନେଟାଇଜ୍ କରିବାରେ ସାହାଯ୍ୟ କରିବ ଏବଂ ସେମାନଙ୍କ ଫଲୋଅରମାନଙ୍କ ପାଇଁ ସପିଂକୁ ସରଳ କରିବ। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ରିଏଟର୍ ପ୍ରୋଗ୍ରାମର ମୁଖ୍ୟ ନିଧି ଠକ୍କର କହିଛନ୍ତି, 'ଟେକ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ୍ ସହିତ, ଆମେ ଗ୍ରାହକମାନଙ୍କୁ ଅଧିକ ସୂଚନାପ୍ରଦ କ୍ରୟ ନିଷ୍ପତି ନେବାରେ ସାହାଯ୍ୟ କରିବା ଏବଂ ଏକ ସୁଗମ ସପିଂ ଅଭିଜ୍ଞତା ସୁନିଶ୍ଚିତ କରିବା ସହିତ କ୍ରିଏଟରମାନଙ୍କୁ ସଫଳ ହେବା ପାଇଁ ସଶକ୍ତ କରିବା ପାଇଁ ଆମର ଦୃଷ୍ଟିକୋଣକୁ ଦ୍ୱିଗୁଣିତ କରୁଛୁ।' ଗ୍ରାହକ ଏବଂ କଂଟେଂଟ କ୍ରିଏଟରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିକଶିତ, ଆମାଜନ୍ ର ଇନ୍ଫ୍ଲୁଏନ୍ସର ପ୍ରୋଗ୍ରାମ ରେ ବର୍ତ୍ତମାନ ୧ ଲକ୍ଷରୁ ଅଧିକ କ୍ରିଏଟର ଅଛନ୍ତି ଯେଉଁମାନେ ପ୍ରଯୁକ୍ତିବିଦ୍ୟା, ଫ୍ୟାଶନ୍, ଜୀବନଶୈଳୀ, ଅଭିଭାବକତ୍ୱ, ଫିଟନେସ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ଏହି କାର୍ଯ୍ୟକ୍ରମ କ୍ରିଏଟରମାନଙ୍କୁ ଏଡିଟୋରିଆଲ୍ ସ୍ୱାଧୀନତା ସହିତ ଉପଯୁକ୍ତ ଆଫିଲିଏଟ୍ ବିଷୟବସ୍ତୁ ପ୍ରସ୍ତୁତ କରି ସେମାନଙ୍କର ସୃଜନଶୀଳ ଦୃଷ୍ଟିକୋଣକୁ ଅନୁସରଣ କରିବାକୁ ସକ୍ଷମ କରିଥାଏ, ସେମାନଙ୍କ ଦର୍ଶକଙ୍କ ସହିତ ପ୍ରାମାଣିକ ସମ୍ପର୍କକୁ ପ୍ରୋତ୍ସାହିତ କରିଥାଏ। ଆମାଜନ୍‌ର ଟିପ୍ ଟେକ୍ କ୍ରିଏଟରମାନଙ୍କୁ ଉତ୍ପାଦ ଲଂଚ ଏବଂ ଡିଲ୍ ପାଇଁ ଶୀଘ୍ର ପ୍ରବେଶ ସହିତ ସଶକ୍ତ କରିଥାଏ, ଯାହା ସମୟାନୁସାରେ ବିଷୟବସ୍ତୁ ସୃଷ୍ଟିକୁ ସକ୍ଷମ କରିଥାଏ। କ୍ରିଏଟରମାନେ ବ୍ରାଣ୍ଡ ଡିଲ୍ ଏବଂ ମନେଟାଇଜ୍ ସୁଯୋଗ, ଉନ୍ନତ କର୍ମଶାଳା, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ସାଥୀ, ବ୍ରାଣ୍ଡ ଏବଂ ଆମାଜନ୍ ଲିଡର ମାନଙ୍କ ସହିତ ନେଟୱାର୍କିଂ ଉପଭୋଗ କରନ୍ତି। ଅତୁଳନୀୟ ସମ୍ବଳ ଏବଂ ସୁଯୋଗ ସହିତ କ୍ରିଏଟରମାନଙ୍କୁ ସଶକ୍ତ କରି, ଟିପ୍ ଭାରତର ଟେକ୍ କ୍ରିଏଟର୍ ଅର୍ଥନୀତି ପାଇଁ ଏକ ଶକ୍ତିଶାଳୀ ଲଂଚପ୍ୟାଡ୍ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ଆମାଜନ୍ ଭାରତରେ କ୍ରିଏଟର ନେଟୱାର୍କରେ ଆମାଜନ୍ ଲାଇଭ୍, ଆମାଜନ୍ ଇନଫ୍ଲୁଏନ୍ସର ପ୍ରୋଗ୍ରାମ, କ୍ରିଏଟର ସେଂଟ୍ରାଲ, କ୍ରିଏଟର ୟୁନିଭର୍ସିଟି, ଏଲିଭେଟ୍ ଏବଂ କ୍ରିଏଟର କନେକ୍ଟ ଭଳି କାର୍ଯ୍ୟକ୍ରମ ସହିତ ନିବେଶ ଜାରି ରଖିଛି ଯାହା ଇନଫ୍ଲୁଏନ୍ସରମାନଙ୍କୁ ଶିଖିବା, ନିୟୋଜିତ ହେବା ଏବଂ ବୃଦ୍ଧି ପାଇବା ପାଇଁ ଏକ ମାଧ୍ୟମ ପ୍ରଦାନ କରେ।

ଓଡିଶା ଭାସ୍କର
ODISHA BHASKAR

# ଖେଳ ଖବର



ମୁମ୍ବାଇ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନୀ ଏକ ନୂଆ ଭିଡିଓରେ ଆକ୍ସନ ମୋଡରେ ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ଏହି ଭିଡିଓରେ ଧୋନୀ ଅଭିନେତା ଆର. ମାଧବନଙ୍କ ସହ ଦେଖା ଦେଇଛନ୍ତି। ଟିଜରରେ ଧୋନୀ କମାଣ୍ଡୋ ୟୁନିଫର୍ମରେ କଳା ଚଷମା ପିନ୍ଧି ଶତ୍ରୁଙ୍କ ଉପରେ ଗୁଳି ବର୍ଷା କରୁଥିବା ଦୃଶ୍ୟ ଫ୍ୟାନମାନଙ୍କୁ ଚକିତ କରିଛି। ଆର. ମାଧବନ ଇନଷ୍ଟାଗ୍ରାମରେ ଏହି ଟିଜର ଶେୟାର କରି ଲେଖିଛନ୍ତି, 'ଏକ ମିଶନ, ଦୁଇ ସାହସୀ। ରୋମାଞ୍ଚକର ଟାର୍ଗେଟ ପାଇଁ ପ୍ରସ୍ତୁତ।' ଧୋନୀଙ୍କୁ 'କୁଲ ହେଡ୍' ଓ ମାଧବନଙ୍କୁ ରୋମାଣ୍ଟିକ ଟାସ୍କ ଫୋର୍ସ ଅଫିସର ଭାବେ ଉପସ୍ଥାପନ କରାଯାଇଛି। ଏହା ଫିଲ୍ମ, ୱେବ ସିରିଜ ନା ବଡ଼ ବିଜ୍ଞାପନ ତାହା ସ୍ପଷ୍ଟ ହୋଇନାହିଁ, ଯାହା ରହସ୍ୟ ବଜାୟ ରଖିଛି। ଫ୍ୟାନମାନେ ଉତ୍ସାହିତ ହୋଇ କମେଣ୍ଟ କରୁଛନ୍ତି, 'ଥାଲା କ'ଣ ଏବେ ହିରୋ ହୋଇଗଲେ ?' ଜଣେ ଲେଖିଛନ୍ତି, 'ମଇଦାନରେ ଫିନିସର ଥିବା ଧୋନୀ ଏବେ ପରଦାରେ ଆକ୍ସନ ହିରୋ।' ଏହା ପୂର୍ବରୁ ଧୋନୀ ତାମିଲ ଫିଲ୍ମ 'ଗୋଟ'ରେ ଛୋଟ ଭୂମିକାରେ ଦେଖା ଦେଇଥିଲେ, କିନ୍ତୁ ଏତେ ବଡ଼ ଭୂମିକାରେ ଏହା ତାଙ୍କର ପ୍ରଥମ ପ୍ରୟାସ। ଟିଜରରେ 'କମିଂ ସୁନ' ଲେଖା ସହ ଫ୍ୟାନମାନେ ଏହା ଫିଲ୍ମ ନା ସିରିଜ ଜାଣିବାକୁ ଅପେକ୍ଷା କରିଛନ୍ତି।



# ଏସିଆ କପ୍ : କୋରିଆକୁ ୪-୧ରେ ପରାସ୍ତ କରି ଭାରତ ଚାମ୍ପିଅନ୍

ରାଜଗୀର : ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ହକି ଦଳ ଏସିଆ କପ ୨୦୨୫ ଫାଇନାଲରେ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ଚତୁର୍ଥ ଥର ପାଇଁ ଟାଇଟଲ ଜିତିଛି। ଏହି ବିଜୟ ସହ ଭାରତ ଆଗାମୀ ବର୍ଷ ପାଇଁ ଏଫଆଇଏଚ ହକି ବିଶ୍ୱକପରେ ସ୍ଥାନ ନିଶ୍ଚିତ କରିଛି। ଟିମ୍ ଇଣ୍ଡିଆ ପାଇଁ ସୁଖଜିତ ସିଂହ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଏବଂ ଦିଲପ୍ରୀତ ସିଂହ ଦୁଇଟି ଗୋଲ ଦେଇଥିଲେ। ଏହା ସହିତ, ଭାରତ ୨୦୧୩ ଫାଇନାଲର ପରାଜୟର ପ୍ରତିଶୋଧ ନେଇଛି, ଯେତେବେଳେ ଦକ୍ଷିଣ କୋରିଆ ଭାରତକୁ ୪-୩ ଗୋଲରେ ପରାସ୍ତ କରି ଟ୍ରଫି ଜିତିଥିଲା। ଟିମ୍ ଇଣ୍ଡିଆ ପାଇଁ ସୁଖଜିତ ସିଂହ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଏବଂ ଦିଲପ୍ରୀତ ସିଂହ ଦୁଇଟି ଗୋଲ ଦେଇଥିଲେ। ଏହା ସହିତ, ଭାରତ ୨୦୧୩ ଫାଇନାଲର ପରାଜୟର ପ୍ରତିଶୋଧ ନେଇଛି, ଯେତେବେଳେ



ଦକ୍ଷିଣ କୋରିଆ ଭାରତକୁ ୪-୩ ଗୋଲରେ ପରାସ୍ତ କରି ଟ୍ରଫି ଜିତିଥିଲା। ମ୍ୟାଚର ପ୍ରାରମ୍ଭିକ ମୁହୂର୍ତ୍ତରେ ସୁଖଜିତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ଆଗୁଆ ରଖିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମଧ୍ୟ ମିଳିଥିଲା, କିନ୍ତୁ ଗୋଲ ହୋଇପାରିନଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହୋଇଥିଲା ଯେତେବେଳେ ଜୁଗରାଜ ସିଂହଙ୍କୁ ୨ ମିନିଟ୍ ପାଇଁ ନିଲମ୍ବିତ କରାଯାଇଥିଲା। ଟିମ୍ ଇଣ୍ଡିଆ ପଡ଼ିଆରେ ୧୦ ଜଣ ଖେଳାଳି ଥିଲେ, ଏହା ସତ୍ତ୍ୱେ କୋରିଆନ୍ ଦଳ କୌଣସି ଗୋଲ କରିପାରିନଥିଲା। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂହ ଏକ ଗୋଲ ସ୍କୋର କରି ଟିମ୍ ଇଣ୍ଡିଆକୁ ୨-୦ରେ ଆଗୁଆ ରଖିଥିଲେ। ଭାରତ ହାଫ୍ ଟାଇମ୍ ପର୍ଯ୍ୟନ୍ତ ୨-୦ରେ ଆଗୁଆ ଥିଲା। ତୃତୀୟ କ୍ୱାର୍ଟରରେ ଦକ୍ଷିଣ କୋରିଆର ଆରମ୍ଭ ଭଲ ଥିଲା, କିନ୍ତୁ ଟିମ୍ ଇଣ୍ଡିଆ ଏକ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲା। ଦିଲପ୍ରୀତ ସିଂହ ମ୍ୟାଚ୍ରେ ତାଙ୍କର ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩-୦ରେ ଆଗୁଆ କରିଥିଲେ। ଚତୁର୍ଥ ଏବଂ ଶେଷ କ୍ୱାର୍ଟରରେ ମଧ୍ୟ ଏକ କଠିନ ସଂଘର୍ଷ ଦେଖିବାକୁ ମିଳିଥିଲା, ଯେଉଁଠାରେ ବରିଷ୍ଠ ଖେଳାଳି ଅମିତ ରୋହିଦାସ ଭାରତ ପାଇଁ ଚତୁର୍ଥ ଗୋଲ ସ୍କୋର କରିଥିଲେ। କୋରିଆନ୍ ଦଳ ମ୍ୟାଚ୍ରେ କେବଳ ଗୋଟିଏ ଗୋଲ ସ୍କୋର କରିପାରିଥିଲା।

# ଏସିଆ କପ୍ ପୂର୍ବରୁ ଖେଳାଳିଙ୍କ ମନୋବଳ ବଢ଼ାଇଲେ ଗମ୍ଭୀର



ନୂଆଦିଲ୍ଲୀ: ଖୁବ୍ କମ୍ ଦିନ ମଧ୍ୟରେ ଏସିଆ କପ୍ ଆରମ୍ଭ ହୋଇଯିବ। ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୯ ରେ ଆରମ୍ଭ ହେବ। ଏହି ମ୍ୟାଚ୍ ଆଫଗାନିସ୍ତାନ ଏବଂ ହଂକଂ ମଧ୍ୟରେ ଖେଳାଯିବ। ଟିମ୍ ଇଣ୍ଡିଆ ୧୦ ସେପ୍ଟେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। ଟିମ୍ ଇଣ୍ଡିଆର ଖେଳାଳିମାନେ ଟୁର୍ଣ୍ଣାମେଣ୍ଟ ପାଇଁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦୁବାଇରେ ପହଞ୍ଚି ପ୍ରଥମ ଅଭ୍ୟାସ ସେସନରେ ଅଂଶଗ୍ରହଣ କରିବା ସହିତ ଟିମ୍ ଇଣ୍ଡିଆର ଉତ୍ସାହ ବୃଦ୍ଧି କରିଛନ୍ତି। ଦୁବେ କହିଛନ୍ତି, 'ଟିମର ପରିବେଶ ବହୁତ ଭଲ ରହିଛି ତେଣୁ ମଜା ଆସୁଛି। ବିସିସିଆଇ ଏକ ଭିଡିଓ ସେୟାର କରିଛି, ଯେଉଁଥିରେ ଅଲରାଉଣ୍ଡର ଶିବମ୍ ଦୁବେ ଗୌତମ ଗମ୍ଭୀରଙ୍କ କଥାକୁ ପୁନରାବୃତ୍ତି କରି ସମଗ୍ର ଦଳରେ ଉତ୍ସାହ ସୃଷ୍ଟି କରିଛନ୍ତି। ପ୍ରଶିକ୍ଷକ ସର୍ବଦା ପ୍ରତ୍ୟେକ ଖେଳାଳିଙ୍କୁ କହିଥାଆନ୍ତି, 'ଯେତେବେଳେ ତୁମେ ଦେଶ ପାଇଁ ଖେଳ, ତୁମ ପାଖରେ କିଛି ନୂଆ କରିବାର ସୁଯୋଗ ରହିଥାଏ। ଯାହାକୁ ଦୃଷ୍ଟିରେ ରଖି ପଡ଼ିଆକୁ ଓହ୍ଲାଇବା ଉଚିତ।' ସୂର୍ଯ୍ୟକୁମାର ଯାଦବ ଏସିଆ କପରେ ଭାରତୀୟ ଦଳର ଅଧିନାୟକତ୍ୱ କରିବେ। ସୂର୍ଯ୍ୟକୁମାର କହିଛନ୍ତି, 'ମୋ ଚାରିପାଖରେ ଏତେ ମହାନ ଖେଳାଳିଙ୍କୁ ଦେଖିବା ଏବଂ ସେମାନଙ୍କୁ ପଡ଼ିଆରେ ଅଭ୍ୟାସ କରୁଥିବା ଦେଖିବା ଦ୍ୱାରା ମୋ ମୁହଁରେ ସବୁବେଳେ ହସ ଫୁଟିଯାଏ। ସେମାନେ ଯେପରି ନିଜ ଶରୀରକୁ ଲାଇନରେ ରଖନ୍ତି, ମୁଁ ଏସିଆ କପରେ ସେମାନଙ୍କଠାରୁ ସମାନ ଆଶା କରିବି।'

# କବାଡି ଚୟନ ପ୍ରତିଯୋଗିତା



ଆସିକା (ଭାସ୍କର ନ୍ୟୁଜ୍) : ଆସିକା ମିନିଷ୍ଟାଡିୟମ ଖେଳ ପଡ଼ିଆ ଠାରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏହି କବାଡି ପ୍ରତିଯୋଗିତାରେ ମୁଣ୍ଡମରାଇ, ବିଶ୍ୱକର୍ମା (କଟକ), ଗୋବିନ୍ଦପୁର, ଲାଠି, ପଞ୍ଚମା, ବୁଗୁଡା, ବାବନପୁର, ଇଷ୍ଟ ଗୋଦାବରୀ, ପୋଡାମାରି ଟିମ ଅଂଶ ଗ୍ରହଣ କରିଥିଲେ। କବାଡି କୋଚ ତଥା କ୍ରୀଡା ଶିକ୍ଷକ ଅନିଲ ସ୍ୱାଇଁ ଓ କାର୍ତ୍ତିକ ପଟ୍ଟନାୟକ ବି ରାମବାବୁ ରେଡ୍ଡୀ, ଆକାଶ ରେଡ୍ଡୀ, ପ୍ରତାପ ମହାରଣା, ସୁନୀଲ ବିଷୋୟୀ, ଶିବଶଙ୍କର ପ୍ରଧାନ ପ୍ରମୁଖ ଉଦଘାଟନି ଉତ୍ସବରେ ଯୋଗ ଦେଇଥିଲା ବେଳେ ଏହି କବାଡି ପ୍ରତିଯୋଗିତାକୁ ବି ମନିସା ରେଡ୍ଡୀ, ବି ଭେଙ୍କେଟ ରାମନ ରେଡ୍ଡୀ ପରିଚାଳନା କରିଥିଲେ। ରାଧା ରାଣୀ ସ୍ୱାଇଁ, ଚନ୍ଦନ ନାୟକ ପ୍ରମୁଖ ଧାରା ବିବରଣୀ ପଠନ କରିଥିଲେ। ଆଜିକାର ଏହି କବାଡି ପ୍ରତିଯୋଗିତାରେ ମୁଣ୍ଡମରେଇ ଓ ବିଶ୍ୱକର୍ମା (କଟକ) ଜିତିଥିଲେ।

## ଅକ୍ଟୋବରରେ ଏସିଆନ ପ୍ରତିଯୋଗିତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିଅମରେ ହେବ ଆଉ ଏକ ଏସିଆନ ପ୍ରତିଯୋଗିତା । ଚଳିତ ବର୍ଷ ଅକ୍ଟୋବର ୧୧ ରୁ ୧୫ ତାରିଖ ଯାଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ହେବାକୁ ଯାଉଛି ୨୮ ତମ ଆଇଟିଟିଏଫ- ଏଟିଟିୟୁ ଏସିଆନ ଟେବୁଲ ଟେନିସ ଟିମ ଚମ୍ପିୟାନସିପ । ଏ ନେଇ ଘୋଷଣା କରିଛି ଟେବୁଲ ଟେନିସ ଫେଡେରେସନ ଅଫ ଇଣ୍ଡିଆ । ପୂର୍ବରୁ ଏହାର ସିଙ୍ଗିଲିସ, ଡବଲସ ଏବଂ ମିକ୍ସ ଇଭେଂଟ କାଜାଖସ୍ତାନରେ ସମାପ୍ତ ହୋଇଥିଲା ବେଳେ ଦଳଗତ ପ୍ରତିଯୋଗିତା ଏଠାରେ ଖେଳାଯିବ । ଏସିଆର ପ୍ରମୁଖ ପୁରୁଷ ଏବଂ ମହିଳା ଦଳ ଏଥିରେ ଅଂଶଗ୍ରହଣ କରିବେ। ଚଳିତ ବର୍ଷକୁ ମିଶାଇ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ହେବାକୁ ଯାଉଛି ଏକ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତା । ପୂର୍ବରୁ ୨୦୧୯ ରେ କଟକର ଜବାହରଲାଲ ନେହେରୁ ଷ୍ଟାଡିଅମରେ ୨୧ ତମ ରାଜ୍ୟଗୋଷ୍ଠୀ କ୍ରୀଡା ଟେବୁଲ ଟେନିସ ଚାମ୍ପିୟାନସିପ ଆୟୋଜନ ହୋଇଥିଲା ।


# ଏସିଆ କପ୍ରେ ନୂଆ ଜର୍ସିରେ ଦେଖାଯିବେ ଭାରତୀୟ ଖେଳାଳି



ଦୁବାଇ: ଏସିଆ କପ ୨୦୨୫ କ୍ରିକେଟ ଟ୍ରଫି ପାଇଁ ଭାରତୀୟ ଟିମ ଦୁବାଇରେ ପଂହଚି ସାରିଛି । ସେପ୍ଟେମ୍ବର ୯ରୁ ୮ଟି ଦେଶକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଟି୨୦ ଫର୍ମାଟରେ ଖେଳାଯିବ। ୨୦୨୩ରେ ଭାରତ ଏହି ଟ୍ରଫି ହାସଲ କରିଥିଲା । ଇତି ମଧ୍ୟରେ ଟିମ ଇଣ୍ଡିଆର ନୂଆ ଜର୍ସି ଉନ୍ମୋଚିତ ହୋଇଛି । ଟିମର ଅଲରାଉଣ୍ଡର ଶିବମ ଦୁବେ ଏହି ଜର୍ସିର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଜର୍ସି ସ୍ପନଶରଶିପରୁ ଡ୍ରିମ ୧୧ ହଟିଯାଇଛି । ନୂତନ ଜର୍ସିରେ ବଡ ଧରଣର ପରିବର୍ତନ କରାଯାଇ ନ ଥିଲେ ମଧ୍ୟ ଡ୍ରିମ ୧୧ ନାମ ଉଠିଯାଇଛି। ଜର୍ସିର ରଙ୍ଗ ନୀଳ ହୋଇଥିବା ବେଳେ ଦୁଇ ହାତ କମଳା ରଙ୍ଗର ରହିଛି । କଲରରେ ତ୍ରିରଙ୍ଗାର ଚିତ୍ର ରହିଛି। ସରକାର ଅନଲାଇନ ଗେମିଂ ଉପରେ କଟକଣା ଲଗାଇବା ପରେ ଡ୍ରିମ ୧୧ ସ୍ପନଶରଶିପରୁ ହଟି ଯାଇଥିଲା । ଏବେ ବିସିସିଆଇ ଏଥିପାଇଁ ନୂତନ ସ୍ପନଶର ଖୋଜିବା ଆରମ୍ଭ କରିଛି । ବିସିସିଆଇ ଦ୍ୱିପାକ୍ଷିକ ସିରିଜର ପ୍ରତ୍ୟେକ ମ୍ୟାଚ ପାଇଁ ୩.୫ କୋଟି ଟଙ୍କା ଓ ଆଇସିସି ଏବଂ ଏସିସି ଇଭେଂଟର ମ୍ୟାଚ ପାଇଁ ୧.୫ କୋଟି ଟଙ୍କା ସ୍ଥିର କରିଛି । କ୍ରିକବିଜ ରିପୋର୍ଟ ଅନୁସାରେ ପୂର୍ବରୁ ଦ୍ୱିପାକ୍ଷିକ ମ୍ୟାଚ ପାଇଁ ୩.୧୭ ଓ ମଲ୍ଟିନ୍ୟାଶନାଲ ଇଭେଂଟ ପାଇଁ ୧.୧୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା।

## ଚର୍ଚ୍ଚାରେ ହାର୍ଦ୍ଦିକଙ୍କ ଘଣ୍ଟା

ନୂଆଦିଲ୍ଲୀ: ଏସିଆ କପ ୨୦୨୫ ପାଇଁ ଭାରତୀୟ କ୍ରିକେଟ ଟିମ ଦୁବାଇରେ ପଂହଚିବା ସହ ଅଭ୍ୟାସ ଆରମ୍ଭ କରିଛନ୍ତି। ଅଭ୍ୟାସ ସେଶନରେ ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଘଂଟା ବେଶ ଦୃଷ୍ଟି ଆକର୍ଷଣ କରିଛି। କେଶକୁ ନୂତନ ରୂପ ସହ ହାର୍ଦ୍ଦିକ ଏହି ଦାମୀ ଘଂଟା ପିନ୍ଧି ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ରିପୋର୍ଟ ଅନୁସାରେ ଏହି ଘଂଟାର ମୂଲ୍ୟ



୨୦ କୋଟି ଟଙ୍କା ହେବ। ଏହାର ନାମ ରିଚାର୍ଡ ମିଲ ଆରଏମ୨୭-୦୪ । ଫାଷ୍ଟକ୍ଲାସ ଟାଇମପୀସ ୱେବସାଇଟ ରିପୋର୍ଟ ଅନୁସାରେ ୨୨୫୦୦୦୦ ଆମେରିକୀୟ ଡଲାର ଯିଏ ବି ଚାହିଁବ ଏହି ଘଂଟା କିଣିପାରିବ। ବିଶ୍ୱରେ ମାତ୍ର ଏ ଭଳି ୫୦ଟି ଘଡି ରହିଛି । ଟେନିସର ମହାନ ଖେଳାଳି ରାଫେଲ ନାଡାଲଙ୍କ ପାଇଁ ଏହି ଘଡି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା । ଏହାର ଓଜନ ୩୦ ଗ୍ରାମ ଏବଂ ଏହା ୧୨୦୦୦ ଜି ଫୋର୍ସକୁ ସମ୍ଭାଳି ପାରିବ । ୦.୨୭ ମିଲିମିଟରର ଏକ ପତଳା ଷ୍ଟିଲ କେବୁଲ ଲାଗିଛି। ଯାହାକୁ ଗ୍ରେଡ ୫ ଟାଇଟେନିୟମ ବେଜଲରେ ୩୮ ଥର ବୁଣାଯାଇଛି। ଏହା ଉପରେ ୫ଏନ ଗୋଲ୍ଡ ପିଭିଡି କୋଟିଂ ରହିଛି

# ରାଜ୍ୟ ପୋଲିସ ହ୍ୟାଣ୍ଡବଲ୍ ଏବଂ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ



କେନ୍ଦୁଝର (ଭାସ୍କର ନ୍ୟୁଜ) : ରବିବାର କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଦଶମ ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଏବଂ ଇଣ୍ଡୋର ଷ୍ଟାଡିୟମ ଠାରେ ୭୮ତମ ରାଜ୍ୟ ପୋଲିସ କବାଡି ଚମ୍ପିୟାନସିପ ଉଦ୍‌ଘାଟିତ ହୋଇଯାଇଛି। ଏହା କେନ୍ଦୁଝର ପୋଲିସ ତରଫରୁ ଆୟୋଜନ କରାଯାଇଥିଲା। ପ୍ରଥମ ଥର ପାଇଁ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ବର୍ଣ୍ଣାଢ଼୍ୟ ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଶ୍ଚିମା ଅଞ୍ଚଳ ଡ଼ିଆଇଜି ବ୍ରିଜେଶ ରାୟ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର, ରାଉରକେଲା ଏସପି ନୀତିଶ ୱାଦୱାନି, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, କେନ୍ଦୁଝର ଏସପି ନୀତିନ କୁଶଳକର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି, କେନ୍ଦୁଝର ରାଜା ଧନୁର୍ଜୟ ଭଞ୍ଜଦେଓ, କେନ୍ଦୁଝରର ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଯୋଗ ଦେଇଥିଲେ। ବହୁଦିନ ବ୍ୟବଧାନ ପରେ କେନ୍ଦୁଝର ଠାରେ ଦ୍ୱିତୀୟ ଥର ପାଇଁ ଏହି କବାଡି ଏବଂ ହ୍ୟାଣ୍ଡବଲ ଚମ୍ପିୟାନସିପ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବାପାଇଁ କେନ୍ଦୁଝର ରିଜର୍ଭ ଗ୍ରାଉଣ୍ଡ ଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ଆଲୋକ ମାଳାରେ ସୁସଜ୍ଜିତ କରିବା ସହ ପ୍ରଥମ ଥର ପାଇଁ ହ୍ୟାଣ୍ଡବଲ ଖେଳାଳିମାନେ ସିନ୍ଥେଟିକ ଗ୍ରାଉଣ୍ଡ ସହ ଫ୍ଲଡ଼ ଲାଇଟରେ ଖେଳିବାର ସୁଯୋଗ ପାଉଥିବା ବେଳେ କବାଡି ପ୍ରତିଯୋଗିତା ପ୍ରଥମଥର ପାଇଁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ଏବଂ ଉନ୍ମାଦନା ପରିଲକ୍ଷିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତଥର ହ୍ୟାଣ୍ଡବଲରେ ପ୍ରଥମ ବାଟାଲିୟନ, ଢେଙ୍କାନାଳ ଚମ୍ପିୟାନ ହୋଇଥିବା ବେଳେ ଷଷ୍ଠ ବାଟାଲିୟନ କଟକ ରନର୍ସଅପ ଏବଂ କେନ୍ଦୁଝର ପୋଲିସ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି କବାଡିରେ ଷଷ୍ଠ ବାଟାଲିୟନ, କଟକ ଚମ୍ପିୟାନ ହୋଇଥିବା ବେଳେ ଦେବଗଡ଼ ପୋଲିସ ରନର୍ସଅପ ହୋଇଥିଲା। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଉଦ୍‌ଘାଟନୀ ଖେଳରେ ହ୍ୟାଣ୍ଡବଲରେ ଆୟୋଜକ କେନ୍ଦୁଝର ଦଳ ଖୋର୍ଦ୍ଧା ବିପକ୍ଷରେ ୧୪-୬ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ସେହିପରି କବାଡିରେ ଗତଥରର ରନର୍ସଅପ ଷଷ୍ଠ ବାଟାଲିୟନ,କଟକ ୩୭ ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଆଇଆର ବାଟାଲିୟନ ରାଏଗଡା ୮ ପଏଣ୍ଟ ହାସଲ କରି ୨୯ ପଏଣ୍ଟରେ ପରାଜିତ ହୋଇଛି ଏବଂ ଷଷ୍ଠ ବାଟାଲିୟନ କଟକ ଏହି ବିଜୟରୁ ପୁରା ପଏଣ୍ଟ ହାସଲ କରିଛି। ଆଜି ଅନୁଷ୍ଠିତ ଏହି କବାଡି ପ୍ରତିଯୋଗିତାରେ ଢେଙ୍କାନାଳର ଶୁଭେନ୍ଦୁ ପ୍ରସାଦ ଧୀର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

## ଏସିଆ କପ୍ କ୍ରିକେଟ୍ ଜୀତେଶଙ୍କୁ ମିଳିବ ସୁଯୋଗ

ଦୁବାଇ: ଭାରତ ଏସିଆ କପ ଟି୨୦ ଟ୍ରଫି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ପ୍ରଥମ ମ୍ୟାଚରେ ସଞ୍ଜୁ ସାମସନଙ୍କ ବଦଳରେ ଜୀତେଶ ଶର୍ମାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବା ସମ୍ଭାବନା ରହିଛି । ଅଭିଷେକ ଶର୍ମାଙ୍କ ସହ ଶୁଭମନ ଗିଲ ଇନିଂସ ଓପନିଂ କରିବେ । ସଞ୍ଜୁଙ୍କୁ ମିଡିଲ ଅର୍ଡରରେ ଖେଳାଇବା ବଦଳରେ ଟିମ ମ୍ୟାନେଜମେଂଟ ଜୀତେଶଙ୍କୁ ଖେଳାଇବାକୁ ଚାହୁଁଛୁ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଗିଲ ଉପ ଅଧିନାୟକ ହୋଇଥିବାରୁ ତାଙ୍କ ଖେଳିବା ଏକପ୍ରକାର ନିଶ୍ଚିତ ମନେ କରାଯାଉଛି । ଅଭ୍ୟାସ ସେଶନରେ କୋଚ ଗୌତମ ଗମ୍ଭୀର ବିଶେଷ ଭାବେ ଜୀତେଶଙ୍କୁ ପ୍ରଶିକ୍ଷଣ ଦେଉଥିବା ଦେଖିବାକ ମିଳିଛି । ଆଇପିଏଲ ୨୦୨୫ରେ ଜୀତେଶ ଭଲ ପ୍ରଦର୍ଶନ କରିଥିଲେ ।

# କୋହଲିଙ୍କୁ ରୋନାଲ୍‌ଡୋଙ୍କ ସହ ତୁଳନା କଲେ ସୁନୀଲ ଛେତ୍ରୀ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ମହାନ ଖେଳାଳି ବିରାଟ କୋହଲି ଅଷ୍ଟ୍ରେଲିଅ ବିପକ୍ଷ ଦିନିକିଆ ସିରିଜ ପୂର୍ବର ଜୋରଦାର ଅଭ୍ୟାସ ଜାରୀ ରଖିଛନ୍ତି । ନିକଟରେ ସେ ଇଂଲଣ୍ଡରୁ ନିଜର ଫିଟନେସ ଟେଷ୍ଟ ବିସିସିଆଇକୁ ପ୍ରଦାନ କରିଥିଲେ । କୋହଲିଙ୍କ ଫିଟନେସକୁ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ସହ ସୁନୀଲ ଛେତ୍ରୀ ତୁଳନା କରିଛନ୍ତି । କୋହଲି ମୋତେ ତାଙ୍କ ଫିଟନେସ ଟେଷ୍ଟ ସ୍କୋର ପଠାଇଥିଲେ ବୋଲି ଭାରତର ଅଭିଜ୍ଞ ଫୁଟବଲ ଖେଳାଳି ଛେତ୍ରୀ କହିଛନ୍ତି। ଏକ ପୋଡକାଷ୍ଟରେ ଛେତ୍ରୀ ଏହି ଖୁଲାସା କରିଛନ୍ତି । ଅଧିକାଂଶ ଯୁବ ଖେଳାଳି କୋହଲି ଓ ରୋନାଲ୍‌ଡୋ ହେବାକୁ ଚାହିଁଥାନ୍ତି । ତେବେ ଏଥିପାଇଁ ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ । ଏତେ ସହଜରେ ସବୁ କିଛି ମିଳି ନ ଥାଏ ବୋଲି ଛେତ୍ରୀ କହିଛନ୍ତି । କୋହଲି ଓ ରୋନାଲଡୋଙ୍କ ମାନସିକତା ଏକା ଭଳି । ସେମାନେ ଏତେ ସଫଳତା ହାସଲ କରିବା ସତ୍ତ୍ୱେ ଏବେ ବି ସନ୍ତୁଷ୍ଟ ନାହାନ୍ତି । ଅଧିକରୁ ଅଧିକ ଭଲ ପ୍ରଦର୍ଶନ କରିବା ଭୋକ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରୁଛି । ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ରୋହିତ ଶର୍ମା ଓ ବିରାଟ କୋହଲି ସେମାନଙ୍କ ଫିଟନେସ ଟେଷ୍ଟ ଦେଇଛନ୍ତି । ଉଭୟ ନିଜକୁ ସମ୍ପୂର୍ଣ୍ଣ ଭାବେ ଫିଟ ପ୍ରମାଣିତ କରିପାରିଛନ୍ତି। ଆଗାମୀ ଦିନରେ ପ୍ରଶଂସକମାନେ ସେମାନଙ୍କଠାରୁ ପୂନର୍ବାର ଭଲ ଇନିଂସ ଆଶା କରିବା ସ୍ୱାଭାବିକ।

## ଗ୍ରାମୀଣ କ୍ରୀଡା ମହୋତ୍ସବ : ଅଂଶ ଗ୍ରହଣ କଲେ ୩ ହଜାରରୁ ଅଧିକ ଖେଳାଳି

# କୋଏମ୍ବାଟୁରରେ ଫାଇନାଲ୍, ବିଜେତାଙ୍କୁ ୬୭ଲକ୍ଷ ପୁରସ୍କାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଗ୍ରାମୀଣ କ୍ରୀଡା ମହୋତ୍ସବ ଭାବରେ ପରିଚିତ ଇଶା ଗ୍ରାମୋତ୍ସବମ୍ ଅଗଷ୍ଟ ୨୩ ଶନିବାର ଦିନ ଓଡିଶାରେ ପ୍ରବେଶ କରିଥିଲା। ପୁରୀ ଜିଲ୍ଲାର ପିପିଲି କ୍ରୀଡା ପଡ଼ିଆରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡାରେ ଗ୍ରାମୀଣ ପିଲାଙ୍କ ଅଂଶଗ୍ରହଣ ବ୍ୟାପକ ହୋଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପାଞ୍ଚଟି ଜିଲ୍ଲାର ୩,୦୦୦ରୁ ଅଧିକ ଖେଳାଳି ପଞ୍ଜିକରଣ କରିଛନ୍ତି। ସେ ସବୁ ଜିଲ୍ଲା ମଧ୍ୟରେ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଏବଂ ବଲାଙ୍ଗୀର ଆଦି ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି। ପ୍ରଥମେ କ୍ଲଷ୍ଟର, ଦ୍ୱିତୀୟରେ ଡିଭିଜନାଲ ଏବଂ ତୃତୀୟରେ ଗ୍ରାଣ୍ଡ ଫାଇନାଲ। ଓଡ଼ିଶାରେ କ୍ଲଷ୍ଟରସ୍ତରୀୟ ମ୍ୟାଚ୍ ଅଗଷ୍ଟ ୨୩ ତାରିଖରେ ପିପିଲି ଏବଂ କଟକରେ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିନରେ ପିପିଲି କ୍ଲଷ୍ଟର ମ୍ୟାଚ୍‌ରେ ୪୦୦ ରୁ ଅଧିକ ଖେଳାଳିଙ୍କ ସହିତ ୫୦ରୁ ଅଧିକ ପୁରୁଷ ଭଲିବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଯେତେବେଳେ କଟକର ଓଏସଏପି ଷଷ୍ଠ ବାଟାଲିୟନ ଗ୍ରାଉଣ୍ଡରେ ୩୭ଟି ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଅଗଷ୍ଟ ୨୪ ତାରିଖରେ ପିପିଲି ଏବଂ କଟକରେ ତଥା ଅଗଷ୍ଟ ୩୦ ଏବଂ ୩୧ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନ୍ୟ କ୍ଲଷ୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗ୍ରାମୋତ୍ସବମ୍ ଗ୍ରାମୀଣ ନାଗରିକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ଚାଷୀ, ସଫେଇ କର୍ମଚାରୀ, ମତ୍ସ୍ୟଜୀବୀ, ଦିନମଜୁରିଆ ଏବଂ ଗୃହିଣୀମାନେ ସାମିଲ ଅଛନ୍ତି । ସେମାନଙ୍କୁ ଖେଳିବା, ଅଂଶଗ୍ରହଣ କରିବା ଏବଂ ଉତ୍ସବ ପାଳନ କରିବା ପାଇଁ ଏହା ଏକ ପ୍ଲାଟଫର୍ମ ପ୍ରଦାନ କରୁଛି। କ୍ଲଷ୍ଟର-ସ୍ତରୀୟ ମ୍ୟାଚ୍ ?ର ବିଜେତାମାନେ ସେପ୍ଟେମ୍ବର ୭ ତାରିଖରେ ଭୁବନେଶ୍ୱରର କିଟ୍ ?ରେ ଡିଭିଜନାଲ୍ ରାଉଣ୍ଡରେ ଖେଳିଛନ୍ତି। ଜାତୀୟ ସ୍ତରରେ, ଇଶା ଗ୍ରାମୋତ୍ସବମ୍ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ତେଲେଙ୍ଗାନା, ପୁଡୁଚେରୀ ଏବଂ ଓଡ଼ିଶାର ୩୫,୦୦୦ ରୁ ଅଧିକ ଗାଁରେ ଖେଳାଯାଉଛି। ଚଳିତ ବର୍ଷ, ୫,୦୦୦ମହିଳାଙ୍କ ସମେତ ୫୦,୦୦୦ରୁ ଅଧିକ ଗ୍ରାମୀଣ ଅଂଶଗ୍ରହଣକାରୀ ୬,୦୦୦ ରୁ ଅଧିକ ଦଳରେ ପ୍ରତିଯୋଗିତା କରୁଛନ୍ତି। ଏହି ମହାକୁମ୍ଭର ଫାଇନାଲ ସେପ୍ଟେମ୍ବର ୨୧ ତାରିଖରେ କୋଏମ୍ବାଟୁରର ଇଶା ଯୋଗ କେନ୍ଦ୍ରରେ ଅନୁଷ୍ଠିତ ହେବ। ବିଜେତା ଦଳଗୁଡ଼ିକୁ ୬୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ପୁରୁଷ ଏବଂ ମହିଳା ଚାମ୍ପିଅନଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମିଳିବ। ଆଧ୍ୟାତ୍ମିକ ନେତା ସଦଗୁରୁଙ୍କ ଦ୍ୱାରା ୨୦୦୪ ମସିହାରେ ଆରମ୍ଭ ହୋଇଥିବା ଇଶା ଗ୍ରାମୋତ୍ସବମ୍ ଫିଟନେସକୁ ପ୍ରୋତ୍ସାହିତ କରି, ଜାତି ଏବଂ ଧର୍ମର ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗି ଏବଂ ସାମୁହିକ ଜୀବନରେ ମହିଳାମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରି ଭାରତର ଗ୍ରାମୀଣ ଆତ୍ମାକୁ ପୁନର୍ଜୀବିତ କରିବା ପାଇଁ ଲକ୍ଷ୍ୟ ରଖିଛି।





କଳା ଦାଗ ପାଇଁ ଓ ପିମ୍ପଲ୍ ପାଇଁ ଯୁବପିଢ଼ି ଚିନ୍ତିତ ରହିଥାନ୍ତି। ଅନେକ ଚେଷ୍ଟା କରିବା ପରେ ମଧ ପିମ୍ପଲ, ଦାଗ ମୁହଁରୁ ହଟିନଥାଏ। ତେବେ ଆସନ୍ତୁ ଜାଣିବା ଏହି ସବୁ ସମସ୍ୟାରୁ କିପରି ପାଇବେ ମୁକ୍ତି । ଏହି ଦାଗଗୁଡ଼ିକୁ ହ୍ରାସ କରିବା ପାଇଁ, ଆପଣ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ଏଲୋବେରା ଜେଲ୍ ଲଗାଇ ପାରିବେ । ଏଲୋବେରା ଜେଲ୍ ଚର୍ମକୁ ହାଇଡ୍ରେଟ୍ ଏବଂ ମଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ । ଏହା ଆପଣଙ୍କ ମୁହଁରୁ ପିମ୍ପଲ୍, କଳାଦାଗ ସବୁ ଦୂର କରିବ । ରାତିରେ ଶୋଇବା ପୂର୍ବରୁ ଆପଣ ନଡିଆ ତେଲ ମଧ ଲଗାଇ ପାରିବେ । ଏହା ଏକ ପ୍ରାକୃତିକ ମଶ୍ଚରାଇଜର ଅଟେ । ଯାହା ଚର୍ମକୁ କୋମଳ ଏବଂ ଚିକ୍କଣ କରିବାରେ ସାହାଯ୍ୟ କରେ । ଆପଣ ତ୍ୱଚାରେ ଦହି ଲଗାଇପାରିବେ । ଦହିରେ ଲାକ୍ଟିକ୍ ଏସିଡ୍ ଥାଏ, ଯାହା ଚର୍ମ ପାଇଁ ବହୁତ ଲାଭଦାୟକ। ଦହି ଖରାପ ହୋଇଯାଇଥିବା ଚର୍ମକୁ ବାହାର କରି ନୂତନ ଚର୍ମ ତିଆରି କରେ । ଶୋଇବା ପୂର୍ବରୁ ଆପଣ ମୁହଁରେ କଦଳୀର ପେଷ୍ଟ ଲଗାଇ ଏହାକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରଖି ତା ପରେ ଏହାକୁ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ କୋମଳ ରଖେ ଏବଂ ପିମ୍ପଲ୍ ଜନିତ ସମସ୍ୟାକୁ ହ୍ରାସ କରେ ।



## ଠିକ୍ ଜାଗାରେ ରଖନ୍ତୁ କଇଁଚି

କଇଁଚି ପ୍ରତି ଘରେ ଦେଖିବାକୁ ମିଳିଥାଏ। ବାସ୍ତୁଶାସ୍ତ୍ର ଅନୁସାରେ, କଇଁଚିକୁ ଭୁଲ ଦିଗରେ ରଖିବା ଦ୍ୱାରା ଜୀବନରେ ସମସ୍ୟା ସୃଷ୍ଟି ହୁଏ। ଅନ୍ୟପକ୍ଷରେ କଇଁଚିକୁ କେତୁର ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ କୁଣ୍ଡଳୀରେ କେତୁ ଖରାପ୍ ଥଲେ, କୌଣସି ଧାରୁଆ ଜିନିଷକୁ ସଠିକ୍ ଦିଗରେ ରଖିବା ଜରୁରୀ।

- ◆ କଇଁଚିକୁ ଦକ୍ଷିଣ-ପଶ୍ଚିମ ଦିଗରେ ନଚେତ୍ ଉତ୍ତର ପଶ୍ଚିମ ଦିଗରେ ରଖନ୍ତୁ।
- ◆ ଏହାକୁ ସବୁବେଳେ ବାକ୍ସ ଭିତରେ ରଖିବା ଭଲ।
- ◆ ଏହାକୁ କଦାପି ଝୁଲାଇ ରଖନ୍ତୁ ନାହିଁ।
- ◆ କଇଁଚିକୁ ଉତ୍ତରପୂର୍ବ ଦିଗରେ ରଖିଲେ ମାନସିକ ଅଶାନ୍ତି ଦେଖାଯାଏ।
- ◆ ପଶ୍ଚିମ ଦିଗରେ କଇଁଚି ରଖିଲେ ଆର୍ଥିକ ସମସ୍ୟା ସାମ୍ନା କରିବାକୁ ପଡେ।



## ଶିଳ୍ପାଙ୍କୁ ଲୁକ୍‌ଆଉଟ୍ ସର୍କୁଲାର

**ବ**ଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ଲୁକ୍‌ଆଉଟ୍ ସର୍କୁଲାର ନୋଟିସ୍ ଜାରି କରାଯାଇଛି। ୬୦ କୋଟି ଟଙ୍କା ଠକେଇ ମାମଲାରେ ଶିଳ୍ପାଙ୍କୁ ଏହି ନୋଟିସ୍ ହୋଇଛି। ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସହ ଶିଳ୍ପାଙ୍କୁ ଲୁକ୍‌ଆଉଟ ସର୍କୁଲାର ନୋଟିସ୍‌ଜାରି କରିଛି ମୁମ୍ବାଇ ପୋଲିସ। ଜଣେ ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ଦମ୍ପତିଙ୍କୁ ନୋଟିସ୍ ଜାରି କରାଯାଇଛି।

ଜଣେ ଅଧିକାରୀ କହିଛନ୍ତି, ଏହି ଦମ୍ପତି ବାରମ୍ବାର ଅନ୍ତର୍ଜାତୀୟ ଯାତ୍ରା କରୁଥିବାରୁ ସହର ପୋଲିସର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଏଲଓସି ଜାରି କରାଯାଇଛି। ଠକେଇ ଅଭିଯୋଗରେ ଅଗଷ୍ଟ ୧୪ରେ ଅଭିନେତ୍ରୀ ଏବଂ ତାଙ୍କ ସ୍ୱାମୀଙ୍କ ବିରୋଧରେ ଜୁହୁ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଲୁକ୍‌ଆଉଟ୍ ସର୍କୁଲାର ହେଉଛି ଜଣେ ବ୍ୟକ୍ତିଙ୍କୁ ଦେଶ ଛାଡିବାକୁ ବା ସେମାନଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ବ୍ୟବହୃତ ଏକ ଯନ୍ତ୍ର, ସାଧାରଣତଃ ଇମିଗ୍ରେସନ୍ ଏବଂ ସୀମା ନିୟନ୍ତ୍ରଣ ପଏଣ୍ଟଗୁଡ଼ିକୁ ସତର୍କ କରାଇବା।



# ବର୍ଷାଦିନିଆ ନାସା-ଗଳା-କର୍ଣ୍ଣ ସଂକ୍ରମଣ ସମସ୍ୟା

***ବର୍ଷାଋତୁରେ ପ୍ରାୟତଃ ଅନେକ ଓଦାରେ ଜଡ଼ସଡ଼ ହୋଇଯାଆନ୍ତି। ଲଗାଣ ବର୍ଷା ହେଉ ବା ଆଂଶିକ ବର୍ଷା, ଏହି ବର୍ଷା ଋତୁ କିନ୍ତୁ ବିଶେଷକରି କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଇଥାଏ। ଆସନ୍ତୁ ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର....***



**ଆ**ପଣଙ୍କ ପୂର୍ବରୁ କାନ ପାଚିବା ସମସ୍ୟା ଥିଲେ ଯଦି ବର୍ଷାରେ ଆପଣ ତିନ୍ତି ଯାଇ ବର୍ଷା ପାଣି ଆପଣଙ୍କ କାନ ଭିତରେ ପଶେ ତେବେ ଏହା ଅନେକ ପରିପାର୍ଶ୍ୱିକ ସମସ୍ୟା ଓ ଆପଣଙ୍କ ପୂର୍ବ କାନ ପଚାର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଥାଏ। କାନରୁ ପୂଜ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ। କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ। ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗସ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ। ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରି।

■ ବର୍ଷା ଋତୁରେ ପାଣିପାଗ ଥଣ୍ଡାଳିଆ ରହୁଥିବାରୁ ଏବଂ ଏହି ସମୟରେ ବର୍ଷାରେ ଭିଜିଗଲେ ଅନେକଙ୍କ ଗଳା ଦରଜ ସମସ୍ୟା ଦେଖା ଦେଇଥାଏ। କେହି କେହି ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅତ୍ୟନ୍ତ ଯନ୍ତ୍ରଣା ଦାୟକ ସାବ୍ୟସ୍ତ ହୋଇଥାଏ। ଗଳାର ଭିତର ପାଖରେ ଟନସିଲାଇଟିସ, ଫାରିଞ୍ଜାଇଟିସ, ଲାରିଞ୍ଜାଇଟିସ, ବ୍ରୋଙ୍କାଇଟିସ ଇତ୍ୟାଦି ରୋଗ ହେଲେ ତଣ୍ଟି ଦରଜ ହେବା ସହ ଜ୍ୱର ହୋଇଥାଏ। ତଣ୍ଟି ବସିଯାଏ। ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ।

■ ବର୍ଷା ଦିନରେ ଅନେକ ଲୋକଙ୍କ ଠାରେ ନାକ ଚୁଣ୍ଟି ହେବା ଓ ନାକରୁ ରକ୍ତ ବାହାରିବାର ସମସ୍ୟା ଦେଖାଯାଇଥାଏ। ତେବେ ମୁଖ୍ୟ କଥା ହେଉଛି, ଏ ଗୁଡ଼ିକ କ୍ରନିକ ରାଇନାଟିସ ରୋଗର କେତେକ ସାଧାରଣ ଲକ୍ଷଣ। ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ଚୁଣ୍ଟି ନହେବା ପାଇଁ ସାଧାରଣ ନାଜାଲ ଡ୍ରପ ପକାଇବା ଦରକାର। ଜରୁରୀ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ କରାଯାଇପାରେ। ତେବେ ଏହା ଆପଣଙ୍କ ସମସ୍ୟାକୁ ଦେଖି ଡାକ୍ତର ନିର୍ଣ୍ଣୟ ନେଇଥାନ୍ତି।

■ ସେହିପରି ଏହି ଋତୁରେ ଅନେକ ପିଲାମାନଙ୍କ ଠାରେ ଥ୍ରୋଟ୍ ଇନଫେକ୍ସନ ହୋଇଥାଏ। ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ ଦେଇଥାଉ। ଥ୍ରୋଟ ଇନଫେକ୍ସନ ହେଲେ ଆମେ ଗରମ ଲୁଣ ପାଣି ନେଇ ଗଳ ଗଳ କରିବାକୁ କହିଥାଉ। ସେଥିରେ ନ କମିଲେ ଆଣ୍ଟିବାୟୋଟିକ ଖାଇବାକୁ ଦିଆଯାଏ। ବର୍ଷା ଦିନରେ ପିଲାଙ୍କୁ ଯଥା ସମ୍ଭବ ଥଣ୍ଡାଖାଦ୍ୟ, ଥଣ୍ଡା ପାନୀୟ ଓ ଫ୍ରିଜରେ ରହିଥିବା ଖାଦ୍ୟ ଦିଅନ୍ତୁ ନାହିଁ। ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ।

■ ବର୍ଷା ଋତୁରେ ଅନେକ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀମାନେ ଅନେକ ଜଟିଳ ଉଭୟ ନାକ ଓ ଗଳା ସମ୍ବନ୍ଧୀୟ ଯନ୍ତ୍ରଣା ସାମ୍ନା କରିଥାନ୍ତି। ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣ ପାଣିରେ ଧୋଇ ସଫା ରଖନ୍ତୁ। କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ। ବେଳେ ବେଳେ କାନରେ ଫଙ୍ଗାଲ ଇନଫେକ୍ସନ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ।

■ ବର୍ଷା ଋତୁଟି ଉଭୟ ଥଣ୍ଡା ଓ ବର୍ଷାର ସମସ୍ୟା ରହିବା ସହ ଲଗାଣ ବର୍ଷାରେ ଘଣ୍ଟା ଘଣ୍ଟା ଧରି ତିନ୍ତିବା ଓ ଏହାର ପାଣି ନାକ ବା କାନରେ ପଶିବା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଯଥା ସମ୍ଭବ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରୁହନ୍ତୁ। ପୂର୍ବରୁ କୌଣସି କାନ ସମସ୍ୟା ଥିଲେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆମ ଶରୀରରେ କାନ-ନାକ-ଗଳା ଏପରି ଏକ ଶରୀର ତତ୍ତ୍ୱ ଯାହାକି କୌଣସି ଗୋଟିଏ ଶାରୀରିକ ସମସ୍ୟା ଅନୁଭବ କଲେ ତାହା ଅନ୍ୟ କ୍ଷେତ୍ରକୁ ସଂକ୍ରମିତ କରିବାର ସମ୍ଭାବନା ଅଛି। ତେଣୁ ବର୍ଷା ଦିନଟି ବିଶେଷକରି କର୍ଣ୍ଣ-ନାକ-ଗଳାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିଲେ ଉପରୋକ୍ତ ପରାମର୍ଶ ଗ୍ରହଣ କରିବା ଜରୁରି।


*ନାରାୟଣ ଚନ୍ଦ୍ର ବିଶ୍ୱାଳ, ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ'*
*କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ,*
*ମୋ : ୯୪୩୮୨୭୬୭୬୦*

## ରାଜାମୌଳିଙ୍କ ଫିଲ୍ମକୁ ରିଜେକ୍ଟ କରିଥିଲେ ଶ୍ରୀଦେବୀ

## ବୋନି କପୁର ଖୋଲିଲେ ପୋଲ

**ସା**ମ୍ନାକୁ ଆସିଲା ଏକ ବଡ଼ ଖବର। ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବାହୁବଳୀ ଫିଲ୍ମକୁ ରିଜେକ୍ଟ କରିଦେଇଥିଲେ ଦିବଙ୍ଗତ ଅଭିନେତ୍ରୀ ଶ୍ରୀଦେବୀ। ଯିଏ ଆଉ ଆମ ଗହଣରେ ନାହାନ୍ତି। ହେଲେ କାହିଁକି ଏସଏସ ରାଜମୌଳିଙ୍କ ଫିଲ୍ମକୁ ରିଜେକ୍ଟ କରିଥିଲେ ଶ୍ରୀଦେବୀ ସାମ୍ନାକୁ ଆସିଲା ତାର ପ୍ରକୃତ କାରଣ। ଏହା କୌଣସି ମିଛ କଥା ନୁହେଁ ଯେ ଏସଏସ ରାଜମୌଳି ବାହୁବଳୀରେ ଶ୍ରୀଦେବୀଙ୍କୁ ନେବାକୁ ଚାହୁଁଥିଲେ; କିନ୍ତୁ, ତାଙ୍କର ଇଚ୍ଛା ପୂରଣ ହୋଇ ନଥିଲା। ସେହି ସମୟରେ ରାଜାମୌଳି ଦାବି କରିଥିଲେ ଯେ ଶ୍ରୀଦେବୀ ନିଜ ପାଇଁ ଏକ ସମ୍ପୂର୍ଣ୍ଣ ହୋଟେଲ ମହଲା, ପାରିଶ୍ରମିକ ଭାବରେ ୧୦ କୋଟି ଟଙ୍କା ଏବଂ ତାଙ୍କ ସାଥୀଙ୍କ ପାଇଁ ୧୦ ଟି ବିମାନ ଟିକେଟ୍ ଦାବି କରିଥିଲେ। ଶ୍ରୀଦେବୀ ଏହି ଦାବିଗୁଡ଼ିକୁ ଖଣ୍ଡନ କରିଥିଲେ, ଏବଂ ଏହା ଏକ ବିବାଦୀୟ ବିଷୟ ପାଲଟିଥିଲା। ଏବେ, ବୋନି କପୁର ଶ୍ରୀଦେବୀ ଫିଲ୍ମକୁ ମନା କରିବାର ପ୍ରକୃତ କାରଣ ପ୍ରକାଶ କରିଛନ୍ତି। ଏ ବୋନି କହିଛନ୍ତି, "ରାଜାମୌଳିଙ୍କ ସହିତ ଫିଲ୍ମ (ବାହୁବଳୀ) ହୋଇନଥିଲା, କିନ୍ତୁ ମୋ ପାଖରେ ଏବେ ବି ତାଙ୍କର ଲେଖା ଅଛି ଯେ ସେ ଜଣେ ଅଭିନେତା ଭାବରେ ଶ୍ରୀଦେବୀଙ୍କ ପ୍ରଶଂସକ ଥିଲେ, କିନ୍ତୁ ତାଙ୍କ ସହ କଥାବାର୍ତ୍ତା ପରେ, ତାଙ୍କ ପ୍ରତି ତାଙ୍କର ସମ୍ମାନ ବହୁଗୁଣ ବୃଦ୍ଧି ପାଇଥିଲା। ଏହା ତାଙ୍କ ଦେଇଥିବା ସୂଚନା ଯୋଗୁଁ ହୋଇଥିଲା। ପ୍ରଯୋଜକମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଯୋଗୁଁ ସେ ସେହି ଫିଲ୍ମରେ କାମ କରିନଥିଲେ।'ବୋନି କପୁର ଆହୁରି ମଧ କହିଛନ୍ତି, 'ରାଜାମୌଳି ଆମ ଘରକୁ ଆସିଥିଲେ ଏବଂ ଫିଲ୍ମ ବିଷୟରେ କଥାବାର୍ତ୍ତା କରିଥିଲେ। ଯେତେବେଳେ ସେ ଘରୁ ବାହାରକୁ ଗଲେ, ପ୍ରଯୋଜକମାନେ ତାଙ୍କୁ 'ଇଂଲିଶ ଭିଙ୍ଗଲିସ' ପାଇଁ ଯେତିକି ଟଙ୍କା ପାଇଥିଲେ ତା'ଠାରୁ କମ୍ ଟଙ୍କା ଦେବାକୁ କହିଥିଲେ।'ସେ ଜଣେ ସଂଘର୍ଷପୂର୍ଣ୍ଣ ଅଭିନେତା ନଥିଲେ; ତୁମେ ତାଙ୍କଠାରୁ ଲାଭ ପାଉଛ, ଯେଉଁଥିରେ ହିନ୍ଦୀ ଏବଂ ତାମିଲ ଉଭୟ ଭାଷାରେ କିଛି ସାହାଯ୍ୟ ଅନ୍ତର୍ଭୁକ୍ତ। ମୁଁ କାହିଁକି ମୋ ସ୍ତ୍ରୀଙ୍କୁ ଏପରି କରିବାକୁ ଚାହିଁବି ?' ବୋନି ପ୍ରକାଶ କରିଛନ୍ତି ଯେ ଶ୍ରୀଦେବୀଙ୍କ ପାରିଶ୍ରମିକ ବିଷୟରେ ଶୋବୁ ୟାରଲାଗଡା ଏସ୍ ରାଜାମୌଳିଙ୍କୁ ମିଥ୍ୟା କହିଛନ୍ତି। ସେ କହିଥିଲେ, "ମୁଁ ଭାବୁଛି ପ୍ରଯୋଜକମାନେ ରାଜାମୌଳିଙ୍କୁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ବିଷୟରେ କେବେ କହିନଥିଲେ। ସେମାନେ ତାଙ୍କୁ କହିଲେ ଯେ ସେ ହୋଟେଲର ସମ୍ପୂର୍ଣ୍ଣ ମହଲା ଚାହାଁନ୍ତି; ସେ ଏକ ନିର୍ଦ୍ଦିଷ୍ଟ ପ୍ରତିନିଧି ଚାହାଁନ୍ତି। ଆମେ କେବଳ ଏତିକି ଚାହୁଁଥିଲୁ ଯେ ଯେତେବେଳେ ଆମ ପିଲାମାନେ ଛୁଟିରେ ଥାଆନ୍ତି, ସେହି ସମୟରେ ବଡ଼ ସୁଟିଂ ସ୍ଥିର କରାଯାଉ।'ସେ ଆହୁରି ମଧ କହିଛନ୍ତି, 'ଏହି ପ୍ରଯୋଜକମାନେ ଦୋଷୀ ଥିଲେ ଯେଉଁମାନେ ରାଜାମୌଳିଙ୍କୁ ଭୁଲ ଜିନିଷ ଖୁଆଇଥିଲେ। ସେ ଏକ ସାକ୍ଷାତକାରରେ କହିଥିଲେ ଯେ ସେ ଯାହା ଚାହୁଁଥିଲେ, ଏବଂ ତାହା ମିଥ୍ୟା। ଏହି ଶୋବୁ ବ୍ୟକ୍ତି ହିଁ ଏହା କରିଥିଲେ, ଏବଂ ହୁଏତ ସେ ସେହି ଟଙ୍କା ସହିତ ଭାଗ କରିବାକୁ ଚାହୁଁନଥିଲେ। 'ସେ ଅଣ-ବୃତ୍ତିଗତ ଥିଲେ' ଏପରି କହିବା ଭୁଲ। ରାକେଶ ରୋଶନ, ୟଶ ଚୋପ୍ରା ଏବଂ ରାଘବେନ୍ଦ୍ର ରାଓଙ୍କ ଭଳି ଲୋକମାନେ ତାଙ୍କ ସହିତ ବାରମ୍ବାର କାମ କରିଛନ୍ତି। ଯଦି ସେ ଅଣ-ବୃତ୍ତିଗତ ଥିଲେ ତେବେ ସେମାନେ ଏପରି କାହିଁକି କରିବେ ?' ଯେତେବେଳେ ଶ୍ରୀଦେବୀ ଏହି ଦାବିଗୁଡ଼ିକର ଉତ୍ତର ଦେଇଥିଲେ, ସେ ଏକ ତେଲୁଗୁ ଚ୍ୟାନେଲକୁ ସାକ୍ଷାତକାରରେ ସମାନ ଭାବନା ପ୍ରକାଶ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ସେ ୫୦ ବର୍ଷ ଧରି କାମ କରୁଛନ୍ତି ଏବଂ ଯଦି ସେ ଅଣବୃତ୍ତିଗତ ହୋଇଥାନ୍ତେ ତେବେ ସଫଳତା ପାଇ ନଥାନ୍ତେ। ପରେ, ରାଜାମୌଳି ଡିଏନଏକୁ କହିଥିଲେ ଯେ ସେ ଅଭିନେତ୍ରୀଙ୍କ ବିଷୟରେ ଏପରିମନ୍ତବ୍ୟଦେବା ପାଇଁ ଦୁଃଖିତ।





# ତେଲୁଗୁ ସିନେମା 'ଘାଟି'ରେ କୋରାପୁଟର ଝଲକ




**ନି**କଟରେ ରିଲିଜ ସିନେମାରେ 'ଘାଟି'ରେ ସ୍ଥାନ ପାଇଛି ଓଡ଼ିଶାର ଆର୍କଷଣୀୟ ସ୍ଥାନ। ଦର୍ଶକଙ୍କ ମନ ଜିତୁଛି ସିନେମା ଘାଟି । ହିନ୍ଦୀ, ତେଲଗୁ ଓ ତାମିଲ ଭାଷାରେ ରିଲିଜ ସିନେମା ସବୁ ବର୍ଗର ଦର୍ଶକଙ୍କୁ ଖୁବ ପସନ୍ଦ ଆସିଛି । ମୁଖ୍ୟ ଭୂମିକାରେ ବାହୁବଳୀ ଫେମ ଅନୁଷ୍କା ସେଟୀଙ୍କୁ ଦେଖିବାକୁ ମିଳିଛି । ତେବେ ଦୁଇବର୍ଷ ପରେ କମବ୍ୟାକ ସହ ଆକ୍ସନ ରୋଲରେ ଅଭିନୟ ଧ୍ୟାନ ଆକର୍ଷଣ କରୁଛି । ଏଇଠି କହି ରଖୁଛୁ ସିନେମାର କିଛି ଭାଗର ସୁଟିଂ ଓଡ଼ିଶାରେ କରାଯାଇଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଲମତାପୁର, ମାଛକୁଣ୍ଡ, ଅନ୍ନାକଡେଲିରେ କରାଯାଇଛି । କ୍ଲାଇମାକ୍ସ ଭାଗର ସୁଟିଂ ପାଇଁ ଅନୁଷ୍କା କୋରାପୁଟରେ ମଧ ପହଞ୍ଚିଥିଲେ । ତେବେ ଦୁଇ ଜଣ ଓଡିଆ କଳାକଳା ଡକ୍ଟର ଦେବୀକା ପ୍ରିୟଦର୍ଶନୀ ଓ ଅଭି ନାଗଙ୍କୁ ମଧ ଏହି ସିନେମାରେ ଦର୍ଶକ ଦେଖିଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଟେକୁଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାଢ଼ୀ ରାଜ୍ୟ ସ୍ତରୀୟ ଗୁରୁପୂଜନ ଉତ୍ସବରେ ଉତ୍କଳ ଗୌରବ ମଧୁସୂଦନ ଦାସ ଶିକ୍ଷା ରତ୍ନ ସମ୍ମାନରେ ସମ୍ମାନିତ। ସୂଚନା ଅଛିକି ପାଢ଼ୀ ଜଣେ ଯୁବ ପ୍ରତିଭାର ମଧୁକ୍ଷରା ରୂପକୁ ବାସ୍ତାୟିତ କରିବାରେ ତାଙ୍କର ଭୂମିକା ସମଗ୍ର ଶିକ୍ଷକ ସମାଜ ପାଇଁ ଏକ ଉଦାହରଣ ହୋଇଛନ୍ତି। ସେ ଜଣେ ଏକା ଧାରରେ ଜଣେ ଆଦର୍ଶ ଓ ଦାୟିତ୍ୱବାନ ଶିକ୍ଷକ ଭାବରେ ପରିଚିତ। ସେଇ ଉତ୍କର୍ଷତାର ଅଭିପ୍ରେରଣା ସ୍ୱରୂପ ନିଷ୍ଠା ଓ ସେବା ଏବଂ ବହୁମୁଖୀ ପ୍ରତିଭାକୁ ସମ୍ମିଳିତ କରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପରିବାର ସୋନପୁର ଜିଲ୍ଲା ଟାଉନହଲ ଠାରେ ରାଜ୍ୟ ସ୍ତରୀୟ ଗୁରୁପୂଜନ ଉତ୍ସବରେ ପାଢ଼ୀଙ୍କୁ ସମ୍ମାନିତ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବାବେଳେ ସଭାପତି ଡା ଆଦିତ୍ୟ ମେହେର, ମୁଖ୍ୟବକ୍ତା ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ଫେଡ଼େରେସନ କମଳାକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି କଣ୍ଟାମାଳ ବିଧାୟକ କଣେର ଚରଣ ଡାଙ୍ଗ, ବିଂଶପୁର ବିଧାୟକ ରଘୁନାଥ ଜଗଲାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାରକୁ ନେଇ ବାଲିମେଳାରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି ହେବା ସହ ଯୁବ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଏକ ପ୍ରେରଣା ବୋଲି ବୁଦ୍ଧିଜୀବୀ ବୃନ୍ଦ ମତ ପ୍ରକାଶ କରିଥିଲେ।

# ୩ ଦିନିଆ ଜୁନିୟର ରେଡ୍‌କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଜୁନିଅର ରେଡ୍‌କ୍ରସର ଅଣତାଲିମ ପରାମର୍ଶଦାତା ମାନଙ୍କର ଏକ ତିନିଦିନିଆ ପ୍ରଶିକ୍ଷଣ ଶିବିର ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି-୭ ଠାରେ ଗତକାଲି ଉଦଘାଟିତ ହୋଇଯାଇଛି। ଏହି ଶିବିର ୬ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ଉଦଘାଟନି ସଭାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସ ୟୁନିଟ୍‌ର ଉପାଧକ୍ଷ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକଚନ୍ଦ୍ର ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏ ଇଶ୍ୱର ରାଓ, ଜିଲ୍ଲା ଜେ ଆର.ସି ଅଫିସର ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ଜେ ଆର.ସି ସଂଯୋଜକ ଦେବରାଜ ସେଠୀ ସଂଯୋଜନା କରିଥିଲେ। ଶେଷରେ ଜେ ଆର ସି କାଉନସିଲର ଦୀନବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଫଟୋ ଓ ରେଡ଼କ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଣ୍ଟଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ରେଡ଼କ୍ରସ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଜୁନିୟର ରେଡ଼କ୍ରସ କାଉନସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରାୟ ୫୩ଟି ବିଦ୍ୟାଳୟର କାଉନସିଲର ଉପସ୍ଥିତ ରହିଛନ୍ତି। ପ୍ରଥମ ଦିନର ପ୍ରଥମ କାଳାଂଶରେ ପ୍ରାକୃତିକ ବିପର୍ଯ୍ୟୟ ଓ ତା'ର ମୁକାବିଲା ଉପରେ ଜେ ଆର.ସି ସଂଯୋଜକ ଦେବରାଜ ସେଠୀ ଶିକ୍ଷା ଦାନ କରିଥିଲେ, ଜେ ଆର.ସି ବସନ୍ତ କୁମାର ପ୍ରଧାନ ଦ୍ୱିତୀୟ କାଳାଂଶରେ ପ୍ରାଥମିକ ଚିକିତ୍ସା ଉପରେ ଶିକ୍ଷା ଦାନ କରିଥିଲେ।

# ପୋଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ସଚେତନତା ସଭା



ଖଇରପୁଟ, (ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୋଲିସ ବିଭାଗ ତରଫରୁ ମହିଳା ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ ରହିବା ଉଦ୍ଦେଶ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପୋଲିସ ଅଧିକାରୀ ଅଜିତ ସିଂ ବରିହା ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଭଗବାନ ସାହୁ ଓ ସ୍ଥାନୀୟ ପିଇଓ ରେବତୀନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବରିହା କହିଥିଲେ ଯେ, ଆଜିର ସମାଜରେ କିଛି ଅଶାଳୀନ ବ୍ୟକ୍ତିଙ୍କ ବିକୃତ ଓ କୁତ୍ସିତ ମାନସିକତା ଯୋଗୁଁ ମହିଳାମାନେ ନାନା ପ୍ରକାରର ଦୁରାଚାର, ବ୍ୟଭିଚାର ଓ ମାନସିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏହିଭଳି କାରଣରୁ ବହୁତ୍ ସମୟରେ ସେମାନେ ଅନ୍ୟପନ୍ଥା/ ଉପାୟ ନପାଇ ଶେଷରେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟ କାର୍ଯ୍ୟକୁ ଆପଣେଇଥାନ୍ତି। କିନ୍ତୁ ସଭ୍ୟ ସମାଜରେ ଆତ୍ମହତ୍ୟା ଭଳି ଏକ ଘୃଣ୍ୟ କାମର କୌଣସି ସ୍ଥାନ ନାହିଁ ଏବଂ ଏଥିପାଇଁ ସରକାର ଓ ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତନ୍ମଧ୍ୟରୁ ଉକ୍ତ ପିଡିତାଙ୍କୁ ସୁରକ୍ଷା ଯୋଗାଇଦେବା, ମାନସିକ ସ୍ଥିତିକୁ ସୁଦୃଢ଼ ପାଇଁ କାଉଁସେଲିଙ୍ଗ ସହାୟତା ଦେବା, ମହିଳା ହେଲ୍ପଲାଇନର ସାହାଯ୍ୟ ନେବା ସହିତ ଉକ୍ତ ବିଷୟରେ ତୁରନ୍ତ ନିଜର ପାରିବାରିକ ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ୧୧୨ ଦ୍ୱାରା କଲ୍ ମାଧ୍ୟମରେ ଜଣାଇବା ଦ୍ୱାରା ପୋଲିସ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାସହ, ପିଡିତାକୁ ପ୍ରାଥମିକ ସୁରକ୍ଷା ଯୋଗାଇଥାନ୍ତି। ଅନ୍ୟ ଅତିଥିମାନେ ମଧ୍ୟ ସମାଜରେ ଘଟୁଥିବା ଏଭଳି କୁତ୍ସିତ ଘଟଣା ପାଇଁ ଯୁବ ସମାଜର ବେପରୁଆ ମନୋଭାବ ପ୍ରଦର୍ଶନ, ମାଦକ ଦ୍ରବ୍ୟର ବ୍ୟାପକ ସେବନ, ମୋବାଇଲ ଦ୍ୱାରା ବିଭିନ୍ନ ଅସାମାଜିକ ଓ ଅଶ୍ଳୀଳ ଚିତ୍ରୋତ୍ତଳନ ସହ ମହିଳାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ଏହାର ପ୍ରମୁଖ କାରଣମାନ ବୋଲି କହିଥିଲେ। ଏହି ଅବସରରେ ଗ୍ରାମର ବିଭିନ୍ନ ବୟୋବ୍ୟକ୍ତି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀଙ୍କ ସହ ସ୍ଥାନୀୟ ଯୁକ୍ତଦୁଇ ଓ ଯୁକ୍ତତିନି ମହାବିଦ୍ୟାଳୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀମାନେ ଉପସ୍ଥିତ ରହି ନାରୀ ସୁରକ୍ଷା ଓ ଆତ୍ମହତ୍ୟାରୁ ନିବୃତ୍ତ ରହିବା ଦିଗ ଉପରେ ବିଭିନ୍ନପ୍ରଶ୍ନ ପଚାରିଥିଲେ ଯାହାର ସନ୍ତୋଷଜନକ ଉତ୍ତର ପୋଲିସ ଅଧିକାରୀମାନେ ଦେଇଥିଲେ। 'ଆମ ପୋଲିସ'ର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଜନ ସାଧାରଣ ପ୍ରଶଂସା କରିବା ସହ ଆଗାମୀ ଦିନରେ, ଏହାକୁ ଏକ ବ୍ୟାପକ ସ୍ତରରେ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ପୋଲିସ ଫାଣ୍ଡିର କନେଷ୍ଟବଳ ନେପାଳ ଚନ୍ଦ୍ର ସାହୁ, ଜୟସିଂହ ପୂଜାରୀ, ଗୃହରକ୍ଷୀ ସଭାପତି ଝୋଡିଆ, ବିରେନ୍ଦ୍ର କୁଆସୀ ଓ ରାମଚନ୍ଦ୍ର ମାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

# ଉତ୍କଳ ବ୍ରାହ୍ମଣ ପୂଜକ ସଂଘର ବାର୍ଷିକ ଉତ୍ସବ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରରେ ବେଦ ବିଦ୍ୟାଳୟ ପରିସର ମଧ୍ୟରେ ଉତ୍କଳ ବ୍ରାହ୍ମଣ ପୂଜକ ସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଡଃ, ଫକିର ମୋହନ ନାୟକ ତେଲକୋଇ ବିଧାୟକ ଓ ଅଖିଳ ଚନ୍ଦ୍ର ନାୟକ, ପାଟଣା ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରି ସେମାନଙ୍କର ବାକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ମଧୁସୁଦନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶା ବ୍ରାହ୍ମଣ ମହାସଭା ର ସଭାପତି ଓ ଭଦ୍ରକ ଲୋକ ଭାଷା ପ୍ରଚାର ସମିତିର ପ୍ରତିଷ୍ଠାତା ପଣ୍ଡିତ ସଦାନନ୍ଦ ଦୀକ୍ଷିତ ମୁଖ୍ୟ ବକ୍ତା ଭାବେ ବ୍ରାହ୍ମଣ ସମାଜର ଏକତା କର୍ମକାଣ୍ଡ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସଭାପତି ବ୍ରଜ କିଶୋର ମହାପାତ୍ର ସମ୍ୟକ ଭାଷଣ ଦେବା ସହିତ ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ସାମ୍ବାଦିକ ସତ୍ୟଜିତ ମିଶ୍ର ଓ ବଡ଼ଦେଉଳରେ ବଡ଼ପଣ୍ଡା ରଜ କିଶୋର ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଗୀତା ପାଠ, ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ତୁତି ଓ ସ୍ତବ ପାଠ, ଶଙ୍ଖ ବାଦନ ପ୍ରତିଯୋଗିତା ଓ ହୁଳହୁଳି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗଙ୍କୁ ପୁରସ୍କାର ଓ ମାନପାତ୍ର ବଣ୍ଟନ କରାଗଲା। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ସଂଘର ଆଜୀବନ ସଦସ୍ୟମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଗଲା। ପ୍ରାୟ ଦୁଇଶହରୁ ଅଧିକ ବ୍ରାହ୍ମଣ ପରିବାର ଓ ଯଜମାନ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ। ଉପସମ୍ପାଦକ ସୁବହ୍ନୁ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ସଦସ୍ୟ ମାନସ କୁମାର ହୋତା, ଅମିୟ କୁମାର ହୋତା ରାକେଶ ମିଶ୍ର ଓ ସନ୍ଦୀପ ପାଢ଼ୀ ପୂର୍ଣ୍ଣ ସହଯୋଗ କରୁଥିଲେ। ବରିଷ୍ଠ ଓକିଲ ଚତୁର୍ଭୁଜ ହୋତା, ନିମାଇଁ ଚରଣ ଦାଶ, କୈଳାଶ ଚନ୍ଦ୍ର ପଣ୍ଡା, ସଦାଶିବ ମିଶ୍ର, ପଣ୍ଡିତ ବିଜୟ କୁମାର ପଟ୍ଟଯୋଶୀ ଆଦି ମାନ୍ୟ ଗଣ୍ୟ ବ୍ୟକ୍ତି ଉକ୍ତ ମହୋତ୍ସବରେ ଅଂଶଗ୍ରହଣ କରି ଆନନ୍ଦ ଉଲ୍ଲାସର ପ୍ରେରଣା ଯୋଗାଇ ଥିଲେ।

## ସିରିଜ୍ ଦୁର୍ଘଟଣା ଘଟାଇଥିବା ଗାଡି ଜବତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁରରେ ରବିବାର ଅପରାହ୍ନରେ କଟକ ଜଗତସିଂହପୁର ଜାତୀୟ ରାଜପଥ ୫୫ର ଜଗତସିଂହପୁର ବଜାର ସ୍ଥିତ ହୋଣ୍ଡା ସୋରୁମ ପାଖରେ ସିରିଜ ଦୁର୍ଘଟଣା ଘଟାଇଥିବା କାରକୁ ପୋଲିସ ଜବତ କରିଛି। ଘଟଣା ସ୍ଥଳରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ କାରର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଦ୍ରୁତଗତିରେ କାର ଚଳାଇ ଆସୁଥିବା ସମୟରେ ବାଟରେ ଦୁର୍ଘଟଣା ଘଟାଇଥିଲେ ଓ ହୁଣ୍ଡା ସୋରୁମ ନିକଟରେ ଏକ ଅଟୋକୁ ଧକା ଦେଇଥିଲା। ଧକା ଦେବା ଫଳରେ ନିଶାସକ୍ତ ଡ୍ରାଇଭର କାରକୁ ରାସ୍ତା ମଝିରେ ରଖି ଧାଇଁ ପଳାଇବାକୁ ଚେଷ୍ଟା କରୁଥିଲା ଓ ଖବର ପାଇ ଜଗତସିଂହପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଶାସକ୍ତ ଡ୍ରାଇଭରକୁ ଗିରଫ କରିଥିଲେ। ମାତ୍ର ଗାଡି ଚାବି ନମିଳିବାରୁ ପୋଲିସ ଏକ ଟ୍ରାକ୍ଟର ସାହାଯ୍ୟରେ ଗାଡିକୁ ଟଣାଇ ସିଜ୍ କରିଥିବା ଜଣାପଡ଼ିଛି।

# ଥମୁନି ଚାଷୀ ସମସ୍ୟା, ପୁଣି ରାଜରାସ୍ତା ଅବରୋଧ



କାଲିମେଲା, (ଭାସ୍କର ନ୍ୟୁଜ୍): କାଲିମେଲା ବ୍ଲକ ଅନ୍ତର୍ଗତ ମହାରାଜାପାଲି ଗ୍ରାମପଞ୍ଚାୟତ ସଦରରେ ସ୍ଥାନୀୟ ଚାଷୀ ଏକତ୍ରିତ ହୋଇ ୩୨୬ ଜାତୀୟ ରାଜପଥକୁ ୫ ଘଣ୍ଟା ବନ୍ଦ କରିଥିବା ଜଣାପଡିଛି। ମାଲକାନଗିରି ଜିଲ୍ଲାରେ ଦେଖା ଦେଇଥିବା ୟୁରିଆ ସାର ଅଭାବକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ଯାହାଫଳରେ ଚାଷୀ ମାନେ କିଛି ଦିନ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜ ରାସ୍ତାକୁ ଅବରୋଧ କରି ଅଭିଯୋଗ କରୁଛନ୍ତି। ହେଲେ ଚାଷୀଙ୍କ ଏହି ସମସ୍ୟା ଥମୁନ ଥିବା ବେଳେ ପୁଣି ଏଠାରେ ଜାତୀୟ ରାଜପଥ ଉପରେ କାଠ, ଡାଲ, ଟାୟାର ଆଦି ରଖି ଅବରୋଧ କରିଥିଲେ। ଏହି ଅବରୋଧ ଫଳରେ ରାଜପଥରେ ଗଡୁଥିବା ଅନେକ ଯାନବାହାନ ଗୁଡ଼ିକ ଅସୁବିଧାର ସମ୍ମୁଖୀନ ମଧ ହୋଇଥିଲେ। ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ପ୍ରତିଶୃତି ଦେବାପରେ ପରେ ଅବରୋଧ ସ୍ୱାଭାବିକ ହୋଇଥିଲା। ଚଳିତ ଖରିଫ୍ ବର୍ଷରେ ୟୁରିଆ ସାର ପାଇଁ ଚାଷୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ପୂର୍ବରୁ କେବେ ଏପରି ସମସ୍ୟା ଉପୁଜି ନଥିବା ଜଣାପଡ଼ିଛି। ତେବେ ଏ ଦିଗରେ ପ୍ରଶାସନ କିମ୍ବା ସରକାର ପଦକ୍ଷେପ ନେଉଥିଲେ ସୁଦ୍ଧା ଏବେବି ଜିଲ୍ଲାର ଅଧିକାଂଶ ଚାଷୀ ୟୁରିଆ ସାର ପାଇବାରେ ବଞ୍ଚିତ ହୋଇଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା ୧ ଗୁରୁତର

କଲମପୁର, (ଭାସ୍କର ନ୍ୟୁଜ୍): କଲମପୁର ଥୁଆମୂଳ ରାମପୁର ମୁଖ୍ୟ ରାସ୍ତାର କଲମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛକ ନିକଟରେ ୨ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଥୁଆମୂଳ ରାମପୁର ଥାନା ଗୋଦ୍ରାମସ୍କ ଗାଁର ରମେମେଶ ମାଝୀ ନିଜ ପୁଅ କ୍ଷେତ୍ରମୋହନଙ୍କ ସହ ବାଇକରେ କଲମପୁର ପଟକୁ ଆସୁଥିବା ବେଳେ ବିପରୀତ ଦିଗରୁ ନିଜ ଗାଁକୁ ବାଇକରେ ଫେରୁଥିବା ଟେମରାର ନିମାଇଁ ଚରଣ ନାଏକ ଭାରସାମ୍ୟ ହରାଇ ରମେଶଙ୍କ ବାଇକ ସହ ଧକ୍କା ହୋଇଥିଲା। ଏଥିରେ ରମେଶ ଓ କ୍ଷେତ୍ର ରାସ୍ତାକଡ଼ରେ ପଡ଼ିଥିଲେ। ରମେଶର ମୁହଁ, ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ କ୍ଷେତ୍ରର ଆଣ୍ଠୁରେ ଆଘାତ ଲାଗିଛି। ନିମାଇଁଙ୍କ କୌଣସି କ୍ଷତି ହୋଇନାହିଁ। ସମସ୍ତଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ପ୍ରଦେଶ ସେବା ସଂଗଠନ ପକ୍ଷରୁ ବସ୍ତ୍ର ବଣ୍ଟନ



ତିହିଡି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ପିରାହାଟର ଅଗ୍ରଣୀ ସାମାଜିକ ସଂଗଠନ ପ୍ରଦେଶ ସେବା ସଙ୍ଗଠନର ବରିଷ୍ଠ ଉପଦେଷ୍ଟା ବିଶ୍ୱଜିତ ସେନାପତିଙ୍କ ପିତା ସ୍ୱର୍ଗତ ବିଭୂତି ଭୂଷଣ ସେନାପତିଙ୍କ ସ୍ମୃତିରେ ସମାଜର ତଳସ୍ତରରେ ରହୁଥିବା ବାସ୍ତବ ଅସହାୟ ନିସ୍ୱଙ୍କୁ ଆଜିର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସର୍ବଦା ପ୍ରୟାସ ଜାରି ରଖି ଅସହାୟ ମାନଙ୍କର ଆଶା ବାଢ଼ି ସାଜିଥିବା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ପ୍ରଦେଶ ସେବା ସଂଗଠନ ପକ୍ଷରୁ ରବିବାର ଏକ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ପିରହାଟ ପାଢ଼ୀସାହି ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସେନାପତି ସଦା ସର୍ବଦା ଦିନଦୁଃଖି ମାନଙ୍କର ସାଥି ଥିଲେ। ଜୀବନରେ କୌଣସି ଅଭାବି ଲୋକଟିଏ କେବେ ତାର ଅସୁବିଧା ସମାଧାନ ପାଇଁ ଆସି ତାଙ୍କ ଠାରୁ ନିରାଶ ହୋଇ ଫେରି ନାହିଁ। ଏପରି ମହାନ ବ୍ୟକ୍ତିଙ୍କ ସ୍ମୃତିକୁ ଉଜ୍ଜୀବିତକରି ରଖିବା ପାଇଁ ସଂଗଠନ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନେଇଥିଲା। ସର୍ବୋପରି ସେ ଥିଲେ ଜଣେ ଦରଦୀ ମଣିଷ। ଏହି କାର୍ଯ୍ୟକ୍ରମରେ ୬୭ ଜଣ ଅସହାୟ ମାଆ ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ସଭାପତି ରଞ୍ଜନ ମିଶ୍ରଙ୍କ ପୌରହିତ୍ୟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଗଠନର କୋଷାଦକ୍ଷ ଆର୍ତ୍ତ ବଲ୍ଲବ ବାରିକ, ଅକ୍ଷୟ ରଣା, ପ୍ରହଲ୍ଲାଦ ପାଣିଗ୍ରାହୀ, ସମୀର ଓଝା, ବିଶ୍ୱଜିତ ସେନାପତି, ନରେନ୍ଦ୍ର ମହାନ୍ତି ଓ ଧୀରେନ୍ଦ୍ର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ସ୍ୱର୍ଗତ ସେନାପତିଙ୍କ ସାନପୁଅ ବ୍ରଜ କିଶୋର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ଦୁପୂର୍ଣ୍ଣିମା ଓ ଭାଗବତ ଜନ୍ମୋତ୍ସବ ପାଳିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଭାଗବତ ଟୁଙ୍ଗୀରେ ରବିବାର ଇନ୍ଦୁପୂର୍ଣ୍ଣିମା ଅବସରରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି। ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସ ଇନ୍ଦୁପୂର୍ଣ୍ଣିମାରେ ଭାଗବତ ରଚନା ସମ୍ପୂର୍ଣ୍ଣ କରିଥିବା ସ୍ମୃତିରେ ଭାଗବତ ଜନ୍ମୋତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ସରସଦା ଭାଗବତ ଟୁଙ୍ଗୀ ପରିଚାଳନା କମିଟି ଆନୁକୂଲ୍ୟରେ ସକାଳେ ଉପ ସଭାପତି ଉମାକାନ୍ତ ପାତ୍ରଙ୍କ ଦ୍ୱାରା କଳସ ପୂଜନ କରାଯାଇଥିଲା। ଦ୍ୱାଦଶ ସ୍କନ୍ଧ ଭାଗବତର ସୂଚୀ ଅଧ୍ୟାୟ ପଠନ ସମାପ୍ତ କରାଯିବା ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା। ପୂଜକ ରାମଚନ୍ଦ୍ର ପତି ଭାଗବତ ପଠନ କରି ଶ୍ରୋତାଙ୍କୁ ଭାବାର୍ଥ ବୁଝାଇଥିଲେ। ସହ ଆଗାମୀ ବର୍ଷ ପାଇଁ ଭାଗବତ ପଠନ ଆରମ୍ଭ କରାଯାଇଥିଲା। ମଧ୍ୟାହ୍ନରେ ଆରତୀ, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳୀ ଓ ବଡଭୋଗ ଲାଗି ହୋଇଥିଲା। ଶ୍ରୋତାମାନେ ଭାଗବତ ଶ୍ରବଣ କରି ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ନାମସଂକିର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଭାଗବତ ଟୁଙ୍ଗି ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୯ତମ ଆଧ୍ୟାତ୍ମିକ ଉତ୍ସବ ପାଇଁ ଗ୍ରାମବାସୀମାନେ ସହଯୋଗ କରିଥିଲେ। ସେହିପରି ବରାହନୂଆପଡା ଗ୍ରାମର ମା'ବୁଢ଼ି ଜାଗୁଲାଇ ଭାଗବତ ଟୁଙ୍ଗୀ ପକ୍ଷରୁ ଭାଗବତ ପାଠ ଓ ହରିହାଟ ଅନୁଷ୍ଠିତ ହୋଇଯାଇଛି। ଭାଗବତ ପ୍ରେମୀ ବାସନ୍ତି ନାୟକଙ୍କ ସଂଯୋଜନାରେ ପୂଜକ କାଳନ୍ଦୀ ଦାଶ ଭାଗବତ ଗାଦି ପୂଜାର୍ଚ୍ଚନା କରାଯାଇ ଥିଲା। ୬୪ ଜଣ ଭାଗବତ ପ୍ରେମୀ ପ୍ରଦୀପ ପ୍ରଜ୍ୱଳନ କରି ଭାଗବତ ପାଠ କରିଥିଲେ। ଗ୍ରାମ ସଙ୍କିର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଙ୍କିର୍ତ୍ତନ ଓ ଭଜନ ଜଣାଣ ପରିବେଷେଣ କରାଯାଇ ଥିଲା। ସାନଶାସନ ପଞ୍ଚାୟତର ତେନ୍ତୁଳିଆ ଠାରେ ବାଞ୍ଛାନିଧି ମାଝୀଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ଟୁଙ୍ଗୀର ୧୧୫ ତମ ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ଭାଗବତ ମାହାତ୍ମ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବାବଲପୁର ଭାଗବତ ଟୁଙ୍ଗୀ, ମଣିନାଥପୁର ନୂଆସାହି ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମୋତ୍ସବ ଭାବଭକ୍ତି ସହକାରେ ପାଳନ ହୋଇଛି।

## ଭାଗବତ ଜନ୍ମ ଉପଲକ୍ଷେ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଆମ ଓଡ଼ିଶାରେ ଇନ୍ଦୁ ପୂର୍ଣ୍ଣିମାକୁ ଭାଗବତ ଜନ୍ମ ରୂପେ ପାଳନ କରାଯାଏ। ଇନ୍ଦୁ ପୂର୍ଣ୍ଣିମା ହେଉଛି ଭାଦ୍ରବ ବା ଭାଦ୍ରପଦ ମାସର ପୂର୍ଣ୍ଣମୀ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ପୂର୍ଣ୍ଣ ହୁଏ। ଏହାକୁ 'ଭାଗବତ ବଢ଼ା' କୁହାଯାଏ। ସେଥିରେ ଭାଗବତ ପୋଥି ବା ଭାଗବତ ଗ୍ରନ୍ଥକୁ ଭଗବାନ ଶ୍ରୀକୃଷ୍ଣଙ୍କର ବାଙ୍ଗମୟ ବିଗ୍ରହ ମନେ କରି ଭୋଗନୈବେଦ୍ୟ ଅର୍ପଣ କରାଯାଏ। ତାହା ପରେ, ସେହି ଭୋଗକୁ ବିତରଣ କରି ଦିଆଯାଏ। ସାତଦିନ ବ୍ୟାପୀ ଭାଗବତ ପାରାୟଣର ଯେଉଁ ବିଧି, ତାହା 'ଭାଗବତ ସପ୍ତାହ' ଭାବରେ ପ୍ରସିଦ୍ଧ। 'ଭାଗବତ ସପ୍ତା'ର ଅର୍ଥ 'ଭାଗବତ ସପ୍ତାହ' ବା ସପ୍ତାହବ୍ୟାପୀ ଭାଗବତ ପାଠ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସୁଦିକେଶର, ଅସ୍ତରଙ୍ଗ ଓ ସରିପୁର ସମେତ ବିଭିନ୍ନ ସ୍ଥାନରେ ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି। ତେବେ, କେବଳ ଭାଦ୍ରବ ଶୁକ୍ଳ ନବମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସାତଦିନ ଯେ 'ଭାଗବତ ସପ୍ତା' ପାଳିତ ହେବ, ସେପରି କୌଣସି ବିଧି ନାହିଁ। ବର୍ଷର ଯେ କୌଣସି ସମୟରେ ସାତଦିନ ବ୍ୟାପୀ ଭାଗବତ ପାଠ କରାଯିବା ପାଇଁ ଆମ ପୁରାଣ ପରମ୍ପରାରେ କୌଣସି ବାରଣ ନାହିଁ। ଏହି ଭାଗବତ ପାଠ ବା ଭାଗବତ ପାରାୟଣ ଦିନ ଅବା ରାତିରେ କରାଯିବ, ସେ ନେଇ ମଧ୍ୟ କୌଣସି ନିଷେଧ ନାହିଁ। ଏହା ସୂଚାଏ, ଯେ ଭାଗବତ ପାଠରେ ଭେଦର ବିଚାର ଗୌଣ। ଶ୍ରଦ୍ଧା ଓ ଭକ୍ତି ମୁଖ୍ୟ। ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ, ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ, ତାହା ହେଉଛି 'ଶ୍ରୀମଦ୍ ଭାଗବତ'। କିନ୍ତୁ କେଉଁ ସାତଦିନ ଶୁକଦେବ ତାହା ଶୁଣାଇଥିଲେ, ସେ ସମ୍ପର୍କରେ 'ଶ୍ରୀମଦ୍ ଭାଗବତ'ରେ କୌଣସି ଉଲ୍ଲେଖ ନାହିଁ। କିନ୍ତୁ ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଥିପାଇଁ ସମ୍ଭବତଃ, ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ରୂପେ ପାଳିତ ହୋଇ ଆସୁଛି। ଏଥିପାଇଁ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଭାଗବତ ଟୁଙ୍ଗି ହେଉ ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ ପାଳନ ହୋଇଛି।

# ଗୋପର ବିକାଶ କରିବା ପାଇଁ ସମନ୍ୱୟ କମିଟି ଗଠିତ



ଗୋପ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର ଗୋପ ବ୍ଲକଟି ବିଗତ ୩ ଦଶନ୍ଧି ହେବ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏଥିପାଇଁ କୌଣସି ରାଜନୈତିକ ଦଳ ବା ସଂଗଠନ ବା ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଆବଶ୍ୟକୀୟ ପଦକ୍ଷେପ ନଥିବା ହେତୁ ଆଜି ବିକାଶ ପରିବର୍ତ୍ତେ ବିନାଶ ଆଡକୁ ଅଗ୍ରଗତି ହେଉଛି। ଏଠାରେ ସମସ୍ତ ଭିତିଭୂମି ଓ ଆବଶ୍ୟକୀୟ ବନ୍ଦୋବସ୍ତ ଥିବା ସତ୍ତ୍ୱେ କାହିଁକି ଅବହେଳିତ ଗୋପ ଅଞ୍ଚଳ ତା'ର ଜବାବ ମାଗୁଛି ଗୋପ ସମନ୍ୱୟ କମିଟି। ସେଥିପାଇଁ ରବିବାର ଅପରାହ୍ନରେ ଗୋପ ଅଖେଣ୍ଡେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କମିଟିର ଆବାହକ ଜିତେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନ କ୍ରମେ ଗୋପ ଅଞ୍ଚଳର ସମସ୍ତ ବର୍ଗର ଯୁବପିଢ଼ି ଏକାଠି ହୋଇଥିଲେ। ସମସ୍ତ ବର୍ଗରୁ ଏକ ସମନ୍ୱୟ କମିଟି ଗଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷାବିତ୍ ବିଭୁତି ଭୂଷଣ ପଟ୍ଟନାୟକ, ପୁନେଶ କୁମାର ସେନାପତି, ପ୍ରମୋଦ କୁମାର ସ୍ୱାଇଁ, ସମରେନ୍ଦ୍ର ସିଂ, ଜ୍ୟୋତି ମହାନ୍ତି, ପବିତ୍ର ମୋହନ ଦାସ, ପ୍ରଭୃତିଙ୍କୁ ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ଏକ କମିଟିର ନାମକରଣ ହେଲା 'ଗୋପ ସମନ୍ୱୟ କମିଟି' ଏହାକୁ ୧୧ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ଏହାର ସମ୍ପ୍ରସାରଣ କରାଯିବ। ପ୍ରତାପ କୁମାର ପରିଡା, ମନ୍ଦୀପ ପାଇକେରାୟ, ସଚ୍ଚିଦାନନ୍ଦ ଗୋଛାୟତ, ବିଷ୍ଣୁ ମୋହନ ପ୍ରଧାନ, ସେକ ଅସ୍ମତ ବକ୍ସ, ସର୍ତାଜ ଖାନ, ସୁଧାଂଶୁ ସେନାପତି, ବୈଲୋଚ ସାହୁ, ଗୁଣକର ଭୋଇ, ପାଗଳ ବେହେରା ବାବୁ ବେହେରା ବିମ୍ବାଧର ଦାସ ପବିତ୍ର ଦାସ ପ୍ରମୁଖରେ ଗୋପଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ରହିଛନ୍ତି। ଆଗାମୀ ଦିନରେ ଗୋପର ସାମୂହିକ ବିକାଶ ଓ ସ୍ୱାର୍ଥ ଏବଂ ମାଟି ମା ପାଇଁ ଜାତି, ଦଳ, ଧର୍ମ, ନିର୍ବିଶେଷରେ ଏକଜୁଟ ହୋଇ କାର୍ଯ୍ୟ କରିବାପାଇଁ ସମ୍ମତି ପ୍ରକାଶ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଗୋପ ଓ ଏହାର ଆଖପାଖ ଅଞ୍ଚଳକୁ ଏକ (ଏନଏସି) ବା ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ କରିବା ପାଇଁ ସମସ୍ତେ ଏକଜୁଟ ହେବାକୁ ପ୍ରସ୍ତାବ ଦେଇଯାଇଛି। ଆବଶ୍ୟକତା ପଡିଲେ ଗୋପର ନ୍ୟାର୍ଯ୍ୟ ଦାବି ସ୍ୱାର୍ଥ ପାଇଁ ରାଜରାସ୍ତାରେ ଆନ୍ଦୋଳନ କରାଯିବ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଉଠାଣ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ଅବସରରେ ଚଳିତ ବର୍ଷ ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ରବିବାର ପୂର୍ବାହ୍ନ ୧୦ଟା ରେ ମାଟି ଉଠା ପର୍ବ ପାଳନ କରାଯାଇଛି। ଜଗନ୍ନାଥ ବଜାର ବଣିକସଂଘ ମାଳଦା ପକ୍ଷରୁ ଆୟୋଜିତ ମା' ଗଜଲକ୍ଷ୍ମୀ ପୂଜା ପାଇଁ କର୍ତ୍ତା ଭାବେ ସୁଦୀପ୍ତା ଶତପଥୀ ଓ ଅନିଲ୍ ଶତପଥୀ ସଂକଳ୍ପ କରି ମାଟି ଉଠା ପର୍ବ ପାଳନ କରାଯାଇଛି। ପୂଜକ ଭାବେ ବିଜୟ ତ୍ରିପାଠୀ, ବଣିକ ସଂଘର ସଭାପତି ଚନ୍ଦ୍ରଶେଖର ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ଶତପଥୀ, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୁତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧିରେନ୍ଦ୍ର ନାୟକ, ଦୁର୍ଯୋଧନ ଦାସ, ଗୋପାଳ କୁଅଁର, ମୁନୀବର ଧଳ, କୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସୃଜନ ସଙ୍ଗଠନ କାର୍ଯ୍ୟକ୍ରମ ଆୟୋଜିତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳ ସ୍ତରୀୟ କଂଗ୍ରେସର ସୃଜନ ଶିଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚୟନ ପାଇଁ କଂଗ୍ରେସ ଦଳ ତରଫରୁ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଜିଲ୍ଲା ସଭାପତି ନିମନ୍ତେ ରୂପକ ତୁରୁକ, କୃଷ୍ଣ ଚନ୍ଦ୍ର ସାଗରିଆ, କୈଳାଶ ଖସଲା, ଜଗଦୀଶ ଖସଲା, କୃଷ୍ଣ କୁଲଦୀପ, ବାବୁଲା ବେନିଆ, ଅନାମ ଦିଆନ ଓ ଶଶୀ ପାତ୍ରଙ୍କ ନାମ ଦିଆ ଯାଇଥିବାବେଳେ କିଛି କଂଗ୍ରେସ କର୍ମୀ ନିଜନିଜ ନାମ ଗୋପନ ରଖି ରୂପକ ତୁରୁକଙ୍କୁ ଜିଲ୍ଲା ସଭାପତି ରୂପେ ଦେଖିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି। ସୃଜନ ସୋଂଗଠନ କାର୍ଯ୍ୟକ୍ରମ ଲକ୍ଷ୍ମୀପୁର ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟବେକ୍ଷକ ଗଣେଶ ଯାଦବ ଯୋଗ ଦେଇଥିବା ବେଳେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ସାଂସଦ ପ୍ରତିନିଧି କୈଳାଶ ଖୋସଲା, ପିସିସି ଜିଲ୍ଲା ସମ୍ପାଦଜ ରୂପକ ତୁରୁକ, ଲକ୍ଷ୍ମୀପୁର ବିଧାୟକ ପ୍ରତିନିଧି ମଣ୍ଟି ଖରା,ଲକ୍ଷ୍ମୀପୁର ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା, ନାରାୟଣ ପାଟଣା ଜିଲ୍ଲା ପରିଷଦ ସଭ୍ୟ ରମ୍ଭା ସିରିକାଙ୍କ ସମେତ ଚାରୋଟି ବ୍ଲକର ଗ୍ରାମ ପଞ୍ଚାୟତ ସଭାପତି ମାନେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ପଦବୀ ଖାଲି ଥିବା କାରଣରୁ ସଙ୍ଗଠନ ଆଗକୁ ବଢ଼ି ପାରୁନି। ତେଣୁ ସଂଗଠନ ଆଗକୁ ବଢ଼ାଇବାକୁ ହେଲେ ବର୍ତ୍ତମାନ ସୃଜନ ସଙ୍ଗଠନ ଦ୍ୱାରା ଜିଲ୍ଲା ସଭାପତିଙ୍କୁ କର୍ମୀମାନେ ବାଛିବେ ବୋଲି ବିଧାୟକ ପବିତ୍ର ସାଉଁତା କହିଥିବା ବେଳେ କୋରାପୁଟ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀଙ୍କୁ କଂଗ୍ରେସ ଦଳ କେମିତି ନିଜର ଅକ୍ତିଆରକୁ ନେବ ତାର ରଣନିତି ପ୍ରସ୍ତୁତ କରିବା ନିହାତି ଦରକାର ବୋଲି ପର୍ଯ୍ୟବେକ୍ଷକ ଗଣେଶ ଯାଦବ କହିଥିଲେ। ବର୍ତ୍ତମାନ ଆଗାମୀ ଦିନରେ କୋରାପୁଟ ଜିଲ୍ଲାର ସମସ୍ତ ଆସନ ଅନ୍ୟଦଳ ଅକ୍ତିଆର କରୁଛି ନା କଂଗ୍ରେସ ଦଳ ନିଜର ପାରିବା ପଣିଆକୁ ନେଇ ସମସ୍ତ ଆସନ ଆକ୍ତିଆର କରୁଛି ତାହା ଦେଖିବାକୁ ବାକି ରହିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଖଇରପୁଟ, (ଭାସ୍କର ନ୍ୟୁଜ୍): କୁଦୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ସରପଞ୍ଚ ମଙ୍ଗଳା ମାଡ଼ୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କବାଟ ବନ୍ଦ ନିକଟରେ ଥିବା ସରକାରୀ ଜାଗାରେ ଏକ ଆମିଷ ବଜାର ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏହି ସ୍ଥାନ ନିରୂପଣ ଦ୍ୱାରା ସବୁ ଆମିଷ ଦ୍ରବ୍ୟ ଯେପରିକି ମାଛ, ଚିଙ୍ଗୁଡ଼ି, କୁକୁଡ଼ା ମାଂସ ଓ ଛେଳି ମାଂସ ଭଳି ଆମିଷ ଦ୍ରବ୍ୟ ଆଉ ଏଠି ସେଠି, ଜନଗହଳି ସ୍ଥାନ ଏବଂ ବସ୍ତି ଅଞ୍ଚଳ ଠାରେ ନରହି ଟିକିଏ ଦୂରରେ ଥିବା ସରକାରୀ ଜାଗାରେ ଆମିଷ ବଜାର ପକାଇ ପାରିବେ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଝୀ କହିଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବେ ନିରାମିଷ ଓ ପଶୁପ୍ରେମୀ ବ୍ୟକ୍ତିଙ୍କୁ ଟିକିଏ ମାନସିକ ସ୍ତରରେ ଆଶ୍ୱସ୍ତି ମିଳିବା ସହିତ ବସ୍ତି ଅଞ୍ଚଳରେ ଆମିଷ ଦ୍ରବ୍ୟର ଅବଶେଷ ଦ୍ୱାରା ହେଉଥିବା ପୁତିଗନ୍ଧମୟ ପରିବେଶରୁ ବର୍ତ୍ତି ପାରିବେ। ସରପଞ୍ଚ ମାଡ଼ୀ କହିଛନ୍ତି ଯେ, ସେ ଯୁଦ୍ଧ କାଳୀନ ଭିତ୍ତିରେ ଆମିଷ ବଜାର ସ୍ଥାପନ ପାଇଁ ପ୍ରାଥମିକତା ଦେବେ ସେଠାରେ ୮ ଗୋଟି ମାର୍କେଟ ସେଡ୍ ନିର୍ମାଣ ସହ ଉକ୍ତ ସ୍ଥାନରେ ବିଜୁଳି ଓ ପାଣି ସଂଯୋଗ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି।



# ପାଣିକୋଇଲିକୁ ଏନ୍‌ଏସିକୁ ମାନ୍ୟତା ଦେବାକୁ ନେଇ ଦାବି





ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ସ୍ଥିତ ପାଣିକୋଇଲି ଏନ୍‌ଏସିକୁ ମାନ୍ୟତା ଦେବାକୁ ଦାବି କରି କୋରାଇ ବିଜୁ ଜନତା ଦଳ ପକ୍ଷରୁ ପାଣି କୋଇଲି ଛକ ଠାରେ ବିକ୍ଷୋଭ ଆନ୍ଦୋଳନ ଦେଖିବାକୁ ମିଳିଥିଲା, ପୂର୍ବତନ ବିଜେଡି ସରକାର ପାଣିକୋଇଲିକୁ ଏନ୍ ଏସିର ଘୋଷଣା କରିଥିଲେ। ଏନଏସି ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ବର୍ତ୍ତମାନର ଭାଜପା ସରକାର ପାଣିକୋଇଲିକୁ ଏନଏସି ତାଲିକାରୁ ବାଦ ଦେଇ ଛନ୍ତି ବର୍ତ୍ତମାନ ର ବିଧାୟକ କେବଳ ଖଣ୍ଡିଏ ଚିଠି ଲେଖି ବସିଛନ୍ତି। ବଡ଼ଚଣାର ବିଧାୟକ ତାଙ୍କର ଦମ ଦେଖାଇ ଚଣ୍ଡିଖୋଲକୁ ଏନଏସି ଘୋଷଣା କରିଛନ୍ତି। କୋରେଇ ବିଧାୟକଙ୍କ ଅପାରଗତା ପଦାରେ ପକାଇଛି। କୋରେଇ ସ୍ୱାଭିମାନ ପ୍ରତି ଡବଲ ଇଞ୍ଜିନ ବିଜେପି ସରକାର ପାଣିକୋଇଲି ପ୍ରତି କୁଠାରଘାତ କରିଛନ୍ତି କି ରାଜନୈତିକ ଦୃଷ୍ଟି ରଖି ପାଣିକୋଇଲିକୁ ଏନ୍‌ଏସିରୁ ବାଦ ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣିକୋଇଲିକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ନେଇ ଦାବି କରି ରବିବାର ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ପାଣିକୋଇଲି, ପଥରପଦା, ଗୋଳେଇ ପୁର, ବିଡବିରୁହା ଆଦି ପଞ୍ଚାୟତ ବାସୀ ଏକତ୍ରିତ ହୋଇ ଏହି ଆନ୍ଦୋଳନକୁ ସମର୍ଥନ ଦେଇ ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। କୋରେଇ ବାସୀଙ୍କ ଯୁବ ନେତା ଭାବ ପ୍ରସାଦ ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଯୁବକ, ମହିଳା ଏବଂ ବିଜେଡିର ନେତୃବୃନ୍ଦ ସାମିଲ ହୋଇ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରି ଏକ ପ୍ରତିବାଦ ସଭା କରିଥିଲେ। ଡବଲ ଇଞ୍ଜିନ ସରକାର ପାଣିକୋଇଲିକୁ ଏନ୍‌ଏସି ଘୋଷଣା ନ କଲେ ଜାତୀୟ ରାଜପଥ ଅଚଳ କରିଦିଆ ଯିବ ବୋଲି ଆନ୍ଦୋଳନକାରିମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଉକ୍ତ ଧାରଣା ପ୍ରତିବାଦ ସଭାରେ କୋରେଇ ବାସୀଙ୍କ ସୁଖ ଆଉ ଦୁଃଖର ସାଥି ଭବପ୍ରସାଦ ଦାସଙ୍କ ସମେତ ହଜାର ହଜାର ବିଜୁ ପ୍ରେମୀ ଓ ବହୁ ବରିଷ୍ଠ ନାଗରିକ, ଯୁବକ, ମା'ମାଉସୀ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ସରକାର ଆମ ଦାବି ମାନି ନିଅ ପାଣିକୋଇଲିକୁ ଏନ୍‌ଏସିର ମାନ୍ୟତା ଦିଆ ନ ହେଲେ ଆଗାମି ଦିନରେ ରାଜରାସ୍ତାକୁ ଓହ୍ଲାଇ ତିବ୍ର ପ୍ରତିବାଦ କରିବାକୁ ଆହ୍ୱାନ ଦେଲେ ବିଜୁ ଜନତା ଦଳ।

# ବୃଦ୍ଧାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଠେଙ୍ଗାରେ ଆକ୍ରମଣ ଅଭିଯୋଗ



ମୁରିବାହାଲ, (ଭାସ୍କର ନ୍ୟୁଜ) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଗାଁ'ରେ ଜଣେ ବୃଦ୍ଧାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ ହୋଇଥିବା ନେଇ ମୁରିବାହଲ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ମୁରିବାହାଲ ଥାନା ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଗାଁର ବୃଦ୍ଧା ସାଏବନି ସାହୁ ଘରେ ଥିବା ବେଳେ ଗାଁର ଗଣେଶ ସାହୁ, ସାଦ ସାହୁ ଓ ସୁରେନ ସାହୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ନେଇ ଗ୍ରାମର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଛି। ଗୁରୁତର ଅବସ୍ଥାରେ ବୃଦ୍ଧାଙ୍କୁ ଉଦ୍ଧାର କରି ମୁରିବାହାଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କେଉଁ କାରଣରୁ ଏହି ଭଳି ଘଟଣା ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ଏ ଦିଗରେ ମୁରିବାହାଲ ପୋଲିସ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି ବୃଦ୍ଧା ଜଣକ। ଏ ନେଇ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କୁ ପ୍ରତିକ୍ରିୟା ନେବାରୁ ଏ ଦିଗରେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ଏ ଦିଗରେ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣ ଦାବି ହେଉଛି।

# ଇଲାଙ୍ଗୀରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ୍ ହରିହରପୁର ପଞ୍ଚାୟତ ଅନ୍ତର୍ଗତ ବଲାଙ୍ଗୀରେ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ପଞ୍ଚାୟତ ରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ କ୍ୟାବିନେଟ୍ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ମେଗା ପ୍ରକଳ୍ପକୁ ଉଦ୍‌ଘାଟିତ କରିଥିଲେ। ପାଲଲହଡା ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତୀ ବେହେରା, ଅନୁଗୁଳ ଜିଲ୍ଲାପାଳ ଅବଦ୍ଦଲ ମହମ୍ମଦ ଅଖତାର, ତାଳଚେର ଉପଜିଲ୍ଲାପାଳ ସମୀର ଜେନା, କଣିହାଁ ବ୍ଲକ୍ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତି ପ୍ରଧାନ, ୯ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ସମଲ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ମୁଖ୍ୟଯନ୍ତ୍ରୀ ସୌରଭ ଦୀକ୍ଷିତ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ବିଭାଗ ଏସ୍‌ଡିଓ ସରୋଜ କୁମାର ପ୍ରଧାନ ଓ କର୍ମଚାରୀଗଣ ସହଯୋଗ କରିଥିଲେ। ଏହି ପ୍ରକଳ୍ପ ପାଇଁ ପାଣିର ଉତ୍ସ ବ୍ରାହ୍ମଣୀ ନଦୀର ସମଲ ବ୍ୟାରେଜ୍ ବଲାଙ୍ଗୀ ଠାରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅନୁଗୁଳ ଜିଲ୍ଲା ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ଜରିଆରେ ଏହି ପ୍ରକଳ୍ପ ନିର୍ମାଣ କାମ ଏନ୍‌ସିସିଲିମିଟେଡ୍ ନାମଧାରୀ ଏକ ଠିକାସଂସ୍ଥା କାମ କରିଛି। ୭୦୧ କୋଟି ୮୬ ଲକ୍ଷ ୧୭ ହଜାର ୫ ଶହ ବ୍ୟୟ ବରାଦରେ ଖଣିଜ ପାଣ୍ଠି ବିନିଯୋଗ ହୋଇଥିବା ଜଣାପଡିଛି। ଜିଲ୍ଲାର କଣିହାଁ, ଛେଣ୍ଡିପଦା, ତାଳଚେର ଓ ବଅଁରପାଳ ବ୍ଲକ୍‌ର ୩୪ ଗ୍ରାମପଞ୍ଚାୟତ ଅଧିନରେ ଥିବା ୧୭୨ଗ୍ରାମର ଅଧିବାସୀ ଉପକୃତ ହେବେ। ମୋଟ୍ ୧ଲକ୍ଷ ୮୭ହଜାର ୪୮୫ଲୋକ ସୁରକ୍ଷିତ ଓ ସ୍ଥାୟୀ ଶୁଦ୍ଧ ପାନୀୟ ଜଳ ଉପକୃତ ହେବେ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ସେହିପରି ପଞ୍ଚାୟତରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନାଏକଙ୍କ ଦ୍ୱାରା ସମଲ ବ୍ୟାରେଜ୍ କଲୋନୀ ଠାରେ ଏକ କଲ୍ୟାଣମଣ୍ଡପର ଶିଳାନ୍ୟାଶ କରାଯାଇଥିଲା।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଥାନା ଅଧିନସ୍ଥ ଦେବୀ କନ୍ଦଳ ଦୀପାଞ୍ଚଳରେ ବ୍ରାଉନ ସୁଗାର କାରବାରର ବୃଦ୍ଧି ନେଇ ଖବର ପ୍ରସାରଣ ପରେ ଆକ୍ସନ ମୋଡ଼କୁ ଆସିଛି ନିଆଳୀ ପୋଲିସ। ବ୍ରାଉନ ସୁଗାର ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଥାନା ଅଧିନସ୍ଥ କସର୍ଦା ପଞ୍ଚାୟତ ପତ୍ର କଣା ଗ୍ରାମର ସୌମ୍ୟନ୍ଦ୍ର ମହନ୍ତିଙ୍କ ପୁଅ ଜ୍ୟୋର୍ତି ମୟୀ ମହାନ୍ତି (୨୦)। ଅଭିଯୁକ୍ତଙ୍କ ନାମରେ ନିଆଳୀ ଥାନାରେ ଏ ସମ୍ବନ୍ଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନିଆଳୀ ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## କୁଡୁମାଲି ବିଭାଗ ଖୋଲିବାକୁ ନେଇ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଓଡିଶା କୁଡୁମୀ ସେନା ତରଫରୁ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଉପସ୍ଥିତିରେ ଓଡ଼ିଶା କୁଡୁମୀ ସେନାର ଶତାଧିକ ନେତୃବୃନ୍ଦ କେନ୍ଦ୍ରମନ୍ତ୍ରୀଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ ବାସ ଭବନରେ ଭେଟିଥିଲେ। ଓଡ଼ିଶା କୁଡୁମୀ ସେନା ତରଫରୁ ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ରାଜ୍ୟ ଉପଦେଷ୍ଟା ଅଶୋକ କୁମାର ମହାନ୍ତ, ରତ୍ନାକର ମହାନ୍ତ, ରାଜ୍ୟ ଆଇନ ପରାମର୍ଶଦାତା ଜଗମୋହନ ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଫଣ୍ଟୁସ୍ ମହାନ୍ତ, କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ବାମନଘାଟି ମହିଳା ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସମ୍ପାଦକ ତରଣିସେନ୍ ମହାନ୍ତ, ମମତା ମହାନ୍ତ, ସବିତା ମହାନ୍ତ, ବିରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀ କୁଡୁମୀ ସମାଜ ସଭାପତି ଅମିତ୍ କୁମାର ମହାତୋ ସାମିଲ୍ ଥିଲେ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଶୃତି ଦେଇଛନ୍ତି ବହୁତ୍ ଶୀଘ୍ର ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ କୁଡୁମାଲି ବିଭାଗ ଖୋଲିବ ଯାହାକୁନେଇ ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ ଖୁସି ବ୍ୟକ୍ତ କରିବା ସହିତ କୁଡୁମି ସେନା କୁଡୁମି ଜାତିକୁ ପୁନଃ ଆଦିବାସୀ ମାନ୍ୟତା ପ୍ରଦାନ ନହେବା ଯାଏ ଓଡ଼ିଶା କୁଡୁମୀ ସେନା ଚୁପ ବସିବ ନାହିଁ ବୋଲି ସୂଚନା ଦେଇଛନ୍ତି।

## ଦୁର୍ଗାପୂଜା ଲାଗି ମାଟି ଅନୁକୂଳ



ଚଣ୍ଡିଖୋଲ, (ଓଡ଼ିଶା ଭାସ୍କର): ବଡଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିତଳ ସାର୍ବଜନିନ ଦୂର୍ଗା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୃମୟୀ ମୂର୍ତ୍ତୀ ନିର୍ମାଣ ପାଇଁ ପବିତ୍ର ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦୂର୍ଗା ମଣ୍ଡପଠାରୁ ପୁରୋହିତ, କର୍ତ୍ତା ଓ କମିଟିର କର୍ମକର୍ତା ସଭ୍ୟ ମାନେ ବାଜା ବାଣ ସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଯାଇ ପଡିଆ ରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ପାରମ୍ପରିକ ରୀତିନୀତି ଓ ପୁଜା ପଦ୍ଧତି ଅନୁଯାୟୀ ପୁଜକ ସମେତ, କର୍ତ୍ତା ପ୍ରକାଶ ମହାନ୍ତି ପବିତ୍ର ମାଟି ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଚିନ୍ମୟ ମହାନ୍ତି, ଉପ ସଭାପତି ଧନେଶ୍ୱର ଦାସ, ସମ୍ପାଦକ ମହେଶ୍ୱର ମହାନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ପ୍ରବୀର ଦାସ, ଉପ କର୍ତ୍ତା ରଜତ ମହାନ୍ତି ସମେତ ନୟନ ପଟ୍ଟନାୟକ, ଦେବେନ୍ଦ୍ର ମହାନ୍ତି, ପଙ୍କଜ ଦାସ, ସନ୍ଦୀପ କାନୁନଗୋ, ଦେବେନ୍ଦ୍ର ମଲ୍ଲିକ, କୈଳାଶ ମଲ୍ଲିକ ବିନୋଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ନିପୂଣ ଶିକ୍ଷା ସପ୍ତାହ ପାଳନ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଆଠ ତାରିଖ ସୋମବାର ଠାରୁ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚ ଦିବସୀୟ ନିପୂଣ ଶିକ୍ଷା ସପ୍ତାହ ପାଳନ ସମ୍ବନ୍ଧୀୟ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ବିଷୟରେ ଡ଼େଲାଙ୍ଗ ବ୍ଲକ୍‌ର ୧୬ଟି ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଡ଼େଲାଙ୍ଗ ବ୍ଲକ୍‌ର ବିଭିନ୍ନ ନିର୍ଦ୍ଦିଷ୍ଟ ବିଦ୍ୟାଳୟମାନଙ୍କରେ ଆଲୋଚନା ଚକ୍ର, ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ ଆଦି ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଡ଼େଲାଙ୍ଗ ବ୍ଲକ୍ ଧାନକେରା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ବଡ଼ ଆଙ୍କୁଲା ଓ ଧାନକେରା କେନ୍ଦ୍ରାଧୀନ ମୋଟ ୩୮ ଜଣ ପ୍ରଧାନ ଶିକ୍ଷକ ଓ ଏଫ୍ ଏଲ୍ ଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଦୀପ୍ତିରେଖା ବେହେରା, ବୀଣାପାଣି ନାୟକ, ପୁରନ୍ଦର ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ, କୃଷ୍ଣ ଚନ୍ଦ୍ର ବେହେରା ଭାଷା ଓ ଗଣିତର ବହୁଶ୍ରେଣୀୟ,ଏକ ଶ୍ରେଣୀୟ ଶିକ୍ଷଣ କାର୍ଯ୍ୟ ଉପକରଣ ସହ ଉପସ୍ଥାପନ କରିଥିଲେ। ଆଲୋଚନାରେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, ନିରୋଦ ନରେନ୍ଦ୍ର, ପ୍ରଦୀପ୍ତ ସେଠୀ, ଅଭୟ ରଥ, ବିଜୟ ମହାପାତ୍ର, ଅଭୟ ଚରଣ ସାହୁ, ଭଗବାନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ, ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ବାସନ୍ତୀ ବେହେରା, କୁନି ମଲ୍ଲିକ ଓ ଅନ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ବିଷୟ ଭିତ୍ତିକ ପ୍ରଶ୍ନ ପଚାରି ତର୍ଜମା ସହ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ନିପୁଣ ଶିକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଅଭିନବ ଉପାୟରେ ପାଠ ପଢାକୁ ଅଧିକ ଆନନ୍ଦ ଦାୟକ ଓ ଶିଶୁ କୈନ୍ଦ୍ରିକ କରିବା ଲକ୍ଷ୍ୟ ନେଇ ଆସନ୍ତା ଆଠ ତାରିଖ ନଅ ତାରିଖ ଦୁଇଦିନ ପ୍ରତ୍ୟେକ ବିଦ୍ୟାଳୟରେ ଖେଳି ଖେଳି ସମସ୍ୟା ସମାଧାନରେ ଗାଣିତିକ ମୌଳିକସଂଖ୍ୟା ଜ୍ଞାନ ବୃଦ୍ଧି, ଦଶ ଏଗାର ତାରିଖରେ ଗପ, ଗୀତ, ଆକର୍ଷଣୀୟ ଉପକରଣ ମାଧ୍ୟମରେ ପଠନ, ଲିଖନ, ସାକ୍ଷରତା ଦକ୍ଷତା ବୃଦ୍ଧି, ବାର ତାରିଖରେ ମା ଅଭିଭାବକ ମାନଙ୍କ ଅଂଶଗ୍ରହଣ ସମ୍ପର୍କରେ କର୍ମଶାଳାରେ ସମସ୍ତଙ୍କୁ ସିଆରସିସି ପ୍ରଧାନ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ତ୍ରିନାଥ ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲାବେଳେ ଶିକ୍ଷୟିତ୍ରୀ ସଚଳା ପ୍ରଧାନ, ରେଖାରାଣୀ ପ୍ରଧାନ, ଶିକ୍ଷକ ନୃସିଂହନାଥ ପାଇକ, ରଶ୍ମିତା ପାଢ଼ୀ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚାଇଁପୁର କେନ୍ଦ୍ରରେ ସିଆରସିସି ସୋମନାଥ ବେହେରା ଗଡକାଲୁପଡା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶୈକ୍ଷିକ ବୈଠକକୁ ସଂଯୋଜନା କରିଥିଲେ। ଏଥିରେ ଏବିଇଓ ସୁଷମା ଦାଶ ଅତିଥି ଭାବେ ଯୋଗଦେଇ ଶିକ୍ଷଣ କାର୍ଯ୍ୟ ଅନୁଧ୍ୟାନ କରି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ।ବରିଷ୍ଠ ପ୍ରଧାନ ଶିକ୍ଷକ ଦାମୋଦର ରଥ, ମନୋରଞ୍ଜନ ପ୍ରଧାନ, ଶିକ୍ଷକ ନରେନ୍ଦ୍ର ବେହେରା ଶିକ୍ଷୟିତ୍ରୀ ଝରଣା ପ୍ରଧାନ, ସୁମିତ୍ରା କୁଅଁର ଓ ଅନ୍ୟମାନେ ନୂତନ ଶିକ୍ଷଣ ସ୍ୱରୂପର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବିଷ୍ଣୁ କଲ୍ୟାଣ ବଡ଼ଜେନା ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଶୈକ୍ଷିକ ଆଲୋଚନା ଚକ୍ରମାନଙ୍କରେ ଏଫ୍‌ଏଲ୍‌ଏନ୍ ରେଜିଷ୍ଟର ପରିପୂରଣ ସମ୍ବନ୍ଧେ ବିଭିନ୍ନ ବିଦ୍ୟାଳୟରେ ସିଆରସିସିମାନେ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ। ନୂଆ ନୂଆ ଶିକ୍ଷଣର ପ୍ରୟୋଗ ବାଦିତା ଉପରେ ବିଇଓ ଶତୃଘ୍ନ ବେହେରା, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସଞ୍ଜୁକ୍ତା ମିଶ୍ର ପ୍ରମୁଖ ଗୁରୁତ୍ୱାରୋପ କରି ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି।

**ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ**

# ଜିଲ୍ଲା ଶିକ୍ଷା ବିଭାଗ ଘଟଣାର ତଦନ୍ତ କରିବ କେବେ !



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସପ୍ତମ ଶ୍ରେଣୀ ଛାତ୍ରଙ୍କ ଗୁପ୍ତାଙ୍ଗରେ ହାତ ମାରିବା ସହ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଗୁପ୍ତାଙ୍ଗ ଛୁଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି କି ଗୁପ୍ତାଙ୍ଗ ଛୋଟ ଅଛି ଏଇଟା କାଢ଼ି ବାଟି ଖେଳିବୁ। ଏପରି ଅଭିଯୋଗ ଆଣିଲେ ଏମଭି-୯ନଂ ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ। ଉକ୍ତ ଛାତ୍ର ଜଣକ ବିଦ୍ୟାଳୟକୁ ଯିବାପାଇଁ ନିଜ ଅଭିବାବକୁ ମନା କରିବା ସହ ଲଜ୍ଜାରେ ସେହି ଛାତ୍ର ବର୍ତ୍ତମାନ ଘରୁ ବାହାରୁ ନାହି କି ପାଠ ପଢୁ ନାହିଁ ଫଳରେ ଚିନ୍ତାରେ ଅଛନ୍ତି ଅଭିଭାବକ। ଏପରି ଜଘନ୍ୟ ଘଟଣା ଘଟିବାର ଦୀର୍ଘ ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ ମାଲକାନଗିରି ଶିକ୍ଷା ବିଭାଗ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲେ ନାହିଁ କାହିଁକି ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ କଥାବାର୍ତ୍ତାରେ ତାଙ୍କ ଭିତରେ ଅଭିଭାବକଙ୍କ ପ୍ରତି ବ୍ୟବହାର, ଗାଁ ଲୋକଙ୍କ ପ୍ରତି ଉତ୍ତମ ବୁଝାମଣା ଓ ତାଙ୍କର ଚରିତ୍ର ଆଦୌ ଭଲ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ଏବଂ ପ୍ରାପ୍ତ ବୟସ ହୋଇଥିଲେ ମଧ୍ୟ ପିଲାଙ୍କ ସହ ଅଶ୍ଳୀଳ ବ୍ୟବହାର ଯୋଗୁଁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମ ମଙ୍ଗଳ କମିଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବିଦ୍ୟାଳୟ ଅର୍ଥ ପିଲାଙ୍କ ଷ୍ଟାଇପେଣ୍ଡ ଇତ୍ୟାଦି ଟଙ୍କା ଉଠାଇ ଅନେକ ଥର ଆତ୍ମସାତ କରିଛନ୍ତି ବୋଲି ଏସଏମସି ମେମ୍ବର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ୧୨ଥର ଦରମା ବନ୍ଦ ଓ ୪ ଥର ଚାକିରିରୁ ନିଲମ୍ବନ ହେବା ପରେ ମଧ୍ୟ ନିଜ କାର୍ଯ୍ୟରୁ ଆଦୌ ବିଚ୍ୟୁତ ହୋଇନାହାନ୍ତି ସେ। ସମସ୍ତ ଅଧିକାରୀ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ ମଧ୍ୟ କେହି କାହାକୁ କିଛି କହିବାକୁ ନାରାଜ୍ ବୋଲି ଗ୍ରାମ ବାସୀ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଙ୍କ କହିବା ଅନୁସାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି ଯେ ମୋ ବିରୋଧରେ କୌଣସି ଛାତ୍ରଛାତ୍ରୀ ଯଦି ତାଙ୍କର ଅଭିଭାବକଙ୍କୁ କିଛି କହିବ ତା ହେଲେ ମୁଁ ସେହି ଛାତ୍ରଛାତ୍ରୀଙ୍କ କ୍ୟାରୀୟର ଖରାପ କରି ଦେବି ଓ ଲାଲ କାଳିରେ ଲେଖିଦେବି ଯାହାଦ୍ୱାରା ସେ ଆଉ କୌଣସି ଜାଗାରେ ପାଠ ପଢ଼ି ପାରିବେ ନାହିଁ। ଏହି ଘଟଣାକୁ ନେଇ ସେହି ମାନସିକ ନିର୍ଯାତନା ପାଇଥିବା ଛାତ୍ରଙ୍କ ବାପା, ମାଆ,ଏସଏମ୍‌ସି କମିଟିର ସଦସ୍ୟ ଏବଂ ଗ୍ରାମ ବାସୀ ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାକୁ ଯାଇଥିଲେ, କିନ୍ତୁ ସ୍କୁଲ ଗେଟ୍ ଖୋଲିବା ପାଇଁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଗେଟ୍ ଖୋଲିବାର ଅନୁମତି ଦେଇନଥିଲେ। ପରବର୍ତ୍ତୀ ସମୟରେ ଏବିଓ ଅଶ୍ୱନି ମାଝି ଓ ସିଆରସି ରଞ୍ଜିତ କୁମାର ନାୟକ ବିଦ୍ୟାଳୟକୁ ପହଞ୍ଚିବା ପରେ ଏସଏମସି କମିଟି ଓ ଅଭିଭାବକଙ୍କୁ ବୁଝାସୁଝା କରିବା ପରେ ପ୍ରତିଶ୍ରୁତି ଦେଲେ ଯେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଦିଆଯିବ। ଛାତ୍ରଙ୍କ ପ୍ରତି ହୋଇଥିବା ଅଶ୍ଳୀଳ ବ୍ୟବହାର ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିରେ ସମସ୍ତେ ସହମତ ହୋଇ ନିଜନିଜ ଘରକୁ ଫେରି ଗଲେ କିନ୍ତୁ ବର୍ତ୍ତମାନ ସୁଦ୍ଧା ବିଭାଗପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାଟିକୁ କି ପଦକ୍ଷେପ ନେଉଛନ୍ତି। ଘଟଣାର ଖବର ପାଇ ଗତକାଲି ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ଯୋସନା ମୟୀ ଦାସ ବିଦ୍ୟାଳୟକୁ ବୁଲିବା ପାଇଁ ଯାଇଥିଲେ। ଫେରିବା ପରେ ଘଟଣା ମିଛ ହୋଇଥିବା କହି ଏମଭି-୯ନଂ ଗ୍ରାମର ଏସଏମସି କମିଟି ଏବଂ କିଛି ଗ୍ରାମବାସୀଙ୍କ ନାମରେ ମୋ ସହ ଦୁର୍ବ୍ୟବହାର କଲେ ବୋଲି ଥାନାରେ କେଶ କରିଛନ୍ତି। ଥାନା ଏତଲାକୁ ଆଧାର କରି ତଦନ୍ତ ଚାଲୁ ରହିଥିବା କହିଛନ୍ତି ଥାନା ଅଧିକାରୀ ରିଗାନ୍ କିଣ୍ଡୋ। ଥାନା ଅଧିକାରୀ ଏମଭି-୯ନଂ ଗ୍ରାମବାସୀଙ୍କ ସହ ଉକ୍ତ କେଶ ବିଷୟରେ ଆଲୋଚନା ମଧ୍ୟ କରିଛନ୍ତି।

## ପଲ୍ଲିଶ୍ରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା କଲ୍ୟାଣ ମଣ୍ଡପ ଠାରେ ପଲ୍ଲିଶ୍ରୀ ଯୁବକ ସଂଘର ବରିଷ୍ଠ ସଦସ୍ୟ ସିମାଞ୍ଚଳ ଗଣ୍ଡାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘକୁ ଆହୁରି ସୁଦୃଢ଼ ତଥା ସୁପରିଚାଳିତ କରିବା ପାଇଁ ପଲ୍ଲିଶ୍ରୀ ଯୁବକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ସଂଘର ନୂତନ ସଭାପତି ଭାବେ ପୂର୍ବତନ ଯୁବ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ଭାବେ ଧନେଶ୍ୱର ସେଠି, ସହ ସମ୍ପାଦକ ଭାବେ ମନୋଜ କୁମାର ମାଝୀ, କୋଷାଧକ୍ଷ ଭାବେ ହୃଷିକେଶ ମହାନ୍ତି ଓ ସଂଯୋଜକ ଭାବେ ସଂଗ୍ରାମ କେଶରୀ ସାହୁଙ୍କୁ ମନୋନୀତ କରାଯାଇଛି। ଗ୍ରାମରେ ୧୯୮୪ ମସିହାରେ ଗଠନ ହୋଇଥିବା ପଲ୍ଲିଶ୍ରୀ ଯୁବକ ସଂଘ ତରଫରୁ ବିଭିନ୍ନ ସାଂସ୍କୃତିକ, କ୍ରୀଡା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛି। ଏହି ମଧ୍ୟରେ ପୂର୍ବତନ ଶିଳ୍ପରାଷ୍ଟ୍ର ମନ୍ତ୍ରୀ ତଥା ପାନାବେଡ଼ା ମାଟିର ବରପୁତ୍ର ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଉଦେଶ୍ୟରେ ଦୀର୍ଘ ୨୫ ବର୍ଷ ଧରି ସଂଘ ତରଫରୁ ଆୟୋଜିତ ହୋଇଆସୁଥିବା ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ବେଶ ଖ୍ୟାତି ଅର୍ଜନ ହୋଇପାରିଛି। ଏହା ବ୍ୟତୀତ ଗ୍ରାମର ସାଧାରଣ ଲୋକଙ୍କ ପାଇଁ କିଭଳି ବିଭିନ୍ନ ହିତାକାଂକ୍ଷୀ କାର୍ଯ୍ୟ ସହ ଲୋକଙ୍କ ସ୍ୱର ହୋଇ ସଂଘ ଛିଡା ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# କେନ୍ଦୁଝରରେ ୪୩୯ କୋଟି ଟଙ୍କାରେ ନିର୍ମାଣ ହେବ ବାଇପାସ

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝରକୁ ବିକାଶ ପଥରେ ଆଗେଇ ନେବାକୁ ନୂଆ ସରକାର ସଂକଳ୍ପବଦ୍ଧ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ସହରକୁ ଆଉ ଏକ ଭେଟି ସ୍ୱରୂପ ଏହି ବାଇପାସ ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। କେନ୍ଦୁଝରରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ବାଇପାସ ରାସ୍ତା। କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହାର ପରିକଳ୍ପନା କରାଯାଇଛି। କେନ୍ଦୁଝର ଜିଲ୍ଲା ଏକ ଖଣି ଖାଦାନ ଜିଲ୍ଲା ହୋଇଥିବାରୁ ଖଣିଜ ପଦାର୍ଥ ବୋଝେଇ ଗାଡି ପାଇଁ ସଡକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ସହିତ ଯାନବାହାନ ଚଳାଚଳ ବଢି ଚାଲିଥିବାରୁ କେନ୍ଦୁଝରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁଝରରେ ଏକ ରିଂ-ରୋଡ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସହରର ଚାରିପାଖେ ୪ ଲେନ ରାସ୍ତା ଏବଂ ବ୍ରିଜ ଗୁଡିକ ୬ ଲେନର ରିଂ-ରୋଡ ନିର୍ମାଣ ହେବ। ୨୦ନଂ ଜାତୀୟ ରାଜପଥ ନେଙ୍କଡାଘର ଠାରୁ ଡିମ୍ବୋ-ନେଲୁଙ୍ଗ ଦେଇ ୯ କିଲୋମିଟର ୪୦୯ ମିଟର ଲମ୍ବର ଏହି ବାଇପାସ ରାସ୍ତା ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ ହେବ। ୩ଟି ପଞ୍ଚାୟତ ଦେଇ ଜାତୀୟ ରାଜପଥ ୨୦ରୁ ୪୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବ। ସମୁଦାୟ ୭୫.୩୦୧ ଏକର ଜମି ଉପରେ ରାସ୍ତା ନିର୍ମାଣ କରାଯିବ। ସେଥି ମଧ୍ୟରୁ ୪୧.୦୫୪ ଘରୋଇ ଜମି, ୧୮.୭୭୯ ଏକର ସରକାରୀ ଜମି ଓ ୧୫. ୪୬୮ ଏକର ଜଙ୍ଗଲ କିସମର ଜମି ଉପରେ ରିଂ-ରୋଡ ନିର୍ମାଣ ହେବ। ନରଣପୁର ପଂଚାୟତର ଜାମୁନାଳିଆ, ଜଳଙ୍ଗଡିହି, ଅଲଣାପଦା ଗ୍ରାମ ଦେଇ ରାସ୍ତା ନିର୍ମାଣ ହେବ। ଡିମ୍ବୋ ପଞ୍ଚାୟତର ଖୋଳପା, ତେନ୍ତୁଳିନଣ୍ଡା, ବାଇଗଣପଶି, ଡିମ୍ବୋ ଏବଂ ଚକ ଗ୍ରାମ ନେଲୁଙ୍ଗ ପଂଚାୟତର ନେଲୁଙ୍ଗ ପଞ୍ଚାୟତର ନେଲୁଙ୍ଗ ଓ ଝାରବେଲଦା ମୋଟ ୧୦ଟି ଗ୍ରାମ ଦେଇ ଏହି ରାସ୍ତା ନିର୍ମାଣ ହେବ। ନେଙ୍କଡାଘର ନିକଟରେ ହାତୀ ଚଳପ୍ରଚଳ ରହୁଥିବାରୁ ୧୫୧କୋଟି ଟଙ୍କାରେ ଏକ ଆଇକନିକ ଏଲିଫ୍ୟାଣ୍ଟ ଅଣ୍ଡରପାସ କରାଯିବ ଯାହାର ଲମ୍ବ ଏକ କିଲୋମିଟର ହେବ। ବାଇପାସ ରାସ୍ତା ନିର୍ମାଣ ପରେ ଡିମ୍ବୋ ଓ ନେଲୁଙ୍ଗ ଅଞ୍ଚଳର ମଧ୍ୟ ଗୁରୁତ୍ୱ ବଢିଯିବ। ଏହା ଫଳରେ ସହର ମଧ୍ୟରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ହୋଇପାରିବ। ବାଇପାସ ନିର୍ମାଣ ହେଲେ କେନ୍ଦୁଝର ସହର ପାଇଁ ଏହା ରିଂ ରୋଡ୍ ଭଳି କାମ ଦେବ। ଏହି ରାସ୍ତା ନିର୍ମାଣ ପାଇଁ ୪୩୯ କୋଟି ଟଙ୍କା ଏବଂ ଜମି ଅଧିଗ୍ରହଣ ପାଇଁ ଅଲଗା ବ୍ୟୟବରାଦ କରାଯାଇଛି। କେନ୍ଦୁଝର ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତାବିତ ବାଇପାସ ରାସ୍ତାର ଏଷ୍ଟିମେଟ ପ୍ରସ୍ତୁତ କରାଯାଇ ପ୍ରଶାସନିକ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରୀୟା କରାଯାଇ ରାସ୍ତା କାମ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି ପ୍ରକାଶ କରିଛନ୍ତି। ଏହି ବ୍ୟସ୍ତବହୁଳ ବାଇପାସ ରାସ୍ତାଟି ୪୫ମିଟର ଓସାର ବିଶିଷ୍ଟ ୪ ଥାକିଆ ହେବ। ଏହି ରାସ୍ତାରେ ଭାରୀଯାନ ସମେତ ପ୍ରତିଦିନ ୧୨ହଜାର ଯାନ ଚଳାଚଳ ରହିବାର କ୍ଷମତା ଉପଲବ୍ଧ ହେବ। ଏହି ରାସ୍ତା ଉପରେ ଏକ ହାତୀ ଗଳାପଥ ସହିତ ଗୋଟିଏ ଫ୍ଲାଏ ଓଭର ଓ ୩ଟି ଭେହିକିଲ ଅଣ୍ଡରପାସ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ଏହି ନୂତନ ରାସ୍ତାର ଆଲୋକୀକରଣ ଓ ଜନ ସାଧାରଣଙ୍କ ନିରାପତ୍ତା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ୮କୋଟି ଟଙ୍କା ବ୍ୟୟରେ ସୋଲାର ହାଇମାକ୍ସ ଲାଇଟ ଲଗାଯିବ। ଏହି ରାସ୍ତା ଉପରେ ପଡୁଥିବା ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ରୂପାନ୍ତରଣ କରିବା ପାଇଁ, ପ୍ରସ୍ତାବିତ ରାସ୍ତା ପାଇଁ ଗଛ କାଟିବା ପାଇଁ ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ପାଇଁ ୧୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ମାସ ମଧ୍ୟରେ କାମ ସମାପ୍ତ ହେବ ଓ ରାସ୍ତା କାମ ପାଇଥିବା ସଂସ୍ଥା ରାସ୍ତାର ରକ୍ଷାବେକ୍ଷଣ କାର୍ଯ୍ୟ ୫ବର୍ଷ ପର୍ଯ୍ୟନ୍ତ କରିବ ବୋଲି ଜଣାପଡିଛି। ଜାତୀୟ ରାଜପଥ ୨୦ର ନେଙ୍କଡାଘରଠାରୁ ବାଇପାସ ରୋଡ ଜାତୀୟ ରାଜପଥ ୪୯ର ବେଲଦାଠାରେ ସଂଯୋଗ ଯୋଗୁଁ ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟା ଅନେକ ପରିମାଣରେ ହ୍ରାସ ପାଇବା ସହିତ ଅଳ୍ପ ସମୟ ମଧ୍ୟରେ ଲୋକ ନିଜର ଗନ୍ତବ୍ୟ ପଥରେ ପହଞ୍ଚି ପାରିବେ। ଟେଣ୍ଡର ପ୍ରକ୍ରୀୟା ଶେଷ ହେବା ପରେ ଡିସେମ୍ବର ମାସ ଠାରୁ ବାଇପାସ ରାସ୍ତା କାମ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଅଟକ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧିନସ୍ଥ ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି ଓ ପରଜଙ୍ଗ ପୋଲିସ ସରାଙ୍ଗ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଠାରୁ ଏକ କିଲୋ ଦୁଇଶହ ଗ୍ରାମ ଗଞ୍ଜେଇ ଜବତ କରି ତାଙ୍କ ନାମରେ ପରଜଙ୍ଗ ଥାନା କେସ ନଂ ୪୧୦/୨୫ରେ କେସ ରୁଜୁ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମୁତାବକ ଗ୍ରାମର ଗିରିଶ ଚନ୍ଦ୍ର ବେହେରାଙ୍କ ନିକଟରୁ ଗଞ୍ଜେଇ ଜବତ କରି ଥିବାବେଳେ, ପରଜଙ୍ଗ ଥାନା ଏସଆଇ ଏସ ଅନାମିକା କେସର ଆଇଓ ଭାବେ କାର୍ଯ୍ୟ ତୁଲାଉଥିବା ଜଣାପଡିଛି।

## ବିଷାକ୍ତ ସାପ କାମୁଡାରେ ମହିଳା ସରପଞ୍ଚ ମୃତ

ରାୟଗଡା, (ଭାସ୍କର ନ୍ୟୁଜ୍): ମହିଳା ସରପଞ୍ଚ ଜଣକ ହେଲେ ରାୟଗଡା ସଦର ବ୍ଲକ କୁଲି ପଞ୍ଚାୟତର ମାଙ୍ଗି କାଡ୍ରାକା। ଗତକାଲି ବିଳମ୍ବିତ ରାତିରେ ମାଙ୍ଗି ନିଜ ଘରେ ଶୋଇଥିବା ବେଳେ ଏକ ବାଶାକ୍ତ ସାପ ତାଙ୍କ ଡାହାଣ ଗୋଡକୁ କାମୁଡିଥିଲା। ପରେ ସେ ତାଙ୍କ ସ୍ୱାମୀଙ୍କୁ ସୂଚନା ଦେଇଥିଲେ। ସ୍ୱାମୀ ସୁରୀ କାଡ୍ରାକା ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରାଇଥିଲେ। ତେବେ ପ୍ରାୟ ଦେଢ ଘଣ୍ଟା ଧରି ତାଙ୍କୁ ଚିକିତ୍ସା କରିବା ପରେ ମଧ୍ୟ ସେ ଜୀବନ ହାରି ଦେଇଥିଲେ। ତେବେ ସରପଞ୍ଚଙ୍କ ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ କୁଲି ପଞ୍ଚାୟତ ଅଞ୍ଚଳରେ ଶୋକାକୂଳ ପରିବେଷ ସୃଷ୍ଟି ହୋଇଛି। ମୃତ ସରପଞ୍ଚଙ୍କ ବହୁ ପ୍ରଶଂସକ ତାଙ୍କ ଶେଷ ଦର୍ଶନ କରିବା ପାଇଁ ଡାକ୍ତରଖାନାରେ ଆସି ପହଞ୍ଚିଛନ୍ତି।



କାକଟପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ କୃଷିନୀତି ଉପରେ ରାଜ୍ୟ ସରକାରଙ୍କ ତରଫରୁ ଯୁବ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ଏବଂ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଉଦ୍ୟୋଗ ସ୍ଥାପନ କରି ୫୦ ଲକ୍ଷ୍ୟ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରିବା ପାଇଁ ରିହାତି ରହିଛି। ଏହି ପରିପ୍ରେକ୍ଷୀରେ କାକଟପୁର ନିକଟସ୍ଥ ଶାରଳା ଆବାସିକ ମହାବିଦ୍ୟାଳୟରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାରଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତରଞ୍ଜନ ପରିଡା, ଜଗତସିଂହପୁର ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସ୍ୱାବଲମ୍ବୀ ଭାରତ ଅଭିଯାନ ପୁରୀର କାର୍ଯ୍ୟ କର୍ତ୍ତା ରାଜେଶ କୁମାର ଦାସ, ସୁବ୍ରତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯଥା କୁକୁଡ଼ା ଚାଷ, ଚିଙ୍ଗୁଡ଼ି, କଙ୍କଡା, ବରଫ କଳ ପ୍ରଭୃତି ମତ୍ସ୍ୟ ଭିତ୍ତିକ ସମ୍ପଦ ଥିବା ବେଳେ ପ୍ରାଣୀ ସମ୍ପଦ ଉପରେ ଅଣ୍ଡା, ଘୁଷୁରୀ ପାଳନ, ବତକ, ଦେଶୀ ମାଇ ବାଛୁରୀ,ପ୍ରତିଷ୍ଠିତ ଦେଶୀ ପ୍ରଜାତି ର ମଇଁଷି ପାଳନ ଉଦ୍ୟାନ ଭିତ୍ତିକ ଉପରେ ଫୁଲ ଚାଷ, କାଜୁ ଚାଷ, କଦଳୀ ଅମୃତଭଣ୍ଡା, ସପୁରୀ, ନଡ଼ିଆ, ମହୁମାଛି ପାଳନ ଓ ବିଭିନ୍ନ ପନି ପାରିବା ଚାଷ କରିବା ଉପରେ ଗୁରୁତ୍ୱ ଦେଇଥିଲେ।



# ଅନ୍ତର୍ଜାତୀୟ 'ନୀଳ ଆକାଶ ପାଇଁ ନିର୍ମଳ ବାୟୁ' ଦିବସ ପାଳିତ

ରାଉରକେଲା, (ଭାସ୍କର ନ୍ୟୁଜ୍): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ ଶାଖା, ଏନଆଇଟି ରାଉରକେଲା ଓ ଆରଏମସିର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ 'ନୀଳ ଅକାଶ ପାଇଁ ନିର୍ମଳ ବାୟୁ' ସଂପର୍କିତ ଅନ୍ତର୍ଜାତୀୟ ଦିବସ ସ୍ଥାନୀୟ ଏନଆଇଟିର ତୀର ଅଡିଟୋରିଅମ ଠାରେ ଆୟୋଜିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଏନ.ଆଇ.ଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଆରଏମସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ଏନ୍ଆଇଟିର ଆଲୁମିନି ବିଭାଗ ଡିନ୍ ପ୍ରଫେସର ଡ. ହିମାଂଶୁ ଭୂଷଣ ସାହୁ, ଢେଙ୍କାନାଳ ମୀରାମୁଣ୍ଡୁଳି ସ୍ଥିତ ଟାଟା ଷ୍ଟିଲର ପରିବେଶ ବିଭାଗ ମୁଖ୍ୟ ସଂଜୀବ ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମିଳିତଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଡା ଶୁଭଙ୍କର ମହାପାତ୍ର ତାଙ୍କ



ବକ୍ତବ୍ୟରେ କହିଲେ ଯେ, ଜିଲ୍ଲାରେ ପରିବେଶ ଅନୁକୂଳ 'ଇ' ବାଇକ ପ୍ରଚଳନ, ପ୍ରକଳ୍ପକୁ ପ୍ରୋତ୍ସାହନ, ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆମେ ବୃହତ ସ୍ତରରେ ଚିନ୍ତା କରିବା ସହ ଆଞ୍ଚଳିକ ସ୍ତରରେ ତାହାକୁ କାର୍ଯ୍ୟରେ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଆମ ଦୈନନ୍ଦିନ ଜୀବନ ଶୈଳୀରେ ପରିବେଶ ଅନୁକୂଳ ଛୋଟଛୋଟ ଅଭ୍ୟାସ ଆପଣାଇଲେ ପରିବେଶର ସୁରକ୍ଷା ସମ୍ଭବ ହୋଇପାରିବ ବୋଲି କହିଥିଲେ। ଛାତ୍ର ଓ ଯୁବ ବର୍ଗ ଅଭିନବ ପ୍ରଣାଳୀ ଉଦ୍ଭାବନ କରି ପରିବେଶ ଓ ବିକାଶ ଧାରାରେ ସାମିଲ ହେବାକୁ ଡ଼. ମହାପାତ୍ର ଆହ୍ୱାନ କରିଥିଲେ। ଡ଼. କେ. ଉମାମହେଶ୍ୱର ରାଓ ତାଙ୍କ ବକ୍ତବ୍ୟରେ ଜନ ସହଭାଗିତା ଦ୍ୱାରା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ ଓ ଅଧିକରୁ ଅଧିକ ବୃକ୍ଷ ରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ ସହ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଉରକେଲାକୁ ଯେଉଁ ନନ୍‌ଆଟେନ୍‌ମେଣ୍ଟ ସହର ଘୋଷଣା କରାଯାଇଛି, ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥିମାନେ ବିଷୟବସ୍ତୁ ସମ୍ପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ପରିବେଶର ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ଆୟୋଜିତ ବୈଷୟିକ ପର୍ଯ୍ୟାୟରେ ଏନଆଇଟି ପ୍ରଫେସର ଡ଼ ଭୀଷ୍ମ ତ୍ୟାଗୀ ବାୟୁର ସ୍ଥିତ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ ।ପୂର୍ବରୁ ଏନଆଇଟି ଏବଂ ଓ୍ୱାଇଏମଏଫଆଇ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଆର.ଆର. ଦାସ, ଚନ୍ଦ୍ରଶେଖର ଚୌହାନ, ରଜତ କୁମାର ସେଠି, ସହକାରୀ ପରିବେଶ ଯନ୍ତ୍ରୀ ପ୍ରିତମ କୁମାର ପତି,ଏ.ଇ.ଏସ. ସୌମ୍ୟ ରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତି, ଓଏସଡ଼ି ବିଭୁତି ଭୂଷଣ ମହନ୍ତଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ସହଯୋଗ କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ମିଶନ ଲାଇଫ ଅନ୍ତର୍ଗତ ପରିବେଶ ଅନୁକୂଳ ଜୀବନ ଶୈଳୀ ଆପଣାଇବା ନେଇ ଶପଥ ପାଠ କରାଇଥିଲେ। ଶେଷରେ ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମକୁ ଏନଆଇଟି ଛାତ୍ର ରଘୁରାଜ ସମାନୀ ଓ ଛାତ୍ରୀ ରୀତିକା ମଲ୍ଲିକ ସଂଯୋଜନା କରିଥିଲେ।

## ବିଦାୟ ନେଲେ ପ୍ରଭୁ ଗଜାନନ

ଭୁବନ, (ଭାସ୍କର ନ୍ୟୁଜ୍): ବିଘ୍ନ ବିନାଶକ, ବିଦ୍ୟାଦାତା, ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଭସାଣି ଉତ୍ସବ ଯାକଯକମରେ ଅନୁଷ୍ଠିତ ହେଉଛି । ବାଜା, ବାଣ, ଡି ଜେ ସାଉଣ୍ଡରେ ସାରା ସହର ଦୁଲୁକୁଛି । ଗତ ୨୭ ତାରିଖ ଠାରୁ ୨୧ଟି ମଣ୍ଡ ରେ ପୂଜା ପାଉଥିବା ଗଣେଶ ମୂର୍ତ୍ତୀ ଆଜି ଭସାଣି ଉତ୍ସବରେ ସାମିଲ ହୋଇଛି । ଗଣେଶ ମେଲଣ ସଭାପତି ସୁବ୍ରତ କୁମାର ସାହୁ ଦିବା ୧୧ ଘଟିକା ସମୟରେ ମେଲଣ ପଡିଆ ଠାରେ ନଡ଼ିଆ ଭାଙ୍ଗି ଭସାଣି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ଯାତ୍ରା ଆରମ୍ଭ ହୋଇଥିଲା ।



ସର୍ବ ପ୍ରଥମେ ୧୨ ବର୍ଷ ପୂର୍ତ୍ତି ପାଳନ କରୁଥିବା ରୟାଲିୟନ କ୍ଲବ୍ ଓ ତା ପଛକୁ ୨୦ ଟି କ୍ଲବ କ୍ରମାନ୍ୱୟରେ ଭସାଣି ଯାତ୍ରାରେ ସାମିଲ ହୋଇ ରାମମନ୍ଦିର ଛକ, ଲାତବିଲ, ଗୋଡ଼ିପୋଖରୀ ଛକ, ନୂଆ ବଜାର (ବସ ଷ୍ଟାଣ୍ଡ) ,ଗୁଜୁରି ହାଟ, ଦୁର୍ଗା ଛକ,ଲକ୍ଷ୍ମୀ ଛକ,ବଣିଆ ସାହି ଦେଇ ସହର ପରିକ୍ରମା କରୁଛନ୍ତି । ସମୁଦାୟ ୨୧ଟି ମେଢ଼ ଯାତ୍ରାରେ ସାମିଲ ହୋଇଛି । ଗଣେଶ ପୂଜା ଶାନ୍ତିକମିଟି ସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ଜିତେନ୍ଦ୍ର ଦାସ ,ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ଯାକଜକମରେ ଗଣେଶ ପୂଜା ଭସାଣି ପାଳିତ ହେଉଛି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଡିଏସପି ସୂର୍ଯ୍ୟମଣି ପ୍ରଧାନ, କାମାକ୍ଷା ନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଜନୀ କାନ୍ତ ସାମଲ ,ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ଜିତେନ୍ଦ୍ର କୁମାର ମଲ୍ଲିକ ଓ ଜିଲ୍ଲାର ୨୦ ଜଣ ଥାନା ଅଧିକାରୀ , ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି ।

## ଆୟୁଷ୍ମାନ କାର୍ଡ ବଣ୍ଟନରେ ମନ୍ଥରତା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଲୋକଙ୍କୁ ନିଃଶୁଳ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ହିତାଧିକାରୀ ଏହାର ସୁବିଧା ନେଇ ପାରୁଛନ୍ତି। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ସମସ୍ତ କାର୍ଡ ଏଯାଏଁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇ ପାରିନି। କେନ୍ଦ୍ର ଦ୍ୱାରା ପ୍ରଚଳିତ ଆୟୁଷ୍ମାନ କାର୍ଡ ବିଭିନ୍ନ ରାଜ୍ୟରେ ପୂର୍ବରୁ କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ପୂର୍ବରୁ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେଓ୍ୱାଇ )ବଦଳରେ ଚଳିତ ବର୍ଷ ଅପ୍ରେଲରେ ଏହାକୁ ଓଡିଶାରେ ପ୍ରଚଳନ କରିଥିଲେ। ଏଥିରେ ହିତାଧିକାରୀଙ୍କୁ ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ମିଳୁଛି।




ଏହି ସହାୟତା ରାଶିରେ ହିତାଧିକାରୀ ରାଜ୍ୟ କିମ୍ବା ରାଜ୍ୟ ବାହାରେ ଥିବା ବିଭିନ୍ନ ହସ୍ପିଟାଲରେ ରୋଗ ସମ୍ପର୍କିତ ବିଭିନ୍ନ ପରୀକ୍ଷା, ଚିକିତ୍ସା କରି ପାରିବେ। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ଆୟୁଷ୍ମାନ କାର୍ଡ ସମସ୍ତ ହିତାଧିକାରୀଙ୍କୁ ବଣ୍ଟାଯାଇ ନଥିବାରୁ ସେମାନେ ଏବେବି ଏହାର ସୁବିଧା ନେଇ ପାରୁନାହାନ୍ତି। ତଥ୍ୟ ମୁତାବକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫୨ହଜାର ୯ଶହ ୦୬ ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରାଯିବାକୁ ଆସିଥିଲା। ସେଥି ମଧ୍ୟରୁ ସେପଟ୍ଟେମ୍ବର ୧ସୁଦ୍ଧା ୩୪ହଜାର ୨ଶହ ୬୭ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି।ଏବେ ବି ୧୮ହଜାର ୬ଶହ ୩୯ଟି କାର୍ଡ ବଣ୍ଟନ କରାଯାଇନି। ଯୁଦ୍ଧକାଳୀନ ଭିତ୍ତିରେ ବଣ୍ଟାଯାଇନଥିବା କାର୍ଡ ତୁରନ୍ତ ହିତାଧିକାରୀଙ୍କୁ ବଣ୍ଟନ କରିବା ପାଇଁ ଅସ୍ତରଙ୍ଗ ବ୍ଲକର ଅଞ୍ଚଳବାସୀ ଦାବୀ କରିଛନ୍ତି।ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି ଏହି କାର୍ଡ ତୁରନ୍ତ ହିତାଧିକାରୀଙ୍କୁ ବଣ୍ଟନ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଏ ନେଇ ବିଭିନ୍ନ କ୍ୟାମ୍ପ କରାଯାଇ କାର୍ଡ ବଣ୍ଟନ ପ୍ରକ୍ରିୟା ଶୀଘ୍ର କରିବାକୁ ଚେଷ୍ଟା ଜାରି ରଖିଛୁ। ତଥାପି ଯେତିକି କାର୍ଡ ବଣ୍ଟା ହୋଇନି, ତାହା କେମିତି ବଣ୍ଟନ କରାଯିବ ତାହା ଉପରେ ଆମେ ଦୃଷ୍ଟି ଦେଉଛୁ ବୋଲି ସେ କହିଥିଲେ।

## ଗୋ ଚାଲାଣ ପିକ୍‌ଅପ୍ ଭ୍ୟାନ ଜବତ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଲାଲ ମାଟି ଛକଠାରେ ବକ୍ସ ୩୯ଢ ୬୦୦୫ ନୋ ଭ୍ୟାନରେ ଆନ୍ଧ୍ର ପ୍ରଦେଶକୁ ଗାଇ ଚାଲାଣ ହେଉଥିବା ପିକପ ଭ୍ୟାନ ଜବତ ହୋଇଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ପିକପ ଭ୍ୟାନରେ ୮ ଗୋଟି ଗାଇ ନେଇଯାଉଥିବା ସମୟରେ ଲାଲ ମାଟି ଛକଠାରେ ଗାଡ଼ିର ବେରିଙ୍ଗ ଭାଙ୍ଗିଯିବାରୁ ସେଠାରେ ଥିବା କିଛି ଯୁବକ ଗାଡ଼ି ପାଖରେ ଯାଇ ଦେଖିଥିଲେ। ସେହି ଗାଡ଼ିରେ ୮ ଗୋଟି ଗାଇଙ୍କୁ ବନ୍ଧା ଯାଇ ଥିଲା। ସ୍ଥାନୀୟ ଯୁବକ ଗାଇ ଗୁଡ଼ିକୁ ଉଧାର କରିବା ସହ ରାଇଘର ପୋଲିସକୁ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିବା ଜଣାଯାଇଛି। ପ୍ରତ୍ୟକ ଦିନ ରାଇଘର ଅଞ୍ଚଳରୁ ଶହଶହ ଗାଇଗୋରୁ ଚାଲାଣ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ଜରିଆରେ ଉମରକୋଟ ଏବଂ ନବରଙ୍ଗପୁରକୁ ପଠାଯାଉ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉମରକୋଟ ଓ ନବରଙ୍ଗପୁର ଥିବା ଦଲାଲଙ୍କ ଦ୍ୱାରା ଆନ୍ଧ୍ର ପ୍ରଦେଶକୁ ଚାଲାଣ ହେଉଥିବା ଜଣାପଡ଼ିଛି।

## କଟକ ନଗର କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ସମାପ୍ତ

କଟକ(ଭାସ୍କର ନ୍ୟୁଜ): କଟକ ନଗର କଂଗ୍ରେସ ସଭାପତି ଚୟନ ପାଇଁ ରବିବାର ଶେଷ ଦିନରେ ମଧ୍ୟ ସଂଗଠନ ଶ୍ରୀଜନ ଅଭିଯାନ ଅଧୀନରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରର ମୁଖ୍ୟ ସଚେତକ ସଲିମ ଅହମ୍ମଦ, ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବିଭିନ୍ନ ସେଲ ଓ ବିଭାଗର ଅଧକ୍ଷମାନଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ଆସନ୍ତା ୧୬ତାରିଖ ସୁଦ୍ଧା ସମସ୍ତ ମତାମତ ଏଆଇସିସି କାର୍ଯ୍ୟାଳୟରେ ଦାଖଲ କରାଯିବ। ପରେଏହାର ସମୀକ୍ଷା କରାଯାଇ କଟକ ନଗର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯିବ।ଏହି କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ଓ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିପୁଳ ପରିମାଣର ଗୁଟ୍‌କା, ସିଗାରେଟ ଜବତ



ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ଥାନା ଅଧିନ ଗଡିଆ ବଜାର ସ୍ଥିତ ସ୍କୁଲ, କଲେଜ ଆଖପାଖରେ ଥିବା ଦୋକାନରୁ ବିପୁଳ ପରିମାଣର ଗୁଟ୍‌କା, ତମ୍ବାଖୁ ଓ ସିଗାରେଟ ଜବତ କରିଛି ଶୁଳିଆପଦା ପୋଲିସ। ସୁଚନା ଥାଉକି ସ୍କୁଲ, କଲେଜ ଆଖପାଖରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ବିକ୍ରିଉପରେ କଟକଣା ରହିଛି। ତେବେ ଦୋକାନୀମାନେ ଏହି କଟକଣାକୁ ଭୃକ୍ଷେପ ନକରି ଖୁଲମଖୁଲ୍ଲା ଦୋକାନରେ ନିଶାଦ୍ରବ୍ୟ ବିକ୍ରି କରୁଥିଲେ। ଆଜି ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ଭୋଳ ଗଡିଆ ଛକରେ ବେଆଇନ ଭାବେ ନିଶାଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀ ସୁରେନ୍ଦ୍ର ଗିରି, ସୁବ୍ରତ ଭକ୍ତା ଓ ତାରକେଶ୍ୱର ଦେଙ୍କ ଦୋକାନରୁ ବିପୁଳ ପରିମାଣର ଗୁଟକା,ତମ୍ବାଖୁ ଓ ସିଗାରେଟ ଜବତ କରିବା ସହିତ ଉକ୍ତ ବ୍ୟବସାୟୀମାନଙ୍କ ନାମରେ ମାମଲା ରୁଜୁ କରିଥିବା ସୁଚନା ମିଳିଛି।

## ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ସଙ୍କୀର୍ତ୍ତନ କଳାକାର ଉନ୍ନୟନ ପରିଷଦ ପକ୍ଷରୁ ସେପଟ୍ଟେମ୍ବର ପାଞ୍ଚ ତାରିଖ ଗୁରୁ ଦିବସ ରେ ନିଆଳି ବ୍ଲକ ର ବାହାରଣକ୍ଷ ଗ୍ରାମର ଗଡେଶ୍ୱର ପୀଠରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଆଳି ଓ କଣ୍ଟାପଡ଼ା ବ୍ଲକ୍‌ର ୧୧୦ଟି ସଙ୍କୀର୍ତ୍ତନ ଦଳର ପ୍ରାୟ ଛଅଶହ ସଙ୍କୀର୍ତ୍ତନ କଳାକାର ଏଥିରେ ଯୋଗଦାନ କରିଥିଲେ। ଏହି ଉତ୍ସବରେ ଗାୟକ ସିଦ୍ଧାନ୍ତ ଦର୍ଶୀ ମଦନ ମୋହନ ଜେନା, ବାବା ସଦାନନ୍ଦ ଦାସ ମହାରାଜ, ସନ୍ଥ ସନ୍ତୋଷ ଚୈତନ୍ୟ, ବିଶିଷ୍ଟ ସଙ୍କୀର୍ତ୍ତନ ଗୁରୁ ପ୍ରତାପ କୁମାର ବେଜି, ସମାଜସେବୀ ଗିରିଶ ଚନ୍ଦ୍ର ପ୍ରଧାନ, କବି ସୁଦାମ ଚରଣ ଜେନା,



ବିଶିଷ୍ଟ ଶିକ୍ଷକ ଶ୍ରିବନ୍ତ ରାଉତ, ପରିଷଦର ସଂପାଦକ ସୁରେଶ ପ୍ରଧାନ, ଗାୟକ ବାଣୀ ଭାସ୍କର ଉଗ୍ରସେନ ପାଢ଼ୀ ପ୍ରଭୃତି ଯୋଗଦାନ କରି କଳା ଓ କଳାକାରର ବିକାଶ ପାଇଁ ପରିଷଦର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ। ବିଶିଷ୍ଟ ସଂକୀର୍ତନ ଗୁରୁ ପହଂଗା ବାଲି ସାହିର ଶ୍ରୀଯୁକ୍ତ ନିରଞ୍ଜନ ପୁଷ୍ଟିଙ୍କୁ ଗୁରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।ଗାୟକ ସୁବାସ ଚନ୍ଦ୍ର ପରିଜା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ୧୫୦ ଖ୍ୟାତନାମା କଳାକାର ମାନଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।। ପରିଷଦର କାର୍ଯ୍ୟକାରୀ ସଭାପତି ଡ଼ଃ ଜ୍ଞାନ ପ୍ରିୟ କାନୁନଗୋ ନିଆଳି ର କଳାକାର ମାନଙ୍କ ବିକାଶ ପାଇଁସରକାରଙ୍କ ସହଭାଗିତାରେ ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

## ବିବାହିତ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅନ୍ତର୍ଗତ ଚପୁରିଆ ଗାଁ ରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଚପୁରିଆ ଗ୍ରାମର ଜଣେ ବିବାହିତ ପୁରୁଷ ଉକ୍ତ ଗ୍ରାମର ଜଣେ ବିବାହିତ ମହିଳା ଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ପରେ କେଗାଁ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ନୂତନ ବାଗ ( ୩୭) । ତେବେ ଅଭିଯୁକ୍ତ ଜଣକ ମଧ ବିବାହିତ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡିଛି । ଏନେଇ ଗତକାଲି ମହିଳା ଙ୍କ ପରିବାର ତରଫରୁ କେଗାଁ ଥାନାରେ ଲିଖିତ ଅଭିଯୋଗ ପରେ କେସ ନମ୍ବର ୨୧୪/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କେଗାଁ ଥାନା ପୁଲିସ ଗିରଫ କରିଛି । ଅନ୍ୟପଟେ ଆଜି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କେଗାଁ ଥାନା ସବ ଇନ୍ସପେକ୍ଟର ଅନିଲ କୁମାର ପାଢୀ ସୂଚନା ଦେଇଛନ୍ତି।

## ହେତୁବାଦୀଙ୍କୁ ପ୍ରବଳ ମାଡ଼ ଚନ୍ଦ୍ରଗ୍ରହଣରେ ଆମିଷ ଖାଇବା ପଡ଼ିଲା ମହଙ୍ଗା


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚନ୍ଦ୍ରଗ୍ରହଣ ଦିନ ଆମିଷ ଭକ୍ଷଣ କରିବା ହେତୁବାଦୀଙ୍କୁ ମହଙ୍ଗା ପଡିଛି। ଏହିପରି ଏକ ଅଭାବନୀୟ ଘଟଣା ପୁରୁଣା ଭୁବନେଶ୍ୱର ଥାନାଅନ୍ତର୍ଗତ ନାଗେଶ୍ୱରଟାଙ୍ଗିରେ ଦେଖିବାକୁ ମିଳିଛି। ୧୦ରୁ ୨୦ଜଣ ଯୁବକ, ଯୁବତୀ ଚନ୍ଦ୍ରଗ୍ରହଣରେ ମାଛ ତରକାରି ଓ ବିରିୟାନି ପ୍ରସ୍ତୁତ କରୁଥିବା ବେଳେ ତାଙ୍କୁ କିଛି ଯୁବକ ବିରୋଧ କରିଥିଲେ। ଏପରିକି ୩୦ ରୁ ୪୦ଜଣ ଯୁବକ ଏକାଠି ହୋଇ ଆମିଷ ପ୍ରସ୍ତୁତ କରୁଥିବା ଘରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଏଥିସହ ଘରର କାଚ ଡୋର, ଝରକା, ଚେୟାର, ଫୁଲକୁଣ୍ଡ ଆଦି ବ୍ୟାପକ ଭଙ୍ଗାରୁଜା କରିଥିବା ଜଣାପଡିଛି। ଜଣେ ଯୁବତୀଙ୍କ ଡ୍ରେସ ଚିରିବା ସହ ତାଙ୍କୁ ପ୍ରବଳ ମାଡ ମାରିଥିବା ଅଭିଯୋଗ ହେବା ସହ ଅନ୍ୟ ଜଣେ ଯୁବକ ସଞ୍ଜୟ କୁମାର ବେହେରାଙ୍କୁ ମାଡ ମାରି ଜଖମ କରିବା ସହ ଅଚେତ କରିଦେଇଥିଲେ। ଏ ସଂପର୍କରେ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନୂତନ ଗୃହ ନିର୍ମାଣ ପାଇଁ ଗଛ କାଟିବାକୁ ନେଇ ଅସନ୍ତୋଷ : ଅଧ୍ୟକ୍ଷ



ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ମହାବିଦ୍ୟାଳୟ ଉକ୍ତ ଅଞ୍ଚଳରେ ଏକ ପୁରାତନ ମହାବିଦ୍ୟାଳୟ ପ୍ରଥମେ ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ଉଦ୍ୟମ ଓ ଅଞ୍ଚଳର ଲୋକଙ୍କ ସହାୟତାରେ ମହାବିଦ୍ୟାଳୟଟି ସ୍ଥାପନା ହୋଇ ଥିଲା। ପାଖା ପାଖି ୨୭ ଏକର ଜାଗାରେ ଉକ୍ତ ମହାବିଦ୍ୟାଳୟ ରହିଛି । ହେଲେ ମହାବିଦ୍ୟାଳୟର ନିଜସ୍ୱ ଜାଗା ୧୫ ଏକର ଜମି ଉପରେ କଲେଜର ଘର, ପୋଖରୀ , ଖେଳ ପଡିଆ ଇତ୍ୟାଦି ରହିଛି। ଅବଶିଷ୍ଟ ୧୦ ଏକର ଜମିରେ ଏବେ କାଗଜ ପତ୍ର ପାଇଁ ତହସିଲରେ ରହିଛି। ତେବେ ଉକ୍ତ ମହାବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପକ୍ଷରୁ ନୂତନ ଗୃହ ଓ ଉନ୍ନତି ପାଇଁ ୨୦ କୋଟି ଟଙ୍କା ଅନୁମୋଦନ ହୋଇଛି। ହେଲେ ବୃହତ୍ ପ୍ରକଳ୍ପରେ ଜାଗା ଅଭାବ ରହିଥିବାରୁ ମହାବିଦ୍ୟାଳୟ ପରିସରରେଥିବା କିଛି ଗଛକାଟିବାକୁ ନିଷ୍ପତି ହୋଇଥିଲା। ତେବେ ସରକାରୀ ନିୟମରେ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ଆଣି ଗଛକଟା ଯାଇଥିଲା। ତେବେ ଏହି ଗଛକଟା ନେଇ ସ୍ଥାନୀୟ ଅଞ୍ଚଳରେ ବିରୋଧ ହୋଇ ଥିଲା। ନିହାତି ଗଛ କଟାଯିବା ଏକ ଦୁଃଖ ଦାୟକ ଘଟଣା ଏବଂ ସେହି ଭରଣା ପାଇଁ ମଧ ଗଛ ଲଗାଇବା ଅଭିଯାନରେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ ତାଙ୍କ ପ୍ରତିକ୍ରିୟାରେରେ କହିଛନ୍ତି। ।

## ଜଳିଗଲା ବ୍ୟାଟେରି ସ୍କୁଟି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଞ୍ଚାୟତ କୁଅଁରପୁର ଗ୍ରାମର ଏକ ବ୍ୟାଟେରୀ ସ୍କୁଟି ଚାର୍ଜ ବେଳେ ଜଳିଯାଇଛି। ରତ୍ନଭୂଷଣ ପଡ଼ିୟାରୀ ନାମକ ଜଣେ ବ୍ୟକ୍ତି ନିଜ କାମକୁ ଯିବାପାଇଁ ରବିବାର ସନ୍ଧ୍ୟା ସମୟରେ ଘର ନିକଟରେ ସ୍କୁଟିକୁ ଚାର୍ଜ କରିଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗିବା ଆରମ୍ଭ କରିଥିଲା। ଏହା ଜାଣି ପରିବାର ସଦସ୍ୟ କୌଶଳ କ୍ରମେ ଗାଡ଼ିରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଫଳରେ ଏକ ବଡ଼ ଅଘଟଣରୁ ପରିବାର ଲୋକେ ବର୍ତ୍ତୀଯାଇଥିଲେ। ଏହା ପରେ ଗାଡିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିବା ସହ ଜଳିଯାଇଥିଲା। ଖବର ପାଇଁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲେ।

## ବ୍ଲକ୍‌ସ୍ତରୀୟ କୁପୋଷଣ ମୁକ୍ତ କର୍ମଶାଳା

ବୋଲଗଡ, (ଭାସ୍କର ନ୍ୟୁଜ୍): ରାଜ୍ୟ ଗ୍ରାମ୍ୟ ଉର୍ଣ୍ଣୟନ ଓ ପଞ୍ଚାୟତ ରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଗ୍ରାମ ସୋରାଜ ଅଭିଯାନ ବ୍ଲକ ସ୍ତରୀୟକୁ ପୋଷଣ ମୁକ୍ତ ସ୍ତରୀୟ କର୍ମଶାଳା ଶନିବାର ଦିନ ବୋଲଗଡ ବ୍ଲକ ପଞ୍ଚାୟତ ସମିତିର ରାଜୀବ ଗାନ୍ଧୀସେବାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା.ଏହି କାର୍ଯ୍ୟକ୍ରମ ରେବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ମୁଖ୍ୟବକ୍ତା ଭାବେ ଅତିରିକ୍ତ ବିଡ଼ିଓ ଡାକ୍ତର ରତିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ସୋନାଲି ସାହୁ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭଉଦ୍‌ଘାଟନ କରିଥିଲେ. କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଭାପତି ସୁମନ ସୁଦ୍ଧା କୁଣ୍ଡୁ ସ୍ୱାଗତ ଭାଷଣ ଦେଇ ପୋଷଣ ମୁକ୍ତ କର୍ମ ଶାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ ସଂଯୋଗକ ମାନସ କୁମାର ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ତାଲିମ କାର୍ଯ୍ୟକ୍ରମକୁ



ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକର ୧୯ଟି ଗ୍ରାମପଞ୍ଚାୟତର ଅଙ୍ଗନବାଡି କର୍ମୀ. ଓ୍ୱାର୍ଡ ସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇକୁ ପୋଷଣ ମୁକ୍ତ କର୍ମ ଶାଳା ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ତାଲିମଦାତା ଭାବେ ଗ୍ରାମ୍ୟ ଉର୍ଣ୍ଣୟନ ଓ ପଞ୍ଚାୟତ ରାଜ ବିଭାଗର ଅଧିକାରୀ କାର୍ତ୍ତିକ ପ୍ରଧାନ ଓ ଗୌରଧ୍ୱଜ ପ୍ରମୁଖକୁ ପୋଷଣ ମୁକ୍ତ ସମ୍ପର୍କରେ ସମସ୍ତ ସଦସ୍ୟ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେମାନେ ମଧ ସଦସ୍ୟ ମାନଙ୍କୁ ଫଟୋ ଉତ୍ତଳନ ମାଧ୍ୟମରେ ବିଭିନ୍ନ ପ୍ରକାରର ଭିଜୁଆଲ ଫଟୋ ପ୍ରଦର୍ଶନ କରାଇଥିଲେ। ଏହି ଟେକ୍ନୋଲୋଜି ଫଟୋ ଉତ୍ତଳନ କାର୍ଯ୍ୟକ୍ରମକୁ ଆରିଫ ସୋମା ଓ ଜୟ ସହଯୋଗକରି ପରିଚାଳନା କରିଥିଲେ. ପରିଶେଷରେ ସମର୍ଣ୍ଣିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସମସଙ୍କର ସୁସ୍ଥ ଓ ନୀରଗୋ ଜୀବନ ଯାପନ କାମନା କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ବିଭାଗର ଚାରାବଣ୍ଟନ ଅଭିଯାନ 'ସବୁଜ ବାହନ' ଉଦ୍‌ଘାଟିତ

କରଞ୍ଜିଆ (ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ମାଆ ପାଇଁ ଗଛ ଟିଏ ଯୋଜନାରେ ରାଜ୍ୟର ସମସ୍ତ ପଞ୍ଚାୟତ, ଶିକ୍ଷାନୁଷ୍ଠାନ ଓ ଅନ୍ୟ ସ୍ଥାନମାନଙ୍କରେ ୭୫ଲକ୍ଷ ବୃକ୍ଷରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ କରଞ୍ଜିଆ ବନଖଣ୍ଡ ପକ୍ଷରୁ ୪ଗୋଟି ବନାଞ୍ଚଳ ଅନ୍ତର୍ଗତ ୫ବ୍ଲକ ଅଞ୍ଚଳରେ ଥିବା ୭୩ ପଞ୍ଚାୟତରେ ୧ଲକ୍ଷ ୧୦ହଜାର ଚାରାରୋପଣ କରାଯିବା ପାଇଁ ସିଦ୍ଧାନ୍ତ ହୋଇଛି



। ପ୍ରତି ପଞ୍ଚାୟତକୁ ୫୦୦ ଚାରା ଯୋଗାଣ ପାଇଁ କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ଚାରା ବଣ୍ଟନ ଯାନ ସବୁଜ ବାହନ ପ୍ରସ୍ତୁତ ହୋଇଥିଲା । ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ପକ୍ଷକୁ ସେବା ପକ୍ଷ ଭାବେ ପାଳନ କରିବା ସହିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ପ୍ରତି ପଞ୍ଚାୟତକୁ ୫୦୦ ଲେଖାଏଁ ମୋଟ ୭୩ ପଞ୍ଚାୟତକୁ ୩୬,୫୦୦ ଚାରା ଯୋଗାଣ ହେବା ସହ ବିଭାଗ ପକ୍ଷରୁ ୩୮,୦୦୦ ଚାରା ରୋପଣ ପାଇଁ ନିଷ୍ପତ୍ତି ହୋଇଥିବା ନେଇ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ସୂଚନା ଦେଇଥିଲେ। ଏହାବାଦ ଆଇଟିଡିଏ ପକ୍ଷରୁ ୨୫ହଜାର ଜଙ୍ଗଲଜାତ ଚାରାରୋପଣ କରାଯିବା ସହ ସ୍ଥାନୀୟ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୧୦ହଜାର ଫଳ ଚାରା ରୋପଣ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ନେଇ ବନଖଣ୍ଡ ଅଧିକାରୀ ପ୍ରକାଶ କରିଥିଲେ ।

## ପ୍ରଫୁଲ୍ଲ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମହାରାକୁଳସ୍ଥିତ ସାଧୁଚରଣ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତ। ଆଜି ପବିତ୍ର ଗୁରୁଦିବସ ଉପଲକ୍ଷେ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାର ଏବଂ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଏକ ବର୍ଣାଢ୍ୟ ସଭା ରେ ଉତ୍ତରୀୟ, ମାନପତ୍ର, ଟ୍ରଫି, ଏବଂ ପୁଷ୍ପ ଗୁଚ୍ଛ ଦେଇ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ପୁରସ୍କାର ପାଇଁ ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷକ ପରିଚାଳନା





ପରଜଙ୍ଗ (ଭାସ୍କର ନ୍ୟୁଜ); ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଭାଗବତ ତୁଙ୍ଗି ହେଉ କି ନିଜ ଘରମାନଙ୍କରେ ହେଉ ଭାଦ୍ରବ ପୂର୍ଣ୍ଣିମା କିମ୍ବା ଭାଗବତ ଜନ୍ମ ରବିବାର ପାଳିତ ହେଉଥିବାବେଳେ, ବାହିଗୁଡ଼ିଆପୁଟ ଦୁର୍ଗାମନ୍ଦିର ପରିସରରେ ସ୍ଥାନୀୟ ଭାଗବତପ୍ରେମୀଙ୍କ ଦ୍ୱାରା ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଭାଗବତ ଜନ୍ମ ପାଳିତ ହୋଇଯାଇଛି । କଳ୍ପ ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ଭାଗବତ ଜନ୍ମ ଦିନରେ ପୁରାଣ ବର୍ଣ୍ଣିତ ଗ୍ରନ୍ଥକୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଆସୁଛନ୍ତି । ଶତାଧିକ ଭାଗବତପ୍ରେମୀ ଭାଗବତ ତୁଙ୍ଗିରେ ରହିଥିବା ସମସ୍ତ ପୁରାଣ ବର୍ଣ୍ଣିତ ଗୀତା ଭାଗବତ ଗ୍ରନ୍ଥ ଗୁଡ଼ିକ ପୂଜାର୍ଚ୍ଚନା ସହିତ ପୁସ୍ତକ ପଠନ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା । ଚନ୍ଦ୍ରଗ୍ରହଣ ରହିଥିବାରୁ ପ୍ରାତଃ ସମୟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋମ ଯଜ୍ଞ କରାଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପୂର୍ଣ୍ଣାହୁତି ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପଣ୍ଡିତ ଗଣେଶ ବ୍ରହ୍ମଚାରୀ ଓ ବିଭୂତି ବ୍ରହ୍ମଚାରୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋମ ଯଜ୍ଞ କରିଥିବାବେଳେ ଗ୍ରାମର ମାଗତା ଭୂତିଆ ଓ ସହଯୋଗୀ ବାସନ୍ତୀ ଭୂତିଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ଦୀର୍ଘବର୍ଷ ଧରି ଭାଗବତ ଜନ୍ମ ଦିନକୁ ଆଜି ପର୍ଯ୍ୟନ୍ତ ଜାରି ରଖିଥିବା ଗ୍ରାମର ଭାଗବତପ୍ରେମୀ ନିରାକାର ପ୍ରଧାନ, କୁମୁଦ ଚନ୍ଦ୍ର ସାହୁ, କାଶୀନାଥ ସାହୁ, ପ୍ରଦୀପ କୁମାର ସାହୁ ( ଦୀପୁ ସାର୍) , ଅଞ୍ଜନ କୁମାର ମହାରଣା ,ରଘୁନାଥ ସାହୁ , ନିହାର ରଞ୍ଜନ ସାହୁ, ଅରୁଣ କୁମାର ସାହୁଙ୍କ ସମେତ ଶତାଧିକ ଭାଗବତ ପ୍ରେମୀମାନଙ୍କ ସହଯୋଗରେ ଭାଗବତ ଜନ୍ମ ଦିବସ ଆଡ଼ମ୍ବର ସହକାରେ ପାଳିତ ହୋଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ ।



# ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କଥାକୁ ବେଖାତିର ଅଭିଯୋଗ

## ଲଲିପପ୍ ଧରାଉଛି ବେଆଇନ ଭାବେ ଖୋଲିଥିବା ସରସ୍ୱତୀ ଶିଶୁମନ୍ଦିର




କଣାସ (ଭାସ୍କର ନ୍ୟୁଜ): ଗତ କିଛିଦିନ ପୂର୍ବରୁ କଣାସ ବ୍ଲକ ଗାଡିସାହୀଗୋଡା ପଞ୍ଚାୟତର ଜାମଳଗୋଦାରେ କୌଣସି ସଠିକ କାଗଜପତ୍ର ନଥାଇ ବେଆଇନ ଭାବେ ଏକ ଶିଶୁମନ୍ଦିର ଖୋଲିଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପାଖରେ କିଛି ଅଭିଯୋଗକାରୀ ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କଠୁ ନେଇ କଣାସ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପର୍ଯ୍ୟନ୍ତ ତତ୍ପରତା ଦେଖାଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ କଣାସ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ସେହି ଶିଶୁମନ୍ଦିର ଉପରେ ଚଢ଼ାଉ କରିଥିଲେ ଏବଂ ତାଙ୍କର ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଉକ୍ତ ଦିନ ସେ କୌଣସି ସଠିକ କାଗଜପତ୍ର ଦେଖାଇ ନପାରିଥିବାରୁ ତାଙ୍କୁ ଆଉ ଗୋଟିଏ ଦିନ ସମସ୍ତ ସଠିକ କାଗଜପତ୍ର ଧରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୟାଳୟର ବିଷୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କଥାକୁ ତିଳେ ମାତ୍ର ଖାତିର ନକରି ପରବର୍ତ୍ତୀ ମୁହୂର୍ତ୍ତରେ ସେହି ବିଦ୍ୟାଳୟର ପ୍ରତିଷ୍ଠାତା କିମ୍ବା ପ୍ରଧାନଶିକ୍ଷକ କେହିବି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରେ ହାଜର ହୋଇ ନଥିଲେ । ଯାହାକୁ ନେଇ ଶ୍ରୀ ବେହେରା କ୍ଷୋଭ ପ୍ରକାଶ କରିବା ସହିତ ପୁନର୍ବାର ତାଙ୍କୁ ତାଗିଦ କରି ନିଜ କାର୍ଯ୍ୟାଳୟକୁ ଡକାଇ ଆଣି ଉକ୍ତ ଶିଶୁମନ୍ଦିରର ସମସ୍ତ କାଗଜ ପତ୍ର ନିଜେ ଯାଞ୍ଚ କରିଥିଲେ । ଦୁର୍ଭାଗ୍ୟର ବିଷୟ ଯାଞ୍ଚବେଳେ କୌଣସି ସଠିକ କାଗଜପତ୍ର ଦେଖାଇ ପାରି ନଥିଲେ ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ଶ୍ରୀଚନ୍ଦନ । ଯାହାକୁ ଦେଖି ଘୋର ବିରକ୍ତି ଭାବ ପ୍ରକାଶ କରିବା ସହ ଉକ୍ତ ଶିଶୁମନ୍ଦିରକୁ ତୁରନ୍ତ ବନ୍ଦ କରିବା ଓ ସେହିଠାରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ୫ଦିନ ମଧ୍ୟରେ ଅନ୍ୟ ବିଦ୍ୟାଳୟ ରେ ଆଡ଼ମିସନ କରାଇ ରିପୋର୍ଟ ପ୍ରଦାନ କରିବାକୁ କହି ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଉକ୍ତ ଶିଶୁମନ୍ଦିର ଉପରେ ନୋଟିସ କରି ତୁରନ୍ତ ବନ୍ଦ କରିବାକୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଗୋବର୍ଦ୍ଧନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଗାଲୁଆମୀର ସୀମା ପାରକରୀ ସରକାରୀ ନୋଟିସ ଓ ନିର୍ଦ୍ଦେଶ କୁ ଫୁଁ କରିଦେଇ ପୁନର୍ବାର ସେହି ଶିଶୁମନ୍ଦିର ସେହିଜାଗାରେ ସରକାରୀ ଅଧିକାରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ନିଜର କାର୍ଯ୍ୟ ଚଳାଇଲା ଏବଂ ୫ଦିନ ଯାଇ ୧୫ ଦିନ ହେଲାଣି ମଧ୍ୟ ସେ କୌଣସି ରିପୋର୍ଟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜମା ନକରି ପିଲାମାନଙ୍କୁ ବିନା ୟୁନିଫର୍ମ (ଅଲଗା ଡ୍ରେସ)ରେ ସେହିଠାରେ ବିଦ୍ୟାଳୟ ଚଳାଉଥିବା ଖବର ହସ୍ତଗତ ହୋଇଥିଲା । ଯାହାକୁ ଶୁଣିବା ପରେ ମନରେ ପ୍ରଶ୍ନ ଉଠୁଛି କଣାସ ର ଶିକ୍ଷାବ୍ୟବସ୍ଥା ଉର୍ଦ୍ଧଗାମୀ ନା ନିମ୍ନଗାମୀ ? ଏବଂ ଏହି କଥା ରୁ ସ୍ପଷ୍ଟ ହେଉଛି ଯେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶର କୌଣସି ମୂଲ୍ୟ ନାହିଁ । ନଚେତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲଲିପପ୍ ଧରାଉଛି ଗୋଟିଏ ସାଧାରଣ ଶିଶୁମନ୍ଦିରର ପ୍ରତିଷ୍ଠାତା ।

## ଗୋଠ ଗାଁରେ ଯୁବକଙ୍କୁ ହତ୍ୟା ଅଭିଯୋଗ



ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ): ଶେରଗଡ଼ ଥାନା ଅନ୍ତର୍ଗତ ଗୋଠ ଗାଁ ରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା ହୋଇଥିବାର ଅଭିଯୋଗ ହୋଇଛି । ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଲେ ପାଟପୁର ଥାନା ଅନ୍ତର୍ଗତ ପି.ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀ । ସୂଚନା ପ୍ରକାରେ ଚନ୍ଦନ କଙ୍କରଡ଼ା ଗ୍ରାମ ନିଜ ମାମୁଁ ଘରେ ରହି ପାଠପଢ଼ା କରୁଥିଲେ । ଗତ ବିଳମ୍ବିତ ରାତିରେ ଚନ୍ଦନ କିଛି ଯୁବକ ସହ ଗୋଠ ଗାଁ ଉତ୍ସବକୁ ଯାଇଥିଲେ । ସେଠାରେ କୌଣସି କାରଣ କୁ ନେଇ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ବଚସା ଉଗ୍ର ରୂପ ନେଇଥିଲା । ଯାହାଫଳରେ ସରଗଡ଼ ଓ ଚନ୍ଦନ ଗୋଷ୍ଠୀ ମଧ୍ୟରେ ହାତା ହାତି ମଧ୍ୟ ହୋଇଥିଲା । ଏହି ହାତାହାତି ଭିତରେ ଚନ୍ଦନ ବିଷୋୟୀଙ୍କ ଉପରେ ମରଣାତ୍ମକ ଆକ୍ରମଣ ହୋଇଥିଲା ଯାହାଫଳରେ ଘଟଣାସ୍ଥଳରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ଶେରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନଙ୍କ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ହିଞ୍ଜିଳି ମେଡିକାଲକୁ ପଠାଇଥିବାବେଳେ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣାପଡ଼ିଛି । ଘଟଣା ସ୍ଥଳରେ ଛୁରା, ପଥର ଓ ଅନ୍ୟାନ୍ୟ ମାରଣାସ୍ତ୍ର ମିଳିଥିଲା । ତେବେ କେଉଁ କାରଣକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଛି ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହୋଇପାରିବ ।

## ଯାତ୍ରୀବାହୀ ଅଟୋକୁ ଆକ୍ରମଣ କଲେ ହାତୀ , ଜଣେ ମହିଳା ମୃତ

ବାରିପଦା(ଭାସ୍କର ନ୍ୟୁଜ): ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ତଥା ମୋରଡା ବ୍ଲକର ଅସ୍ତିଆ ଠାରେ ଯାତ୍ରୀବାହୀ ଅଟୋକୁ ହାତୀପଲ ଆକ୍ରମଣ କରିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ ଯେ ଅମରଦାରୁ ବାରିପଦା ଅଭିମୁଖେ ଯାଉଥିବା ଯାତ୍ରୀବାହୀ ଅଟୋ ସାମ୍ନାକୁ ହାତୀ ପଲ ପଳାଇଆସିଥିଲା । ଏହା ଦେଖି ଡ୍ରାଇଭର ଗାଡ଼ି ଘୋଡାଇବାକୁ ଚେଷ୍ଟା କରିବା ସମୟରେ ଅଟୋରେ ଥିବା ଯାତ୍ରୀ ଡିଆଁମାରି ବାହାରିବା ସମୟରେ କିଛିଜଣ ତଳେ ପଡ଼ିଯାଇଥିଲେ । ଏଭଳି ଘଟଣା ଘଟିଛି ଜଳେଶ୍ୱର - ବାରିପଦା ମୁଖ୍ୟ ରାସ୍ତାର ଅସ୍ତିଆ ଠାରେ। ୭ଟିକିଆ ହାତୀପଲ ଆକ୍ରମଣ କରିଥିଲେ। ଅଟୋ ଚାଳକ ସମ୍ନାକୁ ହାତୀ ଆସିବା ପରେ ଚାଳକ କିଛି ବୁଝିବା ପୂର୍ବରୁ ହାତୀପଲ ଅଟୋକୁ ଓଲଟାଇ ଦେଇଥିଲେ । ଉକ୍ତ ଅଟୋରେ ଡ୍ରାଇଭରକୁ ମିଶାଇ ୭ ଜଣ ଥିବାବେଳେ ଜଣେ ମହିଳାଙ୍କୁ ହାତୀ ଶୁଣ୍ଢରେ ଟାଣିଆଣି ହାତ ଓ ଗୋଡକୁ ମାଡି ଦେଇଥିବା ସୂଚନାରୁ ଜଣାପଡିଛି । ସେହି ସମୟରେ ଅଟୋରୁ ବାହାରି ଅନ୍ୟମାନେ ଏଣେତେଣେ ଦୌଡ଼ି ପଳାଇଥିଲେ। ଡ୍ରାଇଭର ଭୟରେ ଅଳ୍ପ ଦୂରକୁ ଦୌଡ଼ି ପଳାଇ ଭୟରେ ଥରୁଥିବା ଦେଖିବାକୁ ମିଳିଥିଲା । କିଛି ସମୟ ପରେ ହାତୀପଲ ରାସ୍ତା ପାରି କରି ଚାଲି ଯାଇଥିଲା । ତେବେ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ଓଲଟି ପଡିଥିବା ଅଟୋକୁ ଛିଡା କରି ଗୁରୁତର ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଦୀର୍ଘତମ ଫ୍ଲାଏଓଭର ରାସ୍ତା ଫାଟି ଆଁ’



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଯୋଡାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରର ନିର୍ମାଣ ହୋଇଛି। ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ ଅର୍ଥରେ ନିର୍ମିତ ଫ୍ଲାଏ ଓଭର ଦୁଇବର୍ଷ ନ ପୁରୁଣୁ ରାସ୍ତା ଫାଟି ଆଁ କଲାଣି । ପ୍ରାୟ ୨୫୦କୋଟି ବ୍ୟୟ ଅଟକଳରେ ୨.୯କିମି ଏହି ଦୀର୍ଘତମ ଫ୍ଲାଏ ଓଭରକୁ ଓଡ଼ିଶା ବ୍ରିଜ କନ୍ସଟ୍ରକ୍ସନ୍ କର୍ପୋରେସନ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗୁଜୁରାଟ ରାଜ୍ୟର ଚେଭରନ୍ ନାମକ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଶେଷ କରିଥିଲା । ୨.୯କିମି ଲମ୍ବ ବିଶିଷ୍ଟ ଏହି ଫ୍ଲାଏ ଓଭରର ଚଉଡ଼ା ୧୨ମିଟର ଥିବା ବେଳେ ଭୂମି ଠାରୁ ଏହାର ସର୍ବାଧିକ ୬୦ଉଚ୍ଚତା ୬୦ଫୁଟ ରହିଛି । ଏହି ୨.୯୮୦ କିମି ଦୀର୍ଘତମ ଫ୍ଲାଏ ଓଭରଟି ୨୦୨୪ ମାର୍ଚ୍ଚ ୧୧ ତାରିଖରେ ଭର୍ଚୁଆଲ ମାଧ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତତ୍କାଳୀନ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ । ଏହି ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଥିବା ଓବିସିସିର ଚିଫ ଜେନେରାଲ ମ୍ୟାନେଜର ଅଜିତ ବାବୁ, ଜେନେରାଲ ମ୍ୟାନେଜର ନରସିଂହ ମହାନ୍ତ କହିଥିଲେ ଯେ,ଏହି ଫ୍ଲାଏ ଓଭରରେ ଲୁହା ବିୟରିଂ ପରିବର୍ତ୍ତେ ସ୍ୱତନ୍ତ୍ର ବିୟରିଂ ଲଗାଯାଇଛି ଓ ଉନ୍ନତ ଜ୍ଞାନ କୌଶଳରେ ଏହା ନିର୍ମାଣ କରାଯାଇଛି । ଏହାର ସ୍ଥାୟୀତ୍ୱ ଶହେ ବର୍ଷ ବୋଲି କୁହାଯାଇଥିଲା । ବର୍ତ୍ତମାନର ସ୍ଥିତି ଫ୍ଲାଏ ଓଭରର ଅତ୍ୟନ୍ତ ଉଦ୍‌ବେଗ ଜନକ । ଫ୍ଲାଏ ଓଭରର ରାସ୍ତା ଫାଟି ଲୁହା ରଡ ବାହାରକୁ ବାହାରି ଯାଇଛି । ଦୁଇରୁ ତିନି ଜାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇଛି । ଜଳ ନିଷ୍କାସନ ପାଇପ ଖସି ଲୋକେ ଆହତ ହେଲେଣି । ପ୍ରତିଦିନ ଫ୍ଲାଏ ଓଭରରେ କିଛି ଅଞ୍ଚଳକୁ ଆବଦ୍ଧ ରଖି ମରାମତି କାର୍ଯ୍ୟ କରାଯାଉଛି । ଶୁକ୍ରବାର ଏହି ମରାମତି କାର୍ଯ୍ୟ କରୁଥିବା ଜଣେ ଶ୍ରମିକ ନାମକୁ ଗୋପନରେ ରଖି କହିଛନ୍ତି ଯେ, ଅନେକ ପୋଲ କାମ ସେ ଶ୍ରମିକ ଭାବେ କରିଛନ୍ତି ହେଲେ ଏହି ଯୋଡା ଫ୍ଲାଏ ଓଭରରେ ଏକ ଭରିଯାନ ଚାଲିଗଲେ କମ୍ପନ ସହିତ ଏକ ଅଲଗା ଅନୁଭୂତି ହେଉଛି । ତେଣେ ବୈଷୟିକ ବିଶେଷଜ୍ଞ କହିଛନ୍ତି ଯେ, ସମାନ ଭାବେ ଫ୍ଲାଏ ଓଭରର ଛାତ ନିର୍ମାଣ ହୋଇ ନ ଥିବା ହେତୁ ଓ୍ୱେରିଂ କୋଟ ସମାନ ଭାବେ ପଡ଼ିନାହିଁ । ଯେଉଁଠାରେ ଭାଗ ପତଳା ରହିଛି,ସେହି ଠାରେ ଛାତ ଫାଟି ରଡ ଦିଶୁଛି । ଏ ସମ୍ପର୍କରେ କେନ୍ଦୁଝର ସାଂସଦ ପ୍ରତିନିଧି ବି.ଏନ୍ ଦାସ କହିଛନ୍ତି ଯେ, ଉଦଘାଟନ ପାଇଁ ତତ୍ପରତା ତତ୍କାଳୀନ ସରକାର କାମକୁ ଅସମ୍ପୂର୍ଣ୍ଣ କରି ତରବରିଆ ଭାବେ ଶେଷ କଲେ । ଯାହାଦ୍ୱାରା କାମ ନିମ୍ନମାନର କରାଗଲା । ଏଥିପାଇଁ ଫ୍ଲାଏ ଓଭର ଫାଟିବା ଏବଂ ପିଲର ନିକଟରେ ଫାଟ ସୃଷ୍ଟି ହେବା, ବର୍ଷା ହେଲେ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଜଳ ପ୍ରପାତ ଭଳି ଫ୍ଲାଏ ଓଭରରୁ ପାଣି ପଡ଼ିବା ପ୍ରଭୃତି ବ୍ୟତିକ୍ରମ ଦେଖା ଦେଉଛି । ଯାହାକି ଯୋଡା ଜନସାଧାରଣଙ୍କୁ ଭୟାତୁର କରୁଛି । ରାଜ୍ୟ ସରକାର ଏ ଦିଗରେ ଏକ ବୈଷୟିକ ବିଶେଷଜ୍ଞ ଦଳ ପଠାଇ ଏହାର ଯାଞ୍ଚ ଏବଂ ତଦାରଖ କରିବା ପାଇଁ ସେ ସରକାରଙ୍କ ନିକଟରେ ଖୁବ୍ ଶୀଘ୍ର ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି ।

# ୩୬ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




କୋରାପୁଟ(ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳିତ ହୋଇଯାଇଛି। ଏଅବସରରେ ୩୬ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେଥିମଧ୍ୟରୁ ଉଚ୍ଚବିଦ୍ୟାଳୟସ୍ତରରେ ୨୧ଶିକ୍ଷକ, ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୧୩ଜଣ ଶିକ୍ଷକ ଓ ୨ଜଣ ସିଆରସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏଥିସହ ଜିଲ୍ଲାର ୧୪ଅବସରପ୍ରାପ୍ତ ଶିକ୍ଷକ ଓ ୬ଜଣ ବିଇଓଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଡିଇଓ ଡ. ପ୍ରଶାନ୍ତ ମହାନ୍ତିଙ୍କ ସମେତ ବହୁ ଶିକ୍ଷାବିତ ଉପସ୍ଥିତ ଥିଲେ । କୋରାପୁଟ ବିଧାୟକ ଶ୍ରୀମାଛ କହିଥିଲେ, ଶିକ୍ଷକତାକୁ ବୃତି ଭାବେ ନୁହେଁ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଆଦିବାସୀ ଅଧୁଷିତ ଜିଲ୍ଲା ପରିଚିତ କୋରାପୁଟ ଜିଲ୍ଲାର ବିକାଶ ଶିକ୍ଷା ଉନ୍ନୟତି ବିନା ହୋଇପାରିବ ନାହିଁ ବୋଲି ଲକ୍ଷ୍ମୀପୁର ବିଧାୟକ ଶ୍ରୀ ସାଉନ୍ତା କହିଥିଲେ। ଜିଲ୍ଲାପାଳ ଶ୍ରୀ ମହାଜନ କହିଥିଲେ, କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ଭାବନା ରହିଛି । ଏଥିସହ ଗୁଣାତ୍ମକ ମାନ ପରୀକ୍ଷା ଫଳ ପାଇଁ ଜ୍ଞାନଦୀପ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷକମାନେ ଶିକ୍ଷାଦାନ ପୂର୍ବରୁ ନିଜେ ପ୍ରସ୍ତୁତି ହେବାକୁ ପଡିବ । ଜିଲ୍ଲାର ଗୁଣାତ୍ମକ ପରୀକ୍ଷା ଫଳ ନେଇ ସମସ୍ତ ଶିକ୍ଷକ ସଂକଳ୍ପ ନେବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ ।

## ବୁଲାଗୋରୁଙ୍କ କବ୍‌ଜାରେ ଜାତୀୟ ରାଜପଥ



ରଙ୍ଗେଇଲୁଣ୍ଡା(ଭାସ୍କର ନ୍ୟୁଜ୍): ଆନ୍ଧ୍ରପ୍ରଦେଶ ଏବଂ ଓଡିଶାକୁ ସଂଯୋଗ କରୁଥିବା ୧୬ ନଂ ଜାତୀୟ ରାଜପଥ ଏବେ ବୁଲା ଗୋରୁଗାଈଙ୍କ ଆଡ୍ଡା ସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି । ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଜନସାଧାରଣଙ୍କ ଯାତାୟାତରେ ବ୍ୟାପକ ବାଧା ସୃଷ୍ଟି ହେଉଛି ଏବଂ ଗାଡି ମୋଟର ଧକ୍କାରେ ଗୋରୁ ଗାଈ ଗୁରୁତର ଆହତ ହେବା ସହ ମୃତ୍ୟୁବରଣ କରୁଛନ୍ତି । ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଚଟି ଛକ , ରଣ୍ଟା, କନିସି, ହଳଦିଆପଦର ଆଦି ଜନଗହଳି ପୂର୍ଣ୍ଣ ଛକ ଦେଇ ରାଜପଥ ଯାଇଥିବା ବେଳେ ଏହି ବାଟ ଦେଇ ଦୈନିକ ଶହଶହ ଲୋକ ବିଭିନ୍ନ କାମରେ ଯାତାୟତ କରନ୍ତି । ବହୁ ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ ହେଉଛି । ତେବେ ଦିନ ରାତି ଗାଈ ଗୋରୁ ଛକ ଜାତୀୟ ରାଜପଥକୁ କବଜା କରି ରଖୁଥିବାରୁ ଯାତାୟତରେ ଅସୁବିଧା ହେଉଛି । ଗାଈଗୋରୁ ପାଳନ କରିଥିବା ଗ୍ରାମାଞ୍ଚଳ ଲୋକେ ନିଜ ନିଜ ଗାଈଗୋରୁ ଗୁହାଳରେ ରଖିବା ବଦଳରେ ବାହାରକୁ ଛାଡି ଦେଉଛନ୍ତି। ସେମାନଙ୍କ ଉପରେ ପ୍ରଶାସନ କିମ୍ବା ରାଜପଥ କର୍ତ୍ତୃପକ୍ଷ ଦ୍ୱାରା କୌଣସି କଟକଣା ଜାରି କରାଯାଉନାହିଁ । ଫଳରେ ଗାଈପଲ ଜାତୀୟ ରାଜପଥ ଉପରେ ମଧ ଶୋଇ ରହୁଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମାନିତ



ବୋଲଗଡ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାରରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସେଠୀ, ପିଚୁକୁଳି ସ୍ଥିତ ଶ୍ରୀ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ମାନସ କୁମାର ବେହେରା ଏବଂ ଖଲିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ପୁରସ୍କାର ବାବଦ ଅର୍ଥ ରାଶି ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ ବୋଲି ଘୋଷଣା କରାଯାଇଥିଲା । ଏହି ଉତ୍ସବରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି । ବୋଲଗଡ଼ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ଅମିତା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ, ଶୈବାଳିକା ମଲ୍ଲିକ, ଜ୍ୟୋତିର୍ମୟୀ ସାହୁ, ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର,ଅମର ସାହୁ, ଭିକାରୀ ପୃଷ୍ଟି, ଚିତ୍ତରଞ୍ଜନ ସ୍ୱାଇଁ, ରବିନ୍ଦ୍ର ବେହେରା, ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅପର୍ତି ଅଟ୍ଟ, ସଭାପତି ମଳୟ ପଣ୍ଡା, ଶିକ୍ଷକ ଶୈଳେନ ପଟ୍ଟନାୟକ, ଜନ୍ମେଜୟ ମାଝୀ, ଶିକ୍ଷୟିତ୍ରୀ ରୀନାରାଣୀ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

## ଗଞ୍ଜେଇ ଜବତ କରୁଛି ପୋଲିସ

### ଅବକାରୀ ବିଭାଗ ଚୁପ୍ ବସିଛି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ବେଳେ ଦେଢ଼ କୋଟି ଟଙ୍କାର ଗଞ୍ଜେଇକୁ ଜବତ କରାଯାଇଛି । ସମ୍ପୃକ୍ତ ଘଟଣାରେ ପୋଲିସକୁ ଦୂରରେ ଦେଖି ଚୋରା ଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି। ଘଟଣାରୁ ପ୍ରକାଶ, ମୋହନା ଥାନା କଲେଜ ଛକସ୍ଥିତ ତାରିଣୀ ମନ୍ଦିର ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ ସହ ୭ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇକୁ ପୋଲିସ ଜବତ କରିଛି। ପୋଲିସକୁ ଦେଖି ଚୋରାଚାଲାଣକାରୀ ରାସ୍ତାକଡରେ ଗାଡି ରଖି ଫେରାର ହୋଇଯାଇଛନ୍ତି । ଘଟଣାର ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଆମ ଗଜପତି ଜିଲ୍ଲା ପ୍ରତିନିଧି ଙ୍କୁ କହିଛନ୍ତି, ବୁଧବାର ରାତିରେ ସ୍ଥାନୀୟ କଲେଜ ଛକରେ ମୋହନା ପୋଲିସ ପେଟ୍ରୋଲି କରୁଥିଲା । ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ (ଓଡି ୦୭ ଏଜେ ୭୨୧୪) ରାସ୍ତାରେ ରଖିଦେଇ ଡ୍ରାଇଭର ଫେରାର ହୋଇଯିବା ପୋଲିସ ଦେଖିବାକୁ ପାଇଥିଲା। ଭ୍ୟାନ ନିକଟରେ ପହଞ୍ଚି ପୋଲିସ ଏହାକୁ ଯାଞ୍ଚ କରିବାରୁ ଭିତରେ କିଛି କୁଣ୍ଡା ବସ୍ତା ଥିବା ଏବଂ ତା’ ତଳେ ଗଞ୍ଜେଇ ରଖାଯାଇଥିବା ଦେଖିବାକୁ ପାଇଥିଲା । ପୋଲିସ ଭ୍ୟାନ ସହ ଗଞ୍ଜେଇ ଜବତ କରିଥିଲା। ଆର. ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏହା ୭ କୁଇଣ୍ଟାଲ ୨୦ କେଜି ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼କୋଟି ଟଙ୍କା ହେବ ବୋଲି ସୂଚନା ମିଳିଛି। ଫେରାର ହୋଇଯାଇଥିବା ଚୋରା ଚାଲାଣକାରୀଙ୍କୁ ଧରିବା ପାଇଁ ପୋଲିସ ସମସ୍ତ ଉଦ୍ୟମ ଜାରୀ ରଖିଛି।

# ପରମାନନ୍ଦ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓ ଅଧକ୍ଷ ପ୍ରଫେସର ପ୍ରଦୀପ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଶୁକ୍ରବାରଦିନ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ମହାଡ଼ମ୍ବର ସହକାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହରିହର କାନୁନଗୋ ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ, କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ,ଦୀପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ଦେଶାତ୍ମକ ବୋଧକ ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ସଭାପତି ତଥା ଅଧକ୍ଷ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇ ମହାବିଦ୍ୟାଳୟର ଗୁଣଗରିମା ବର୍ଣ୍ଣନା କରିଥିଲେ । ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରଙ୍ଗନାଥ ମହାରଣା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ସହିତ କୃତୀ ଛାତ୍ରଛାତ୍ରୀମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପବିତ୍ର ଗୁରୁଦିବସରେ ସମସ୍ତ ନିମନ୍ତ୍ରିତ ଅତିଥିମାନ ପରମାନନ୍ଦ ମହାବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ସମସ୍ତ ବିଭାଗର ମୁଖ୍ୟ ପ୍ରଫେସର ମାନଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତା ଓ ବିଭିନ୍ନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବରରଖି କୃତୀତ୍ୱର ସହ ପାସ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ ନିମନ୍ତ୍ରିତ ଅତିଥିମାନେ ଶିକ୍ଷାଦାନ କ୍ଷେତ୍ରରେ ପରମାନନ୍ଦ ମହାବିଦ୍ୟାଳୟର ଭୂମିକା ଅତ୍ୟନ୍ତ ଉଚ୍ଚ କୋଟିର ବୋଲି ଉଚ୍ଚ ପ୍ରଶଂସା କରିଥିଲେ। ବୋଲଗଡ ହେଉଛି ଏକ ବୀର ମାଟି ଓ ସଂସ୍କୃତି ସମ୍ପନ୍ନ ବୋଲି ମୁଖ୍ୟବକ୍ତା ପ୍ରଫେସର ହରିହର କାନୁନଗୋ ତାଙ୍କ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ସମସ୍ତ ଛାତ୍ରଛାତ୍ରୀମାନେ କଳା, ସାହିତ୍ୟ, ସଂସ୍କୃତି ଓ ବୃତ୍ତିଗତ ଶିକ୍ଷାକୁ ଭଲ ପାଇ ଭଲ ମଣିଷ ହେବା ପାଇଁ ସମ୍ମାନିତ ଅତିଥି ସୁ-ସାହିତ୍ୟିକ ତଥା ରାଜ୍ୟ ସ୍ତରୀୟ କୁଇଜ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ର ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରମାନନ୍ଦ ମହାବିଦ୍ୟାଳୟକୁ ସରକାରୀ ଜମିପଟା ଆସନ୍ତା ୧ ମାସ ମଧ୍ୟରେ ଯୋଗାଇ ଦିଆଯିବ ବୋଲି ତହସିଲଦାର ବିଜୟ କୁମାର ସେଠୀ ଘୋଷଣା କରିଥିଲେ। ସମସ୍ତ ଛାତ୍ରୀମାନେ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ସ୍ୱପ୍ନ ଦେଖି କଠିନ ପରିଶ୍ରମ କରି ନିଷ୍ଠା ତଥା ଦୃଢତାର ସହିତ ଶିକ୍ଷା ଅଧ୍ୟୟନ କରିବାକୁ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାର ବିକାଶ ଘଟିଲେ ଦେଶ ଓ ସମାଜର ଉନ୍ନତି ହୋଇପାରିବ ବୋଲି ପବିତ୍ର ଗୁରୁଦିବସରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ସଚେତନତା କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶୁଭ୍ରା ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ରାଜକିଶୋର ସାହୁ, ମାୟାଧର ବରାଡ଼, ଶଙ୍କର ସିଂହ, ମିଳି ପରିଡ଼ା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ଅଧ୍ୟାପକ ଗଣେଶ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ନିର୍ବାଚନ

ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ନିର୍ବାଚନ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଠିକ୍ ସେହିପରି ତହିଁ ପରଦିନ ଅର୍ଥାତ ୦୬/୦୯/୨୫ରିଖ MCDAe ୩୨ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଯେଉଁଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୮୭ଜଣ ସଦସ୍ୟଙ୍କ ସମେତ କେନ୍ଦୁଝର ଓ ବାଲେଶ୍ୱରରୁ ମଧ୍ୟ ରାଜ୍ୟସ୍ତରୀୟ ଦାୟିତ୍ୱ ନିର୍ବାହ କରୁଥିବା ସଦସ୍ୟମାନେ ଯୋଗଦାନ କରିଥିଲେ। ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ସଦସ୍ୟ ସିଦ୍ଧାର୍ଥ ସାରଥୀ ଦାଶ, ଅରୁଣ କୁମାର ଦାସ, ସମୀର କୁମାର ଜଟାଣିଆ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।ଜିଲ୍ଲାର ୩୦ ଜଣ ସଦସ୍ୟଙ୍କ ଅଂଶଗ୍ରହଣରେ ଏହି ନିର୍ବାଚନ ସୂଚାରୁଭାବେ ସମ୍ପନ୍ନ ହୋଇଥିଲା।ସୁଜଳ ବିହାରୀ ମହାନ୍ତି, ଆନନ୍ଦ କୁମାର ସାହୁ, ସରୋଜ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ଅମିୟ କୁମାର ମହାପାତ୍ର, ନିରୋଜ କୁମାର ସାହୁ, ଶିବଶଙ୍କର ସାକୁନିଆ, ସଚିନ ଗୁପ୍ତା, ବିକାଶ ଚନ୍ଦ୍ର ମହାନ୍ତ, ସଞ୍ଜୟ କୁମାର ପରିଡା, ଲଳିତ କୁମାର ମହାନ୍ତ, ସୁଧୀର କୁମାର ଅଗରୱାଲ, ସୌରଭ ରଞ୍ଜନ ମହାନ୍ତି, ପ୍ରମୋଦ କୁମାର ମହାନ୍ତ, ମନୋଜ କୁମାର ସା, ମନୋଜ ପଟ୍ଟନାୟକ, ଭବାନୀଶଙ୍କର ମିଶ୍ର, ରଞ୍ଜିତ ଧୀର, ନାରାୟଣ ବେହେରା, ନରେଶ କୁମାର ଅଗରୱାଲ, ଅମୋଦ କୁମାର ମହାନ୍ତ, କୃଷ୍ଣ କେଶବ ଦାସ, ପ୍ରଦୋଷ କୁମାର ଦାଶ, ଅମିତ କୁମାର ଖଣ୍ଡେଲୱାଲ, ବିଜିକାନନ୍ଦ ମହାନ୍ତି, ମୃତ୍ୟୁଞ୍ଜୟ ମହାପାତ୍ର, ବିବେକାନନ୍ଦ ସେଜପଡା, ହରିହର ବାରିକ, ସୁବ୍ରତନନ୍ଦ ଜେନା ଓ ସୁଜିତ କୁମାର ନାଥ ନିର୍ବାଚନରେ ସହଭାଗୀ ହୋଇଥିଲେ। ଏହି ନିର୍ବାଚନରେ ବିକାଶ ଚନ୍ଦ୍ର ମହାନ୍ତ ସଭାପତି ଏବଂ ମାନସ ରଞ୍ଜନ ମହାନ୍ତି ସମ୍ପାଦକ ଭାବେ ୨୦୨୫-୨୦୨୮ ଅବଧି ପାଇଁ ନିର୍ବାଚିତ ହୋଇଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ୩ ଶିକ୍ଷକ




ଜଳେଶ୍ୱର(ଭାସ୍କର ନ୍ୟୁଜ୍):ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଚୋରମରାର ୩ ଜଣ ଶିକ୍ଷକ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାରେ ସମର୍ଥ ହୋଇ ବିଦ୍ୟାଳୟର ଗୌରବ ଆଣିଛନ୍ତି। ସେମାନେ ହେଲେ ବିଜ୍ଞାନ ଶିକ୍ଷକ ସପନ କୁମାର ମଲ୍ଲିକ, ସଂସ୍କୃତ ଶିକ୍ଷକ ସୁଦାମ ଚରଣ ନାୟକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ କୁମାର ଦାସ।କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି, ଶିକ୍ଷକ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କର ଭଲ ପାଇବାରୁ ଏହା ସମ୍ଭବ ହୋଇଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜେନାଲ ସିଂ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ସୋରେନ, ବରିଷ୍ଠ ଶିକ୍ଷକ ରାଜା ସିଂ, କୃପାସିନ୍ଧୁ ହାଜିରା ଓ ଚୈତନ୍ୟ ହେମ୍ବ୍ରମ ସମେତ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି। ଏଥି ନିମିତ୍ତ ଶିକ୍ଷକମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଝୁମର କର୍ମଶାଳାରେ ଯୋଗଦେବେ ଶିକ୍ଷାମନ୍ତ୍ରୀ




ବାରିପଦା (ଭାସ୍କର ନ୍ୟୁଜ୍): ବାରିପଦା ସ୍ଥିତ ଅମ୍ବିକା ହଲଠାରେ ଓଡିଶା ଝୁମର ଏକାଡେମୀର ସଭାପତି ଅବନୀ ମହାନ୍ତଙ୍କ ସଭାପତିତ୍ୱରେ ଝୁମର କର୍ମଶାଳା ର ସୂଚନା ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ର ପୂର୍ବତନ କୁଳପତି ପ୍ରଫେସର ଡ଼ା କିଶୋର କୁମାର ବସା, ଝୁମର କର୍ମଶାଳା ରିସେପସନ କମିଟି ଚେୟାରମ୍ୟାନ ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ, ସେକ୍ରେଟାରୀ ବସନ୍ତ ମହାନ୍ତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଝୁମର ଏକାଡେମୀର ଉପସଭାପତି ରାକେଶ ସିଂ ସମ୍ମିଳନୀ ଆରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶା ଝୁମର ଏକାଡେମୀ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ମିଳିତ ସହଯୋଗ ରେ ଆସନ୍ତା ସେପ୍ଟେମ୍ବର ୧୫ ଓ ୧୬ ତାରିଖ ଦିନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ର ସମ୍ମିଳନୀ କକ୍ଷ ରେ ‘ଝୁମର କର୍ମଶାଳା’ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ, ଚେୟାରମ୍ୟାନ ମନୁମେଣ୍ଟ ଅଥରିଟି ଅଫ ଇଣ୍ଡିଆ ପ୍ରଫେସର ଡ଼ା କିଶୋର କୁମାର ବସା ଯୋଗ ଦେବେ। ଉକ୍ତ କର୍ମଶାଳା ରେ ୧୫ଟି ଝୁମୁର ନୃତ୍ୟଦଳ ଭାଗ ନେବା ସହିତ ଅନ୍ୟ ରାଜ୍ୟ ଯଥା ପଶ୍ଚିମ ବଙ୍ଗ ଝାଡ଼ଖଣ୍ଡ ଆସାମ ରୁ ଅତିଥି ଓ ବୁଦ୍ଧିଜୀବୀ ଯୋଗ ଦେବେ। ଝୁମର ଭାରତ ବର୍ଷ ର ରାଜସ୍ଥାନ, ହରିୟାଣା, ମହାରାଷ୍ଟ୍ର, ଛତିଶଗଡ, ଓଡିଶା, ପଶ୍ଚିମ ବଙ୍ଗ, ଆସାମ, ଏବଂ ଦେଶ ବାହାରେ ବଙ୍ଗଳାଦେଶ, ନେପାଳରେ ମଧ ପରିଚିତ। ଝୁମର କଳା ସଂସ୍କୃତି ର ବିକାଶ ଏବଂ ଝୁମର କଳାକାର ମାନଙ୍କୁ ବିଶ୍ୱ ଦରବାର ରେ ପରିଚିତ କରିବା ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ।



# ଆମ କଳାହାଣ୍ଡି



## ଦୁର୍ଗମ ଅଞ୍ଚଳ ଗସ୍ତରେ ବିଧାୟକ



### ଲୋକଙ୍କ ସମସ୍ୟା ଶୁଣିଲେ
### ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବେ ଦାୟିତ୍ୱ ନେବା ପରେ ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଭୁର୍ଟିଗଡ଼ ପଞ୍ଚାୟତ ଗସ୍ତ କରିବା ସହିତ ଏକ ଜନଶୁଣାଣି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ। ଶ୍ରୀ ଦିଶାରୀ ଭୁର୍ଟିଗଡ଼ରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଧାୟକ ସ୍ଥାନୀୟ ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲର ପାନୀୟ ଜଳ ସମସ୍ୟା, ହଷ୍ଟେଲ ସମସ୍ୟା ଓ ନୂତନ ରୋଷେଇ ଗୃହ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ସେହିପରି ମୁଣ୍ଡାବାହାଲ ଗାଁରେ ବିଦ୍ୟୁତିକରଣ, ଅଞ୍ଚଳର ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ବିଧାୟକଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ସରୋଜ ପ୍ରଧାନ, ବିରାଜ ପନ୍ଦର, ଛାତ୍ର ବିଜେଡି ନେତା ସୌରଭ ପାତ୍ରଙ୍କ ସମେତ ସମାଜସେବୀ ହରିଶଙ୍କର ପାତ୍ର, ଗୌରହରି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ତୃତୀୟ ମାସିକ ବୈଠକ

ଧର୍ମଗଡ,(ଭାସ୍କର ନ୍ୟୁଜ): ଶିଆଳିକନରପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏହି ଶିକ୍ଷା ବର୍ଷର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ତୃତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନ୍ଦାକିନୀ ପାତ୍ର ସଭାପତିତ୍ୱ କରିଥିବାବେଳେ ବ୍ରାହ୍ମଣ ଛେଣ୍ଡିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଟିକେଶ୍ୱର ନାଏକ ସଂଯୋଜନା କରିଥିଲେ କ୍ଷ କେନ୍ଦ୍ର ଅଧିନସ୍ଥ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଜଣେ ଲେଖାଏଁ ଏଫ ଏଲ ଗ୍ରେଡ଼ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ତଦାରଖ ପାଇଁ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ପରିଦର୍ଶନରେ ଆସିଥିଲେ । ଏଥିରେ ପୂର୍ବ ବୈଠକର ବିଷୟବସ୍ତୁର ଆଲୋଚନା, ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀପାଇଁ ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ସାକ୍ଷରତା ଓ ସଂଖ୍ୟାଜ୍ଞାନର ବହୁ ଶ୍ରେଣୀ ପରିଚାଳନା ପାଇଁ ନମୁନା ପାଠ ଯୋଜନା ଓ ଶିକ୍ଷକଙ୍କ ଗତିବିଧି ଯୋଜନା, ବିଦ୍ୟାଳୟ ପରିଦର୍ଶନ , ଶିକ୍ଷଣ ସୋପାନ ରେଜିଷ୍ଟର, ପଞ୍ଚମ ଶ୍ରେଣୀ ଗଣିତ ଶିକ୍ଷଣ କାର୍ଯ୍ୟ, ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା,ଆଗାମୀ ସୋମବାରରୁ ନିପୁଣ ସପ୍ତାହ ପାଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶ୍ରୀଯୁକ୍ତ ସାହୁ ପାଠ ତ୍ୟାଗୀ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା, ଏସ ଏଚ ଭି ଆର ପାଇଁ ପ୍ରସ୍ତୁତି ଓ ଫର୍ମ ପୂରଣ କରିବା, ଏକୋ କ୍ଲବ ପାଇଁ ଫୋଟୋ ଅପଲୋଡ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ, ଶ୍ରୀମତୀ ମାଝୀ ଏଫ ଏଲ ଏନ ର ସଫଳ ପରିଚାଳନା ପାଇଁ ଶିକ୍ଷକ ସହାୟକ ପୁସ୍ତିକାକୁ ପ୍ରତ୍ୟେକ ବିଦ୍ୟାଳୟରେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀଯୁକ୍ତ ବେହେରା ବହୁଶ୍ରେଣୀ ଶିକ୍ଷା ଦାନ ଓ ଶିକ୍ଷକଙ୍କ ଗତିବିଧି ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ପାଠ ସହିତ ସମ୍ପୃକ୍ତ କରିବା ଓ ଶ୍ରୀଯୁକ୍ତ ଭୋଇ ଏସଏଚଭିଆରର ଅନଲାଇନ କରିବା ପ୍ରକ୍ରିୟା ଉପରେ ଅବଗତ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ । ପରିଶେଷରେ ଚିଲିଚିଲା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ପ୍ରଧାନ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଭୁଶୁଡିଲା ମାଟି ଘର ,୩ ଗୁରୁତର

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମରେ ଶନିବାର ଏକ କଚ୍ଚା ଘର ଭୁଶୁଡ଼ି ଯିବାରୁ ଚାପିହୋଇ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ କନ୍ଦାବୁଟୁରା ଗ୍ରାମର ଯଦୁମଣି ପାତ୍ରଙ୍କ ସ୍ତ୍ରୀ ରନ୍ଧୀ ପାତ୍ର (୬୦), ପୁତୁରା ଯୁଧିଷ୍ଠି ପାତ୍ର (୫୫) ଓ ନାତୁଣୀ ଇଶ୍ୱରୀ ପାତ୍ର (୫) ବୋଲି ଜଣାପଡ଼ିଛି। ସେମାନେ ଅପରାହ୍ନରେ ବସି ଥିବାବେଳେ ଦୁର୍ବଳ ଅବସ୍ଥାରେ ଥିବା କଚ୍ଚା ଘର ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଚାଳ ଛପର, କାନ୍ଥ ପଡ଼ିଯିବାରୁ ରନ୍ଧୀ, ଯୁଧିଷ୍ଠି ଓ ଇଶ୍ୱରୀ ଚାପି ହୋଇ ଯାଇଥିଲେ। ସେମାନଙ୍କୁ ସମ୍ପର୍କୀୟମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।



## ଶାରଦୀୟ ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଲଡୁଗାଁ ଠାରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ମା' ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ରାଜୀବ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ରୀତା ଅଗ୍ରୱାଲ ରହିଛନ୍ତି। ପଣ୍ଡିତ ଗୋପାଳ ଜି ଠାକୁର ମୁଖ୍ୟ ପୂଜକ ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଚଳିତ ବର୍ଷ ପୂଜା କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପ ସଭାପତି ଲକ୍ଷ୍ମଣ ଶବର ଓ ମୋହନ ଚରଣ ଦାସ, ସମ୍ପାଦକ କହ୍ନେଇ ଚରଣ ଦାସ, ସହ ସମ୍ପାଦକ ଶ୍ରୀମନ୍ତ ପାଢ଼ୀ ଓ ପଓ୍ୱନ ଅଗ୍ରୱାଲ, କୋଷାଧକ୍ଷ ମୁକେଶ ଅଗ୍ରୱାଲ ଓ ଦୀପକ ଅଗ୍ରୱାଲ ରହିଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ମାଝୀ, ସହ ସମ୍ପାଦକ ଧ୍ୱଜ ମହାନନ୍ଦ ଓ ରବିନାରାୟଣ ଦାଶ, ପଙ୍କଜ ଚୌଧରି ପ୍ରମୁଖ ଦାୟିତ୍ୱରେ ରହିଛନ୍ତି।

## ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲା ନର୍ଲା ବିକାଶ ମଞ୍ଚ



ନର୍ଲା,(ଭାସ୍କର ନ୍ୟୁଜ): ନର୍ଲା ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିକାଶ ମଞ୍ଚ ନର୍ଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା। ନର୍ଲାର ଦୀର୍ଘଦିନ ଦାବୀକୁ ରାଜ୍ୟ ସରକାର ଗ୍ରହଣ କରି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସମେତ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ଲୋକ ସଭା ସାଂସଦ ମାଳବିକା ଦେବୀ ଓ ରାଜ୍ୟସଭା ସାଂସଦ ସୁଜିତ୍ କୁମାର ସେଠୀଙ୍କୁ ବିକାଶ ମଞ୍ଚ ପକ୍ଷରୁ ଅଶେଷ ଅଶେଷ ଧନ୍ୟବାଦ କରିବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିକାଶ ମଞ୍ଚର ସଭାପତି ପ୍ରଦୀପ କୁମାର୍ ନାୟକ, ଉପସଭାପତି ଜଗନ୍ନାଥ ସାହୁ , ସାଧାରଣ ସମ୍ପାଦକ ଚିରଞ୍ଜିବି ଗୌଡ଼ିଆ ଓ କୋଷାଧକ୍ଷ ଡୋଲେଶ୍ୱର୍ ସାହୁ, ସମୀର କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କାର ଭାରତୀ ପକ୍ଷରୁ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ







ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳା ଓ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟରତ ଅଖିଳ ଭାରତୀୟ ସଂଗଠନ ସଂସ୍କାର ଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତ କଳାହାଣ୍ଡି ଜିଲ୍ଲା ଶାଖା ପକ୍ଷରୁ ଶନିବାର ଦିନ ଭବାନୀପାଟଣାସ୍ଥିତ ଟାଉନହଲ ଠାରେ ନୂଆଁଖାଇ ଅବସରରେ ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ପବିତ୍ର ନବାନ୍ନ ଉପଲକ୍ଷେ କବି ସମ୍ମିଳନୀ, ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରମ୍ପରାର ଏକ ତ୍ରିବେଣୀ ସଙ୍ଗମ ରୂପେ ଉପସ୍ଥାପିତ କରି ଅତିଥିମାନେ ଆୟୋଜକ ସଂସ୍କାର ଭାରତୀ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ଅପରାହ୍ନରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମକୁ ଡଃ ଉମେଶ ଚନ୍ଦ୍ର ଶତପଥି ଉଦଘାଟନ କରିଥିଲା ବେଳେ 'ନବାନ୍ନରେ ନବଚେତନା' ଶୀର୍ଷକ ଏହି କବି ସମ୍ମିଳନୀକୁ ଯୁବକବି ଆଶୁତୋଷ ପୁରୋହିତ ସଂଯୋଜନା କରିଥିଲେ। ସାନ୍ଧ୍ୟ ଅଧିବେଶନ କାର୍ଯ୍ୟକ୍ରମ ସଂସ୍କାର ଭାରତୀ ଜିଲ୍ଲା ସଭାପତି ଭାଗିରଥୀ ବେହେରାଙ୍କ ପୌରାହିତ୍ୟରେ ଆରମ୍ଭ ହୋଇଥିଲା ଓ ଏଥିରେ ମୁଖ୍ୟଅତିଥି ଭାବେ ବର୍ଷୀୟାନ ସମାଜସେବୀ ସୁଧାଂଶୁ ଶେଖର ନେଗୀ କଳାହାଣ୍ଡି ତଥା ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷିତ ସଂଗୀତ ଓ ନୃତ୍ୟ ତଥା ଚିତ୍ରକଳାର ପ୍ରଦର୍ଶନ। କଳାହାଣ୍ଡି ଲେଖକ କଳା ପରିଷଦ ସଂଗୀତ ବିଦ୍ୟାଳୟର ଗୁରୁ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆକର୍ଷଣୀୟ ସଂଗୀତ ବିଚିତ୍ରା କାର୍ଯ୍ୟକ୍ରମ। ଗୁରୁ ନରେନ୍ଦ୍ର ପଣ୍ଡା, ଜୟରାମ ସାହୁ, ଦୁର୍ଗା ପଟ୍ଟନାୟକ ଓ ସଂଜୀବ ପଣ୍ଡାଙ୍କ ସହଯୋଗରେ କଣ୍ଠଶିଳ୍ପୀ ସସ୍ମିତା ରଥ,ସସ୍ମିତା ମହାନ୍ତି (ରୁବି), ନମିତା ମିଶ୍ର, ସଂଗୀତା ରାଉତ, ରୋଜାଲିନ ତ୍ରିପାଠୀ, ବୈଷ୍ଣବୀ ପାଲକ ଓ କାଜଲ ମହାରଣାଙ୍କ ସୁମଧୁର କଣ୍ଠ ସ୍ୱରରେ ପରିବେଶିତ ସଂଗୀତରେ ବିଭୋର ହୋଇଥିଲେ ଶ୍ରୋତାମାନେ। ପରେ ପରେ ସହରର ବିଭିନ୍ନ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନେ ସେମାନଙ୍କ ଆକର୍ଷଣୀୟ ନୃତ୍ୟରେ ଦର୍ଶକଙ୍କ ମନକିଣି ନେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଭାବେ ଲେଖକ କଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଓ ସଂସ୍କାର ଭାରତୀର ସମ୍ପାଦକ ପ୍ରମୋଦ କୁମାର ପରିଡା ଓ ଉଭୟ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲା ବେଳେ ମଞ୍ଚ କାର୍ଯ୍ୟକ୍ରମକୁ କବି ପ୍ରତାପ ପଣ୍ଡା ଓ ମଞ୍ଚକଳାକାର ତଥା ନିର୍ଦ୍ଦେଶକ ସୌରଭ ମହାପାତ୍ର ସଂଯୋଜନା କରିଥିଲେ। ଶେଷରେ ସଂସ୍କାର ଭାରତୀର କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପର୍ଶୁରାମ ସେନାର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ



ଧର୍ମଗଡ଼(ଭାସ୍କର ନ୍ୟୁଜ): ଧର୍ମଗଡ଼ ସହର ସ୍ଥିତ ହୋଟେଲ ରୟାଲ ପ୍ୟାଲେସ ଠାରେ ପର୍ଶୁରାମ ସେନା ବ୍ରାହ୍ମଣ ସମାଜ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିସିସି ସଭାପତି ଗିରିଶ ଚନ୍ଦ୍ର ବେହେରା, ଧର୍ମଗଡ଼ ବ୍ଲକ ଅଧକ୍ଷ୍ୟା ବବିତା ପଟ୍ଟଯୋଶୀ, ବିଶିଷ୍ଟ ଆଇନଜୀବୀ ଧନଞ୍ଜୟ ପାତ୍ର, ବିଶିଷ୍ଟ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଡ ଅଶ୍ୱିନୀ କର, ଡ ଅଜିତ କୁମାର ନେଗୀ, ଧର୍ମଗଡ଼ ବ୍ରାହ୍ମଣ ସମାଜ ସଭାପତି ସୁରେଶ ମୁଣ୍ଡ,ହୃଷିକେଶ ମିଶ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା । ରକ୍ତଦାନ ଶିବିର ରେ ପର୍ଶୁରାମ ସେନା ର ସଦସ୍ୟ ମାନେ ରକ୍ତ ଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ କୁ ପର୍ଶୁରାମ ସେନା ବ୍ରାହ୍ମଣ ସମାଜ ର ସଦସ୍ୟ ବିଶ୍ୱରଞ୍ଜନ ପାତ୍ର, ମନୀନ୍ଦ୍ର ପାତ୍ର, ଅଜୁ ପଟ୍ଟଯୋଶୀ,ଦୀପକ ମୁଣ୍ଡ, ଶାଶ୍ୱତ ପାତ୍ର, ପ୍ରବୀଣ ପଣ୍ଡା, ଶାନ୍ତନୁ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ପର୍ଶୁରାମ ସେନା ବ୍ରାହ୍ମଣ ସମାଜ ର ବିଶିଷ୍ଟ ଜ୍ଞାନୀଗୁଣୀ ବ୍ୟକ୍ତି ଓ ପର୍ଶୁରାମ ସେନା ର ସକ୍ରିୟ ସଦସ୍ୟମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କାଳୀକୃଷ୍ଣ ସଂଘର ନୂଆଁଖାଇ ଭେଟଘାଟ



କୋକସରା, (ଭାସ୍କର ନ୍ୟୁଜ୍): ଜୟପାଟଣା ବ୍ଲକ ଉଛଳା କାଳୀକୃଷ୍ଣ ସଂଘ ଶାଖା ଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଭେଟଘାଟ ଅବସରରେ ସଂଘର ବେଦବ୍ରହ୍ମା ସରୋଜାନନ୍ଦଙ୍କ ଦ୍ୱାରା ଲିଖିତ ଓ ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ 'ଶ୍ରୀଶ୍ରୀ ସତ୍ୟାନନ୍ଦ ଦର୍ଶନ' ଉନ୍ମୋଚିତ ହୋଇଛି। ସଂଘ ତରଫରୁ ଗୁରୁଜୀ ଓ ଅତିଥି ମାନଙ୍କୁ ସ୍ୱାଗତ ପରେ ଗୁରୁ ପୂଜନ ଅନୁଷ୍ଠିତ ହୋଇଥିଲା। ଏହାପରେ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀ, ବେଦବ୍ରହ୍ମା ସରୋଜାନନ୍ଦ ଜୀ, ସଭାପତି ସଂଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାଳୀକୃଷ୍ଣ ସଂଘ ପ୍ରତିଷ୍ଠାତା ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜ ପ୍ରକୃତିର ସଂରକ୍ଷଣ ପାଇଁ ୪୨ ବର୍ଷ ଧରି ମହାବିଷ୍ଣୁ ଯଜ୍ଞର ଆୟୋଜନ କରିଆସୁଛନ୍ତି। ବର୍ଷର ବିଭିନ୍ନ ସମୟରେ ଚାରାରୋପଣ କରି ବଞ୍ଚାଇବା ପାଇଁ ଅହରହ ଚେଷ୍ଟା ଚାଲିଛି। ଆଜି ମଧ୍ୟ ଉଛଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଜଗଦାନନ୍ଦ ଜୀ ମହାରାଜ ବୃକ୍ଷରୋପଣ କରି ଛାତ୍ରଛାତ୍ରୀଙ୍କୁ ନିଜ ଜନ୍ମ ଦିନରରେ ବୃକ୍ଷ ରୋପଣ କରିବାକୁ ପ୍ରୋତ୍ସାହିତ କରିଥିଲେ। ନୂଆଁଖାଇ ହେଉଛି ପ୍ରକୃତି ପ୍ରତି ସମ୍ମାନ, ପ୍ରକୃତିର ଉପାସନା ବୋଲି ଶ୍ରୀ ଜଗଦାନନ୍ଦଜୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ ଜିଲ୍ଲାର ଶୁଭେଚ୍ଛୁ ଓ ଭକ୍ତବୃନ୍ଦ ଉପସ୍ଥିତ ରହିଥିଲେ। ଉଛଳା ଶାଖା ସଂଘର କର୍ମକର୍ତ୍ତା, ଶିଷ୍ୟ ଶିଷ୍ୟା ଓ ଶୁଭେଚ୍ଛୁ ନୂଆଖାଇ ଭେଟଘାଟ ଆୟୋଜନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାଳୀକୃଷ୍ଣ ସଂଘର ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଶିକ୍ଷା ବିକାଶ ପରିଷଦ କାର୍ଯ୍ୟକାରିଣୀ ବୈଠକ ଓ ନୂଆଁଖାଇ ଭେଟଘାଟ



ଜୁନାଗଡ଼,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ୨୦୨୫- ୨୭ ବର୍ଷ ପାଇଁ ପ୍ରଫେସର୍ ଗୋପବନ୍ଧୁ ବେହେରା ସଭାପତି ଓ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଶ୍ୱନାଥ କର ସମ୍ପାଦକ ରୂପେ ନିର୍ବାଚିତ ହେଲା ପରେ, ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟିର ସଭାଗୃହରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି କୃଷ୍ଣବତାର ଦେଓ ସଭାପତିତ୍ୱ କରିଥିବା ବେଳେ, କମିଟିର ସମ୍ପାଦକ ଶ୍ରୀଯୁକ୍ତ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସଂପାଦକୀୟ ବିବରଣୀ ପଠନ କରିଥିଲେ। ପରେ କମିଟିର ପୂର୍ବତନ କର୍ମକର୍ତ୍ତା ସ୍ୱର୍ଗତ ଜଗନ୍ନାଥ ମୁଣ୍ଡ ଓ ଭାଗିରଥି ଭୋଇଙ୍କ ଆତ୍ମାର ସଦଗତି ପାଇଁ ଏକ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ପାଇଁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ତଥା ସାମଗ୍ରିକ ବିକାଶ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ଆଗତ ହୋଇ ପାରିତ ହେଲା। ସେଥି ମଧ୍ୟରୁ କଳାହାଣ୍ଡି ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ, କଳାହାଣ୍ଡି ଜିଲ୍ଲାରେ ଅକାମୀ ହୋଇ ପଡିଥିବା ଚିନି କାରଖାନାର ପୁନରୁଦ୍ଧାର କରିବା, ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ, ୩ୟ ଓ ୪ର୍ଥ ବର୍ଗର କର୍ମଚାରୀ ନିୟୋଜନକୁ ଜିଲ୍ଲାଭିତ୍ତିକ କରିବା, ଭବାନୀପାଟଣା ଠାରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା କେନ୍ଦ୍ର କରିବା ପ୍ରଭୃତି ଦାବି ପାରିତ ହୋଇ ଏହାର ତ୍ୱରିତ ସମାଧାନ ପାଇଁ ଆସନ୍ତା ଦିନରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପୂରଣ ପାଇଁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସଭାରେ ଅର୍ଥ କମିଟିର କାର୍ଯକାରୀ ସଭାପତି ମାହେଶ୍ୱରୀ ଦାସ, ପ୍ରଫେସର୍ ରଜନୀକାନ୍ତ ବେହେରା, ଲଳିତ କିଶୋର ପଣ୍ଡା, ଯଶୋବନ୍ତ ବେହେରା,ସବିତା ପଟ୍ଟନାୟକ, ସବିତା ଦାସ, ପ୍ରେମାନନ୍ଦ ବାଗ, ଯୋଗେଶ ଚନ୍ଦ୍ର ଦୋରା, ଭାରତ ଭୂଷଣ ଚଲାନ, ପଦ୍ମ କିଶୋର ପୁଝାରୀ, ବ୍ରଜେନ୍ଦ୍ର ପଟଯୋଷି, ବୈଦ୍ୟନାଥ ମିଶ୍ର, ପ୍ରାଣ କିଶୋର ପଣ୍ଡା ପ୍ରଭୃତି ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପରିଶେଷରେ ଉପ ସଭାପତି ସୀମାଞ୍ଚଳ ନାଗ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଏହି ଶିକ୍ଷ୍ୟା ବିକାଶ ପରିଷଦର ପ୍ରଚେଷ୍ଟାରେ ବିଗତ ଦିନରେ ଜିଲ୍ଲାରେ ଅନେକଗୁଡ଼ିଏ ଶିକ୍ଷା ସଂସ୍ଥା ଓ ଭେଷଜ ମହାବିଦ୍ୟାଳୟ ସ୍ଥାପନ ହେବାରେ ପ୍ରମୁଖ ଭୂମିକା ରହିଛି ।

## ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟଘାଟ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅମଲା ସଂଘ ସଭାଗୃହ ଠାରେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ତରଫରୁ ନୂଆଁଖାଇ ଭେଟଘାଟ ଓ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସଂଘ ସଭାପତି ବିଜୟ ହୋତାଙ୍କ ଅଧ୍ୟକ୍ଷତା ରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଅଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସମସ୍ତଙ୍କୁ ନୂଆଁଖାଇର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିବା ସହ କଳାହାଣ୍ଡିର ନୂଆଁଖାଇ ପରମ୍ପରା ଓ ଘୁମୁରା ନୃତ୍ୟ ଉପରେ ଆଲୋକପାତ କରିଥିଲେ। ସଙ୍ଘର ଉପଦେଷ୍ଟା ଓ ଅନ୍ୟାନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନୂଆଖାଇ ଏକ ଗଣପର୍ବ ଓ ଏହାର ବୈଶିଷ୍ଟ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।ପରେପରେ ବରିଷ୍ଠ ସଦସ୍ୟା ସବିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

ସୋମବାର, ୦୮ ସେପ୍ଟେମ୍ବର ୨୦୨୫




**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।




**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ସମୟ ଭଲ ଅଟେ। ଆପଣ ଏକାସାଙ୍ଗରେ ଅନେକ କ୍ଷେତ୍ରରେ ସକ୍ରିୟ ରହିବେ।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।




**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।




**ବିଛା:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।



**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ । ଆପଣ ବ୍ୟବସାୟରେ ନୂତନ ଯୋଜନା କରିପାରିବେ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯